
ଉତ୍କଳ
ପ୍ରସଙ୍ଗ

Vol. XLVII No. 6 UTKAL PRASANGA Regd. No. 0-05/91
Licence No. C. R. N. P. 5–Licensed to post without Pre-payment



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଭୁବନେଶ୍ୱର ବିମାନ ବନ୍ଦରଠାରେ
ପ୍ରଧାନମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି ।



କଳାହାଣ୍ଡି କଲେଜର +୨ ଛାତ୍ର ସଂସଦର ବାର୍ଷିକ ଉତ୍ସବକୁ ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ପ୍ରଦୀପ ଜାଳି ଶୁଭ ଉଦ୍‌ଘାଟନ କରୁଛନ୍ତି ।

PRINTED AT ORISSA GOVERNMENT PRESS, CUTTACK-10



ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜନରାଜ୍ୟ ଦିବସ ପ୍ୟାରେଡ୍‌ରେ
ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଅଭିବାଦନ ଗ୍ରହଣ ।



ଭୁବନେଶ୍ୱରରେ ଅନୁଷ୍ଠିତ ଜନରାଜ୍ୟ ଦିବସର ପତାକା ଅବତରଣ ଉତ୍ସବରେ ସମବାୟ ମନ୍ତ୍ରୀ
ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ ଅଭିବାଦନ ଗ୍ରହଣ ।

# ଉତ୍କଳ ପ୍ରସଙ୍ଗ

ମାଘ ୧୯୧୧ ଶକାବ୍ଦ ୪୭ ଭାଗ ୭ମ ସଂଖ୍ୟା ଫେବୃଆରୀ ୧୯୯୧

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାତ୍ର

ପ୍ରଚ୍ଛଦପଟ୍ଟ : ଶ୍ରୀ ବଳଦେବ ମହାରଥୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

(ଫଟୋଟାଇପ୍‌ସେଟର୍ ଦ୍ୱାରା ଅକ୍ଷର ସଂଯୋଜିତ)

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ପଶୁ ପାଳନର ଗତି ଓ ପ୍ରଗତି | ୧ | ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ି |
| ଶକ୍ତିର ପ୍ରକାର ଓ ବ୍ୟବହାର | ୩ | ଡକ୍ଟର ଜଗନ୍ନାଥ ମହାନ୍ତି |
| ଅପାଠୋଇ | ୬ | ଅଞ୍ଜଳି ଦାଶ |
| ସାକ୍ଷରତା ଆଜି ନୁହେଁ ତ କେବେ ନୁହେଁ | ୧୦ | ଶ୍ରୀ ଲକ୍ଷ୍ମୀଧର ମିଶ୍ର |
| ହାସ୍ୟ ରସିକ ଜମ୍ବୀ ମିଶ୍ର | ୧୩ | ଶ୍ରୀ ପରମାନନ୍ଦ ମିଶ୍ର |
| ସମବାୟ ଆନ୍ଦୋଳନ ଓ ଓଡ଼ିଶା | ୧୫ | ଶ୍ରୀ ପୟୋଧର ସାମଲ |
| ଓଡ଼ିଶାର ସମୃଦ୍ଧି ଦିଗରେ ଆମ୍ବେଦକରଙ୍କ ଭୂମିକା | ୧୯ | ଅଧ୍ୟାପକ ବସନ୍ତ କୁମାର ମଲ୍ଲିକ |
| ଭାରତୀୟ ଅଭିବ୍ୟକ୍ତି | ୨୨ | ଶ୍ରୀ ଶ୍ରୀଧର ପତି |
| ଭାରତୀୟ ପରମ୍ପରାରେ ବିବାହ | ୨୪ | ଡକ୍ଟର କାର୍ତ୍ତିକଚନ୍ଦ୍ର ଦାସ |
| ଶ୍ରୀ ଗୀତ ଗୋବିନ୍ଦ | ୨୮ | ପ୍ରହରାଜ ସତ୍ୟନାରାୟଣ ନନ୍ଦ |
| ଓଡ଼ିଶାର ପ୍ରଥମ ଯକ୍ଷ୍ମା ରୋଗ ବିଶେଷଜ୍ଞ | ୩୨ | ଶ୍ରୀ ରମେଶଚନ୍ଦ୍ର ଦାଶ<br>ଅନୁବାଦ : ଶ୍ରୀ ଗିରିଜାଶଙ୍କର ଦାଶ |
| ଆମ ପରମ୍ପରାରେ ହୋରି ପର୍ବ | ୩୪ | ଶୁଭଲକ୍ଷ୍ମୀ ମହାନ୍ତି |
| ସାର୍ଥକ ସ୍ୱପ୍ନ | ୩୬ | .. |
| ସମ୍ବାଦ ପରିକ୍ରମା | ୪୦ | .. |
| ଏକ ପୃଥିବୀ ଗଠନର ଅଙ୍ଗୀକାର | ୫୩ | ଡକ୍ଟର ଚିନ୍ତାମଣି ମିଶ୍ର |
| ଆମେ ଓ ଆମ ବନ୍ୟ ସମ୍ପଦ | ୫୬ | ଶ୍ରୀ ବାବାଜୀ ଚରଣ ସ୍ୱାଇଁ |
| ଓଡ଼ିଶାରେ ସର୍ବନିମ୍ନ ମଜୁରି ବୃଦ୍ଧି | ୫୯ | ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ଦାଶ |

## ସମ୍ପାଦକୀୟ

# ବେକାରୀ ଦୂରୀକରଣ ପାଇଁ ନୂତନ ସୂତ୍ର

ବେକାରୀ ସମସ୍ୟା ବର୍ତ୍ତମାନ ସମଗ୍ର ଭାରତବର୍ଷରେ ଏକ ବିରାଟ ସମସ୍ୟା ହୋଇ ପଡ଼ିଛି । ଓଡ଼ିଶା ପ୍ରଦେଶ ମଧ୍ୟ ଏ ସମସ୍ୟାରୁ ନିସ୍ତାର ପାଇ ନାହିଁ ।

ଆମର ବରେଣ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଅତୀତରେ ୧୯୬୧ ମସିହାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ବେକାରୀ ସମସ୍ୟା ଦୂରୀକରଣ ନିମନ୍ତେ ଅତି ସୁନ୍ଦର ଭାବେ ଯୋଜନା କାର୍ଯ୍ୟକାରୀ କରି ଏହି ବେକାରୀ ସମସ୍ୟାକୁ ଦୂରୀଭୂତ କରି ପାରିଥିଲେ । ପାରାଦ୍ୱୀପ ବନ୍ଦର, ରାଉରକେଲା ଇସ୍ପାତ କାରଖାନା, ସୁନାବେଡ଼ା ମିଗ୍ କାରଖାନା ଇତ୍ୟାଦି ବିଭିନ୍ନ କଳକାରଖାନାମାନ ତାଙ୍କ ଉଦ୍ୟମରେ ପ୍ରତିଷ୍ଠା ହେବା ଫଳରେ ବହୁ ସଂଖ୍ୟାରେ ଓଡ଼ିଶା ଲୋକଙ୍କୁ କର୍ମ ନିଯୁକ୍ତି ମିଳିବା ସାଙ୍ଗକୁ ବାହାର ପ୍ରଦେଶରୁ ମଧ୍ୟ ଲୋକ ଆସି ଓଡ଼ିଶାରେ କର୍ମ ନିଯୁକ୍ତି ପାଇଲେ । ମୋଟାମୋଟି ଭାବରେ କହିବାକୁ ଗଲେ ବିଜୁବାବୁ ଏହି ସବୁ ଯୋଜନା ଦ୍ୱାରା କର୍ମ ନିଯୁକ୍ତି ସୁବିଧା ସୃଷ୍ଟି କରି ସେ ସମୟର ବେକାରୀ ସମସ୍ୟାକୁ ଦୂରୀଭୂତ କରି ପାରିଥିଲେ ।

ବର୍ତ୍ତମାନ କିନ୍ତୁ ଏ ଚିତ୍ର ବଦଳି ଯାଇଛି । ଜନସଂଖ୍ୟା ସାଙ୍ଗରେ ତାଳ ଦେଇ ବେକାରୀ ସଂଖ୍ୟା ବଢ଼ି ବଢ଼ି ଚାଲିଛି । କୁଟୀର ଶିଳ୍ପଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଯିବା ଫଳରେ କୁଟୀର ଶିଳ୍ପଗୁଡ଼ିକରେ ଯେଉଁମାନେ ନିଜକୁ ନିୟୋଜିତ କରି ପାରିଥାନ୍ତେ, ସେହିମାନେ ମଧ୍ୟ ବେକାର ତାଲିକାଭୁକ୍ତ ହୋଇ ବେକାରୀ ସଂଖ୍ୟାକୁ ବଢ଼ାଇବାରେ ଲାଗିଲେ । ବିଶେଷ ଭାବରେ ଗତ ଦଶନ୍ଧି ଭିତରେ ଓଡ଼ିଶାରେ ପ୍ରାୟ ଦଶଲକ୍ଷ ବେକାର ସୃଷ୍ଟି ହେଲେ ଯାହାକି ଓଡ଼ିଶାବାସୀଙ୍କ ମୁଣ୍ଡ ଉପରେ ଏକ ବିରାଟ ବୋଝ ହୋଇ ରହିଯାଇଛି ।

ଏ ସମସ୍ୟା ବର୍ତ୍ତମାନ ଲେଡ଼ି ମୁଡ଼ କହୁଣୀକୁ ବୋହିଯାଇଛି । ସେଥିରେ ପୁଣି ଜନସଂଖ୍ୟା ହୁ ହୁ ବଢ଼ିବାରେ ଲାଗିଛି । ଏହା ସାଙ୍ଗକୁ ଆର୍ଥିକ ଦୁରାବସ୍ଥା ଲାଗି ରହିଛି । ଜାତୀୟ ଏବଂ ଆନ୍ତର୍ଜାତୀୟ ସମସ୍ୟା ମଧ୍ୟ ବାଦ ପଡ଼ିନାହିଁ । ଏହି ସମସ୍ତ ଜଟିଳ ପରିସ୍ଥିତିକୁ ହୃଦୟଙ୍ଗମ କରି ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଏକ ବିଚକ୍ଷଣ ନିଷ୍ପତ୍ତି ନେଇଛନ୍ତି । ଗାନ୍ଧୀ–ନେହେରୁ ଯୁଗର ଏକମାତ୍ର ବର୍ଷୀୟାନ ନେତା ବିଜୁବାବୁ ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ "କୁଟି ଖାଅ, କାଟି ପିନ୍ଧ" ନୀତିକୁ ପୁନଃ ପ୍ରବର୍ତ୍ତନ କରି କ୍ଷୁଦ୍ର ଶିଳ୍ପ, କୃଷି ଭିତ୍ତିକ ଶିଳ୍ପ, ହସ୍ତତନ୍ତ ଶିଳ୍ପ, ଖଦୀ ଓ ଗ୍ରାମାଞ୍ଚଳ ଶିଳ୍ପ ଇତ୍ୟାଦି କୁଟୀର ଶିଳ୍ପଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ବିଜୁବାବୁଙ୍କର ଏ ନିଷ୍ପତ୍ତି ବାସ୍ତବରେ ସ୍ୱାଗତଯୋଗ୍ୟ । ଏହି ନୂତନ ସୂତ୍ର ଦ୍ୱାରା ଏହି ସବୁ ଗ୍ରାମାଞ୍ଚଳ ଉଦ୍ୟୋଗଗୁଡ଼ିକରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୭,୬୦୦ ଲୋକଙ୍କୁ କର୍ମ ନିଯୁକ୍ତି ମିଳିପାରିବ ବୋଲି ହିସାବ କରାଯାଇଛି । ସ୍ୱଳ୍ପ ପୁଞ୍ଜି ବିନିଯୋଗରେ ଘରେ ଘରେ କୁଟୀର ଶିଳ୍ପଗୁଡ଼ିକର ବିକାଶ ହୋଇ ବେକାରୀ ସମସ୍ୟା ସମାଧାନ ଦିଗରେ ସହାୟକ ହୋଇ ପାରିବ ଏବଂ ଅପର

ପକ୍ଷରେ ଓଡ଼ିଶାର ଅତୀତ ଗ୍ରାମ୍ୟ କାରିଗରୀ କଳା କୁଟୀର ପୁନରୁଦ୍ଧାର ହୋଇ ଓଡ଼ିଶାର ପୂର୍ବ ଗୌରବକୁ ଫେରାଇ ଆଣିପାରିବ ।

ଏହା ସାଙ୍ଗକୁ ବୟନ ଶିଳ୍ପ ଓ ହସ୍ତତନ୍ତ ଶିଳ୍ପର ବିକାଶ ନିମନ୍ତେ ଓଡ଼ିଶାରେ ଆଉ ତିନିଗୋଟି ସୂତାକଳ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଦ୍ୱିତୀୟ ଇସ୍ପାତ କାରଖାନା ସ୍ୱପ୍ନକୁ ଫଳବତୀ କରିବା ପାଇଁ କଳିଙ୍ଗ ଇସ୍ପାତ ଭାରତ ଲିମିଟେଡ୍ ନାମରେ ଦଇତାରୀଠାରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ନିମନ୍ତେ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

୨,୩୬୦ କୋଟି ଟଙ୍କା ବିନିଯୋଗରେ ଏକ ପେଟ୍ରୋଲିୟମ୍ ରାସାୟନିକ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ଇତି ମଧ୍ୟରେ ଗ୍ରହଣ କରାଯାଉଛି । ଏହି ଶିଳ୍ପ ପ୍ରତିଷ୍ଠା ହେଲେ ତଳ ସ୍ତରରେ ମଧ୍ୟ ବହୁ ସଂଖ୍ୟାରେ ଶିଳ୍ପର ଅଭିବୃଦ୍ଧି ଘଟିବ ଏବଂ ପର୍ଯ୍ୟାପ୍ତ ସଂଖ୍ୟକ କର୍ମ ନିଯୁକ୍ତି ସୁବିଧା ସୃଷ୍ଟି ହେବ ।

ଏହି ସବୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ରାଜ୍ୟରୁ ବେକାରୀ ଦୂର କରିବା ନିମନ୍ତେ ମନ୍ତ୍ରୀସ୍ତରୀୟ ଏକ କମିଟି ଗଠନ କରିଛନ୍ତି । ଏହି କମିଟି ଖୁବ୍ ଶୀଘ୍ର ଏକ ଲକ୍ଷ ଲୋକଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ଏହି ସବୁ ପରିକଳ୍ପନା କାର୍ଯ୍ୟକାରୀ ହୋଇ ସାରିବା ପରେ ବେକାରୀ ସମସ୍ୟା ବିଶେଷ ପରିମାଣରେ ସମାଧାନ ହୋଇ ପାରିବ, ସେଥିରେ ସନ୍ଦେହ ନାହିଁ । ତେବେ ବିଜୁବାବୁଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଫଳବତୀ କରିବାକୁ ହେଲେ ଜନସାଧାରଣ ମଧ୍ୟ ଗୁରୁତ୍ୱ ଦୃଷ୍ଟି ଭଳି ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ । ଉତ୍କଳ ଜନନୀର ସନ୍ତାନ ହିସାବରେ ପ୍ରତ୍ୟେକ ବ୍ୟକ୍ତିର ଏ ଦାୟିତ୍ୱ ରହିଛି । କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପଗୁଡ଼ିକର ପ୍ରସାର ପାଇଁ ଆଗ୍ରହ ସୃଷ୍ଟି କରିବା ସାଙ୍ଗକୁ ସେଥିରୁ ଜାତ ହେଉଥିବା ଦ୍ରବ୍ୟଗୁଡ଼ିକର ବ୍ୟବହାର ନିମନ୍ତେ ମଧ୍ୟ ସମ ପରିମାଣରେ ଆଗ୍ରହ ସୃଷ୍ଟି କରିବା ଦାୟିତ୍ୱ ଆପଣମାନଙ୍କର ।

ଆମେ ଆମର ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରି ପାରିଲେ ବେକାରୀ ସମସ୍ୟା ଆଉ ଆମ ପାଇଁ ସମସ୍ୟା ହୋଇ ରହିବ ନାହିଁ କିମ୍ବା ଆମେ ଅନ୍ୟ ଉପରେ ନିର୍ଭର କରିବା ଆବଶ୍ୟକ ପଡ଼ିବ ନାହିଁ । ବିଶେଷ ଭାବରେ ଯୁବ ସମାଜ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ନିଜକୁ ସାମିଲ କରିପାରିଲେ ବିଜୁବାବୁଙ୍କ ଏହି ନୂତନ ସ୍ୱପ୍ନ ଓଡ଼ିଶାକୁ ଏକ ନୂତନ ରୂପ ଦେଇ ସମୃଦ୍ଧିଶାଳୀ କରି ପାରିବ, ସେଥିରେ ସନ୍ଦେହ ନାହିଁ ।

# ପଶୁପାଳନର ଗତି ଓ ପ୍ରଗତି

■ ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ୀ

ପ୍ରାକ୍ ଐତିହାସିକ ଯୁଗରୁ ମନୁଷ୍ୟର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ସହ ପଶୁସମ୍ପଦ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଆସିଛି। ପୂର୍ବକାଳରେ ଆମ ଦେଶର ପଶୁସମ୍ପଦ ଅତି ଉନ୍ନତ ଧରଣର ଥିବାର ଇତିହାସରୁ ଆମେ ପ୍ରମାଣ ପାଉଁ। ଆମ ଦେଶ ବହୁଦିନ ଧରି ବିଦେଶୀ ଶାସନରେ ରହିବା ଫଳରେ ଏବଂ ଉପଯୁକ୍ତ ପ୍ରଜନନ ପ୍ରଣାଳୀ ଅନୁସୃତ ନ ହେବା ଫଳରେ ଆମ ପଶୁସମ୍ପଦର ଅଧୋଗତି ଘଟିଛି। ଆମର କୃଷୀ ଭାଇମାନେ ଖତ ଓ ବଳଦ ପାଇବା ପାଇଁ ସାଧାରଣତଃ ପଶୁପାଳନ କରିଥାନ୍ତି। ବିଲପାଣି ଓ ବିଲଘାସ ଖାଇ,ଗାଈ ଯେତିକି ଦୁଗ୍ଧ ଦିଏ, ସେଥିରେ ସେମାନେ ସନ୍ତୁଷ୍ଟ ରହିଥାନ୍ତି। ସେହିପରି ଭାବରେ ମାଂସ ପାଇଁ ଛେଳି ଓ ମେଣ୍ଢା ଏବଂ ଅଣ୍ଡା ପାଇଁ କିଛି କିଛି କୁକୁଡ଼ା ଓ ବତକ ପାଳନ କରିଥାନ୍ତି। ଏଗୁଡ଼ିକ ଯେ ଦିନେ ସେମାନଙ୍କର ଆର୍ଥିକ ସହାୟତାର ପ୍ରଧାନ ଅବଲମ୍ବନ ହୋଇ ପାରିବେ ଏ ସମ୍ବନ୍ଧରେ ସେମାନେ କେବେ କଳ୍ପନା କରି ନ ଥିଲେ।

ସ୍ୱାଧୀନୋତ୍ତର ଯୁଗରେ ପଶୁପାଳନ ପ୍ରତି ସରକାର ଗୁରୁତ୍ୱ ଆରୋପ କରିଛନ୍ତି। ମିଶ୍ରିତ କୃଷ ଯୋଜନାରେ ପଶୁପାଳନକୁ ଅଗ୍ରାଧିକାର ଦିଆଯାଇଛି। 'ପଶୁପାଳନ ହିଁ ଦୈବୀ—ଦୁର୍ବିପାକର ବୀମା ସ୍ୱରୂପ' ବୋଲି କୁହାଯାଉଛି। କାରଣ ବନ୍ୟା, ବାତ୍ୟା, ମରୁଡ଼ି ପ୍ରଭୃତି ଦୈବୀ ଦୁର୍ବିପାକରେ କୃଷିର କ୍ଷତି ଘଟିପାରେ ମାତ୍ର ପଶୁସମ୍ପଦର କୌଣସି ପ୍ରକାର କ୍ଷତି ଘଟି ନ ଥାଏ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ ଯେ ଯଦି ଆମେ ପଶୁପାଳନ କରିବା, ତା ହେଲେ କେଉଁ ପ୍ରକାର ପଶୁପକ୍ଷୀ ପାଳନ କଲେ ଆମେ ଅଧିକ ଲାଭବାନ ହୋଇପାରିବା। ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ଅଧିକ ସଂଖ୍ୟକ ଦେଶୀ ପଶୁପକ୍ଷୀ ପାଳିବା ଅପେକ୍ଷା ଅଳ୍ପ ସଂଖ୍ୟକ ଉନ୍ନତ ବା ସଙ୍କର ପଶୁପକ୍ଷୀ ପାଳନ କଲେ ଅଧିକ ଲାଭ ମିଳିଥାଏ। ଦେଶୀ ପଶୁପକ୍ଷୀଙ୍କ ଠାରୁ ଏମାନଙ୍କର ସାମାନ୍ୟ ଅଧିକ ଯତ୍ନ ନେଲେ ଏମାନଙ୍କଠାରୁ ଅଧିକ ଉତ୍ପାଦନ ମିଳିଥାଏ। ଗୋଟିଏ ସଙ୍କର ଗାଈ ଦେଶୀ ଗାଈଠାରୁ ବହୁ ଅଧିକ ପରିମାଣରେ ଦୁଗ୍ଧ ଦେଇଥାଏ। ଗୋଟିଏ ଦେଶୀଗାଈ ଗୋଟିଏ ଥର ଛୁଆ ଜନ୍ମରେ ୪୦୦ ରୁ ୬୦୦ ଲିଟର ଦୁଗ୍ଧ ଦେଇଥିବା ସ୍ଥଳେ ଗୋଟିଏ ସଙ୍କର ଗାଈ ଗୋଟିଏ ଥର ଛୁଆ ଜନ୍ମରେ ୨,୫୦୦ ରୁ ୩,୦୦୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ। ଗୋଟିଏ ଦେଶୀ କୁକୁଡ଼ା ବା ବତକ ବର୍ଷରେ ୫୦ ରୁ ୧୦୦ ଟି ଅଣ୍ଡା ଦେଉଥିବା ବେଳେ ଗୋଟିଏ ବିଦେଶୀ କୁକୁଡ଼ା ବର୍ଷରେ ୨୫୦ ରୁ ୨୮୦ ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ସେହିପରି ଉନ୍ନତ ଛେଳିଙ୍କ ଠାରୁ ଅଧିକ ମାଂସ ଓ ବର୍ଷରେ ଅନ୍ତତଃ ଚାରିଗୋଟି ଛୁଆ : ସଙ୍କର ମେଣ୍ଢାଙ୍କଠାରୁ ଅଧିକ ମାଂସ, ଲୋମ ଓ ଛୁଆ ଏବଂ ସଙ୍କର ଘୁଷୁରିଙ୍କଠାରୁ ୨୦ ରୁ ୩୦ଟି ପର୍ଯ୍ୟନ୍ତ ଛୁଆ ପାଇବା ସଙ୍ଗେ ସଙ୍ଗେ ଅଧିକ ମାଂସ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଆମ କୃଷୀ ଭାଇଙ୍କର ଚିନ୍ତା କରିବା କଥା ଯେ ସେମାନେ ଗୋଟିଏ ୟୁନିଟ୍ ଉନ୍ନତ ବା ସଙ୍କର ପଶୁପକ୍ଷୀ ନ ପାଳି, ଗୋଟିଏ ଦେଶୀ ଓ ଅଣ ଉତ୍ପାଦନକ୍ଷମ ପଶୁପକ୍ଷୀ ପାଳିବା ଉଚିତ୍ କି ନୁହେଁ ?

ଏଠାରେ ମୁଁ ଉଲ୍ଲେଖ କରିବାକୁ ଚାହେଁ ଯେ ପଶୁସମ୍ପଦରେ ଯେଉଁ ଦେଶ ଯେତେ ଉନ୍ନତ ସେ ଦେଶ ସେତେ ସମୃଦ୍ଧିଶାଳୀ। ପାଶ୍ଚାତ୍ୟ ଦେଶର ପଶୁସମ୍ପଦ ଆମ ଦେଶ ତୁଳନାରେ ଅଧିକ ଉନ୍ନତ। ତେଣୁ, ସେ ଦେଶ ଆମ ଦେଶଠୁଁ ବେଶୀ ସମୃଦ୍ଧ। ଏପରିକି ଆମ ଭାରତରେ ମଧ୍ୟ ପଞ୍ଜାବ, ହରିଆନା ଓ ଗୁଜୁରାଟ ପ୍ରଭୃତି ରାଜ୍ୟରେ ପଶୁସମ୍ପଦର ଅଧିକ ଉନ୍ନତି ଘଟିଛି। ତେଣୁ ସେ ରାଜ୍ୟଗୁଡ଼ିକ ଆମ ରାଜ୍ୟ ତୁଳନାରେ ଅଧିକ ଉନ୍ନତ ହୋଇ ପାରିଛନ୍ତି।

କଥାରେ ଅଛି:— "Rome was not built in a day" ଅର୍ଥାତ୍ ! "ରୋମନଗରୀ ଏକାଦିନକେ ଗଠିତ ହୋଇ ନ ଥିଲା।" ଆମ ଓଡ଼ିଆରେ ଗୋଟିଏ କଥା ଅଛି :—

"ଯତ୍ନ ଅଧ୍ୟବସାୟ ଉଦ୍ୟମ ବଳେ,
ଅସାଧ୍ୟ ହୋଇପାରେ ସାଧ୍ୟ ଭୂତଳେ"।

ପଶୁପାଳନ କ୍ଷେତ୍ରରେ ଆମ ରାଜ୍ୟର କୃଷୀ ଭାଇମାନଙ୍କର ଦୃଷ୍ଟିକୋଣ ବଦଳିଛି ଓ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏବେ ରାଜ୍ୟର ଯେଉଁ ଅଞ୍ଚଳକୁ ଗଲେ, ସେଠାରେ ସଙ୍କର ଓ ଉନ୍ନତ ପଶୁପକ୍ଷୀ ଆଖିରେ ପଡୁଛନ୍ତି। ଏହା ଏକ ଶୁଭ ଲକ୍ଷଣ। ଆଜି ଜର୍ସି ଗାଈର ନାମ ଘରେ ଘରେ ବିଦିତ। ଆବାଳ ବୃଦ୍ଧ ବନୀତାଙ୍କ ମୁହଁରେ ଜର୍ସିର ନାମ ଶୁଣାଯାଏ। ଆଜି ଆମେ ପଶୁସମ୍ପଦରେ ଏକ ବିବର୍ତ୍ତନ ଆଣିବାକୁ ବଦ୍ଧ ପରିକର। ସେଥିପାଇଁ ଆମେ ରାଜ୍ୟରେ କୃତ୍ରିମ ଓ ପ୍ରାକୃତିକ ପ୍ରଜନନ

ପନ୍ଥାରେ ପଶୁ ସମ୍ପଦର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ଫଳରେ କୃଷି କାର୍ଯ୍ୟ ପାଇଁ ଉତ୍କୃଷ୍ଟ ବଳଦ ମିଳିବା ସଙ୍ଗେ ସଙ୍ଗେ ଦୁଗ୍ଧ ପାଇଁ ଉନ୍ନତ ଗାଈ ମଧ ମିଳୁଛି । କୃତ୍ରିମ ପ୍ରଜନନକୁ ଅଧିକ ଫଳପ୍ରଦ କରିବା ପାଇଁ ହିମୀକୃତ ଶୁକ୍ର ମାଧ୍ୟମରେ ଗୋ–ମହିଷଙ୍କ ପ୍ରଜନନ କରାଯାଉଛି । ଏହି ପନ୍ଥାକୁ କ୍ରମେ କ୍ରମେ ରାଜ୍ୟର ସବୁ ଅଞ୍ଚଳକୁ ସମ୍ପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଉଛି । ଯେଉଁ ପଞ୍ଚାୟତମାନଙ୍କରେ ଉନ୍ନତ ପ୍ରଜନନର କୌଣସି ବ୍ୟବସ୍ଥା ନାହିଁ, ସେଠାରେ ଉତ୍କଳ – ଗୋ – ମଙ୍ଗଳ ସମିତି ତରଫରୁ ହରିଆନା ପ୍ରଭୃତି ଷଣ୍ଢ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି ।

ଏହାଛଡ଼ା ରାଜ୍ୟରେ ପ୍ରବର୍ତ୍ତିତ ହୋଇଥିବା ବିଭିନ୍ନ ଯୋଜନା ଯଥା :– ଆଇ: ଆର: ଡି: ଓ ଏସ୍: ଏଲ୍: ବି: ପି: ମାଧ୍ୟମରେ ଆମ ରାଜ୍ୟର ସହସ୍ରାଧିକ ଦୁର୍ବଳ ଶ୍ରେଣୀର କୃଷୀଙ୍କୁ ଋଣ ଓ ରିହାତି ରୂପରେ ବିଭିନ୍ନ ପଶୁପକ୍ଷୀ ଯୋଗାଇ ଦେଉଛନ୍ତି, ଏଠାରେ ମୁଁ ଉଲ୍ଲେଖ କରିବାକୁ ଚାହେଁ ଯେ ଆମ ରାଜ୍ୟରେ ଏହି ସବୁ ଯୋଜନା ପାଇଁ ଉନ୍ନତ ଗୋ–ମହିଷଙ୍କ ଅଭାବ ପରିଲକ୍ଷିତ ହେଉଥିବା ଦୃଷ୍ଟିରୁ ଡି: ଆର୍: ଡି: ଏବଂ ଆର୍ଥିକ ସହାୟତାରେ ରାଜ୍ୟରେ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ଲେଖାଏଁ ଗୋ–ମହିଷ ଛଡା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା କରାଯାଉଛି । ଏହି ଫାର୍ମମାନଙ୍କରେ ଛଡାମାନଙ୍କୁ ପାଳନ କରାଯାଇ ଉଚିତ ଦରରେ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଛି ।

କେବଳ ଯେ ଦୁଇ ଚାରିଟା ବା ଗୋଟିଏ ଦୁଇଟି ୟୁନିଟ୍ ଉନ୍ନତ ପଶୁପକ୍ଷୀ ପାଳନ କଲେ, ଆର୍ଥିକ ଅବସ୍ଥା ଆପେ ଆପେ ସୁଧୁରି ଯିବ । ଏପରି ଭାବିବା ଆମ କୃଷୀ ଭାଇଙ୍କ ପକ୍ଷରେ ଉଚିତ ନୁହେଁ । ସେମାନଙ୍କର ଉପଯୁକ୍ତ ଯତ୍ନ ନେବା ସଙ୍ଗେ ସଙ୍ଗେ ସେମାନଙ୍କର ଖାଦ୍ୟ ଓ ରୋଗ ନିରାକରଣ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଆଜିକାଲି ସୁଷମ ସନ୍ତୁଳିତ ଖାଦ୍ୟର ଦାମ୍ ଆଶାତିତ ଭାବରେ ବଢ଼ିବାରେ ଲାଗିଛି । ଏ ପରିସ୍ଥିତିରେ ଏହି ଖାଦ୍ୟ ଖୁଆଇ ଗୋଟିଏ ପାଳିବା କୃଷୀ ପକ୍ଷରେ ବ୍ୟୟସାପେକ୍ଷ ହେଉଛି । ତେଣୁ ଗାଈ ଓ ମଇଁଷି ଏପରିକି ଛେଳି ଓ ମେଣ୍ଢା ପାଳୁଥିବା କୃଷୀ ଭାଇମାନେ ନିଜ ଜମିର କିଛି ଅଂଶରେ ଉନ୍ନତ ଘାସଚାଷ କରିବା ଦରକାର । ଯେଉଁମାନଙ୍କର ଜମିବାଡି ନାହିଁ, ସେମାନେ ଘର ପିଢ଼ର କଡେ କଡେ ଅନ୍ତତଃ ୨୦/୩୦ ଗୋଟି ସୁବାବୁଲ ବା ଅଗସ୍ତି ପ୍ରଭୃତି ଗୋଖାଦ୍ୟ ଗଛ ଲଗାଇ ପାରିବେ । ଏ ସମ୍ପର୍କରେ ଆଗ୍ରହୀ କୃଷୀମାନଙ୍କୁ ପଶୁପାଳନ ବିଭାଗ ତରଫରୁ ଘାସ ମଞ୍ଜି, ଘାସ ମୂଳ, ଗୋଖାଦ୍ୟ ଗଛ ଚାରା ଓ ମିନିକିଟ୍ ପ୍ରଭୃତି ମାଗଣାରେ ଯୋଗାଇ ଦିଆଯାଉଛି । ଏହି ଉନ୍ନତ ଘାସରୁ ୩୦ ରୁ ୩୫ କିଲୋ ଦୈନିକ ଗୋଟିଏ ଗାଈକୁ ଖୁଆଇଲେ, ଅଳ୍ପ ଦାନା ଦେବାକୁ ପଡ଼ିବ ଓ ଏହାଦ୍ୱାରା ପରିପାଳନ ଖର୍ଚ୍ଚ କମିଯିବ । ଆମ ଓଡ଼ିଆରେ ଗୋଟିଏ କଥା ଅଛି:– "ଗାଈ ମୁହଁରେ ଦେଲେ ଘାସ, ଦୁଗ୍ଧ ଦୁହିଁବ ବାର ମାସ", ଏହାଛଡ଼ା ପଶୁପାଳନ ବିଭାଗ ତରଫରୁ "ପୁଷ୍ଟିକର ନଡା ପ୍ରସ୍ତୁତି" କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ନଡ଼ାରେ ପୁଷ୍ଟିସାର ନ ଥିବାରୁ ତାହା ଗୋ–ମହିଷଙ୍କର କୌଣସି ଉପକାର କରି ନଥାଏ । ଅଥଚ ନଡ଼ା ହିଁ ଗାଁ ଗହଳିରେ ଗୋ–ମହିଷଙ୍କର ପ୍ରଧାନ ଖାଦ୍ୟ । ତେଣୁ ନଡାରେ ବିଭିନ୍ନ ଉପାଦାନ ମିଶାଇ ତାହାକୁ ପୁଷ୍ଟିକର କରାଯିବାର ବ୍ୟବସ୍ଥା କରାଯାଉଛି । ଏହି କାର୍ଯ୍ୟକ୍ରମ ଯଥେଷ୍ଟ ଲୋକପ୍ରିୟତା ଲାଭ କରିବାର ଆଶା କରାଯାଏ ।

ରୋଗ ନିରାକରଣ ଓ ରୋଗାକ୍ରାନ୍ତ ପଶୁପକ୍ଷୀଙ୍କ ଆଶୁଚିକିତ୍ସା ସକାଶେ ସରକାର ସତତ ସଜାଗ ଦୃଷ୍ଟି ରଖି ଆସିଛନ୍ତି । ଆମର ସୀମିତ ସମ୍ବଳକୁ ଭିତ୍ତି କରି ଆମ ରାଜ୍ୟର ଆବଶ୍ୟକ ଅଞ୍ଚଳରେ ପଶୁଚିକିତ୍ସାଳୟ ଓ ପଶୁ ଚିକିତ୍ସା ସହାୟକ କେନ୍ଦ୍ରମାନ ପ୍ରତିଷ୍ଠା କରିଅଛନ୍ତି । ଆଜିର ପଶୁ ଚିକିତ୍ସକମାନେ ଯେ କେବଳ ଚିକିତ୍ସା, ପ୍ରତିଷେଧକ ଓ ପ୍ରଜନନ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଉଛନ୍ତି, ତା ନୁହେଁ, ସେମାନେ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ପ୍ରତି ମଧ ଦୃଷ୍ଟି ଦେଇଥାନ୍ତି । ଆମର ଧାର୍ଯ୍ୟ ନୀତି ଅନୁସାରେ ପ୍ରତି କୋଡ଼ିଏ ହଜାର ଗୋରୁଙ୍କ ପାଇଁ ଗୋଟିଏ ପଶୁ ଚିକିତ୍ସାଳୟ ଓ ପ୍ରତି ୧୨ ହଜାର ଗୋରୁଙ୍କ ପାଇଁ କିମ୍ବା ୧୦ଟି ଗ୍ରାମ ପାଇଁ ଗୋଟିଏ ପଶୁଚିକିତ୍ସା ସହାୟକ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହି ଲକ୍ଷ୍ୟ ହାସଲ ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରୁଛୁ ।

କୃଷୀମାନଙ୍କ ପକ୍ଷରେ ଉତ୍ପାଦିତ ଦ୍ରବ୍ୟ ବିକ୍ରୀ କରିବା ଓ ତହିଁର ଉଚିତ ମୂଲ୍ୟ ପାଇବା ଆଉ ସମସ୍ୟା ନୁହେଁ । ଦୁଗ୍ଧ ଓ କୁକୁଡ଼ା ସମବାୟ ସମିତି ଓ ମହାସଂଘ ମାଧ୍ୟମରେ ଏହାର ସୁରୁଖୁରୁ ବିକ୍ରୀ ବ୍ୟବସ୍ଥା କରାଯାଇପାରୁଛି ।

ମୋର ଦୃଢ଼ ବିଶ୍ୱାସ ଯେ ଆମର ପ୍ରଚେଷ୍ଟା ଅବ୍ୟାହତ ରହିଲେ ଆମେ ଅନ୍ୟ ରାଜ୍ୟମାନଙ୍କ ସହ ସମକକ୍ଷ ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଶ୍ୱେତବିପ୍ଳବକୁ ସଫଳ କରି ପାରିବା ।

ମତ୍ସ୍ୟ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ

# ଶକ୍ତିର ପ୍ରକାର ଓ ବ୍ୟବହାର

ଡ଼କ୍ଟର ଜଗନ୍ନାଥ ମହାନ୍ତି

ପୁରାକାଳର କଥା । ସେତେବେଳେ ମଣିଷ ପଶୁ ପରି ଜଙ୍ଗଲରେ ରହୁଥିଲା । ନିଜ ଦେହର ବଳ ଉପରେ ତାର ସବୁତକ ଭରସା । ନିଜ ବଳକୁ ଶୁହିଁ ସେ ଶିକାର କରୁଥିଲା । ଚେରମୂଳ ତାଡୁ ଥିଲା ବା ଫଳଫୁଲ ତୋଳୁଥିଲା ।

ଥରେ ଥରେ ମାରଣା ପଶୁଙ୍କ ସାଥିରେ ତାର ଲଢ଼େଇ ବି ହେଉଥିଲା । ସେଥିରେ କେତେବେଳେ ସେ ମାରୁଥିଲା ତ କେତେବେଳେ ନିଜେ ମରୁଥିଲା । କେହି ତାର ସାହା ହେଉ ନଥିଲେ । ପରେ ଅବଶ୍ୟ ମଣିଷ ମିଳିମିଶି ଏ ସବୁର ମୁକାବିଲା କଲା । ମେଳରେ ବଳ ବୋଲି ଜାଣିଲା ।

ପରେ ସେ ପଶୁଙ୍କୁ ପାଳି ପୋଷି ସେମାନଙ୍କ ବଳକୁ ବ୍ୟବହାର କଲା । କୁକୁର, ଘୋଡ଼ା, ବଳଦ, ମଇଁଷି ଆଦି ପୋଷା ପଶୁଙ୍କର ବଳ ଉପରେ ନିର୍ଭର କଲା । ସେମାନଙ୍କ ସାହାଯ୍ୟରେ ସେ ଶିକାର କଲା । ଚାଷ କାମ କଲା ଆଉ ଜିନିଷ ପତ୍ର ନେବା ଆଣିବା କଲା ।

ତା'ପରେ ସେ ପଥରରେ ଛୋଟ ଛୋଟ ହାତହତିଆର କରି ବ୍ୟବହାର କଲା । କିଛି କାଳପରେ ବ୍ରୋଞ୍ଜ, ଲୁହା, ତମ୍ବା ଆଦି ଧାତୁର ବ୍ୟବହାର ଜାଣିଲା । ସେଥିରେ ହାତ ହତିଆର ମଜବୁତ ଆଉ ଧାରୁଆ ହେଲା ।

କ୍ରମେ ମଣିଷ ନାନାପ୍ରକାର ସରଳ ଯନ୍ତ୍ରପାତି ବାହାର କଲା । ସେଗୁଡ଼ିକ ତାକୁ ବିଭିନ୍ନ କାମରେ ସାହାଯ୍ୟ କଲା । ଭାରଦଣ୍ଡ, ପେଚ, ଚକ, ଶଗଡ଼ିଆଦି ହେଲା ତାର ମୂଳ ଯନ୍ତ୍ରପାତି । ସେଗୁଡ଼ିକୁ ନେଇ ସେ ବଡ଼ ଓ ଜଟିଳ ଯନ୍ତ୍ରପାତି ତିଆରି କଲା । ସେସବୁ ତାର ଜୀବନକୁ ସହଜ ଓ ସରଳ କଲା ।

ମଣିଷ ତା'ର ବାହୁବଳ ସାଥିରେ ବହୁ ଜଳର ସାହାଯ୍ୟ ପାଇଲା । ଏଇ 'ବଳ' ତେବେ କ'ଣ ? ଯେ କୌଣସି କାର୍ଯ୍ୟ କରିବା ପାଇଁ ବଳ ଦରକାର । ଆମ ହାତ ଗୋଡ଼ରେ ଯେମିତି ବଳ ଅଛି, ସେମିତି ପାଣି ପବନରେ ବି ବଳ ଅଛି । ନଈ ଝରଣା ବହି ଆସିଲା ବେଳେ କେତେ ମାଟି ପଥର ଖୋଳିତାଡି ଭସାଇ ନିଏ । ନଈବଢ଼ି ହେଲେ ତ ଗାଁଗଣ୍ଡା, ସହରା ବଜାର ବି ଭାସିଯାଏ । ଗଛଲତା, ବାଡ଼ି ବଗିଚା ଆଉ ଫୁଲ ଫଳର ଫସଲ ସବୁ ଧୋଇ ଯାଏ ।

ବହୁ ବର୍ଷ ପୂର୍ବେ ମିଶର, ମେସୋପଟାମିଆ ଆଦି ଦେଶରେ ଲୋକମାନେ ପାଣିଚକର ସାହାଯ୍ୟ ନେଲେ । ପାଣି ଚକକୁ ଉପରୁ ଯୋରରେ ପଡୁଥିବା ପାଣି ଚଳାଇଥାଏ । ଆଜିକାଲି ସେମିତି ପାଣିର ବଳ ଟରବାଇନ୍‌କୁ ଚଳାଇ ବିଜୁଳି ଶକ୍ତି ଜାତ କରାଇଥାଏ । ଏଇ ବିଜୁଳି ଶକ୍ତି ହଜାର ହଜାର କଳକାରଖାନାକୁ ଚଳାଏ । ଘରେ ଘରେ ଏହା ଜଳାଇ ଦିଏ ଉଜ୍ଜ୍ୱଳ ଆଲୁଅ ଆଉ ଚଳାଇ ଦିଏ କେତେ ପ୍ରକାର ପଂଖା । ସବୁରି ଜୀବନ ଆନନ୍ଦ ଓ ଆଲୁଅରେ ହସି ଉଠେ ।

ସେମିତି ବାଆର ବଳ କାହାକୁ ବା ଅଜଣା ? ସାଧାରଣ ପବନ ବହିଲେ ଗଛଲତାରୁ ଫୁଲଫଳ ଝଡ଼ିପଡ଼େ । ଡାଳ ଭାଙ୍ଗିଯାଏ ଓ ପତ୍ରସବୁ ଝରିପଡ଼େ । ଜୋର ପବନରେ ଘରଦ୍ୱାର ତ ଭାଙ୍ଗିଯାଏ । ମସ୍ତବଡ଼ ଗଛ ତଳେ ଲୋଟି ପଡେ । ଝଡ ବତାସ ହେଲେ ପକ୍କାଘର ମଧ୍ୟ ଧୂଳିସାତ୍ ହୁଏ । ବିଜୁଳି ଖୁଣ୍ଟ ବି ଉପୁଡ଼ି ପଡ଼େ । ଲୁହା ଇସ୍ପାତର କଳକାରଖାନା ମଧ୍ୟ ଭୁସୁଡ଼ି ପଡ଼େ ।

ଆଗେ ଦରିଆ ଭିତରେ ବୋଇତ ଚଳାଇବାକୁ ମଣିଷ ପବନର ସାହାଯ୍ୟ ନେଉଥିଲା । ବୋଇତରେ ବନ୍ଧା ହୋଇଥିବା ପାଲକୁ ଟାଣି ଦେଲେ ତା ଭିତରେ ପବନ ପଶି ବୋଇତକୁ ପବନ ବହୁଥିବା ଦିଗରେ ଶୀଘ୍ର ଠେଲି ନେଉଥିଲା । ପ୍ରାୟ ଏକହଜାର ବର୍ଷ ପୂର୍ବେ ମଣିଷ ପାଲ ସହିତ ଗୋଟିଏ ବଡ଼ ଚକ ଲଗାଇଲା । ପବନ ବୋହିଲେ ଚକଟି ଘୁରୁଥିଲା । ଚକ ସହିତ ଗୋଟିଏ ଅଖ ମଧ୍ୟ ଘୁରୁଥିଲା । ଅଖଟି କେତେଗୁଡ଼ିଏ ଦାନ୍ତି ଲାଗିଥିବା ଚକକୁ ବୁଲାଉଥିଲା । ଏଇପରି ଏକ କଳ ସାହାଯ୍ୟରେ ମଣିଷ ଗହମ, ଚାଉଳ ଆଦି ଶସ୍ୟସବୁ ଚୂନା କରିପାରୁଥିଲା ।

ୟୁରୋପରେ ନେଦରଲ୍ୟାଣ୍ଡ ପରିକେତେକଦେଶସମୁଦ୍ର ପତନ ଠାରୁ ତଳେ ଅଛି । ସେସବୁ ଦେଶରେ ପବନ କଳ ସାହାଯ୍ୟରେ ନୁଆଁଳିଆ ଭୂଇଁରୁ ପାଣିକୁ ସହଜରେ ଖଲାସ କରାଯାଉଥିଲା । ସେସବୁ ଦେଶରେ ବହୁତ ପବନ କଳ ଦେଖିବାକୁ ମିଳେ । ଆଜିକାଲି ଉନ୍ନତ ପବନ କଳ ସାହାଯ୍ୟରେ ବିଜୁଳି ଶକ୍ତି ତିଆରି ହୋଇ ପାରୁଛି । ଏଇ କଳରେ ଥିବା ଚକ ପାନ ଓ ମଜବୁତ ହୋଇଛି । ଯେଉଁ ଦିଗରୁ ପବନ ବହିଲେ ବି ଏଇ ଚକ ଘୂରେ ଆଉ ବିଜୁଳି ଶକ୍ତି ଉତ୍ପାଦନ କରାଯାଏ ।

ଏଇ ସମୟରେ ମନକୁ ଆସେ ଗୋଟିଏ ମଉଜିଆ କଥା । ହେଲେ, ସେଥିରେ ଥିବା ସତ୍ୟତାକୁ ହେଳା କରି ହେବନାହିଁ ।ସେଇ କଥାଟି ହେଲା–

ଥରେ ସୂର୍ଯ୍ୟ କହିଲା–"ମୁଁ ବଳୁଆ" । ବାୟୁ ମଧ୍ୟ କହିଲା–"ମୁଁ ବଳୁଆ" । ଦୁହିଁଙ୍କ ଭିତରେ କିଏ ସବୁଠୁଁ ବଳୁଆ ? ସେଇ କଥାରେ ଦୁହିଁଙ୍କ ଭିତରେ ହେଲା ଟଣାଓଟରା !

ସେତିକି ବେଳେ ଜଣେ ଲୋକ ଜାମାଯୋଡ଼ ହୋଇ ସେ ବାଟରେ ଯାଉଥିଲା । ସୂର୍ଯ୍ୟ ଓ ପବନ ଠିକ୍ କଲେ– ସେଇ ଲୋକଟିର ଦେହରୁ ଯେ ଜାମାକୁ ଅଲଗା କରିଦେବ, ସେ ହେବ ବଳୁଆ । ଏଇ ସାମାନ୍ୟ କଥା ! ସୂର୍ଯ୍ୟ ଓ ପବନ ହସିଲେ ।

ପବନ ସାଇଁ ସାଇଁ ହୋଇ ବହିଲା । ଗଛଲତା ଝୁଲିବାରେ ଲାଗିଲା । ଗଛରୁ ପତ୍ର, ଫଳ, ଫୁଲ ଝଡି ପଡ଼ିଲା । ହେଲେ ଲୋକଟିର ଜାମାଟି ଏପଟ ସେପଟ ହେଲା ନାହିଁ । ସେ ଆଗଭଳି ଚାଲିଲା ।

ତା'ପରେ ପବନ ବହିଲା ସୁଉ ସୁଉ । ଗଛଡ଼ାଳ ଭାଙ୍ଗି ପଡ଼ିଲା । ଧୂଳିବାଲି, ଘାସପତ୍ର, ଲୁଗାପଟା ସବୁ ଉଡ଼ିବାରେ ଲାଗିଲା । ହେଲେ, ସେଇ ଲୋକଟି ଜାମାଟିକୁ ଭିଡ଼ିଧରି ଚାଲିବାରେ ଲାଗିଲା ।

ପୁଣି ଝଡ଼ ବତାସ ଛୁଟିଲା । ସୁଉ ସୁଉ, ସୁଉ ସୁଉ ଶବ୍ଦରେ ଚଉଦିଗ କମ୍ପି ଉଠିଲା । ବଡ଼ ବଡ଼ ଗଛ ଭୁସ୍ ଭାସ୍ ଉପୁଡ଼ି ପଡ଼ିଲା । ଲୁହାର ବିଜୁଳି ଖୁଣ୍ଟ ମଧ୍ୟ ନଇଁ ପଡ଼ିଲା । ହେଲେ, ସେଇ ଲୋକଟିର ଜାମା ତା ଦେହରୁ ଅଲଗା ହେଲା ନାହିଁ । ବରଂ ଅଧିକ ଶୀତ ହେବାରୁ ସେ ଜାମାକୁ ଆହୁରି ଜୋରରେ ଭିଡ଼ି ଧରିଲା ।

ସୂର୍ଯ୍ୟ ମୁରୁକି ହସି ପଚାରିଲା– ଏବେ କିଏ ବଳୁଆ ଭାଇରେ ବାୟୁ ?

ବାୟୁ ରାଗରେ ଉତ୍ତର ଦେଲା– ମୁଁ ହାରିଗଲି ହିଁ ହେଲେ, ତୁ ଆଗ ସେଇ ଲୋକର ଜାମା ବାହାର କର । ତାପରେ ଜିଣିବୁକି ବାହାଦୁରି କରିବୁ । ଏବେ ନୁହେଁ !

ସୂର୍ଯ୍ୟ ହସି ଦେଲା । ଚଉଦିଗରେ କଅଁଳ ସୁନେଲି କିରଣ ଝରି ପଡ଼ିଲା । ଗଛଲତା, ଫୁଲଫଳ, ପଶୁପକ୍ଷୀ, ନଈ ପୋଖରୀ ସବୁ ଯେମିତି ହସିଉଠିଲେ ।

ଲୋକଟି ସେମିତି ଆରାମରେ ଚାଲିଲା । ଝଡ଼ବତାସ ହଟିଯାଇ ଥିବାରୁ ମନରେ ତାର ଅସୁମାରି ଆନନ୍ଦ । ।

ସୂର୍ଯ୍ୟ ଭଲ ଆଖି ମେଲି ଚାହିଁଲା । ଉଜ୍ଜ୍ୱଳ ସୂର୍ଯ୍ୟ କିରଣ ସାରା ଜଗତକୁ ଯେମିତି ଝିଲମିଲ୍ କରିଦେଲା । ଗଛଲତା, ପଶୁପକ୍ଷୀ ଆଦି ତାଣ ଖରାରେ ଢାଳିଆ ମାରି ପଡ଼ିଲେ ।

ସେଇ ଲୋକଟିର ଦେହରୁ ଗମ୍ ଗମ୍ ଝାଳ ବହିଲା । ଜାମାକୁ ଦେହରୁ ବାହାର କରିବା ଯାଏ ତାକୁ ତର ସହିଲା ନାହିଁ । ସେ ସଙ୍ଗେ ସଙ୍ଗେ ଜାମାଟିକୁ ଓହ୍ଲାଇ ପକାଇଲା ।

ଏହା ଦେଖି ବାୟୁ ଲଜ୍ଜିତ ହେଲା । କହିଲା– ଏବେ ତୁ ଜିତିଲୁ । ସତେ ତୁ ବଳୁଆ ।

ଏହି ଗପଟିରୁ ସୂର୍ଯ୍ୟ କିପରି ବଳୁଆ ଜଣାପଡ଼ିଲା । ସୂର୍ଯ୍ୟ କିରଣର ବଳକୁ ମଣିଷ ତାର ସୁଖ ସୁବିଧା ପାଇଁ ବ୍ୟବହାର କଲା ।

ମଣିଷ ଦେଖିଲା ଯେ ସୂର୍ଯ୍ୟ ଅସୁମାରି ଶକ୍ତିର ଭଣ୍ଡାର ସୂର୍ଯ୍ୟର ଶକ୍ତିରେ ଗଛଲତା, ଜୀବଜନ୍ତୁ ସମସ୍ତେ ସଜୀବ । ତାରି ବଳରେ ଦୁନିଆ ଆଜି ଆଉଭାତ । ମଣିଷ ବାହାର କଲା ସୂର୍ଯ୍ୟଚୁଲା । ଖରା ପଡୁଥିବା ଜାଗାରେ ଏହାକୁ ରଖିଲେ ଏଥିରେ ରୋଷେଇ ହୋଇଯାଏ । ଏଥିପାଇଁ ଗ୍ୟାସ୍ ବା ବିଜୁଳି ଶକ୍ତିର ଦରକାର ପଡ଼େ ନାହିଁ । ବଡ଼ ଦର୍ପଣମାନ ଖଞ୍ଜି ସୂର୍ଯ୍ୟ କିରଣରୁ ଶକ୍ତି ସଂଗ୍ରହ କରାଯାଉଛି । ଏବେ ଗୋଟିଏ ଉଡ଼ାଜାହାଜର ଡେଣାରେ "ସୂର୍ଯ୍ୟସେଲ୍" ମାନ ଖଞ୍ଜି ଏମିତି ଶକ୍ତି ସୃଷ୍ଟି କରାଗଲା । ତା ବଳରେ ଉଡ଼ାଜାହାଜଟି ଫ୍ରାନ୍ସରୁ ଇଂଲଣ୍ଡକୁ ଆସି ପାରିଲା ।

ଏବେ ପୁଣି ବିଜ୍ଞାନୀମାନେ "ସୂର୍ଯ୍ୟତମ୍ବୁ" ତିଆରି କଲେଣି । ସେଇ ତମ୍ବୁ ଦେହରେ ସୂର୍ଯ୍ୟ ସେଲ୍ ବା ଫଟୋସେଲ୍‌ମାନ ଖଞ୍ଜା ଯାଇଛି । ସେଥିରେ ଖରା ପଡି ଶକ୍ତି ସୃଷ୍ଟି କରାଯାଉଛି । ସେଇ ଶକ୍ତିକୁ ଚୁଲୀ ପାଖକୁ ତାରରେ ଆଣି ରୋଷେଇ କାର୍ଯ୍ୟ ହେଉଛି । କି ମଜା ! ସୂର୍ଯ୍ୟ କିରଣ ସତେ ଜାଦୁକରୀ ପରି କାର୍ଯ୍ୟ କରୁଛି !!

ବିଜୁଳି ଶକ୍ତି ହେଲା ଆଉଏକ ବଳ, ଏହା ପାଣିର ବଳରୁ ସଂଗ୍ରହ କରାଯାଉଛି । ଆଉମଧ୍ୟ କୋଇଲା ଜାଳି ଯନ୍ତ୍ର ସାହାଯ୍ୟରେ ବିଜୁଳି ଶକ୍ତିର ସୃଷ୍ଟି ହେଉଛି । ଆଜିକାଲି ପୁଣି ପରମାଣୁ ଶକ୍ତିରୁ ବିଜୁଳି ସଂଗୃହିତ ହେଉଛି । ଏଥିପାଇଁ ଆଟମସାଇକ୍ଲୋଟ୍ରୋନ୍ ନାମକ ଏକ ଯନ୍ତ୍ରର ସାହାଯ୍ୟ ନିଆଯାଏ । ଏଇ ଯନ୍ତ୍ରର ବଳରେ ପରମାଣୁ ଶକ୍ତିକୁ ବିଜୁଳି ଶକ୍ତିରେ ପରିଣତ ହେଉଛି ।

ଏହି ବିଜୁଳି ଶକ୍ତି କଳକାରଖାନାକୁ ଚଳାଉଛି । ଆଲୁଅ ଜାଳିବା ପାଇଁ ଏହାକୁ ବ୍ୟବହାର କରାଯାଉଛି । ଯେଉଁ ପରମାଣୁ ଶକ୍ତି ଜାପାନର ହିରୋସୀମା ଓ ନାଗାସାକିରେ ପ୍ରଳୟ କାଣ୍ଡ ଘଟାଇଲା, ସେଇ ଶକ୍ତି ଆଜି ମଣିଷର ସୁଖ ଶାନ୍ତି ପାଇଁ ବ୍ୟବହୃତ ହେଉଛି । ମଣିଷର ବୁଦ୍ଧି ସତେ ସରଗକୁ ନରକରେ ଆଉ ନରକକୁ ସରଗରେ ପରିଣତ କରିପାରେ ।

ଏବେ ଗୋବର ଗ୍ୟାସ ବାହାର କରାଯାଉଛି । ସେଇ ଗ୍ୟାସଚୁଲି ଜଳିବାରେ ଆଉ ଆଲୁଅ ବତୀ ଜଳାଇବାରେ ବ୍ୟବହାର କରାଯାଉଛି । ଆଜିକାଲି ଏଥି ପାଇଁ ଆମ ଦେଶରେ ବହୁ ସଂଖ୍ୟାରେ ଗୋବର ଗ୍ୟାସ କଳ ବସିଲାଣି । ଯେଉଁ ଗୋବରକୁ ଆମେ ଖତ କରିବାରେ ଆଉ ଘସି କରି ଜାଳିବାରେ ବ୍ୟବହାର କରୁଥିଲୁ । ଆଜି ସେଥିରୁ ଏପରି ଦରକାରୀ ଗ୍ୟାସ ପାଇପାରୁଛୁ । ଏହା ସତେ ଗୋବର ଗଡ଼ିଆରେ କଇଁ ଫୁଟିବା ପରି ହୋଇଛି ।

ଆଜିକାଲି ଦରିଆର ଲହରୀରୁ ମଧ୍ୟ ବିଜୁଳି ଶକ୍ତି ସଂଗ୍ରହ କରାଯାଉଛି । ଯେଉଁ ଦରିଆରେ ବଡ ବଡ଼ ଲହରୀ ଉଠିଥାଏ ଯନ୍ତ୍ର ସାହାଯ୍ୟରେ ସେଠାରୁ ବିଜୁଳି ଶକ୍ତି ତିଆରି କରାଯାଉଛି ।

ଆଜିକାଲି ଲୋକସଂଖ୍ୟା ଦ୍ରୁତ ବଢ଼ିବାରେ ଲାଗିଛି । କୋଇଲା, ପେଟ୍ରୋଲ, କିରୋସିନି, ଡିଜେଲ୍, ବିଜୁଳି ଶକ୍ତି ଆଦି ଶକ୍ତି

ଥାସୁଛି । ମାଟିମାଆ କୋଳରେ ଏହାସବୁ ଅମାପ ପରିମାଣରେ ନାହିଁ । ଏଣେ ମଣିଷର ଏତେ ବଡ଼ ସଭ୍ୟତା ବିନାଶକ୍ତିରେ ଗୁଲିବା ସମ୍ଭବ ନୁହେଁ । ଶକ୍ତିବିନା ମୁହୂର୍ତ୍ତକ ଭିତରେ ସାରା ଦୁନିଆରେ ଅନ୍ଧାର ଘୋଟିଯିବ ।

ସେଥିପାଇଁ ବିଜ୍ଞାନୀମାନେ ଚିନ୍ତାରେ ପଡ଼ିଛନ୍ତି । ସେମାନେ ଦେଖୁଛନ୍ତି ଯେ ପାଣି, ପବନ ଓ ଖରା ହେଉଛି ଅସରନ୍ତି । ଏଥିରୁ ଆମେ ମନଇଛା ଶକ୍ତି ସଂଗ୍ରହ କରିପାରିବା । ପୁଣି କୋଇଲା ବା ବିଭିନ୍ନ ତେଲ ଜାଳିଲେ ବାୟୁମଣ୍ଡଳ ଦୂଷିତ ହୁଏ । ମାତ୍ର ପାଣି, ପବନ ଓ ଖରାରୁ ଯେଉଁ ଶକ୍ତି ସଂଗୃହୀତ ହୁଏ, ସେଥିରେ ପରିବେଶ ଆଦୌ ଦୂଷିତ ହୁଏନାହିଁ । ତେଣୁ ନାନା ଉପାୟରେ ଏହି ସବୁ ଅସରନ୍ତି ଓ ନିରୋଳା ଶକ୍ତି ସଂଗ୍ରହ କରିବାକୁ ମଣିଷ ଚେଷ୍ଟା କରୁଛି । ଏଇ ଦିଗରେ ସେ ଯେତେ ସଫଳ ହେବ, ଏଇ ଦୁନିଆ ହେବ ସେତେ ସରସ ଓ ସୁନ୍ଦର ।

Qrs. No. 31/2 VA,
Unit II, ଭୁବନେଶ୍ୱର—୭୫୧୦୦୯ ।



ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ ।
(୧୫-୨-୧୯୯୧) ।

# ଅପାଠୋଇ

ଅଞ୍ଜଳି ଦାଶ

ପାଦପଅ କେତେବେଳୁ ଶୁଣିସାରିଲେଣି । ଆରପଟରେ ବାପାଙ୍କ ଗର୍ଜନ ସାଙ୍ଗକୁ ବୋଉର ମୁଁ ମୁଁ ନାକ କାନ୍ଦଣା ମଧ୍ୟ ଶୁଣା ଯାଉଛି । ଏ ଘରେ ଖଟ ଉପରେ ମଶାରୀ ବାଡ଼କୁ ଧରି ଆଉଜି ମନ ମାରି ବସିଛି ସୁଲତା । ଲାଜ ଆଉ ଅପମାନରେ ମୁଣ୍ଡଟା ତାର କଟିଗଲା ପରି ଲାଗୁଥାଏ । ଆର ଘରୁ ବାପାଙ୍କ ପାଟି ଶୁଣାଯାଉଛି । ବାପା କହିଚାଲିଛନ୍ତି, ଦେଖ ନୋ, କେତେ ଛୋଟ ଲୋକଗୁଡ଼ାକ । ଚୋରାଟାର ଏତେ ବହପ, କ'ଣ ପାଠ ଦି' ଅକ୍ଷର ପଢ଼ିଛି କି ନାହିଁ ଧରାକୁ ସରା ଦେଖୁଛି । ଅମଙ୍ଗ ହେବାରୁ ମୁଁ ବଖରାଭାର ଟଙ୍କା ଯାଚିଲାବେଳେ ବି ମୁହେଁ ମୁହେଁ ଶୁଣାଇ ଦେଲା କ'ଣ ନା ଆମର ଟଙ୍କା ଦରକାର ନାହିଁ, ପାଠ ଦରକାର । ଆପଣଙ୍କ ଝିଅ ମୋଟେ ସ୍କୁଲ ଦୁଆର ମାଡ଼ିନି, ଆଉ ଏମିତି ଝିଅ ବାହାହେଇ ଟଙ୍କା ନେଇ କ'ଣ କରିବି ? ଆଜିକାଲି କିଏ ପାଠ ନପଢ଼ି ରହୁଛି ଯେ ଆପଣ ଆପଣଙ୍କ ଝିଅକୁ ପାଠ ପଢ଼େଇ ନାହାନ୍ତି । ବି. ଏ., ଏମ. ଏ. ନହେଲା ନାହିଁ ଅନ୍ତତଃ ପକ୍ଷେ ମାଟ୍ରିକ୍‌ଟାତ ପାସ୍ କରିବା ଦରକାର । ଅଥଚ ମାଟ୍ରିକ୍ କଥା ଦୂରେ ଥାଉ ଆପଣଙ୍କ ଝିଅ ସପ୍ତମ ବି ପାସ୍ କରିନି । ଏମିତି ଝିଅକୁ ବାହାହବ କଣ ! ଆଜିକାଲି ଯୁଗକୁ ଖାଲି ସୁନ୍ଦର ଚତୁର ତ ହେଲେ ହେବନି । ତା ସାଙ୍ଗକୁ ପାଠଥିବା ଦରକାର, ତା ହେଲେ ଯାଇ ସ୍ୱାମୀ ସାଙ୍ଗରେ ପାଦ ମିଳେଇ ଚାଲିପାରିବ । ତା' ନହେଲେ ତ ପଦେ ପଦେ ଠୋକର ଖାଉଥିବ, ଝୁଣ୍ଟି ପଡୁଥିବ" କି ଲମ୍ବା ଚଉଡ଼ା ବକ୍ତୃତା ଦେଉଛି । ସତେ ଅବା ନିଜେ ଗୋଟେ ନେତା କି ମନ୍ତ୍ରୀ !

ବୋଉ ମୁଁ ମୁଁ କରି କାନ୍ଦି କହୁଛି—ମୁଁ ତୁମକୁ ମୁଁ ତୁମକୁ କେତେଥର କହୁଛି, ଝିଅକୁ ଟିକିଏ ଆଉ ପଢ଼ାଅ । ଜମା ପାଠ ପଢ଼ୁନାହିଁ । ତେବେ ଶୁଣିଲ ନାହିଁ, ମୋ କଥାକୁ କାନକୁ ନେଲ ନାହିଁ । ଶାଶୁଙ୍କ କଥା ଶୁଣି କହିଲ କ'ଣ ନା ମୋର କ'ଣ ପଇସା ନାହିଁ ନା ଘରେ ଖାଇବାକୁ ନାହିଁ ଯେ ଝିଅ ମୋର ବି. ଏ. ଏମ. ଏ. ପଢ଼ିବ ? ଚାକିରି କରିବ । କ'ଣ ପଇସା ଆଣିବ । ତା' ଇଚ୍ଛା ହେଲେ ପଢ଼ିବ ପଢ଼ୁ, ନହେଲେ ନାହିଁ । ଏତେ କଥା କାହିଁକି ? ଗୋଟିଏ ବୋଲି ତ ଝିଅ, ଝିଅ କି ଛିଛି ଦେଖିବାକୁ ଅସୁନ୍ଦର ନୁହେଁ । ଦେଖ ପଇସା ଥିଲେ, ଗଣିଆ ଯୋଗାଡ଼ ହେବ, ମୋ ଝିଅ ପାଇଁ ଅନେକ ଆସିବେ ।"

"ଦଶ ଦିହ ସମ୍ଭାଳି.......ଲୋକଙ୍କର କଥା ଶୁଣିବା କାହିଁକି ? ରାସ୍ତାରେ କ'ଣ ମୋର ଭାତ ନାହିଁ ନା, ଝିଅର ବୟସ ବଢ଼ିଯାଉଛି......।"

ସୁଲତା ଆଖିରେ ଲୁହ ଭରି ଆସିଲା । ହଁ, ଏଥର ବି ପାତ୍ରପକ୍ଷ ମନାକରି ଦେଇଗଲେ । ସେ ପାଠ ପଢ଼ିନି ବୋଲି । ପାତ୍ର ନିଜେ ମୁହେଁ ମୁହେଁ ଏଠି ବାହାହବାକୁ ମନା କରି ଦେଇ ଗଲା । ଛି, ଛି କି ଲାଜ କଥା! ପାତ୍ରଟି ଆଇ. ଏ. ପାସ୍ । ନଈ ସେପଟ ବାଙ୍କୁରା ଗାଁର ବିଦେଇ ସୋଇଙ୍କ ପୁଅ, ବାପା ଆଗ ଆଗ ତା ପାଇଁ କେତେ ବି. ଏ., ଏମ୍. ଏ. ବାଲା ଟୋକା ଖୋଜୁଥିଲେ । ପଛ ଆଗ ସେମାନେ ଆସି ଦେଖି ପସନ୍ଦ କରି ରାଜି ହୋଇଯାଆନ୍ତି । ପରେ ଯେମିତି ଶୁଣନ୍ତି ସେ ପାଠ ପଢ଼ି ନାହିଁ ବୋଲି, ସେମିତି ମନା କରିଦେଇ ଯାଆନ୍ତି, ନ ହେଲେ ଖବର ପଠାନ୍ତି, ଶେଷକୁ ବାଧ୍ୟ ହୋଇ ବାପା ମାଟ୍ରିକ୍, ଆଇ. ଏ. ଟୋକା ଖୋଜିଲେ । ଏଇ ପାଞ୍ଚ ସାତରେ ପ୍ରସ୍ତାବ ପଡ଼ିଥିଲା, ତା' ସାଙ୍ଗର ଗାଁର କେତେ ଝିଅ ଚମ୍ପା, ସଉରୀ, କନକ, ବିମ୍ବୁ, ରମା, ବାସନ୍ତୀ, ରେବତୀ, ସବୁ କେବଠୁ ବାହାହୋଇ ଗଲେଣି । ତାଙ୍କ ଭିତରୁ କିଏ, କିଏ କୋଳରେ କାଖରେ ଛୁଆକୁ ଗେହ୍ଲା କଲେଣି । ହେଲେ ତାକୁ ଆସି ସତର ପୂରି ଅଠର । ଏ ଯାଏ ନଅଟା ପ୍ରସ୍ତାବ ଖସି ଯାଇଛି । ଗାଁରେ ସତର ଅଠର ବର୍ଷ ମାନେତ କାହିଁକି କ'ଣ । ତା' ସକାଶେ ବାପା ବୋଉଙ୍କ ମୁଣ୍ଡ ତଳକୁ ହେଉଛି । ଘରେ ସେ ଏତେ ବଡ଼ ଝିଅଟେ ବାହୁଥ ହେଇଛି, ସେଥିପାଇଁ ବାପା ବୋଉଙ୍କୁ ଗାଁର ସାତ ଲୋକଙ୍କଠାରୁ ସତର ପ୍ରକାର କଥା ଶୁଣିବାକୁ ପଡୁଛି । କେତେ ବାଡ଼ି ଟାପରା, ଦେଖେଇ ଶିଖେଇ କଥା, ଉପରପଡ଼ା ଉପଦେଶ, ସବୁ ଶୁଣିବାକୁ ପଡୁଛି । ଗୋଟେ ମାଈପି ଲୋକ, ବୋଉ ହେବ ବା କେତେ ସହନ୍ତା !

ଆର ଘରୁ ବୋଉର ପାଟି ଶୁଣାଗଲା—ଆଲୋ ସୁଲୁ ମା, ବଡ଼ପୋଖରୀରୁ ଗରାଏ ପାଣି ନେଇ ଆସିବୁ କି ? ଆଜି କାଳି ହୁରୀଟା ସକାଳେ ଆସିଲା ନାହିଁ, ଏ ଓଳି ଆସିବ କି ନାହିଁ କେଜାଣି.........ପିଇବାକୁ ପାଣିଟୋପାଏ ନାହିଁ.........ବୋଉର ଗଳାରୁ ସ୍ୱରଟୋକି ଶୁଣାଗଲା..........."ଯାଉଛି"- ମୃଦୁ ସ୍ୱରରେ ଉତ୍ତର ଦେଲା ସୁଲତା ।

ଦୀର୍ଘ ନିଶ୍ୱାସଟିଏ ପକେଇ ଉଠିଲା । ତା'ର ବି ଏବେ ଘରୁ ପଦାକୁ ଯିବାକୁ, ଗୋଡ଼ କାଢ଼ିବାକୁ ମୋଟେ ଇଚ୍ଛା ହେଉନି । ଏତେବେଳକୁ ଗାଁ ଟା ସାରା ନିଶ୍ଚୟ ପ୍ରଘଟ ହେଇ ଯିବଣି ଯେ ବରପକ୍ଷ ତାକୁ ବାହା ହବାକୁ ମନା କରିଦେଲେ ବୋଲି । ବୋଉ ବି ବୋଧେ ସେଇ ସକାଶେ ଯାଉନ୍ତି । ସେ ବି କେମିତି ଯିବ ? ପାଣି ନ ଆଣିଲେ ତ ନ ଚଳେ ।

ସୁଲତା ଶୋଇବା ଘରୁ ବାହାରିଲା । ରୋଷେଇ ଘର ଅଗଣାରେ ଗରାଟା ଥୁଆ ହୋଇଛି । ଗରାଟା କାଖେଇ ସୁଲତା ବାଡ଼ି ଦୁଆରେ ଖୋଲିଲା । ଆଜି କାଲି କାହିଁକି ମାଡ଼ି ମାଡ଼ି ପଡୁଛି । ପଦାକୁ ଗୋଡ଼ କାଢ଼ିବାକୁ ମୋଟେ ମନ ହେଉନି । ଘୂରି ଆସିଲା । ଦେଖିଲା, ଆଜି ବାଡ଼ିପଟେ କାହାରିକୁ ଦେଖାଯାଉନି ଶୋଇଛନ୍ତି ନା କ'ଣ କେଜାଣି । ବେଳତ ଗଡ଼ିଲାଣି । ଏବେ ଗାଧେଇ ଟିକିଏ ହେବ ନା କ'ଣ । ପଣତକାନିଟାକୁ

ଚେଙ୍ଗଶୀ ଦେହରେ ବେଢ଼େଇ ଆଣି ପାହାଚ ଓହ୍ଲାଉ, ଓହ୍ଲାଉ ଭାବିଲା ସୁଲତା, ସବୁଦିନ ଯେଉଁଠି ପାଣି ଆସେ ସେଇ, ନଈ ପାଟକୁ ଯିବନି । ସେଠି ଏଇଲେ ଗାଆଁର ଝିଅ ବୋହୂ ମାନେ ମେଳ ହେଇ ତା ବିଷୟରେ ଚର୍ଚ୍ଚା ପକେଇଥିବେ । ବରଂ ଏଇ ବାଡ଼ିପଟେ ସଳଖରେ ଗଲେ ନାଥନନାଙ୍କ କଦଳୀ ବାରି ଭିତରେ ଯେଉଁ ପୋଖରୀ ଅଛି ସେଇଠି ପାଣି ଆଣି ହେବ ।

ସୁଲତା ଅଙ୍କାବଙ୍କା ପାଦଚଲା ରାସ୍ତା ଧରି ଚାଲିଲା । ନଡ଼ିଆଗଛ ଆଗରେ ଡାହାଣିଆ ଖରା ପଡ଼ିଛି । ବାଟଯାକ ଦିପଟରେ କେଉଁଠି ଆମ୍ବଗଛ ତ କେଉଁଠି ନଡ଼ିଆଗଛ, ଖଜୁରୀଗଛ ବୁଦୁବୁଦିଆ ଜଙ୍ଗଲ ରହିଛି । ତାପରେ ପଡ଼ିଆଟେ ପଡ଼ିବ । ତାପରେ ନାଥନନାଙ୍କ କଦଳୀ ବାରି । ଏପଟଟା ଟିକିଏ ବେଶି ନିଛାଟିଆ । ସୁଲତା କେବେ ଏପଟକୁ ଆସେନି । ଖାଲି ଆଜି ବାଧ ହୋଇ ଆସିଛି ।

.....ସତରେ ସେ କାହିଁକି ପଢ଼ିଲାନି....... । ପଢ଼ାରେ ମନ ଦେଲାନି । ତାହାହେଲେ ତ ଆଜି ଆଉ ତାକୁ କି ତା ବାପାଙ୍କୁ ଲୋକଙ୍କୁ ଏମିତି ଅପମାନ ସହିବାକୁ ପଡ଼ିନଥାନ୍ତା ।

ସୁଲତା ଭାବୁଥିଲା.......ପିଲାଦିନେ ସେ ଚମ୍ପା, ସଉରୀ ମହନାଇ, ସୁରଭାଇ, ଟୁକୁନା, ବୁଢ଼ା, ବାସନ୍ତୀ, କନକ ହେରେକା ମିଶି ଚାହାଳିକି ଯାଉଥିଲେ । ଅବଶ୍ୟ ମହନାଇ, ସୁରଭାଇ, ଚମ୍ପା, ସଉରୀ ଆଉ ତା'ଠୁ ଚାରି ପାଞ୍ଚବର୍ଷ ଲୋଖାଏଁ ବଡ଼ଥିଲେ । ତଥାପି ସେ ସେମାନଙ୍କ ସାଙ୍ଗରେ ମିଶି ଆଗ ଚାହାଳିକି ତା' ପରେ ଇସ୍କୁଲକୁ ଯାଉଥିଲା । ଇସ୍କୁଲରେ ସେ ଦୁଇ ତିନି ବର୍ଷ ପଢ଼ିଛି । ତୃତୀୟ ଶ୍ରେଣୀ ଯାଏ ତାକୁ ଯେତେବେଳେ ପାଞ୍ଚବରଷ ସେତେବେଳେ ମହାନାଇକି ହେଉଥିଲା ନ' ବରଷ । ସେ ସେମାନଙ୍କ ସାଙ୍ଗରେ ମିଶି ଆଗ ଆଗ ଚାହାଳିକୁ ତା' ପରେ ଇସ୍କୁଲ ଯାଉଥିଲା । ତାକୁ ପାଠପଢ଼ା ଅପେକ୍ଷା ଖେଳିବାକୁ ବେଶୀ ଭଲ ଲାଗୁଥିଲା । ଆଉ ଭଲ ଲାଗୁଥିଲା ଗୋସେଇଁ ମାଆ ପଛେ ପଛେ ବୁଲିବାକୁ । "ଆଉ ନପଢ଼ିଲୁ ବୋଲି ଏବେ ଗୋଳ ହଉଚି କିଆଁ । ତା'ଠଉ ଭକ୍ତିବଢ଼ା ଯାତ୍ରି କି ଘରକାମ ସଉଣା, ବାଆଓସା ପରବ ପୂନେଇଁ ବର୍ଷେ ଶିଖେଇଲେ ହଉଇ । ଆଲୋ ସୁଲୁ, ମୋ ପେଇଁ ଟିକିଏ ଚନ୍ଦନ ଟିକିକ ଘୋରି ଦେବୁ ଅଇଲୁ କହି ତା ହାତକୁ ଧରି ଭିଡି ଭିଡ଼ି ତା'ପାଖରେ ନେଇଯାଉଥିଲା । କହୁଥିଲା, ଦେଖ୍ ଚଉରା ମୂଳେ କିମିତି ମୁରୁଜ ପଡ଼େ ଶିଖ୍ । ତାକୁ ଭାରିଭଲ ଲାଗୁଥିଲା ନାଲି, ନେଳି, କଳା ରଙ୍ଗର ମୁରୁଜରେ ଗୋସେଇଁ ମାଆ ପରି ଚିତା ଲେଖିବାକୁ, ଫୁଲ ଗୁନ୍ଥିବାକୁ, ଚନ୍ଦନ ଘୋରିବାକୁ, ଏଇସବୁ କାମ ସେ ଗୋସେଇଁମାଆ କାନିକାନି ବୁଲି କରୁଥିଲା । ତାପରେ ଯାହା ଭୋଗ ହେଉଥିଲା ସେଇ କଦଳୀ, କାକୁଡ଼ି, ପିଜୁଳି, ଖଇ, ସାକର ଏଥିରୁ ଯେଉଁଦିନ ଯାହା ଯେମିତି ଭୋଗ ହେଉଥିଲା ସେଥିରୁ ମିଳୁଥିଲା । ହୁଲୁଚାଟ ସେତେବେଳେ ଟିକିଏନାକୁ ହୋଇଯାଏ । ଆଉ ହୁଲୁଚାଟ ଜନ୍ମି ହୋଇ ନଥାଏ । ପାଣିରେ ପଶି ପାଣିକୁ ଚୁବୁରି ଚୁବୁରି କରି ଘାଣ୍ଟିବା, ଦୁମ୍ ଦାମ୍ ହେବା, ପୋଖରୀକୁ କଇଁ ଫୁଲ ତୋଳିବା, ଗାମୁଛା କାନିରେ ମୀନ କେରାଣ୍ଡି ଧରିବା, ପୋଖରୀର ଏମୁଣ୍ଡରୁ ସେମୁଣ୍ଡ ଯାଏଁ ପହଁରିବା, ଗଛରେ ଚଢ଼ି ଆମ୍ବଦଉଲ, କୋଳି ତୋଳିବା, ଝଡ଼ି ବରଷା ହେଲେ, ଆମ୍ବ ଝଡ଼ିଲେ ଗାଁ ପିଲାଙ୍କ ସାଙ୍ଗରେ ମିଶି ଆମ୍ବ ଗୋଟେଇବାକୁ ଯିବା, ଝିଅ ପିଲାଙ୍କ ସାଙ୍ଗରେ ମିଶି ବଉଳଫୁଲ ଗୋଟେଇ ମାଳ ଗୁନ୍ଥିବା, ଆମ୍ବ ତୋଟାରେ ଲିପାପୋଛା କରି ଗାଁ ଝିଅଙ୍କ ସାଙ୍ଗରେ ମିଶି ସଢ଼େଇରେ ଭାତ ତୁଣ ରାନ୍ଧି କୁଣ୍ଡେଇ ବାହାଘର କରିବା ବୋହୂ ବୋହୂକା ଖେଳିବା, ପୁଅ ପିଲାଙ୍କ ସାଙ୍ଗରେ ମିଶି ଡୁଡୁ ବୋହୂଚୋରୀ ଖେଳିବା ଏଇ ସବୁ ଥିଲା ତାର ନିତିଦିନିଆ କାମ । ପାଠପଢ଼ାଟାକୁ ଛାଡ଼ି ବାକି ଏଇ ସବୁ କାମ ତାକୁ ଭାରି ଭଲ ଲାଗୁଥିଲା । ପିଲାଦିନେ ସେ ଭାରି ଅସ୍ଥିରାଚଞ୍ଚଳୀ ଥିଲା । ଆଉ ପାଠପଢ଼ା କଥା କହିଲେ ଯାହା କହନ୍ତି ତାକୁ କମ୍ପଜ୍ୱର ମାଡ଼ି ଆସୁଥିଲା । ନାନାପ୍ରକାର ବାହାନା ବାହାର କରୁଥିଲା ଏମିତି କରିକରି ତା'ର ଇସ୍କୁଲରେ ତିନି କ୍ଲାସରେ ପାଟପଢ଼ା ବନ୍ଦ ହେଇ ଯାଇଥିଲା । ତିନିକ୍ଲାସ୍ ପରେ ସେ ଆଉ ମୋଟେ ଇସ୍କୁଲ ଯିବା ପାଇଁ ମଙ୍ଗିନଥିଲା । ସେଇଠି ତା'ର ପୋଥିରେ ଡ଼େରି ବନ୍ଧା ହେଲା ।

ପଢୁଥିଲା ବେଳେ ତ ଖାସ୍ ଲୁଚୁଥିଲା । ନ ହେଲେ ଯାଇ ଗୋସେଇଁ ମାଆକୁ ଯାଇ କହୁଥିଲା, ତୁ ଟିକିଏ ମନା କରିଦେ, ମୋର ଆଜି ଇସ୍କୁଲ ଯିବାକୁ ମନ ହେଉନି.। ଯିବିନି । ଗୋସେଇଁ ମାଆ ମନା କରି ଦେଉଥିଲା । ଆଉ ସେ ଇସ୍କୁଲ ନଯାଇ ଘରେ ଡ଼ିଆଁ ମାରୁଥିଲା, ଆଉ କେତେବେଳେ ଯଦି ବହି ବସ୍ତାନି ଧରି ପଢ଼ି ବସିଲା କି ସିଲଟ ଧରି ଲେଖି ବସୁଥିଲା,। ତା'ହାଲେ ତାକୁ ନିଦ ଲାଗେ ସେ ଶୋଇ ପଡ଼େ । ପାଠ ପଢ଼ା ଜିନିଷଟା ତାକୁ ଜମା ଆଉଉ ନଥାଏ । ଗୋଟିଏ ଝିଅ ବୋଲି ବାପା, ବୋଉ, ଗୋସେଇଁ ମାଆ, ସଭିଙ୍କର ସେ ବହୁତ ଗେହ୍ଲା ହୋଇଥାଏ । ତେଣୁ ବୋଉ ତା'ର ଗାଳି ଗୁଲଜ କଲେ ବି ବେଶୀ କିଛି କହୁ ନଥିଲା ।

ଥରେ ମନେଅଛି, ମହନାଇର ତା'ର ଚାହାଳିକୁ ଯାଉଥିଲେ । ବାଟରେ ଆମ୍ବତୋଟାଠି କେତେଟା ପିଲାଙ୍କୁ କଙ୍କି ଧରୁଥିବାର ଦେଖି ସେ ସେଇଠି ବହିପତ୍ର ଥୋଇ ଦେଇ କଙ୍କି ଧରିବାକୁ ବାହାରି ଥିଲା । ମୋହନକୁ କହିଥିଲା ମୋହନାଇ ତୁ ଇସ୍କୁଲ ଯା, ମୁଁ ଯିବିନି । ମୋହନାଇ ତାକୁ ଯେତେ ଡାକିଥିଲା ସେ ଜମା ଶୁଣି ନଥିଲା । ସେଥିରୁ ମୋହନାଇ ରାଗି ତାକୁ କହିଥିଲା—ତୁ କେମିତି ମୋ ସାଙ୍ଗରେ ଇସ୍କୁଲକୁ ପାଠ ପଢ଼ିବାକୁ ନ ଆସି ସଦାବେଳେ ବାଟରେ ଖେଳୁଛୁ, ସାରଙ୍କୁ କହିବି । ମୁଁ କ'ଣ ପାଠ ପଢ଼ିବାକୁ ନ ଯାଇ ବାଟରେ ଖେଳୁଛି ! ମତେ କେବେ ଦେଖୁଚୁ ? ତାହାଲେ ତୁ କାହିଁକି ପାଠ ପଢ଼ିବାକୁ ନଯାଇ ବାଟରେ ରହି ଯାଉଛୁ ?

ମହନାଇ କଥା ଆଜି ସତ ହୋଇଛି । ସୁଲତା ଦିର୍ଘ ନିଃଶ୍ୱାସ ପକେଇଲା । ସତରେ ମହନାଇ ଯାହା କହିଥିଲା ସବୁ ଆଜି ଅକ୍ଷରେ ଅକ୍ଷରେ ସତ ହୋଇଛି । ଆଜି ଆଉ ବେଦୀ ଯାଏ କଥା ଯାଉନି । ଜିଏ ତାକୁ ଦେଖିବାକୁ ଆସୁଛନ୍ତି, ସିଏ ପାଠ ପଢ଼ିନି ଶୁଣି ନାକଟେକି ପଳାଉଛନ୍ତି ।

......ପାସୁଲା, ତା' ସାନ ଭାଇ କହୁଥିଲା, ମହନାଇ ବୋଉଠୁ ଗାଆଁକୁ ଆସିଛି । ଆଛା, ତାହାହେଲେ ସେତ ଏକଥା ଶୁଣିଥିବ । ଇସ୍ ଛି, ଛି, କଣ ଭାବୁଥିବ ସେ । ଲଜ୍ୟାରେ ମନ ଭିତରଟା ସଙ୍କୁଚିତ ହୋଇଗଲା ।

କଦଳୀ ବାରି ପାଖରେ ପହଞ୍ଚି ଯାଇଥିଲା ସୁଲତା । ଦୀର୍ଘ ଶ୍ୱାସ ପକାଇ ନାଥନନାଙ୍କ କଦଳୀ ବାରି ଭିତରେ ଟାଟି ଠେଲି

ପଶିଲା । କଦଳୀ ଗଛ ଭିତରେ ଦେଇ ସରୁ ପାଦ ଚଲା ରାସ୍ତାଟା ଡାଟି ପାଖରୁ ଖୁଲି ଯାଇଛି, ପୋଖରୀ ହୁଡ଼ା ପର୍ଯ୍ୟନ୍ତ । ସିମେଣ୍ଟ ପାହାଚ ପଡ଼ିଛି ପାଣି ପାଖକୁ । ସୁଲତା ସେଇ ସରୁ ପାଦ ଚଲା ରାସ୍ତାଟି ଧରି ପୋଖରୀ ହୁଡ଼ାରେ ପହଞ୍ଚି ପାହାଚ ଓହ୍ଲେଇ ପୋଖରୀରେ ଗାଧା ବୁଡ଼େଇଲା । ପାଣି ଭରି ଗରାକୁ କାଖେଇ ପାହାଚ ଚଢ଼ି ଉପରକୁ ଆସିଲା । ତାପରେ କଦଳୀ ଗଛ ଭିତର ଦେଇ ପୁଣି ସେଇ ରାସ୍ତାଟା ଧରି ଡାଟି ପାଖକୁ ଆସି ଡାଟି ଫିଟେଇ ବାହାରକୁ ଆସିଲା । ତା'ପରେ ଡାଟି ବନ୍ଦ କରି ଘର ମୁହଁ ହେଲା । ତଳକୁ ମୁହଁ ପୋତି ଅନ୍ୟମନସ୍କ ହୋଇ ଚାଲିଥାଏ ସୁଲତା । କିଛି ବାଟ ଆଗେଇ ପରେ ଶୁଣିଲା—"କିଲୋ ସୁଲୁ, ଏ ପଟେ କୁଆଡ଼େ ?

ସୁଲତା ଚମକି ଅନେଇଲା । ଖୁହିଁ ମନେ ମନେ ଭାବିଲା—"ବାଘ ଭୟ ଯେଉଁଠି, ରାତି ହୁଏ ସେଇଠି" । ସାମନାରେ ମହନାଭାଇ । ତାକୁ ଚାହିଁ ହସୁଛି । କାନ୍ଧରେ ଗାମୁଛା ପଡ଼ିଛି । ସଫା ଧୋତି ଖଣ୍ଡେ ପିନ୍ଧିଛି । ମହାନାଇ କାହିଁକି କ'ଣ କହିବ ଭାବି ମନେ ମନେ ସଙ୍କୁଚିତ ହୋଇଗଲା, ଉଠିଲା ସୁଲତା । ତଳକୁ ଦୃଷ୍ଟି ନୁଆଁଇଲା ।

ସୁଲତା ମୁହଁ ଟେକି ଚାହିଁଲା । ଦେଖିଲା ମହନା'ଇ ଓଠରେ କୌତୁକ ହସ ଦେଖି କିଛି ଉତ୍ତର ଦେଲାନି । ତଳକୁ ଦୃଷ୍ଟି ନୁଆଁଇଲା । ନଖରେ ଖାର କାଟିଲା ଭୂଇଁରେ । ସେତେ ଦିନ ପରା ଆଜି ପାତ୍ର ପକ୍ଷ କୋଉଠୁ ଦେଖିବାକୁ ଆସିଥିଲେ, କଣ କହିଲେ ?

ସୁଲତା କିଛି ଉତ୍ତର ଦେଲାନି । କ'ଣ ଦେବ । ତା'ପାଖରେ ଏ କଥାର କିଛି ଉତ୍ତର ନାହିଁ । ଅପମାନରେ ମୁହଁ ଜଳି ଯାଉଥାଏ ତା'ର । ସୁଲତା କିଛି ଉତ୍ତର ନଦେବାରୁ ମୋହନ ଥଟ୍ଟାକରି କହିଲା—ବରପକ୍ଷ ବାହା ହେବନି ବୋଲି ମନା କରିଦେଇ ପଳେଇଲେ, ତୁ କ'ଣ କରୁଥିଲୁ ? ବେକରେ ଗାମୁଛା ପକେଇ ଦେଇ ପାରିଲୁନି ? ଘରେ କ'ଣ ଗାମୁଛା ନଥିଲା ! ନଥିଲା ଯଦି ଏଇ ନେ ମୋ ଗାମୁଛାଟା । ଆଉ କିଏ ଆସିବ ଯଦି ତା'ବେକରେ ପକେଇ ଦେବୁ ।

ସୁଲତା ମୁହଁ ଉଠେଇ ଅନେଇଲା । ଆଖି ଦି'ଟାରେ ତାର ଲୁହ ଭରି ଯାଉଥିଲା ।

—ମହନାଭାଇ ତୁ'ବି ଶେଷକୁ ମତେ ଥଟ୍ଟା କଲୁ ?

—ଥଟ୍ଟା କ'ଣ କଲି । ତୁ ଯାହା କହିଥିଲୁ ମୁଁ ସେଇକଥା ମନେ ପକେଇ ଦେଉଛି । ତୋ ବାପାଙ୍କର ତ ପଇସା ଅଛି, ବାପାତ ତୋର ହଳ ବୁଲଉ ନାହାନ୍ତି । ଘରେ ବି ତ ଗାମୁଛା ଥିବ ନିଶ୍ଚୟ । ତାହେଲେ ପାତ୍ରପକ୍ଷ ଉଠି ପଳେଇଛନ୍ତି କାହିଁକି ? ତୁ ତୋ ବାପା କଣ କରୁଛ ? ବେକରେ ଗାମୁଛା ପକେଇ ଦେଇ ପାରୁନ ? ତୁ ପାଠ ନ ପଢ଼ିଲେ କ'ଣ ହେଲା, ହୁଏ ଆଉ କିଛି ଚାକିରି କରିବୁନି, ଟଙ୍କା ରୋଜଗାର କରିବନି, ତା'ହେଲେ ? ସେମାନଙ୍କୁ ଏଇକଥା ଟିକିଏ ବୁଝେଇ ପାରୁନ ?

—ମହନା'ଇ ତୁ କେତେ ନିଷ୍ଠୁର ହେଇ ଗଲୁଣିରେ ? ସୁଲତାର ଗାଲ ଉପରକୁ ଟପ୍ ଟପ୍ ହୋଇ ଦି'ଧାର ଲୁହ ଗଡ଼ି ଆସିଲା.....ମୁଁ ଆଜି ପାଠ ପଢ଼ିନି ବୋଲି ଆଉ ତୁ ପାଠ ପଢ଼ିଛୁ ବୋଲି ଗୋଟେ ଭାରି ଗର୍ବ ନା ? ସେଥି ପାଇଁ ଏମିତି ମନକୁ ବାଧିଲା ଭଳି କଥାଗୁଡ଼ାକ କହୁଛୁ ସିନା !

—ମନକୁ ବାଧୁଛି ନା ? ଦେଖ୍, ସତକଥା କହିଲେ ଏମିତି ବାଧେ । ବେଶ୍ ତ ମୁଁ ଯଦି ତୋ ମନକୁ ବାଧିଲା ଭଳି କଥାଗୁଡ଼ାକ କହୁଛି ତାହେଲେ ତୁ ମୋ ବେକରେ ଗାମୁଛା ପକେଇ ଦଉନୁ । ମୋହନ ହସି ଚାହିଁଲା ।

—ମୋହନା'ଇ, ମୁଁ ତୋ'ର କଣ କରିଛିରେ, କାହିଁକି ମତେ ଏତେ ଥଟ୍ଟା କରୁଛୁ ? ମୁଁ ପାଠ ଦି'ଅକ୍ଷର ପଢ଼ିନି ବୋଲି ସିନା! ସୁଲତା ଝରଝର ହେଇ କାନ୍ଦି ପକେଇଲା— ବେଶ୍ ମୁଁ ଅପାଠୋଇ ହେଲେ ହେଲି । ମତେ କେହି ବାହା ହେବା ଦରକାର ନାହିଁ । ତୁ ପାଖେଇଯା, ମୁଁ ଯାଏଁ, ସୁଲତା ବାଟ ଭାଙ୍ଗି ଯିବାକୁ ବାହାରିଲା । —ଉହୁଁ, ଯିବୁ କୁଆଡ଼େ......? ମୋହନ ପାଦେ ଆଗେଇ ଯାଇ ସୁଲତାର ସାମନାରେ ରାସ୍ତା ଅଟକେଇ ଠିଆ ହୋଇ ପଡ଼ିଲା, —ତୁ ସିନା ମୋ ବେକରେ ଗାମୁଛା ପକେଇ ପାରିଲୁନି । ହେଲେ ଏଇ ଦେଖ ମୁଁ ତୋ ବେକରେ ଗାମୁଛା ପକଉଛି, ମୋ ହାତୁଡରୁ ଖସି ଯିବୁ କୁଆଡ଼େ ? କହି ମୋହନ ତା'ଗାମୁଛାଟା ଦି'ହାତରେ ଧରି ସୁଲତାର ମୁଣ୍ଡ ଡିଆଁଇ ପିଠି ପଟରେ ପକେଇ ତାକୁ ପାଖକୁ ସାମାନ୍ୟ ଭିଡ଼ି ଆଣିଲା । ସୁଲତା ଚମକି ଉଠି "ମୋହନା'ଇ କହି ଲୁହ ଢଳଢଳ ଆଖିରେ ମୁହଁ ଉଠାଇ ମୋହନକୁ ଚାହିଁଲା । ମୋହନ ବି ମୁହୂର୍ତ୍ତେ ତା' ଆଖିକୁ ଚୁପ୍‌ଚାପ୍ ନିରବରେ ଚାହିଁ ରହିଲା । ତା'ପରେ ଗମ୍ଭୀର ଭାବେ ଅଳ୍ପ ହସି କହିଲା—କଣ ଗୃହିଣୀ ହେବୁ ? ଉତ୍ତର ନଦେଇ ସୁଲତା ଖାଲି ଚାହିଁ ରହିଲା । ବୁଝିବାକୁ ଚେଷ୍ଟାକଲା ମୋହନ କ'ଣ କହିବାକୁ ଚାହୁଁଛି । —କଣ ପସନ୍ଦୁଚି ପରା, ଗୃହିଣୀ ହବୁ ?

ସୁଲତା ମୁଣ୍ଡ ଟୁଙ୍ଗାରିଲା ।

—ରୋଷେଇବାସ କରିବୁ ?

—ହୁଁ ।

ଘର ଲିପା ପୋଛା କରିବୁ ?

—ହୁଁ ।

—ଗୁହାଳ ଗୋଟେଇବୁ ?

—ହୁଁ

—ବିଲକୁ ଭାତ ନେଇଯିବୁ ?

—ହୁଁ ।

—ଆଉ ରାତିରେ ରୋଷେଇବାସ ସରିଲେ ସବୁଦିନେ ପାଠ ପଢ଼ିବୁ ?

—ହୁଁ । ମୋହନର ପ୍ରତ୍ୟେକଟି ପ୍ରଶ୍ନର ଉତ୍ତରରେ ସୁଲତା ନିରବରେ ଖାଲି ମୁଣ୍ଡ ଟୁଙ୍ଗାରି ନିଜର ସମ୍ମତି ଜଣାଉଥାଏ ।

—ଖାଲି ରାତିରେ ପଢ଼ିବୁ, ଦିନରେ ସମୟ ପାଇଲେ ପଢ଼ିବୁନି ? ଓଲି ! —ମୋହନ ହସିଲା

—ପଢ଼ିବି.....। ଏଥର ମୁହଁ ଖୋଲି ଉତ୍ତର ଦେଲା ସୁଲତା ।

—ତା'ହେଲେ ଯା' ବାପାକୁ ତୋର କହିବୁ ମୋହନ ତଣ୍ଟା କହିଛି ମତେ ବା' ହବ । ମୁଁ ତା'ର ଗୃହିଣୀ ହେବି । ତୁ ବେଶି ଧପ୍‌ଡ଼ିକରି ଯା, ନ ହେଲେ ତୋ ଅପାଠୋଇ ଝିଅକୁ ଛାଡ଼ି ଆଉ କୋଉ ପାଠୋଇ ଝିଅ ପାଇଲେ ତାକୁ ବା'ହେଇ ପଡ଼ିବି


ମୋହନା'ଇ.....କହି ମୋହନ ଥଟ୍ଟା କରି ଖୁବ୍ ଯୋରରେ ହସି ଉଠି ଡାହାଣ ହାତରୁ ଗାମୁଛାଟା ଖସେଇ ଦଉ ଦଉ ପୁଣି ଅଟକେଇ ଦେଇ କହିଲା—କିନ୍ତୁ ଶୁଣ୍, ସତ ସତକା ପାଠ ନପଢ଼ିଲେ ମୋହନ ଚଷା ବି ଏମିତି ଅପାଠୋଇ ଝିଅକୁ ବାହା ହବନି । ମୋହନ ଚଷା ଭାରି କଡ଼ା ମାଷ୍ଟର.....କଣ ମନେ ରହିବ ?.....ରାଜି ? ମୋହନ ପଚାରିଲା

ସୁଲତା ଲାଜୁଆ ହସି ମୁଣ୍ଡ ଟୁଙ୍ଗାରି ନିଜର ସମ୍ମତି ଜଣାଇଲା । ମୋହନ ତା'ଗାମୁଛାଟା ଖସେଇ ଆଣି ନିଜ ପିଠି ଉପରେ ପକେଇ ଗାମୁଛାଟା ଦି'ହାତରେ ଧରି କହିଲା—ତାହାଲେ ଯା' ତୋ' ବା'କୁ କହିବୁ ବେଇଗି ଧପ୍ପୁତି କରି ମୋ ବା' କତିକି ଯିବ, କହିବ ।

ସୁଲତା ସଲଜ ହସି କାଖରେ ଗରା ଧରି ଚାଲି ଯାଉଥିଲା । କିଛି ବାଟ ଯିବା ପରେ ମୋହନ ପୁଣି ପଛରୁ ଡାକି ଉଠିଲା— ଏଇ ସୁଲୁ ! ମୋ ଗାମୁଛାଟା ନେଇ ଗଲୁନି ? ତୋ ବା'କୁ ଦେଇଥାନ୍ତୁ । କହିଥାନ୍ତୁ.....କାହା ବେକରେ ତ ପକେଇ ପାରିଲାନି, ହେଲେ ନିଜ ବେକରେ ପକେଇ ମୋ ବା' ଗୋଡ଼ତଳେ ପଡ଼ିଥାନ୍ତା, କହିଥାନ୍ତା—ତମ ପୁଅକୁ ମୁଁ ଜୁଆଁଇ କରିବି.....

ସୁଲତା ପଛକୁ ଥରେ ଫେରି ଚାହିଁ "ଇସ୍" କହି ହସିଦେଇ ଚାଲି ଯାଉଥିଲା ମୋହନ ଠିଆ ହୋଇ ପଛରୁ ଚାହିଁ ରହି ହସୁଥିଲା ହୋ ହୋ ହେଇ ।

ସ୍ୱାସ୍ଥ୍ୟ ଅଫିସ୍ ପାଖ,
ପୁରୀ ।




ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟର ବାର୍ଷିକୋତ୍ସବରେ ଲୋକସଭା ବାଚସ୍ପତି ଶ୍ରୀ ରବି ରାୟଙ୍କ ଉଦ୍‌ବୋଧନ । (୨୫-୧-୧୯୯୨) ।

# ସାକ୍ଷରତା ଆଜି ନୁହେଁ ତ କେବେ ନୁହେଁ

■ ଶ୍ରୀ ଲକ୍ଷ୍ମୀଧର ମିଶ୍ର

ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ କାର୍ଯ୍ୟକାରୀ ହୋଇଗଲା । ଦୀର୍ଘ ୫ ବର୍ଷ ଭିତରେ ଦେଶର ପ୍ରାୟ ୧୦୦ ନିୟୁତ ନିରକ୍ଷର ଲୋକଙ୍କୁ ଆବଶ୍ୟକ ଭାବେ ସାକ୍ଷର କରିବା ଲାଗି ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା । ଉକ୍ତ କାର୍ଯ୍ୟକ୍ରମ ଆଂଶିକ ଭାବେ 'କେନ୍ଦ୍ର'ରୁ ମୂଳବଦ୍ଧ ଏକ ଯୋଜନା ଏବଂ ଆଂଶିକ ଭାବେ ଗଣସ୍ୱେଚ୍ଛାସେବୀ ଯଥା—ଶିକ୍ଷକ, ବିଶ୍ୱବିଦ୍ୟାଳୟ ଛାତ୍ର, କଲେଜ ଓ ସ୍କୁଲ ଛାତ୍ର, ଶୃଙ୍ଖଳିତ ସେନାବାହିନୀର ସୈନିକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଅଣଛାତ୍ର ଯୁବକ ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟକ୍ରମ ଜରିଆରେ ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଯାହା ହେଉନା କାହିଁକି, ଏହି ଗଣଆନ୍ଦୋଳନ ଜରିଆରେ ଏହି ଆଭିମୁଖ୍ୟ ହାସଲ କରିବା ବିଶେଷ ରୂପେ ସଫଳ ହୋଇନଥିଲା । ଏଥିଲାଗି ଏହି ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଦୀର୍ଘ ୧୦ ବର୍ଷ ଧରି ସରକାରଙ୍କ ପାଣ୍ଠି ଦ୍ୱାରା ନିୟନ୍ତ୍ରିତ କେନ୍ଦ୍ରଭିତ୍ତିକ କାର୍ଯ୍ୟକ୍ରମ ହୋଇ ରହିଥିଲା ।

ବିଗତ ୧୦ ବର୍ଷ ମଧ୍ୟରେ ଲକ୍ଷ୍ୟ କରାଯାଇଥିଲା ଯେ, ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ପ୍ରୋଜେକ୍ଟମାନଙ୍କର ସଂଖ୍ୟା, ଶିକ୍ଷାକେନ୍ଦ୍ର, ପ୍ରୌଢ଼ ଶିକ୍ଷାର୍ଥୀ ଏବଂ ଏ ବାବଦରେ ଖର୍ଚ୍ଚ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଛି । ମାତ୍ର ସମସ୍ତ ପ୍ରକାର ସମ୍ଭାବ୍ୟ ଉଦ୍ୟମ ସତ୍ତ୍ୱେ ଏହି କାର୍ଯ୍ୟକ୍ରମ ଜରିଆରେ ସାକ୍ଷର କରାଯାଇଥିବା ଲୋକମାନଙ୍କ ସଂଖ୍ୟା ଯଥେଷ୍ଟ ହୋଇନଥିଲା ।

## ବିଶ୍ୱର ବୃହତ୍ତମ :

୧୯୫୧ ମସିହାରେ ଲୋକସଂଖ୍ୟା ୬୦ ନିୟୁତ ଥିବାବେଳେ ସାକ୍ଷର ସଂଖ୍ୟା ଯେତିକି ଥିଲା ୧୯୮୧ ମସିହା ସୁଦ୍ଧା ଲୋକସଂଖ୍ୟା ୨୪୭ ନିୟୁତ ହେଲା ବେଳକୁ, ଏହି ସାକ୍ଷର ସଂଖ୍ୟା ଆବଶ୍ୟକୀୟମାନଠାରୁ ବିଶେଷ ଭାବେ ବୃଦ୍ଧି ପାଇଛି । ଏହାର କାରଣ ହେଉଛି ଲୋକସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି ଏବଂ ଅପରପକ୍ଷେ ବହୁ ସଂଖ୍ୟାରେ ଏହି ପ୍ରୌଢ଼ ଶିକ୍ଷାର୍ଥୀମାନେ ଅଧା ପାଠ ପଢ଼ି ଛାଡ଼ି ଦେଉଛନ୍ତି ଏବଂ ନବ ସାକ୍ଷରମାନେ ମଧ୍ୟ ପୁନର୍ବାର ନିରକ୍ଷର ହୋଇଯାଉଛନ୍ତି । ଆଜି ସମଗ୍ର ପୃଥିବୀରେ ସବୁ ପ୍ରକାର ବୟସ ସୀମାର ନିରକ୍ଷର ଲୋକମାନଙ୍କ ସଂଖ୍ୟା ମୋଟରେ ୪୫୦ ନିୟୁତ ଯାହାକି ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ମୋଟ ଲୋକସଂଖ୍ୟା ସହ ସମାନ ।

ଏଥିରୁ ୧୫–୩୫ ବୟସ ସୀମା ମଧ୍ୟରେ ନିରକ୍ଷର ଲୋକମାନଙ୍କ ସଂଖ୍ୟା ପ୍ରାୟ ୧୦୦ ନିୟୁତ ଯେଉଁମାନେ କି ଜାତୀୟ ପୁନର୍ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ଏହି ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ଏବଂ ଶତାବ୍ଦୀର ଶେଷଆଡ଼କୁ ଆମ ଦେଶରେ ନିରକ୍ଷର ସଂଖ୍ୟା ପୃଥିବୀରେ ସର୍ବାଧିକ ହେବ ।

ବାସ୍ତବରେ ଅନ୍ୟ କୌଣସି ଦେଶ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇନଥିବ । ତେଣୁ ଏହା ଏକ ଜାତୀୟ ଚେତନାର ବିଷୟ ହୋଇ ପଡ଼ିଛି । ଅଧିକନ୍ତୁ କେବଳ ସରକାରୀ ଉଦ୍ୟମରେ ଦେଶରୁ ଭିନ୍ନ ଭିନ୍ନ ବୟସ ସୀମା ତଥା ପ୍ରୌଢ଼ ନିରକ୍ଷରମାନଙ୍କର ନିରକ୍ଷରତା ସମ୍ପୂର୍ଣ୍ଣ ରୂପେ ଦୂର କରିବା ସମ୍ଭବପର ନୁହେଁ । ସରକାର, ନିଃସନ୍ଦେହରେ ଏହି ପରିସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ । ସଂସ୍ଥା, ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷମାନଙ୍କୁ ଚିହ୍ନଟ କରି ପାରିବେ ଏବଂ ଏକ "ଦ୍ରବକ" ହିସାବରେ ମାନବ, ବସ୍ତୁ ତଥା ଆର୍ଥିକ ସମ୍ବଳ ଯୋଗାଇ ଦେଇପାରିବେ । କିନ୍ତୁ ସରକାର ଏହି ନିରକ୍ଷରତାର ମୂଳୋତ୍ପାଟନ କରିପାରିବେ ନାହିଁ କିମ୍ବା ସାକ୍ଷର ସଂଖ୍ୟା ବୃଦ୍ଧି କରିବେ ନାହିଁ । ଏଥିଲାଗି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଉଦ୍ୟମ କେତେକ ନୂତନ ସଂସ୍ଥା, ତଥା ଅନୁଷ୍ଠାନ ଏବଂ ଉତ୍ତମ ବ୍ୟକ୍ତିବିଶେଷଙ୍କ ଦୂରଦୃଷ୍ଟି ସମ୍ପନ୍ନ ତଥା ସାମାଜିକ ଅଙ୍ଗୀକାରବଦ୍ଧ ପଦକ୍ଷେପ ମାଧ୍ୟମରେ ସହଯୋଗପ୍ରାପ୍ତ ଓ ଦୃଢ଼ୀଭୂତ ହେବା ଉଚିତ ।

ଏ ପ୍ରଗତିକୁ ଦୃଷ୍ଟିରେ ରଖି, ଦେଶରୁ ସପ୍ତମ ଯୋଜନା କାଳରେ ନିରକ୍ଷରତା ସମ୍ପୂର୍ଣ୍ଣଭାବେ ଦୂର କରିବାଲାଗି ଅଗ୍ରାଧିକାର ଭିତ୍ତିରେ ନୂତନ ପଦକ୍ଷେପ ନିଆଯାଇଥିଲା । ଏଥିଲାଗି ବହୁ ସଂଖ୍ୟାରେ ଶିକ୍ଷକ ଏବଂ ଛାତ୍ରମାନଙ୍କୁ ଏଥିରେ ସମ୍ପୃକ୍ତ କରାଗଲା । ଏହି ଗଣ ସାକ୍ଷର ଯୋଜନା, ୧୯୮୬ ମଇ ମାସରେ ଆରମ୍ଭ କରାଯାଇଥିଲା ଏବଂ ଏହାର ଅଗ୍ରଗତିରେ ଏନ୍‌ଃ ଏସ୍‌ଃ ଏସ୍‌ଃ ଓଃ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ କଲେଜ ତଥା ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କୁ ମଧ୍ୟ ସମ୍ପୃକ୍ତ କରାଯାଇଥିଲା । 'ଜଣେ ଜଣକୁ ଶିକ୍ଷିତ କରାଇ ପାରିବ' ଏହି ନୀତିକୁ ଅବଲମ୍ବନ କରି ଏ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ୧୯୮୬ ମସିହା ସୁଦ୍ଧା ବିଶ୍ୱବିଦ୍ୟାଳୟର ଦୁଇଲକ୍ଷ ଏନ୍‌ଃ ଏସ୍‌ଃ ଏସ୍‌ଃ ଓଃ ସ୍ୱେଚ୍ଛାସେବୀ ଛାତ୍ରମାନଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା ବେଳେ, ୧୯୮୯–୯୦ ମସିହା ସୁଦ୍ଧା ଏହି ଛାତ୍ର ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୩.୫୦ ଲକ୍ଷ୍ୟକୁ ବୃଦ୍ଧିପାଇଛି ଏବଂ ୧୯୯୦–୯୧ ସୁଦ୍ଧା ପ୍ରାୟ ୪-୫ ଲକ୍ଷକୁ ବୃଦ୍ଧି ପାଇବ ।

ୟୁନେସ୍କୋର ସାଧାରଣ ଅଧିବେଶନର ସୁପାରିଶ କ୍ରମେ, ମିଳିତ ଜାତି ସଂଘ ଆସେମ୍ବ୍ଲି ୧୯୯୦ ମସିହାକୁ ଆନ୍ତର୍ଜାତିକ ସାକ୍ଷର ବର୍ଷ ଘୋଷଣା କରିଛନ୍ତି । ଏହି ଘୋଷଣାର ମୂଳଲକ୍ଷ୍ୟ ହେଉଛି ସାକ୍ଷରତାର ଆବଶ୍ୟକତା ଉପରେ ଏକ ବ୍ୟାପକ ଗଣଚେତନା ସୃଷ୍ଟି କରିବା ଏବଂ ନିରକ୍ଷର ଲୋକମାନଙ୍କର ବିପଜ୍ଜନକ ଅବସ୍ଥା ସମ୍ପର୍କରେ ବିଶେଷ ଆଲୋକପାତ କରାଇବା । ନିୟୁତ, ନିୟୁତ ଲୋକମାନଙ୍କ ପାଇଁ ନିରକ୍ଷରତା ଏକ ସଙ୍କଟ ନୁହେଁ । ବରଂ କେତେକ ନିର୍ଦ୍ଦିଷ୍ଟ, ଦୁର୍ଭାଗ୍ୟଜନକ ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ପରିସ୍ଥିତିରୁ ଏହା ସୃଷ୍ଟି ହୋଇଥାଏ । ଏ ସମ୍ପର୍କରେ ସେମାନଙ୍କୁ ଅବଗତ କରାଗଲା । ଜାତୀୟ ସ୍ତରରେ ଏହି ଆନ୍ତର୍ଜାତିକ ସାକ୍ଷର ବର୍ଷ ୧୯୯୦ ଜାନୁଆରୀ ୨୨ ତାରିଖ ଦିନ

ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଏହି ଉତ୍ସବରେ ସମାଜର ଛାତ୍ର ଏବଂ ଅଣଛାତ୍ର ସ୍ୱେଚ୍ଛାସେବୀମାନଙ୍କ ସମେତ ସବୁ ଶ୍ରେଣୀର ଲୋକମାନଙ୍କୁ ଏହି ସାକ୍ଷରତାର ବାର୍ତ୍ତା ପ୍ରସ୍ତର କରିବା ସଙ୍ଗେ ସଙ୍ଗେ ନିରକ୍ଷର ଲୋକମାନଙ୍କୁ ସାକ୍ଷର କରାଇବା ଲାଗି ମହତ୍ ଉଦ୍ଦେଶ୍ୟରେ ଯେଉଁମାନେ ଏକତ୍ରୀତ ହୋଇଥିଲେ ସେମାନଙ୍କ ସମଗ୍ର ଶକ୍ତି ନିୟୋଜିତ କରିବା ସତ୍ ପରାମର୍ଶ ଦେଇଥିଲେ । ଶିକ୍ଷକ ଏବଂ ଛାତ୍ରମାନେ ସମାଜର ଏକ ପ୍ରଧାନ ଅଙ୍ଗ । ସେଥିଲାଗି ଏହି ନିରକ୍ଷରତା ଦୂରୀକରଣ ଦିଗରେ ସେମାନଙ୍କର ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଜାତୀୟ ସାକ୍ଷର ଆନ୍ଦୋଳନରେ (NLM) ଛାତ୍ରମାନଙ୍କର ସହଯୋଗ, ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଆମ ସମାଜରୁ ଅସମାନତା ଦୂରୀକରଣ କରିବା ଦିଗରେ ସମସ୍ତ ପ୍ରଚେଷ୍ଟାର ଏକ ଅଙ୍ଗ ବୋଲି ଉପଲବ୍ଧି ହୋଇଥାଏ । ସମାଜର ଅବହେଳିତଶ୍ରେଣୀଙ୍କ (ଯେଉଁମାନେକି ନିଜର କୌଣସି ଦୋଷ ନଥାଇ ଶିକ୍ଷା ସୁଯୋଗରୁ ବଞ୍ଚିତ ହୋଇଥାନ୍ତି) ଲାଗି ନୂତନ ସୁଯୋଗ ସୃଷ୍ଟି କରିଥାଏ । ଏହି ସାକ୍ଷରତା କାର୍ଯ୍ୟକ୍ରମରେ ଛାତ୍ରମାନଙ୍କର ଆବଶ୍ୟକତା ଏବଂ ଛାତ୍ର ସ୍ୱେଚ୍ଛାସେବୀମାନଙ୍କୁଉତ୍ସାହିତ କରିବା ବିଧେୟ । ନିମ୍ନଲିଖିତ ବିସ୍ତରରୁ ଏହା ଉଦ୍ଭବ ହୋଇଥାଏ ।

ଯେଉଁ ଛାତ୍ରମାନେ ବିଶେଷତଃ ବିଦ୍ୟାଳୟରେ ଅଧ୍ୟୟନରତ ଏବଂ ଆପାତତଃ କମ୍ ବୟସର ସେମାନେ ସମ୍ପୂର୍ଣ୍ଣ ଭାବେ ଦେଶାତ୍ମବୋଧରେ ଅନୁପ୍ରାଣିତ ଓ ସେମାନଙ୍କର ସମାଜସେବା ଲାଗି ଏକ ପ୍ରକୃତ ମନୋଭାବ ଓ ଆନ୍ତରିକତା ରହିଛି । ସେମାନେ ତାଙ୍କର ଚତୁଃପାର୍ଶ୍ୱରେ ଘୁରି ବୁଲୁଥିବା ଦୁର୍ନୀତିଗ୍ରସ୍ତ ଶକ୍ତିଗୁଡ଼ିକର ଶିକାର ହୋଇ ନଥାନ୍ତି । ସେମାନେ ଉପଯୁକ୍ତ ଦିଗ୍‌ଦର୍ଶନ ପାଇଲେ ଏହି ସାକ୍ଷର କାର୍ଯ୍ୟକ୍ରମକୁ ହାତକୁ ନେଇ ସମାଜର ଦାୟିତ୍ୱ ହିସାବରେ ତଥା ସ୍ୱାଭାବିକ ଓ ସ୍ୱତଃ ପ୍ରବୃତ୍ତ ଭାବେ ଅଶିକ୍ଷିତ ପ୍ରୌଢ଼ ଲୋକମାନଙ୍କୁ ଶିକ୍ଷିତ କରିପାରିବେ । ଛାତ୍ର ସ୍ୱେଚ୍ଛାସେବୀମାନେ ମଧ୍ୟ ଅଶିକ୍ଷିତ ପ୍ରୌଢ଼ ଲୋକମାନଙ୍କ ସହିତ ଏବଂ ସେମାନଙ୍କ ପରିବାର ତଥା ପଡ଼ୋଶୀମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିପାରିବେ । ଏହାର କାରଣ ହେଉଛି, ଅଶିକ୍ଷିତ ମୂର୍ଖ ଲୋକମାନଙ୍କ ସହିତ କଥାବାର୍ତ୍ତା କରିବାର ଭାଷା ସେମାନେ ଜାଣି ପାରନ୍ତି । ଏତଦ୍‌ବ୍ୟତୀତ ସେମାନେ ଶିକ୍ଷାର ପ୍ରାରମ୍ଭିକ ସ୍ତରରେ ରହିଥିବାରୁ ଶିକ୍ଷାଲାଗି ସେମାନଙ୍କର ଅହେତୁକୀ ଉତ୍ସାହ ଥାଏ ଏବଂ ସେମାନେ ଏହି ପ୍ରୌଢ଼ ଲୋକମାନଙ୍କ ଜୀବନୀରୁ ଅନେକ କଥା ଜାଣିବାର ସୁଯୋଗ ପାଆନ୍ତି । ଅପରପକ୍ଷେ ଏହି ସ୍ୱେଚ୍ଛାସେବୀ ଛାତ୍ରମାନଙ୍କ ଲାଗି ପ୍ରୌଢ଼ ଲୋକମାନଙ୍କୁ ସାକ୍ଷର କରିବା ପ୍ରଣାଳୀ ସେମାନଙ୍କର ଜ୍ଞାନର ପରିସରକୁ ବୃଦ୍ଧି କରିଥାଏ ।

## ଭିନ୍ନ ଭିନ୍ନ ପର୍ଯ୍ୟାୟ :

ଛାତ୍ର ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଆରମ୍ଭ କରାଯାଉଥିବା ଗଣ ସାକ୍ଷର କାର୍ଯ୍ୟକ୍ରମ ବିଭିନ୍ନ ସ୍ତର ବା ପର୍ଯ୍ୟାୟ ଦେଇ ଚୂଡ଼ାନ୍ତ କରାଯାଇଥାଏ । ଉତ୍ତମ ତାଲିମ୍‌ପ୍ରାପ୍ତ ଶିକ୍ଷକମାନଙ୍କ ଜରିଆରେ, ସ୍ୱେଚ୍ଛାସେବୀ ଛାତ୍ରମାନଙ୍କୁ ଏ ଦିଗକୁ ଆକର୍ଷଣ କରାଇବା ଓ ତୃତୀୟତଃ ସ୍ୱେଚ୍ଛାସେବୀ ଛାତ୍ର ଯେଉଁମାନେ ନିଷ୍ଠାପର ଭାବରେ ଏହି ସାକ୍ଷର କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ, ସେମାନଙ୍କୁ ୧୫ ଠାରୁ ୩୫ ବର୍ଷ ବୟସସୀମା ମଧ୍ୟରେ ଥିବା ଏବଂ ଶିକ୍ଷାନୁଷ୍ଠାନମାନଙ୍କ ନିକଟରେ ରହୁଥିବା ଅଶିକ୍ଷିତ ଲୋକମାନଙ୍କର କଡ଼ା କଡ଼ି ଯାଞ୍ଚ ପରେ, ମନୋନୟନ କରିବା, ତା'ପରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଲା ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ଏବଂ ଅଶିକ୍ଷିତମାନଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନ ଏବଂ ପ୍ରତ୍ୟେକ ସ୍ୱେଚ୍ଛାସେବୀ ଛାତ୍ର ଲାଗି ଗୋଟିଏ, ଗୋଟିଏ ଅଞ୍ଚଳ ନିର୍ଦ୍ଧାରଣ କରିବା, ଯେଉଁମାନେ ମୁଖ୍ୟ ତାଲିମପ୍ରାପ୍ତ ବ୍ୟକ୍ତି ସେମାନେ ପ୍ରଥମେ ତାଲିମପ୍ରାପ୍ତ ହେବା ଦରକାର ଓ ପରେ ସ୍ୱେଚ୍ଛାସେବୀ ଛାତ୍ରମାନେ ଏହି ମୁଖ୍ୟ ତାଲିମପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ତାଲିମପ୍ରାପ୍ତ ହେବେ । ଛାତ୍ର ସ୍ୱେଚ୍ଛାସେବୀମାନେ କିପରି ଭାବେ କାର୍ଯ୍ୟକ୍ରମର ପରିଚାଳନା କରୁଛନ୍ତି ସେ ବିଷୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଶିକ୍ଷକ ତଦାରଖ କରିବେ ।

ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀମାନେ ଯେଉଁ ଯେଉଁ ଅଞ୍ଚଳରେ ସ୍ଥିର ରଖିଥାନ୍ତି ସେହି ଅଞ୍ଚଳକୁ ବହୁ ବିକାଶକାରୀ ବିଭାଗ ତଥା ସଂସ୍ଥା ପରିଦର୍ଶନ କରି ତା ସହିତ ଯୋଗାଯୋଗ ରକ୍ଷା କରିଥାନ୍ତି । ସାକ୍ଷର ହେଲେ କି କି ସୁବିଧା ମିଳିଥାଏ ସେ ସବୁ ବିଷୟରେ ସ୍ୱେଚ୍ଛାସେବୀ ଛାତ୍ରମାନେ ନିରକ୍ଷର ଶିକ୍ଷାର୍ଥୀମାନଙ୍କ ଶିକ୍ଷା ଦେଇଥାନ୍ତି ଓ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ଆହ୍ୱାନ କରିଥାନ୍ତି । ଏଥିଲାଗି ସରକାରୀ ସ୍ଲେଟ, ପୋଷ୍ଟର ଅନ୍ୟାନ୍ୟ ଉନ୍ନତମାନର ଉପକରଣ ସବୁ ଶିକ୍ଷାର୍ଥୀମାନଙ୍କୁ ଯୋଗାଇଥାନ୍ତି । ଅଶିକ୍ଷିତ ଲୋକମାନେ ବ୍ୟାଙ୍କ ଋଣ ପାଇବାରେ କି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ସେ ବିଷୟରେ ଶିକ୍ଷା ଦେବା ସଙ୍ଗେ ସଙ୍ଗେ, ସାକ୍ଷରତା ସହିତ ପ୍ରଗତିର କି ପ୍ରକାର ସମ୍ପର୍କ ରହିଛି ସେ ବିଷୟରେ ମଧ୍ୟ ଶିକ୍ଷା ଦେଇଥାନ୍ତି । ନବ ସାକ୍ଷରମାନଙ୍କର ପରବର୍ତ୍ତୀ ଶିକ୍ଷା ନିମନ୍ତେ ଲାଇବ୍ରେରୀ ଏବଂ ପଢ଼ାଘର ମାଧ୍ୟମରେ ସୁବିଧା ସୁଯୋଗ ଯୋଗାଇ ଦେବା ଉଚିତ୍ ।

ଏହି ସବୁ ମାଧ୍ୟମ ଦ୍ୱାରା ହେଉଥିବା ପ୍ରସ୍ତର ଓ ମିଳୁଥିବା ସୁବିଧା ସୁଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ କିମ୍ବା ବିଶ୍ୱବିଦ୍ୟାଳୟର ପ୍ରୌଢ଼ଶିକ୍ଷା ଓ ସମ୍ପ୍ରସାରଣ କିମ୍ବା ପରିଚାଳନା ପ୍ରତିଷ୍ଠାନ ଦ୍ୱାରା ଏହି ଗଣ ସାକ୍ଷର କାର୍ଯ୍ୟକ୍ରମର ସମାଜରେ ସର୍ବୋପରି କି ପ୍ରକାର ପ୍ରଭାବ ରହିଛି ତାହାର ମୂଲ୍ୟାଙ୍କନ କରାଯାଇଥାଏ ।

ଏ ପ୍ରକାର ଗଣ ସାକ୍ଷର କାର୍ଯ୍ୟକ୍ରମରେ ଥିବା ଭିନ୍ନ ଭିନ୍ନ ପର୍ଯ୍ୟାୟଗୁଡ଼ିକ ପ୍ରକୃତରେ ବିଶଦ ଆଲୋଚନାର ବସ୍ତୁ । ସେ ସବୁ ପର୍ଯ୍ୟାୟଗୁଡ଼ିକ କାର୍ଯ୍ୟକାରୀ କରିବାକୁ ହେଲେ ଛାତ୍ର, ସ୍ୱେଚ୍ଛାସେବୀ ଓ ଶିକ୍ଷାର୍ଥୀମାନେ କେଉଁ ପରିବେଶରେ ରହୁଛନ୍ତି ସେ ପରିବେଶକୁ ଦୃଷ୍ଟିରେ ରଖି ଅନେକ ଚିନ୍ତା ବା ଭାବନା ଯତ୍ନବାନ ହୋଇ ସୁସ୍ଥରୂପେ କାର୍ଯ୍ୟ କରିବାକୁ ହେବ । ଏହା ଦର୍ଶାଇ ଦିଆଯାଇ ପାରେ ଯେ ଆମ ଦେଶର ଅଧିକାଂଶ ଅଶିକ୍ଷିତ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ତ୍ରୀ ଲୋକ ଓ ସେମାନେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଆଦିବାସୀର ଅନ୍ତର୍ଗତ । ସେମାନଙ୍କର ବେକାର, ଅର୍ଦ୍ଧବେକାର ତଥା ବହୁବିଧ ସମସ୍ତ ଭିତ୍ତିକ କର୍ମ ସଂସ୍ଥା ଜନିତ ସମସ୍ୟାମାନ ରହିଛି ।

## ପ୍ରୌଢ଼ ଶିକ୍ଷାର୍ଥୀ :

ସେମାନଙ୍କ ମଧ୍ୟରୁ ଅନେକ ଘରୋଇ ଶ୍ରମିକଭାବେ ବିଡ଼ି ଶିଳ୍ପରେ ସାଧାରଣ ଜଙ୍ଗଲଜାତ ଦ୍ରବ୍ୟ ଯଥା- ଶାଳମଞ୍ଜି ଓ କେନ୍ଦୁପତ୍ର ସଂଗ୍ରାହକ ହିସାବରେ ଘଞ୍ଚ ଜଙ୍ଗଲ ମଧ୍ୟରେ ବାଉଁଶ କଟାଳି ଯବେ, ସମୁଦ୍ର ମାଛ ଓ ମଧୁର ମାଛ ସଂଗ୍ରାହକ ଓ ମାଛର ସୁଟି ଓ ଚମଡ଼ା ଉତାରିବା ପାଇଁ କାର୍ଯ୍ୟ କରିଥାନ୍ତି । ଏ ଶ୍ରମିକମାନେ ଅତ୍ୟଧିକ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ କାର୍ଯ୍ୟ କରିଥାନ୍ତି ଏବଂ ବିଭିନ୍ନ ପ୍ରକାର ସଙ୍କଟର ସମ୍ମୁଖୀନ ହୋଇଥାନ୍ତି । ପୌରାଞ୍ଚଳରେ ଅଶିକ୍ଷିତ ମେହନ୍ତର ଶଗଡ଼ଚାଳକ ଓ ରିକ୍ସାଚାଳକ ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ ଚଳନ୍ତି । ସେମାନେ ଅଜ୍ଞ ଓ ଅଶିକ୍ଷିତ ହୋଇଥିବାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କେଉଁ କାର୍ଯ୍ୟ ଲାଗି ସର୍ବନିମ୍ନ ମଜୁରି କେତେ ହେବ, ସେ ବିଷୟରେ ତଥା ମଜୁରି ମିଳିବାର ବିଧି ସମ୍ପର୍କରେ ସେମାନେ ସଚେତନ ନଥାନ୍ତି ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ଏବଂ କାମ କରୁଥିବା, ପ୍ରୌଢ଼ ବୟସ ସୀମା ଭିତରେ ଥିବା ନିରକ୍ଷର ମହିଳାମାନେ ପରଦା ପ୍ରଥା ଭଳି ସାମାଜିକ କୁପ୍ରଥାର ମଧ୍ୟ ଶିକାର ହୋଇଥାନ୍ତି । ସେମାନେ ଏପରି ଏକ ଗୋଷ୍ଠୀର ମହିଳା ଯେଉଁମାନେ ଘରେ ଏବଂ ବାହାରେ ସବୁଠାରୁ କଷ୍ଟ ଓ ବିରକ୍ତିକର କାର୍ଯ୍ୟରେ ବ୍ୟସ୍ତ ଥାନ୍ତି ଯଥା—ବାହାରେ ଧାନ କ୍ଷେତରେ ମଞ୍ଜି ବୁଣିବା, ଗୁରାରୋପଣ କରିବା ଏବଂ ଗହମ, ବାଜରା, ଯଅ ଅମଳ କରିବା, ମାଛକାଟି ଛଡ଼ାଇବା କିମ୍ବା ସେଭଳି କେତେ ପ୍ରକାର କାମଧନ୍ଦା କରିଥାନ୍ତି । ଫଳରେ କଣ୍ଟ୍ରାକ୍ଟର ବିଶେଷତଃ ଛୋଟ ଛୋଟ କଣ୍ଟ୍ରାକ୍ଟର ଏବଂ ମଧ୍ୟସ୍ଥ ଲୋକମାନଙ୍କ କବଳରେ ପଡ଼ି ସେମାନେ ଅଜ୍ଞତା ଯୋଗୁ ଶୋଷିତ ହୋଇଥାନ୍ତି । ଏହି ନିରକ୍ଷର ଶ୍ରମିକ ଦଳମାନଙ୍କର ଅନ୍ୟ ଶ୍ରମିକ ଦଳଠାରୁ ପ୍ରଭେଦ ଏତିକି ଯେ ସେମାନେ ଅସଙ୍ଗଠିତ ଏବଂ ଦଳୀୟ ଶକ୍ତି ବିରହିତ ।

ଏହା ସତ୍ୟ ଯେ ଜାତୀୟ ସାକ୍ଷର ମିଶନର ପ୍ରୌଢ଼ ଶିକ୍ଷାର୍ଥୀମାନଙ୍କର ଦାୟିତ୍ୱ ତୁଲାଇବା ଏତେ ସହଜ ନୁହେଁ । ଏମାନଙ୍କର ସଂଖ୍ୟା ଖୁବ୍ ଅଧିକ ଏବଂ ଗୋଷ୍ଠୀଗୁଡ଼ିକ ମଧ୍ୟ ଅସଂହତ । ସେମାନେ ବିକ୍ଷିପ୍ତ ଭାବରେ ଖେଳିଆଡ଼େ ଥାନ୍ତି ଏବଂ ସେମାନଙ୍କର ଜୀବନଯାପନ ଅବସ୍ଥାରେ ପରସ୍ପରଠାରୁ ବହୁତ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ବିଶେଷତଃ ଅନ୍ୟ ରାଜ୍ୟମାନଙ୍କରୁ କାମ କରିବାକୁ ଆସିଥିବା ଶ୍ରମିକମାନଙ୍କର ଜୀବନଯାପନ ସ୍ଥିତି ବଡ଼ ଜଟିଳ । ତେଣୁ ଶିକ୍ଷା ଓ ଜ୍ଞାନ ଆହରଣ ଲାଗି କୌଣସି ଅନୁକୂଳ ପରିସ୍ଥିତି ସେମାନଙ୍କର କିଛି ନଥାଏ ।

## ସମୂହ ଦାୟିତ୍ୱ :

ଶିକ୍ଷାର୍ଥୀ ଦଳର ପ୍ରତ୍ୟେକ ବ୍ୟକ୍ତି ମିଶନ ଲାଗି ଗୁରୁତ୍ୱପୂର୍ଣ୍ଣ । ଆମେ ସେମାନଙ୍କୁ ତାଙ୍କର ଘରୋଇ ଭାଷାରେ କଥାବାର୍ତ୍ତା କରି ସେମାନଙ୍କ ସହିତ ମିଳାମିଶା କରିବା । ସେମାନଙ୍କୁ ଆଶ୍ୱାସନାର ବାଣୀ ଶୁଣାଇ ସେମାନଙ୍କର ହସ କାନ୍ଦ ସହିତ ଓତଃପ୍ରୋତ ଭାବେ ଜଡ଼ିତ ହେବା । ଏହିସବୁ କାର୍ଯ୍ୟରେ ସଫଳ ହେଲେ ସେମାନଙ୍କ ସହିତ ନୂତନ ସମ୍ପର୍କ ଗଢ଼ି ଉଠିବ ଏବଂ ସେହି ନିରକ୍ଷର ଲୋକମାନେ ଆମକୁ ପର ବୋଲି ନଭାବି ଆପଣାର କରିନେବେ । ଯେତେବେଳେ ପରସ୍ପର ଭିତରେ ଭଲ ବୁଝାମଣା ଓ ଆନ୍ତରିକତା ସୃଷ୍ଟି ହେବ, ସେତେବେଳେ ସ୍ୱାଭାବିକ ଭାବେ ଏହି ଶିକ୍ଷା ଓ ଜ୍ଞାନ ଆହରଣ ପ୍ରତି ସେମାନେ ଆକୃଷ୍ଟ ହେବେ । ଫଳରେ ଶିକ୍ଷାପ୍ରତି ସେମାନଙ୍କର ଏହି ଆଗ୍ରହ ଦୀର୍ଘ ସ୍ଥାୟୀ ହୋଇ ପାରିବ ।

ଏଥିଲାଗି ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ସଚେତନତା ଥିବା ଦରକାର । ଅଶେଷ ଧୈର୍ଯ୍ୟ, ସହନଶୀଳତା ଓ ମନୋବଳ ମଧ୍ୟ ଦରକାର । ତାଲିମ ଶିକ୍ଷାର ଏଗୁଡ଼ିକ ସବୁ ସୁସଂହତ ବିଭବ । ସ୍ୱେଚ୍ଛାସେବୀମାନେ ଜୀବନ ଧାରଣର ଦକ୍ଷତା, ଯୋଗାଯୋଗ କୌଶଳ ସମ୍ପର୍କରେ ବିଶେଷ ଭାବେ ପାରଦର୍ଶୀ ହୋଇ ପାରିବେ । ଏହି ତାଲିକାରୁ ସ୍ୱେଚ୍ଛାସେବୀମାନେ ଶିକ୍ଷାର୍ଥୀମାନଙ୍କ ସହିତ କିଭଳି ଭାବେ ପୁଷ୍ଟ ସମ୍ପର୍କ ରକ୍ଷା କରି ପାରିବ, ସେ ବିଷୟର ବିବିଧ ପ୍ରଣାଳୀ ଓ ନୈପୁଣ୍ୟ ମଧ୍ୟ ଶିକ୍ଷା ଲାଭ କରି ପାରିବେ । ଏହି ତାଲିମ ଦ୍ୱାରା ସେମାନେ ଅଧିକ ଚେତନଶୀଳ, ସହାନୁଭୂତିଶୀଳ ଓ ଅଧିକ ମାନବଧର୍ମୀ ହୋଇ ପାରିବେ । ସ୍ୱେଚ୍ଛାସେବୀମାନେ ସମାଜରେ ପୃଷ୍ଠପୋଷକତା ଲାଭ କରିବା କିମ୍ବା ସମାଜରେ ସମ୍ମାନ ପାଉଥିବାରୁ ଏହି ସାକ୍ଷର କାର୍ଯ୍ୟକ୍ରମକୁ ଅନ୍ୟ କାହା ହାତକୁ ନଦେଇ ଯେତେବେଳେ ସମାଜରେ ଦୁଃସ୍ଥ ଅବହେଳିତ ଶ୍ରେଣୀର ଅବସ୍ଥା ଦୂରୀକରଣ ଲାଗି ସମ୍ପୂର୍ଣ୍ଣଭାବେ ମନୋନିବେଶ କରିବେ, ସେତେବେଳେ ଏହି ସାକ୍ଷର କାର୍ଯ୍ୟକ୍ରମ ସମାଜରେ ବହୁତ ପ୍ରସାର ଲାଭ କରିବାର ଆଶା ଉଜ୍ଜ୍ୱଳ ହେବ । ନତୁବା ଏହି ସାକ୍ଷର କାର୍ଯ୍ୟକ୍ରମର ପ୍ରଚ୍ଛର ପ୍ରସାର ବିଶେଷ ଭାବେ ଜଟିଳ ହୋଇ ପଡ଼ିବ । ଫଳରେ ଏହା ଦୀର୍ଘକାଳ ଧରି ଖୁଲୁ ରହିବ ଏବଂ ତତ୍କ୍ଷଣାତ୍ ମଧ୍ୟ ଫଳ ଲାଭ କରିବାର ଆଶା ବ୍ୟାହତ ହେବ ।

ଆମେମାନେ ଏକ ନୂତନ ଯୁଗରେ ପଦାର୍ପଣ କରିଛୁ । ନିରକ୍ଷରତାର ଏହି ଗୁରୁତର ସମସ୍ୟା ପ୍ରତି ଦୃଷ୍ଟି ନିକ୍ଷେପ ନକରି, ଏହାର ମୂଳୋତ୍ପାଟନ ନକରି ଆମେ ତିଳେ ମାତ୍ର ସ୍ଥିର ରହି ପାରିବୁ ନାହିଁ । କହିପାରିବୁ ନାହିଁ "ସାକ୍ଷର କାର୍ଯ୍ୟକ୍ରମ କିଛି କାଳ ଲାଗି ବନ୍ଦ ରହୁ ।" ଏହା କେବେ ହେଲେ ବନ୍ଦ ରହି ପାରିବ ନାହିଁ । ସାକ୍ଷରତାର ପରିସମାପ୍ତି ନାହିଁ, ବରଂ ଏହା ପରିଶେଷରେ ଏକ ନୂତନ ରୂପ ଧାରଣ କରିବ । ଏହା ହେଉଛି ବ୍ୟକ୍ତି ଓ ସମାଜର ଏକ ରୂପାନ୍ତର । ଏହି ପରିବର୍ତ୍ତନ କୌଣସି ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନ ଦ୍ୱାରା ହୋଇ ପାରିବ ନାହିଁ କିମ୍ବା ସରକାରଙ୍କ ଦ୍ୱାରା ଏହାର ପ୍ରସାର ମଧ୍ୟ ବିଶେଷ ଭାବେ ହୋଇ ପାରିବ ନାହିଁ । ଯେଉଁମାନେ ଏହି ସାକ୍ଷରତାର ସପକ୍ଷରେ ଅଛନ୍ତି ଓ ସମାଜରେ ଏହାର ଆବଶ୍ୟକତା ବିଷୟରେ ଏବଂ ସାମାଜିକ ପରିବର୍ତ୍ତନ ଲାଗି ଏହାକୁ ଉପଯୋଗ କରିବାକୁ ଚାହାନ୍ତି ସେସବୁ ବିଷୟରେ ସଚେତନ ବ୍ୟକ୍ତିଙ୍କୁ ନେଇ ସମ୍ମିଳିତ ଉଦ୍ୟମ କରାଯାଇ ପାରିବ । ସେଥିପାଇଁ ସାକ୍ଷରତାର ପ୍ରସାର ବର୍ତ୍ତମାନ କରାଯାଉ, ନଚେତ୍ ଭବିଷ୍ୟତରେ ଏହାର ଦିଗ ଅନ୍ଧକାରମୟ ହୋଇ ଉଠିବ । (ଯୋଜନାରୁ)

---

ମହାନିର୍ଦ୍ଦେଶକ,
ଜାତୀୟ ସାକ୍ଷର ସଂସ୍ଥା,
ନୂଆଦିଲ୍ଲୀ ।

# ହାସ୍ୟ ରସିକ ଜନ୍ମୀ ମିଶ୍ର

■ ଶ୍ରୀ ପରମାନନ୍ଦ ମିଶ୍ର

ଫାଟାଇ ଦରଜା ଖିଡ଼ିକି,
ହାତରେ ଧରିଣ ସିଡ଼ିକି,
ଗୁଳି ଯାଉ ଯାଉ ପଡ଼ିଗଲେ ଶାଶୁ
ନୁତୁକି ପଡ଼ିଲା ଛିଡ଼ିକି ।

ଖସଡ଼ିଆ ପିଣ୍ଡା ଉପରେ,
ଖସିଗଲା ଗୋଡ଼ ବାପ୍‌ରେ,
କେଡ଼େ କଚଡ଼ାଏ ପଡ଼ିଗଲେ ଶାଶୁ
କରିଥିଲେ କୋଉ ପାପ୍‌ରେ ।

ଟମି, ଦମି, ସୁଲା, ଶିଆଳ,
ଧାଇଁପଡ଼ି କଲେ କଟାଳ,
ବରଷା ପାଣିରେ କାଦ ଲାଗିଗଲା
ଝର ଝର ଲୁହ ଲାଳ ।

ଶଶୁରେ କହିଲେ ହଇଲୋ,
ନିର୍ଲଜୀ ଏ କି ତୋ ଛଇ ଲୋ,
ପୁନା ହଜିଗଲେ ଆଲୋ ଅଲାପାଣ୍ଡି
ଏଥୁ ବଡ଼ ଦୋଷ ଥାଇ ଲୋ ।

ଶାଶୁଏ କହିଲେ ମୋର ହେ,
କୋଉ ଦୋଷ ପ୍ରାଣେଶ୍ୱର ହେ,
ଖୁଣ୍ଟିଥିବା ବାଡ଼ଟା ଘିଚି ନେଇଗଲା
ଟାଣିକି ନୁତୁକି ଡୋରି ହେ ।

× × ×

ଖୋଜିଦେଲେ ଝିଏ ନୁତୁକି,
ପ୍ରେମେ ବଜାଇଲେ ଘୁତୁକି ।

× × ×

"ଭାଷ୍କପୁରାଣେ ହାନ୍ଦୋଳଗଣେ ଅରଣୀ ବଣେ ଶାଶୁ—ଶଶୁର ନୁତୁକି—ହଜା କଥନେ କହେ ଜଇଆ ବଡ଼ ବେହିଆ" କହି ଜନ୍ମୀ ମିଶ୍ରେ କବିତାଟି ଶେଷ ଯାଏ ଆବୃତ୍ତି କଲେ ।

ହାସ୍ୟ ରସିକଙ୍କର ଏହା ଏକ ଅନବଦ୍ୟ ସୃଷ୍ଟି । ତାଙ୍କ କାବ୍ୟ କଳାରେ ସେ ଯେଉଁ ପାଣ୍ଡିତ୍ୟ, ଲାଳିତ୍ୟ ଓ ହାସ୍ୟରସ ଆଦିର ମଧୁର ସମନ୍ୱୟ ଆଣିଛନ୍ତି ତାଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟ ସେଥିରୁ ବାଦ୍ ଯାଇନାହିଁ । ଜୀବନକୁ ହାସ୍ୟ—ମୁଖର କରିବାକ୍ଷେତ୍ରରେ ସେ ମଧ୍ୟ ଥିଲେ ଜଣେ ଅନବଦ୍ୟ କଳାକାର । ପରିସ୍ଥିତି ଯେତେ ସହଜ ସୁନ୍ଦର ହେଉ ବା ଝଡ଼ ଝଞ୍ଜାମୟ ହେଉ ସବୁଥିରେ ତାଙ୍କ କାବ୍ୟିକ ମନରୁ ଅମୃତ ହାସ୍ୟରସଧାରା ସ୍ଫୁରିତ ହେଉଥିଲା । ତାଙ୍କ ଜୀବନ ଥିଲା ପାରିବାରିକ ଜଞ୍ଜାଳରେ ପିଷ୍ଟ ଓ ଅଭାବ—ତାଡ଼ନାରେ କ୍ଲିଷ୍ଟ । ତଥାପି ତାଙ୍କର ଅଧର ଓଷ୍ଠ ଥିଲା ଏକ ଚିରନ୍ତନ ହାସ୍ୟ—ମନ୍ଦିର ଓ ମୁଖମଣ୍ଡଳ ଥିଲା ଆନନ୍ଦ ଉଲ୍ଲାସର ନିତ୍ୟ ଲୀଳାକ୍ଷେତ୍ର ।

ଦିନକର କଥା । ଶଶୁରଘରେ କୁଣିଆଁ ହୋଇ ଥାଆନ୍ତି ଜନ୍ମୀ ମିଶ୍ରେ । ତାଙ୍କର ଗୃହଲକ୍ଷ୍ମୀ ମଧ୍ୟ ସେତେବେଳେ ନିଜ ପିତାଳୟରେ ଅବସ୍ଥାନ କରୁଥାନ୍ତି । ଏଣେ ଦାଣ୍ଡଘରେ କବି ତିନି ଶାଳିକାଙ୍କ ଗହଣରେ ଥଟ୍ଟା ତାମସାରେ ମଜଗୁଲ । ଅନତିଦୂରରେ କବି ପତ୍ନୀ ମଧ୍ୟ ସେ ଆନନ୍ଦ ଉଲ୍ଲାସରେ ଉଲ୍ଲସିତ । ହଠାତ୍ ମୁଷଳ ଧାରାରେ ମେଘ ବର୍ଷିବାକୁ ଲାଗିଲା । ଏହିପରି ଘଣ୍ଟା ଘଣ୍ଟା ବିତିଗଲେ ମଧ୍ୟ ସେ ବର୍ଷାର ବିରାମ ନାହିଁ । ପୂର୍ବତନ ହିନ୍ଦୋଳ ରାଇଜର ମର୍ଦ୍ଦରାଜପୁର ଶାସନସ୍ଥ ଏକ ନଡ଼ାଛପର ଆଟୁଘରର କଥା ଇଏ । ଆଡ଼ିଘରେ ଶାଶୁ ଶଶୁର ଅପେକ୍ଷାକରି ବସିଛନ୍ତି ଏ ବର୍ଷାର ବିରାମକୁ । ହଠାତ୍ ଏକ ଆକସ୍ମିକ ଦୁର୍ଘଟଣା ଘଟିଗଲା । ବର୍ଷା ଛାଡ଼ିଲାଣି କୁ ନା ଦେଖିବା ପାଇଁ ଶାଶୁ ଘରୁ ବାହାରି ପିଣ୍ଡା ଦାଢ ଆଡକୁ ଯିବାବେଳେ ଖସଡିଆ ପିଣ୍ଡାଉପରେ ତାଙ୍କ ଗୋଡ଼ ଖସିଯାଇ ସେ କଚଡ଼ାଏ ପଡ଼ିଗଲେ । ସେତିକିବେଳେ ବାରଣ୍ଡା ଦାଢରେ ଘରରୁ ଓହଳିଥିବା ଖୁଣ୍ଟଡ଼ାରେ ଶାଶୁଙ୍କ ନାକର ନୁତୁକିଟା ଲାଗି ଛିଣ୍ଡି ତଳେ ପାଣିରେ ପଡ଼ିଗଲା । ଏପରି ଘଟଣାକୁ ଆଧାରକରି ଜନ୍ମନିଏ ଉପରୋକ୍ତ କବିତାଟି (ଯାହାର କିଛି ଅଂଶ ଉପରେ ଦିଆଗଲା) ଏଇ ହାସ୍ୟରସିକ କବିଙ୍କ ମୁଖରୁ । କି ଖୋଲା ହୃଦୟର ରସିକ ବ୍ୟକ୍ତିତ୍ୱ ?

ଗ୍ରାମୀଣ ଭାଷାର ପଂକ୍ତିଗୁଡ଼ିକ ବିରକ୍ତିକର ପରିସ୍ଥିତି ସୁଧାରିବାର ଏକ ମାଧ୍ୟମ ଏବଂ ଏ କାବ୍ୟ କବିତାର ଅସରା ବର୍ଷାକୁ ବଳିଯାଇଛି ।

ରେଭେନ୍‌ସା କଲେଜର ଅଧ୍ୟାପକ ଭାବେ ଦିନେ ଦିନେ ଅଧ୍ୟାପନା ଶେଷକରି କଲେଜ ହତାରୁ ବାହାରି ଆସିବାବେଳେ ଶ୍ରୀ ମିଶ୍ର କର୍ମକ୍ଲାନ୍ତି ମେଣ୍ଟାଇବାକୁ ଗେଟ୍ ପାଖ ଚା' ଦୋକାନୀକୁ ସାଦା ଚା' ତିଆରି କରି ଦେବାକୁ ଫରମାସ୍ କରନ୍ତି । ଦୋକାନୀ ପ୍ରଶ୍ନ କରେ, ସାର୍ ! 'ସାଦା'ଚା' କଅଣ ?

"ସ ଅଦା=ସାଦା ଅଦାରସ ଯୁକ୍ତ ଚା ।"ହସି ହସି ମନ୍ତବ୍ୟ ଦିଅନ୍ତି । ଏ କଥା ଉଭୟ ପକ୍ଷଙ୍କୁ ହାସ ଲହଡ଼ିରେ ମଜ୍ଜାଇଦିଏ । ତାପରେ ସାର୍ ସଦାଚା ଖାଇ ନିଜ କୋଠିକୁ ଗମାନା ହୁଅନ୍ତି ।

## ପ୍ରଦବ୍ରଜରେ :

କଥା କଥାକେ କବିତା ରଚନା କରନ୍ତି ଅଧ୍ୟାପକ ଶ୍ରୀଯୁକ୍ତ ମିଶ୍ର । କଲେଜରେ ଅଧ୍ୟାପନା କରିବା ସମୟରେ ଦିନେ ଶ୍ରୀଯୁକ୍ତ ମିଶ୍ରଙ୍କର ତିନୋଟି ଛୋଟ ଛୋଟ ପୁଅ ବୁଲ୍‌ବୁଲ୍ କରୁକରୁ ଆସି ରେଭେନ୍‌ସା କଲେଜରେ ହାଜର । ସେ ଅଧ୍ୟାପନା

ବସୁଥିବା ଶ୍ରେଣୀ କକ୍ଷର ଦ୍ୱାର ଦେଶରେ ଅକସ୍ମାତ ପହଁଞ୍ଚିଯାଇ ପିଲାଟିମାନେ ନନାଙ୍କୁ ଦେଖିପକାଇ ଖୁସିରେ ବଡ଼ପାଟିରେ କହିପକାଇଲେ, "ନନାରେ, ନନାରେ, ନନା।" ସନ୍ତାନ ବାତ୍ସଲ୍ୟରେ ଉଦ୍‌ବୁଦ୍ଧ ହୋଇ ଶ୍ରୀଯୁକ୍ତ ମିଶ୍ର ସବାସାନପୁଅଟିକୁ ଉପରକୁ ଟେକି ଧରି ଅନ୍ୟ ଦୁଇଟି ପୁଅକୁ ମଧ୍ୟ କ୍ଲାସ୍ ଭିତରକୁ ଡାକିଆଣି ଛାତ୍ର ମଣ୍ଡଳିକୁ ସେମାନଙ୍କୁ ଚିହ୍ନାଇଦେଇ ନିମ୍ନଲିଖିତ ଆଶୁ କବିତାଟି ରଚନା କରି ଆବୃତ୍ତି କରି ପକାଇଲେ :

"ଆରେବାବୁ ମୋ ହୃଷୀ, ପଦ, ବ୍ରଜରେ,
ଆସିଲ କି ଏତେ ବାଟ ପଦବ୍ରଜରେ ?

କବିତାର ପ୍ରଥମ ଧାଡ଼ିରେ କବିଙ୍କର ତିନି ପୁଅଙ୍କ ନାମ ସ୍ଥାନ ପାଇଛି। ସେଗୁଡ଼ିକ ହେଲା ହୃଷୀ, ପଦ ଓ ବ୍ରଜ। କଟକ ଷ୍ଟେସନର ଅପର ପାଶରେ ମୟୂରଭଞ୍ଜ କୋଠିରେ ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲ ସ୍ଥାନ ପାଇଥାଏ। ଏହି ହଷ୍ଟେଲର ହତାରେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ଜୟକୃଷ୍ଣ ମିଶ୍ରଙ୍କର ପରିବାରବର୍ଗ ରହିଥାଆନ୍ତି। ଛୋଟ ପିଲା ତିନୋଟି ଏତେ ବାଟ ଚାଲି ଆସିଥିବାରୁ ଆଧ୍ୟାପକ ମିଶ୍ରେ ବୋଧେ ଚକିତ ହୋଇ ଯାଇଥିଲେ।

ଆଉ ଦିନକର କଥା। ଅଧ୍ୟାପକ ମିଶ୍ର ହାଜର ହୋଇଥାନ୍ତି ଅଧ୍ୟକ୍ଷ ଡକ୍ଟର ସଦାଶିବ ମିଶ୍ରଙ୍କ ଅଫିସ୍ ପ୍ରକୋଷ୍ଠରେ କୌଣସି କାର୍ଯ୍ୟ ଉପଲକ୍ଷେ। ଡକ୍ଟର ମିଶ୍ର ସେତିକିବେଳେ ଫାଇଲ୍ କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି। ଅଧ୍ୟକ୍ଷ କିଛି ଫାଇଲ କାମ ଶେଷକରି ଅଧ୍ୟାପକ ମିଶ୍ରଙ୍କୁ ଚାହିଁ କଥାବାର୍ତ୍ତା କଲାବେଳକୁ ଅଧ୍ୟାପକ ଫାଇଲ ପ୍ରସଙ୍ଗରେ ଗୋଟିଏ ପୂର୍ଣ୍ଣାଙ୍ଗ ହାସ୍ୟରସାତ୍ମକ କବିତା ରଚନା ଶେଷ କରି ସାରିଥାନ୍ତି। ସେହି କବିତାଟି ଅଧ୍ୟକ୍ଷ ମିଶ୍ରଙ୍କ ପ୍ରମୋଶନ ଜନିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ମିଶ୍ର ତାଙ୍କୁ ଭେଟି ଦିଅନ୍ତି। ସେ ଗୀତଟିର ମନେଥିବା ପ୍ରଥମ ଦୁଇଧାଡ଼ି ନିମ୍ନରେ ପ୍ରଦତ୍ତ ହେଲା :—

"Files, files and files
Heaped up in piles."

xx xx xx

ରେଭେନ୍ସା କଲେଜରେ ସେ ଅତ୍ୟନ୍ତ ଧୁରୀଣ ଓ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ଛାତ୍ରସମାଜ ମଧ୍ୟ ତାଙ୍କୁ ସେହିପରି ଆନ୍ତରିକ ସ୍ନେହ ଓ ଭକ୍ତି କରୁଥିଲେ। ଏପରିକି ସେ କ୍ଲାସରେ ପାଠ ପଢ଼ାଇଲାବେଳେ ଛାତ୍ରମାନେ ତନ୍ମୟ ହୋଇ ତାଙ୍କ ମୁହଁକୁ ଚାହିଁ ରହୁଥିଲେ। ତାଙ୍କର ଶିକ୍ଷା ଦାନ ଏପରି ଚିତ୍ତାକର୍ଷକ ହେଉଥିଲା ଯେ ବିଭିନ୍ନ କ୍ଲାସର ଛାତ୍ରମାନେ ନିଜ ନିଜର କ୍ଲାସ ଛାଡ଼ି କେବେକେବେ ତାଙ୍କ କ୍ଲାସରେ ଯୋଗ ଦେଉଥିଲେ।

ସେ ପିଲାମାନଙ୍କୁ ଏପରି ଭଲ ପାଉଥିଲେ ଯେ ସମୟ ସମୟରେ କଲେଜ ଛାତ୍ରମାନେ ରହୁଥିବା ମେସ୍‌ମାନଙ୍କୁ ସେମାନଙ୍କର ପାଠପଢ଼ା ଦେଖିବାକୁ ଯାଆନ୍ତି। ଥରେ କଲେଜ ନିକଟରେ ଥିବା ଗୋଟିଏ ମେସ୍‌କୁ ଯାଇ ଜଣେ ପିଲା ଲେଖୁଥିବା ଏକ ନୋଟ ଦେଖି ଟିପ୍ପଣୀ ଆକାରରେ ଏକ ହାସ୍ୟରସାତ୍ମକ ଗୀତ ଗାଇଲେ। ସେଇ ସ୍ମରିଅଛି :

" ସ୍ମୁଲିଙ୍ଗରେ ବାବୁ ଗୋଟିଏ ଧାରାରେ,
କାଳିକୁ ଟିପାରି ବୁଲାଇ କାରାରେ,
କାଳିଗୁଳା ବାବୁ ଧରିବା ପାରାରେ,
ଖାଲି ବସି ବସି ଗଣୁଥା ତାରାରେ।"

ଉକ୍ତୀ ମିଶ୍ର ଜୀବନର ପଦେ ପଦେ ହାସ୍ୟରସାତ୍ମକ ଗୀତ ଝୁଣ୍ଟେ ଝୁଣ୍ଟେ ରଚନା କରି ଗାଇ ଯାଉଥିଲେ। ସତେ ଅବା ବୁଢ଼ିଆଣୀ ଜାଲବୁଣି ତା'ର ବସା ବାନ୍ଧିଲା ପରି। ଅନ୍ତ କେତେ ଗୋଟି ଉଦାହରଣ ମାତ୍ର ସ୍ମରଣ ଅଛି।

ତାଙ୍କ ଘରକୁ କୌଣସି ବନ୍ଧୁବାନ୍ଧବ ଆସିଲେ ସେ ନିଃସଙ୍କୋଚରେ ଶାଗ ପଖାଳ, ମୁଢ଼ି ଗୁହାରେ ମଧ୍ୟ ତାଙ୍କୁ ଆପ୍ୟାୟିତ କରି ହର୍ଷ ଉଲ୍ଲାସ ଚିତ୍ତରେ ତାଙ୍କୁ ସାଦର ସମ୍ଭାଷଣ କରନ୍ତି। ଏପରିକି ମୁଖ୍ୟ ପ୍ରଫେସର ବା ସେହିଭଳି ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବାକୁ ଆସିଲେ ମଧ୍ୟ ଘରେ ଦୁଃଖେ ସୁଖେ ଯାହାଥାଏ ସେଥିରେ ତାଙ୍କୁ ଆପ୍ୟାୟିତ କରିବାକୁ ସେ ପଛାନ୍ତି ନାହିଁ। କୌଣସି ଗୁରୁଜନ ସ୍ଥାନୀୟ ବନ୍ଧୁଙ୍କ ଗୃହକୁ ଗଲେ ତାଙ୍କୁ ଯଥାଯଥ ମାନ୍ୟ ପ୍ରଣାମ ଜଣାଇ ତାଙ୍କଘରେ ଥିବା ପାନ ଖଣ୍ଡୁଡ଼ି ବା ପାନ ବଟାରୁ ଫାଳେ ପାନ ଭିଡ଼ିଆଣି ଅନ୍ୟାନ୍ୟ ପାନସରଞ୍ଜାମ ସେଥିରେ ଥୋଇ ଖିଲ ଟିଏ ମନ ଆନନ୍ଦରେ ପାଟିରେ ଗୁଞ୍ଜି ଦିଅନ୍ତି। ସତେ ଅବା ଆପଣାର ଘର। ଦିଲ୍‌ଖୁସ୍ ହୋଇ ପଦଚାରଣା କରନ୍ତି।

କି ଗାଉଁଲି, କି ସହରୀ, କି ଧନୀ, କି ଗରିବ, କି ପାଠୁଆ, କି ଅପାଠୁଆ, କି ପିଲା ଓ କିବୁଢ଼ା ସମସ୍ତଙ୍କୁ ସେ ସମଦୃଷ୍ଟିରେ ଦେଖନ୍ତି। ଓ ବେଳକାଳ ଉକ୍ତି ଥଟ୍ଟାଟାପରା କରନ୍ତି। ହସ ଆନନ୍ଦର ଫୁଆରା ଛୁଟାଇ ଦିଅନ୍ତି। ପିଲା ବୁଢ଼ା କାହାରିକୁ ଦେଖିଲେ ଆନନ୍ଦ ବିଭୋର ହୋଇପଡ଼ନ୍ତି।

ତାଙ୍କର ଚାକିରିର ପ୍ରଥମ ସୋପାନରେ ସେ ପୂର୍ବତନ କଣ୍ଟେ ରାଜ୍ୟ ଆଠଗଡ଼ରେ ଥିବା ରାଜ୍ୟ ପଞ୍ଚମ ଜର୍ଜ ହାଇସ୍କୁଲ (ବର୍ତ୍ତମାନର ବିଶ୍ୱନାଥ ବିଦ୍ୟାପୀଠ)ରେ ସହକାରୀ ଶିକ୍ଷକ ଥାଆନ୍ତି। ସେତେବେଳେ ସ୍ୱନାମଧନ୍ୟ କବି ଡକ୍ଟର ମାୟାଧର ମାନସିଂହ ସେ ସ୍କୁଲର ପ୍ରଧାନ ଶିକ୍ଷକ ଓ ଚନ୍ଦ୍ରମଣି ଦାସ, ଏମ୍ଃ ଏଃ (ଇଂରାଜୀ), ଏମ୍ଃ ଏଃ (ଓଡ଼ିଆ), ରେଭେନ୍ସା କଲେଜର ପୂର୍ବତନ ଅଧ୍ୟାପକ ତଥା "ଧାମରା" ଓ ଅନ୍ୟ କେତେଖଣ୍ଡି ପୁସ୍ତକର ଲେଖକ ସହକାରୀ ହେଡମାଷ୍ଟର। ସେହିଠାରେ ମାୟାଧର—ଚନ୍ଦ୍ରମଣି ଓ ଜୟକୃଷ୍ଣଙ୍କର ତ୍ରିବେଣୀ ସଙ୍ଗମ ଫଳରେ ଆଠଗଡ଼ରେ ପବିତ୍ର ସାରସ୍ୱତ ସୌଧ ଗଢ଼ି ଉଠିଥିଲା। ସେଠାରେ ମିଶ୍ର "ଅଂଶୁପା" ଓ ମଣିମଞ୍ଜୁଷା କାବ୍ୟମାନ ରଚନା କରିଥିଲେ। ସେହିଠାରେ ହିଁ ସେ କାବ୍ୟମାନ ପ୍ରକାଶିତ ହୋଇଥିଲା। ସେତେବେଳେ ସେ କି ଇଂରାଜୀ କି ଓଡ଼ିଆ, କି ଭୂଗୋଳ କି ଗଣିତ ସମସ୍ତ ବିଷୟ ମାଟ୍ରିକ୍ କ୍ଲାସରେ ଅନର୍ଗଳ ପଢ଼ାଇ ଯାଉଥିଲେ।

ସେ ପାଠପଢ଼ାଇବାରେ ଯେପରି ପ୍ରତିଷ୍ଠା ଲାଭ କରିଥିଲେ ସେପରି ମନଖୋଲା ସମସ୍ତଙ୍କ ସାଙ୍ଗରେ ମିଳିମିଶି ପାରୁଥିଲେ। ଜୀବନରେ ଥରେ ମାତ୍ର ଯିଏ ତାଙ୍କୁ ଦେଖିଛି କଦାପି ଭୁଲିପାରିବ ନାହିଁ। ସେ ଥିଲେ ସମସ୍ତଙ୍କ ପାଇଁ ଦୁଃଖ ଶୋକ ପାସୋରା ଓ ହାସ୍ୟରସଭରା ସ୍ନେହୀ ମଣିଷଟିଏ। ଏ ଯୁଗରେ ସେଭଳି ମଣିଷ ଆଉ ଖୋଜିଲେଯୁବା ମିଳିବ ନାହିଁ।

ଶହୀଦନଗର,
ଭୁବନେଶ୍ୱର।

# ସମବାୟ ଆନ୍ଦୋଳନ ଓ ଓଡ଼ିଶା

ଶ୍ରୀ ପୟୋଧର ସାମଲ

ଭାରତୀୟ ଉପମହାଦେଶରେ ସମବାୟ ଅନୁଷ୍ଠାନଗୁଡ଼ିକର ସ୍ଥିତି ଅତି ପୁରାତନ । ବହୁ ଅତୀତରୁ ଏଠାରେ ଅନେକ ସହଯୋଗ ସମିତି ଅଣଆନୁଷ୍ଠାନିକ ସଂଗଠନ ହିସାବରେ କାର୍ଯ୍ୟ କରୁଥିଲେ । ପଶ୍ଚିମ ଓ ଉତ୍ତର ଭାରତର ଅନେକ ଗ୍ରାମରେ ସମିତିମାନ ଗଠିତ ହୋଇ ଲୋକମାନଙ୍କୁ ଦୁଃଖ ସମୟରେ ଋଣ ଓ ଶସ୍ୟ ଟଙ୍କା ଆକାରରେ ଯୋଗାଇ ଦିଆଯାଉଥିଲା । ଏପରିକି ଆମ ଓଡ଼ିଶାରେ ମଧ୍ୟ ଗାଁ ଗାଁରେ ଲୋକମାନଙ୍କଦ୍ୱାରା ପାଣ୍ଠି ଗଠନ କରାଯାଇ ଅସୁବିଧାରେ ଥିବା ବ୍ୟକ୍ତିମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଉଥିଲା । ଅଭାବୀ ଲୋକେ ଗ୍ରାମପାଣ୍ଠିରୁ ଟଙ୍କା ନେଇ ସ୍ୱଳ୍ପବ୍ୟୟ ସହ ବିବାହ ବ୍ରତାଦି ସାମାଜିକ କାର୍ଯ୍ୟମାନ ସମ୍ପନ୍ନ କରି ପାରୁଥିଲେ । ମୋଟ ଉପରେ କହିବାକୁ ଗଲେ ପଡ଼ୋଶୀମାନଙ୍କ ସହଯୋଗରେ ଗ୍ରାମମାନଙ୍କରେ ବସବାସ କରୁଥିବା ଲୋକେ ତାଙ୍କର ଅନେକ ସମସ୍ୟା ସମାଧାନ କରି ସୁଖଶାନ୍ତି ମଧ୍ୟରେ ଜୀବନଯାପନ କରୁଥିଲେ । ସେମାନଙ୍କ ଅଭାବ ଅସୁବିଧା ଦୂରୀକରଣ ନିମନ୍ତେ ସରକାରଙ୍କ ଉପରେ ସେମାନେ ପ୍ରାୟ ନିର୍ଭରଶୀଳ ନଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ।

ସହଯୋଗୀ ଅନୁଷ୍ଠାନଗୁଡ଼ିକୁ ବିଧିବଦ୍ଧ ମର୍ଯ୍ୟାଦା ଦେଇ ଗୋଟିଏ ଶୃଙ୍ଖଳିତ ଋଣ ଆନ୍ଦୋଳନରେ ପରିଣତ କରିବା ନିମନ୍ତେ ୧୯୦୪ ମସିହାରେ ସର୍ବଭାରତୀୟ ସ୍ତରରେ ସମବାୟ ଆଇନ ପ୍ରଣୟନ କରାଗଲା । ଅବଶ୍ୟ ଏହି ଆଇନ ଅନୁସାରେ ଦେଶରେ କେବଳ କୃଷିଋଣ ସମବାୟ ସମିତିମାନ ଗଠନ କରାଯାଇ କୃଷି ପରିବାରମାନଙ୍କୁ କୃଷିର ବିକାଶ ପାଇଁ ଋଣ ଯୋଗାଇ ଦିଆଗଲା ।ପରେ କିନ୍ତୁ ୧୯୧୨ ଓ ୧୯୧୯ ମସିହାରେ ସମବାୟ ଆଇନକୁ ପରିବର୍ତ୍ତନ କରାଯାଇ ଅନ୍ୟ ବିଭିନ୍ନ ପ୍ରକାର ସମବାୟ ଅନୁଷ୍ଠାନ ଗଠନ ନିମନ୍ତେ ପଦକ୍ଷେପମାନ ନିଆଗଲା । ୧୯୧୯ ମସିହାରେ ଦେଶର ଶାସନ ତାନ୍ତ୍ରିକ ପୁନର୍ଗଠନ ବେଳେ ସମବାୟ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ କେନ୍ଦ୍ର ସରକାରରୁ ପ୍ରାଦେଶିକ ସରକାରଙ୍କୁ ହସ୍ତାନ୍ତର କରାହେଲା । ତଦ୍ୱାରା ସମବାୟ ଅନୁଷ୍ଠାନମାନଙ୍କର ଗଠନ ଓ ସମବାୟ ଆନ୍ଦୋଳନର ପ୍ରସାର ନିମନ୍ତେ ଟିକେ ସୁବିଧା ହେଲା । ପ୍ରଦେଶମାନଙ୍କରେ ବହୁ ପ୍ରକାର ସମବାୟ ଅନୁଷ୍ଠାନ ଗଠିତ ହୋଇ ଜନସାଧାରଣଙ୍କର କଲ୍ୟାଣ ପାଇଁ ଉଦ୍ୟମ କରାଗଲା । ତଥାପି ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଆମର ସମବାୟ ଆନ୍ଦୋଳନ ସେଭଳି ବିଶେଷ ପ୍ରସାରିତ ହୋଇ ପାରିନଥିଲା । କାରଣ ସେ ସମୟର ଇଂରେଜ ଶାସକମାନଙ୍କର ଆମ ଦେଶରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ପ୍ରତି ବିଶେଷ ସଦିଚ୍ଛା, ସାହାଯ୍ୟ ସହାନୁଭୂତି ଓ ଆଗ୍ରହଥିବାରୁ ମନୋଭାବ ପରିଲକ୍ଷିତ ହୋଇ ନଥିଲା । କିନ୍ତୁ ୧୯୪୭ ମସିହା ପରବର୍ତ୍ତୀ ଦଶନ୍ଧିମାନଙ୍କରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ସାହାଯ୍ୟ, ସହଯୋଗ ଓ ପ୍ରୋତ୍ସାହନ ହେତୁ ଦେଶରେ ସମବାୟ ଆନ୍ଦୋଳନ ସୁଦୂରପ୍ରସାରୀ ହୋଇପାରିଛି । ଜନବସତି ଥିବା ପ୍ରତ୍ୟେକ ଗ୍ରାମର ଜନସଂଖ୍ୟାର ଶତକଡ଼ା ୬୦ ଭାଗରୁ ଊର୍ଦ୍ଧ୍ୱ ଲୋକ ବର୍ତ୍ତମାନ ସମବାୟ ପରିସରଭୁକ୍ତ ହୋଇ ପାରିଛନ୍ତି ।

ଭାରତର ସବୁ ରାଜ୍ୟରେ ହୁଏତ ସମବାୟ ଆନ୍ଦୋଳନର ପ୍ରସାର ସମ ଭାବରେ ହୋଇ ପାରିନାହିଁ । ମହାରାଷ୍ଟ୍ର ଗୁଜୁରାଟ ଆଦି ରାଜ୍ୟମାନଙ୍କରେ ସମବାୟ ଅନୁଷ୍ଠାନମାନେ ଜନସାଧାରଣଙ୍କର ସେବା ଯଥେଷ୍ଟ ପରିମାଣରେ କରିପାରିଛନ୍ତି । ଆମ ଓଡ଼ିଶାଭଳି ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ସେମାନଙ୍କ କାର୍ଯ୍ୟ ଖୁବ ଭଲ ନ ହେଲେ ବି ସେମିତି କିଛି ଖରାପ ନୁହେଁ । ଦେଶର ଅନ୍ୟ ପ୍ରାନ୍ତ ସହ ସମତା ରକ୍ଷା କରି ଏ ରାଜ୍ୟରେ ସମବାୟ ଆନ୍ଦୋଳନ ମଧ୍ୟ ସବୁ ଗ୍ରାମ ଓ ସହରାଞ୍ଚଳର ପ୍ରତ୍ୟେକ ବସ୍ତିକୁ ବ୍ୟାପୀ ପାରିଛି । କୃଷି, ଶିଳ୍ପ, ବାଣିଜ୍ୟ, ଉତ୍ପାଦନ, ବଣ୍ଟନ ଆଦି ପ୍ରତ୍ୟେକ କ୍ଷେତ୍ରରେ ସମବାୟ ଅନୁଷ୍ଠାନମାନ ଗଠିତ ହୋଇ ଲୋକ ସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ସହ ସେମାନଙ୍କର ଆର୍ଥିକମାନ ମଧ୍ୟ ଉନ୍ନତ କରାଯାଇପାରିଛି ।

ଓଡ଼ିଶାରେ ସମବାୟ ଆନ୍ଦୋଳନର ପ୍ରସାର ଦିଗରୁ ବିଚାର କଲେ ଦେଖାଯିବ ଯେ ୧୯୫୦-୫୧ ମସିହାରେ ଯେତେବେଳେ ପ୍ରଥମ ପଞ୍ଚବାର୍ଷିକ ଯୋଜନା ଆରମ୍ଭ କରାଗଲା ସେତେବେଳେ ଏ ରାଜ୍ୟରେ ୫,୧୪୫ଟି ସମବାୟ ଅନୁଷ୍ଠାନ କାର୍ଯ୍ୟ କରୁଥିଲେ । ଯାହାଙ୍କର ସଭ୍ୟ ସଂଖ୍ୟା ଥିଲା ୨.୯୫ ଲକ୍ଷ ଓ କାର୍ଯ୍ୟକାରୀ ମୂଳଧନ ଥିଲା ୪ କୋଟି ଟଙ୍କା । ବିଗତ ଚାରି ଦଶନ୍ଧି ଧରି ଆନ୍ଦୋଳନଟି ରାଜ୍ୟରେ କ୍ରମବିକାଶ ଲାଭ କରି ୧୯୮୮-୮୯ ମସିହା ଜୁନ୍ ୩୦ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ ସମିତି ସଂଖ୍ୟା ୬,୫୨୬ ହୋଇଥିଲେ ହେଁ ସେମାନଙ୍କ ସଭ୍ୟ ସଂଖ୍ୟା ୪୮.୯୫ ଲକ୍ଷରେ ଓ କାର୍ଯ୍ୟକାରୀ ମୂଳଧନ ୧୪୭୬ କୋଟି ଟଙ୍କାରେ ପହଞ୍ଚି ପାରିଛି । ସମବାୟ ଆନ୍ଦୋଳନର ଗୋଟିଏ ମୁଖ୍ୟ ଅଙ୍ଗ ହେଲା ସମବାୟ ଋଣ ଆନ୍ଦୋଳନ । ଆର୍ଥିକ ଦିଗରୁ ଦୁର୍ଗତ ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କୁ ଆର୍ଥିକ ସାହାଯ୍ୟ ଦେଇ ସେମାନଙ୍କ ଜୀବନଧାରଣ ମାନ ଉନ୍ନତ କରିବା ଏହି ଋଣ ଆନ୍ଦୋଳନର ପ୍ରଧାନ ଲକ୍ଷ୍ୟ। ଋଣ ଆନ୍ଦୋଳନ କ୍ଷେତ୍ର ଅବଶ୍ୟ ବ୍ୟବସାୟିକ ବ୍ୟାଙ୍କମାନେ ୧୯୬୯ ମସିହାରୁ ପ୍ରବେଶ କରି ଗ୍ରାମ ଲୋକମାନଙ୍କୁ କେତେକ ଋଣ କୃଷି ତଥା ଆନୁଷଙ୍ଗିକ ଧନ୍ଦା ପାଇଁ ଯୋଗାଇ ଦେଇଛନ୍ତି । ତା'ସତ୍ତ୍ୱେ ଗ୍ରାମ୍ୟଋଣ କ୍ଷେତ୍ରରେ ସମବାୟ ଅନୁଷ୍ଠାନମାନେ ତାଙ୍କର ଅତୀତ ଗୁରୁତ୍ୱ ବଜାୟ ରଖିପାରିଛନ୍ତି । ୧୯୮୮-୮୯ ମସିହାରେ ରାଜ୍ୟ ସମବାୟ ବ୍ୟାଙ୍କ ନିଜ ଅଧୀନସ୍ଥ ୧୭ଟି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ୨୮୧୯ ଟି କୃଷିଋଣ ସମବାୟ ସମିତିଙ୍କ ଜରିଆରେ ୬୪.୫୨ କୋଟି ଟଙ୍କାର ସ୍ୱଳ୍ପ ଓ ମଧ୍ୟମ କାଳୀନ ଋଣ କୃଷିପରିବାରମାନଙ୍କୁ ଯୋଗାଇ ଦେଇଥିଲେ । ତା ୩୦ ଜୁନ୍ ୧୯୮୯ ସୁଦ୍ଧା ପରିଶୋଧ ହୋଇ ନ ଥିବା ଉପରୋକ୍ତ ଋଣ ପରିମାଣ ଥିଲା ୧୬୭.୩୯ କୋଟି ଟଙ୍କା ଏଥି ସଙ୍ଗକୁ ରାଜ୍ୟ ସମବାୟ ଭୂଉନ୍ନୟନ ବ୍ୟାଙ୍କ ନିଜ

ଅଧୀନସ୍ଥ ୬୫ ପ୍ରାଥମିକ ସମବାୟ ଭୂଉନ୍ନୟନ ବ୍ୟାଙ୍କ ଜରିଆରେ ୧୯୮୮-୮୯ ମସିହାରେ ୫-୬୭ କୋଟି ଟଙ୍କାର ଦୀର୍ଘକାଳୀନ ଋଣ ଜମିର ଦୀର୍ଘକାଳୀନ ଉନ୍ନୟନ ଓ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଯୋଗାଇ ଦେଇଥିଲେ । ତାଛଡ଼ା ସହରାଞ୍ଚଳ ଲୋକଙ୍କ ସାହାଯ୍ୟ ନିମନ୍ତେ କାର୍ଯ୍ୟ କରୁଥିବା ୨୬ଟି ନଗରାଞ୍ଚଳ ବ୍ୟାଙ୍କ ଓ ୭୭୭ଟି ଅଣ କୃଷି ଋଣ ତଥା କର୍ମଚାରୀ ଋଣ ସମିତି ଏହି ସମୟ ଭିତରେ ୪୯.୦୧ କୋଟି ଟଙ୍କାର ସ୍ୱଳ୍ପ ଓ ମଧ୍ୟମ କାଳୀନ ଋଣ କ୍ଷୁଦ୍ର ବ୍ୟବସାୟୀ, କାରିଗର ଓ କର୍ମଚାରୀମାନଙ୍କୁ ସେମାନଙ୍କ ବ୍ୟବସାୟ ଓ ତାଙ୍କର ସାମୟିକ ଅଭାବ ମେଣ୍ଟାଇବା ପାଇଁ ଯୋଗାଇ ଦେଇଥିଲେ ।

ସମବାୟ ଋଣ ଅନୁଷ୍ଠାନମାନେ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ଆର୍ଥିକ ବିକାଶ ଉପରେ ସାଧାରଣତଃ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ଗ୍ରାମାଞ୍ଚଳରେ ଥିବା ଋଣ ସମବାୟ ସମିତିଗୁଡ଼ିକର ୩୭.୭୮ ଲକ୍ଷ ସଭ୍ୟ ଭିତରୁ ଦୁର୍ବଳ ଶ୍ରେଣୀ ଯଥା ଭୂମିହୀନ, ଗ୍ରାମ୍ୟକାରିଗର ଓ ଏକ ବା ଦୁଇ ହେକ୍ଟର ଜମି ଥିବା ସଭ୍ୟ ସଂଖ୍ୟା ହେଲା ୨୬.୮୪ ଲକ୍ଷ ଓ ସେମାନଙ୍କୁ ୧୯୮୮-୮୯ ବର୍ଷ ମଧ୍ୟରେ ୩୧.୮୦ (ଶତକଡ଼ା ୪୮) କୋଟି ଟଙ୍କାର ଋଣ ଯୋଗାଯାଇ ପାରିଥିଲା । ଗ୍ରାମାଞ୍ଚଳର ଏହି ଋଣ ସମବାୟ ସମିତିଗୁଡ଼ିକରେ ତଫସିଲଭୁକ୍ତ ଜାତି ଓ ଉପଜାତିର ସଭ୍ୟ ସଂଖ୍ୟା ହେଲା ୧୨.୯୬, ଲକ୍ଷ ଓ ସେମାନଙ୍କୁ ଉପରୋକ୍ତ ବର୍ଷ ମଧ୍ୟରେ ୧୧.୯୩ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଥିଲା ।

କୃଷକମାନଙ୍କୁ କୃଷିର ଉନ୍ନତି ପାଇଁ ଋଣ ଯୋଗାଇବା କୃଷି ଋଣ ସମବାୟ ସମିତିମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିଲେହେଁ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ବେକାର ଓ ଅର୍ଦ୍ଧ ବେକାର ଲୋକଙ୍କୁ କାର୍ଯ୍ୟ ଯୋଗାଇବା ଲକ୍ଷ୍ୟ ନେଇ ଆନୁଷଙ୍ଗିକ ଧନ୍ଦା ଗୋ-ମହିଷାଦି ପଶୁପାଳନ, ମତ୍ସ୍ୟଚାଷ, ଓ ଗ୍ରାମ୍ୟଶିଳ୍ପ ପାଇଁ ଏହି ସମିତିମାନେ ମଧ୍ୟମ ଓ ଦୀର୍ଘକାଳୀନ ଋଣ ଯୋଗାଇ ଦେଇଥାନ୍ତି । କୃଷି ଋଣ ସମବାୟ ସମିତି ବ୍ୟତୀତ ଉପରୋକ୍ତ କାମ ପାଇଁ ସ୍ୱତନ୍ତ୍ର ସମବାୟ ସମିତିମାନ ମଧ୍ୟ ଗଢ଼ାଯାଇଛି । ଫଳରେ ଗାଁ ଗହଳରେ ଦୁଗ୍ଧ, ମତ୍ସ୍ୟ ଆଦି ଉତ୍ପାଦନ ବହୁପରିମାଣରେ ବୃଦ୍ଧିପ୍ରାପ୍ତ ହେବା ସହ ସେହି ଧନ୍ଦାରେ ନିଯୁକ୍ତ ଥିବା ଲୋକସାଧାରଣଙ୍କର ଆୟ ମଧ୍ୟ ବଢୁଛି ।

କୃଷି ତଥା ଆନୁଷଙ୍ଗିକ ଉତ୍ପାଦନ ବୃଦ୍ଧି ନିମନ୍ତେ ପ୍ରୋତ୍ସାହନ ଯୋଗାଇଦେଲେ ଯେ ସମାଜର ଦୁର୍ବଳଶ୍ରେଣୀ ଲୋକଙ୍କ ଭାଗ୍ୟରେ ପରିବର୍ତ୍ତନ ଆସିଯିବ ତାହାନୁହେଁ । ସେମାନଙ୍କ ଦ୍ୱାରା ଉତ୍ପାଦିତ ପଦାର୍ଥ ଯଦି ଉଚିତ ଦାମରେ ବିକ୍ରୀ ହୋଇ ନ ପାରିଲା ଓ ଉତ୍ପାଦନ କାରୀମାନେ ଯଦି ଅସୁବିଧାରେ ପଡ଼ି କମ ଦାମରେ ତାଙ୍କର ଜିନିଷ ବିକ୍ରୟ କଲେ ତଦ୍ୱାରା ସେମାନଙ୍କର କିଛି ଫାଇଦା ହେବ ନାହିଁ ।ଏହି ସମସ୍ୟାର ସମାଧାନ ପାଇଁ ଓ ଉତ୍ପାଦନକାରୀଙ୍କୁ ତା ଉତ୍ପାଦିତ ପଦାର୍ଥ ପାଇଁ ଉପଯୁକ୍ତ ମୂଲ୍ୟ ଦେବା ନିମନ୍ତେ ସମବାୟ ଆନ୍ଦୋଳନ ମାଧ୍ୟମରେ ସମବାୟ ବାଣିଜ୍ୟ ସମିତିମାନ ଗଠନ କରାଯାଇଛି । ଏହି ସମିତିମାନେ କୃଷକମାନଙ୍କୁ ନିଜେ ବା ତାଙ୍କ ଅଧୀନସ୍ଥ ଋଣ ସମବାୟ ସମିତି ଜରିଆରେ ସାର, ବିହନାଦି କୃଷି ଉପଯୋଗୀ ପଦାର୍ଥ ଯୋଗାଇବା ସହ ଉତ୍ପାଦନକାରୀଠାରୁ ସରକାରୀ ନିର୍ଦ୍ଧାରିତ ଦରରେ ଉତ୍ପାଦିତ ସାମଗ୍ରୀ କ୍ରୟ ନିମନ୍ତେ ବ୍ୟବସ୍ଥା କରିଥାନ୍ତି । ବାଣିଜ୍ୟ ସମବାୟ ସମିତିମାନଙ୍କ ବ୍ୟତୀତ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ସମବାୟ ସମିତି ମଧ୍ୟ ତାଙ୍କ ସଭ୍ୟମାନଙ୍କଠାରୁ ଦୁଗ୍ଧ, ମତ୍ସ୍ୟ, ଶିଳ୍ପଜାତ ପଦାର୍ଥାଦି ଉପଯୁକ୍ତ ଦାମ ଦେଇ କ୍ରୟ କରନ୍ତି ଓ ସେଗୁଡ଼ିକ ସହରାଞ୍ଚଳରେ ବିକ୍ରୟକରି ଲାଭବାନ ମଧ୍ୟ ହୋଇଥାନ୍ତି । ତଦ୍ୱାରା ଉତ୍ପାଦନକାରୀ ବିଶେଷତଃ କୃଷି ଉତ୍ପାଦନକାରୀଙ୍କ ସମସ୍ୟା ସମ୍ପୂର୍ଣ୍ଣ ଭାବେ ସମାହିତ ହୋଇ ନଥିଲେ ହେଁ ସେମାନଙ୍କର ଅସୁବିଧା ଅନେକ ପରିମାଣରେ ଦୂର ହୋଇଥିବା ମନେହୁଏ ।

ବର୍ତ୍ତମାନର ଦରଦାମ ବୃଦ୍ଧି ଯୁଗରେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ପଦାର୍ଥ ଉଚିତ ଦାମରେ ଯୋଗାଇବା ଗୋଟିଏ ବଡ଼ ସମସ୍ୟା । ଜିନିଷ ପତ୍ରର ଅଭାବ ସାଙ୍ଗକୁ ବ୍ୟବସାୟୀ ଗୋଷ୍ଠୀଙ୍କ ଅସହଯୋଗ ମନୋଭାବ ସମସ୍ୟାଟିକୁ କ୍ରମେ ଉତ୍କଟ କରିବାରେ ଲାଗିଛି । ତେଣୁ ଏହି ସମସ୍ୟାର କିଛି ସମାଧାନ କରିବା ନିମନ୍ତେ ସରକାର ନିତ୍ୟଦରକାରୀ ପଦାର୍ଥଗୁଡ଼ିକର ସୁଷମ ବଣ୍ଟନ ପାଇଁ "ସାଧାରଣ ବଣ୍ଟନ ବ୍ୟବସ୍ଥାର" ପ୍ରଚଳନ ଆରମ୍ଭ କରିଛନ୍ତି । ଆଉ ଏହି ବ୍ୟବସ୍ଥାରେ ସମବାୟ ଅନୁଷ୍ଠାନଗୁଡ଼ିକୁ ମୁଖ୍ୟ ଭୂମିକା ଗ୍ରହଣ କରିବାର ଦାୟିତ୍ୱ ଦିଆ ଯାଇଛି । ରାଜ୍ୟରେ ଥିବା ପ୍ରାୟ ସମସ୍ତ ପାଇକାରୀ ଓ ଖାଉଟି ସମବାୟ ଭଣ୍ଡାର, ବାଣିଜ୍ୟ ସମବାୟ ସମିତି ଓ ଗ୍ରାମାଞ୍ଚଳରେ ଥିବା କୃଷିଋଣ ସମବାୟ ସମିତି ଏହି ବ୍ୟବସ୍ଥା ଅନୁଯାୟୀ ଜନସାଧାରଣଙ୍କୁ ଉଚିତ ଦାମରେ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ଯୋଗାଇ ଦେଇଥାନ୍ତି । ସମବାୟ ସମିତିମାନଙ୍କୁ ଏହି ସବୁ ଜିନିଷ ଯୋଗାଇ ଦେବା ପାଇଁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି । ଉପରସ୍ତରରେ ରାଜ୍ୟ ଖାଉଟି ସମବାୟ ସଙ୍ଘକୁ ରଖାଯାଇ ମଧ୍ୟମ ଯଥା ଜିଲ୍ଲା ଓ ସବ୍‌ଡିଭିଜନ୍ ସ୍ତରରେ ପାଇକାରୀ ଓ ବାଣିଜ୍ୟ ସମବାୟ ସମିତିମାନଙ୍କୁ ରଖାଯାଇଛି । ନିମ୍ନ ସ୍ତରରେ ଅଛନ୍ତି ପ୍ରାଥମିକ ଖାଉଟି ସମବାୟ ଭଣ୍ଡାର ଓ ଗ୍ରାମ୍ୟ କୃଷିଋଣ ସମବାୟ ସମିତି । ଅନ୍ୟ ଭାଷାରେ ଏହି ବିଭାଗୀକରଣକୁ ଆପେକ୍ସ, ଲିଡ୍ ଓ ଲିଙ୍କ୍ ସମିତିମାନ କୁହାଯାଉଛି । ୧୯୮୯ ମସିହା ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ବର୍ଷ ମଧ୍ୟରେ ଆପେକ୍ସ ବା ସର୍ବୋଚ୍ଚ ସମବାୟ ଭଣ୍ଡାର ଠାରୁ ୮୮ଟି ଲିଡ୍ ସମିତି ତାଙ୍କର ୪୬୮ଟି ନଗର ବିକ୍ରୀ କେନ୍ଦ୍ର ଓ ୨,୮୪୪ଟି ଲିଙ୍କ୍ ସମିତି ତାଙ୍କର ୫,୦୮୫ଟି ଗ୍ରାମ୍ୟ ବିକ୍ରୀ କେନ୍ଦ୍ର ମାଧ୍ୟମରେ ୫୦.୬୬ କୋଟି ଟଙ୍କାର ଖାଉଟି ପଦାର୍ଥ ଲୋକମାନଙ୍କୁ ଯୋଗାଇ ଦେଇଛନ୍ତି ।

ବିଗତ ଦଶନ୍ଧିଗୁଡ଼ିକରେ ଓଡ଼ିଶାରେ ସମବାୟ ଆନ୍ଦୋଳନ ଯେ କେବଳ ସୁପ୍ରସାରିତ ହୋଇଛି ତା ନୁହେଁ, ବରଂ ବହୁବିଧ କାର୍ଯ୍ୟ ଭାରକୁ ନେଇ ଏହା ଜନସାଧାରଣଙ୍କର ଯଥୋଚିତ ସେବା କରିବାକୁ ଉଦ୍ୟମ କରିଛି । ତାହା ଦ୍ୱାରା ଲୋକେ କୃଷି, ଶିଳ୍ପାଦି ଉଦ୍‌ଯୋଗ ନିମନ୍ତେ ଆର୍ଥିକ ସହାୟତା ପାଇବା ସହ ବାଣିଜ୍ୟ ଓ ବୈଷୟିକ ସାହାଯ୍ୟ ମଧ୍ୟ ପାଇ ପାରୁଛନ୍ତି । ଏହା ବ୍ୟତୀତ ଗୃହ ତିଆରି ପାଇଁ ଟଙ୍କା ଓ ଅର୍ଥ ସାହାଯ୍ୟ ସମବାୟ ସମିତି ମାଧ୍ୟମରେ ମିଳିବା ସହ ଚିନି, ସୂତା ଆଦି ବୃହତ୍ ଶିଳ୍ପ ମଧ୍ୟ ସମବାୟ ଜରିଆରେ ପ୍ରତିଷ୍ଠା କରାଯାଇ ପାରିଛି । ଜନସାଧାରଣଙ୍କର ସହଯୋଗରେ ଏହି ଆନ୍ଦୋଳନ ଗତ କୋଡ଼ିଏ ବର୍ଷ ମଧ୍ୟରେ ଅନେକ ବେଶ୍ ପ୍ରସାରିତ ହୋଇ ପାରିଛି । ସହଯୋଗର ବାର୍ତ୍ତା ରାଜ୍ୟର ଘରେ ଘରେ ପହଞ୍ଚାଇ ଦେବାରେ କିଛି ଅବହେଳା ହୋଇନାହିଁ । ସାଧାରଣ ଲୋକଙ୍କ ଆର୍ଥିକ ବିକାଶ ଘଟାଇବାକୁ ଏହି ଆନ୍ଦୋଳନ

ଅବଶ୍ୟ ଆପ୍ରାଣ ଉଦ୍ୟମ କରି ଆସିଛି । କିନ୍ତୁ ଜନସାଧାରଣ ସମବାୟ ଭଳି ଗଣ ଅନୁଷ୍ଠାନରୁ ଯେତେ ପରିମାଣର ଉପକାର ଆଶା କରୁଥିଲେ ତାହା ସେମାନେ ଅନେକ କ୍ଷେତ୍ରରେ ପାଇପାରି ନାହାଁନ୍ତି ବୋଲି ଅନୁଭବ କରାଯାଏ । କେତେକ ସ୍ଥଳରେ ଏମାନେ ବିଫଳ ହୋଇଥିବାର ସମାଲୋଚନା ହୁଏ । ଉଦାହରଣ ସ୍ୱରୂପ ବାଣିଜ୍ୟ ଖାଉଟି ସମବାୟ ଅନୁଷ୍ଠାନଗୁଡ଼ିକ ବିଷୟ ଦେଖାଯାଉ । ବାଣିଜ୍ୟ ସମିତିମାନେ ଉଚିତ ଦାମ ଦେଇ କୃଷିଜାତ ପଦାର୍ଥ ଊଣ୍ଡୁ କରିବାରେ ଓ ତଦ୍ୱାରା ଉତ୍ପାଦନକାରୀଙ୍କୁ ଅସୁବିଧାରେ ପଡ଼ି କମ୍ ଦାମରେ ଜିନିଷ ବିକ୍ରୟ କରିବାରୁ ରକ୍ଷା କରିବାରେ ସଫଳ ହୋଇପାରି ଥିବାର ମନେ ହୁଏନା । ସେଭଳି ଖାଉଟି ସମବାୟ ଭଣ୍ଡାରମାନେ ଖାଣ୍ଟି ଜିନିଷ ଶସ୍ତାରେ ଲୋକଙ୍କୁ ଯୋଗାଇ ଦେବାକୁ କେବେହେଲେ ସକ୍ଷମ ହୋଇ ନାହାଁନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଭଳି ଆହୁରି ଅନେକ ଉଦାହରଣ ମଧ୍ୟ ଦିଆ ଯାଇପାରେ । ତେବେ କେତେକ କ୍ଷେତ୍ରରେ ସମବାୟ ଆନ୍ଦୋଳନ ବିଫଳତା ପାଇଁ ଦାୟୀ, ସେସବୁ ଅନୁଷ୍ଠାନ ନୁହେଁ । ସଚେତନତାର ଅଭାବ ହେତୁ ଦକ୍ଷ ଓ ସଚ୍ଚୋଟ ଲୋକଙ୍କୁ ଆମେ ସମିତି ପରିଚାଳନାକୁ ଆଣିପାରୁ ନାହୁଁ । ଫଳରେ ଅନେକ ସମିତି ସନ୍ତୋଷ ଜନକ କାର୍ଯ୍ୟ କରି ପାରୁ ନାହାଁନ୍ତି । ତାଛଡ଼ା ଆମର ସରକାରୀ ନୀତି ଓ ନିୟମ ଏତେ ପରିବର୍ତ୍ତନ ହେଉଛି ଯେ ତଦ୍ୱାରା ଆନ୍ଦୋଳନର ଗୁଣାତ୍ମକ ପ୍ରସାର ଅନେକ ସମୟରେ ବ୍ୟାହତ ହେଉଛି । ଆନ୍ଦୋଳନର ଭବିଷ୍ୟତ ଦୃଷ୍ଟିରୁ ତେଣୁ ଏହି ଦୁଇଟି ବ୍ୟତିକ୍ରମର ସଂଶୋଧନ ନିମନ୍ତେ ପ୍ରଥମେ ଧ୍ୟାନ ଦିଆଯିବା ଆବଶ୍ୟକ ।

ସମବାୟ ଆନ୍ଦୋଳନ ହେଉଛି ଗୋଟିଏ ଜନ ଆନ୍ଦୋଳନ । ସାଧାରଣ ଲୋକେ ଏହି ଆନ୍ଦୋଳନରେ ସାମିଲ ହୋଇଥାନ୍ତି । ନିଜର ବିକାଶ ଲକ୍ଷ୍ୟ ନେଇ ଗଣ ତାନ୍ତ୍ରିକ ପଦ୍ଧତିରେ ସେମାନେ ସମବାୟ ସମିତି ଗଠନ କରିଥାନ୍ତି ଓ ସେହି ପଦ୍ଧତିରେ ସେମାନେ ହିଁ ଏହାକୁ ଚଳାଇ ଆସିଥାନ୍ତି ନିଜର କଲ୍ୟାଣ ପାଇଁ । ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ ଜନସାଧାରଣଙ୍କୁ ସେବା ଯୋଗାଇବାରେ ଅନେକଟା ସମର୍ଥ ହୋଇ ପାରିଛି । ବିକାଶ ମୂଳକ ଆନ୍ଦୋଳନ ଯେ ସମ୍ପୂର୍ଣ୍ଣ ସଫଳ ହେବ ଏକଥା କହିହେବ ନାହିଁ ଦୋଷ ତ୍ରୁଟି କିଛି ରହି ଯାଇପାରେ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯାହାକୁ କି ସଂଶୋଧନ କରାଯାଇପାରେ କାର୍ଯ୍ୟକ୍ରମର ଉପାଦେୟତାକୁ ଦୃଷ୍ଟି ଦେଇ । ଯାହାହେଉ ତେବେ ସେ ଓଡ଼ିଶା ସମବାୟ ଆନ୍ଦୋଳନର ବିକାଶ ସଂକ୍ଷେପରେ ନିମ୍ନ ଦୁଇଟି ପରିଶିଷ୍ଟରେ ପ୍ରଦତ୍ତ କରାଗଲା ।

# ପରିଶିଷ୍ଟ–୧

## ସମବାୟ ଆନ୍ଦୋଳନର ବିକାଶ – ବର୍ଷ କ୍ରମରେ

| ବର୍ଷ | ସମିତି ସଂଖ୍ୟା | ସଭ୍ୟ ସଂଖ୍ୟା (ହଜାର) | କାର୍ଯ୍ୟକାରୀ ମୂଳଧନ (କୋଟି ଟଙ୍କା) |
|---|---|---|---|
| ୧୯୩୬–୩୭ | ୨,୧୫୪ | ୭୪ | ୦.୯୮ |
| ୧୯୪୬–୪୭ | ୩,୩୧୭ | ୧୭୪ | ୨.୪୦ |
| ୧୯୫୦–୫୧ | ୫,୧୧୫ | ୨୯୫ | ୪.୨୮ |
| ୧୯୬୦–୬୧ | ୭,୪୧୫ | ୨,୧୨୦ | ୧୦୦.୨୯ |
| ୧୯୮୦–୮୧ | ୫,୭୬୬ | ୩,୪୪୧ | ୬୯୯.୨୮ |
| ୧୯୮୬–୮୭ | ୬,୩୩୩ | ୪,୬୩୬ | ୧୨୩୬.୪୫ |
| ୧୯୮୮–୮୯ | ୬,୭୧୬ | ୪,୮୧୫ | ୧୪୭୫.୭୦ |

ଶିଳ୍ପ ସମବାୟ ସମିତି ଓ ଲିକ୍ୟୁଇଡେସନ୍‌ରେ ଥିବା ସମବାୟ ସମିତି ଏହି ହିସାବରେ ଅନ୍ତର୍ଭୁକ୍ତ ନୁହନ୍ତି ।

# ପରିଶିଷ୍ଟ–୨

## ସମବାୟ ଆନ୍ଦୋଳନର ବିକାଶ – ୧୯୮୮–୮୯ (କେତେକ ମୁଖ୍ୟ ସମିତି)

| କ୍ରମିକ ନଂ | ପ୍ରାଥମିକ ସମିତି (ପ୍ରକାର) | ସମିତି ସଂଖ୍ୟା | ସଭ୍ୟ ସଂଖ୍ୟା (ହଜାର) | କାର୍ଯ୍ୟକାରୀ ମୂଳଧନ (କୋଟି ଟଙ୍କା) | ବ୍ୟବସାୟ (କୋଟି ଟଙ୍କା) ୧୯୮୮–୮୯ | ମନ୍ତବ୍ୟ |
|---|---|---|---|---|---|---|
| ୧ | କୃଷି ଋଣ ସମିତି | ୨,୮୧୯ | ୩,୨୯୮ | ୩୩୩ | ୬୫ | ସ୍ୱଳ୍ପ ଓ ମଧ୍ୟମକାଳୀନ ଋଣ |
| ୨ | ଅଣ କୃଷି ଋଣ ସମିତି | ୭୭୭ | ୨୨୨ | ୯୮ | ୪୯ | ସ୍ୱଳ୍ପ ଓ ମଧ୍ୟମକାଳୀନ ଋଣ |
| ୩ | ଭୂ–ଉନ୍ନୟନ ବ୍ୟାଙ୍କ୍ | ୫୫ | ୩୦୦ | ୧୦୬ | ୬ | ଦୀର୍ଘକାଳୀନ ଋଣ |
| ୪ | ବାଣିଜ୍ୟ ସମିତି କୃଷି | ୨୬ | ୩୩ | ୩୯ | ୮ | ବିକ୍ରୟ |
| | ଅନ୍ୟାନ୍ୟ | ୭୭ | ୭୭ | ୭ | ୩ | ବିକ୍ରୟ |
| ୫ | ଚିନି କାରଖାନା | ୪ | ୪୧ | ୪୪ | ୧୨ | ବିକ୍ରୟ |
| ୬ | ଦୁଗ୍ଧ ଯୋଗାଣ | ୪୯୬ | ୩୦ | ୨ | ୧ | ବିକ୍ରୟ |
| ୭ | କୁକୁଡ଼ା ପାଳନ | ୨୫ | ୪ | ୦.୧୪ | ୦.୦୧ | ବିକ୍ରୟ |
| ୮ | ଜଳସେଚନ | ୧୧୦ | ୫ | ୦.୫ | ୦.୦୩ | କାର୍ଯ୍ୟର ମୂଲ୍ୟ |
| ୯ | ମତ୍ସ୍ୟ ଶିଳ୍ପ | ୪୧୯ | ୫୭ | ୫ | ୦.୩୮ | ମାଛ ବିକ୍ରି |
| ୧୦ | ସମବାୟ ଭଣ୍ଡାର ପାଇକାରୀ | ୩୭ | ୪୧ | ୯ | ୧୨ | ବିକ୍ରୟ |
| | ଖୁଚୁରା | ୨୬୭ | ୩୦୫ | ୬ | ୯ | ବିକ୍ରୟ |
| ୧୨ | ଗୃହ ନିର୍ମାଣ | ୮୦ | ୩୭ | ୧୮ | ୪ | ଋଣ |
| ୧୩ | ଶ୍ରମିକ | ୧୯୭ | ୨୧ | ୭ | ୨ | କାର୍ଯ୍ୟର ମୂଲ୍ୟ |
| ୧୪ | ପରିବହନ | ୩୧ | ୧ | ୦.୪ | ୦.୧୪ | ପଦାର୍ଥ ମୂଲ୍ୟ |
| ୧୫ | ଅନ୍ୟାନ୍ୟ | ୭୨୩ | ୨୫ | ୨ | ୦.୦୬ | ଋଣ |

ପରିସଂଖ୍ୟକ,
ରେଜିଷ୍ଟ୍ରାର କୋ: ଅ:, ଭୁବନେଶ୍ୱର ।

# ଓଡ଼ିଶାର ସମୃଦ୍ଧି ଦିଗରେ ଆମ୍ବେଦକରଙ୍କ ଭୂମିକା

■ ଅଧ୍ୟାପକ ବସନ୍ତ କୁମାର ମଲ୍ଲିକ

ପ୍ରାକ୍‌-ସ୍ୱାଧୀନତା କାଳରେ ଭାରତ ବର୍ଷର ଯେଉଁ କେତେ ଜଣ ବରପୁତ୍ର ଏହାର ଶାସନ ପଦ୍ଧତି ଓ ଅର୍ଥନୈତିକ ଉନ୍ନତି ପାଇଁ ଚିନ୍ତନ ସହିତ ତାହାର ସଫଳ ରୂପାୟନ ପାଇଁ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରୁ ଡକ୍ଟର ଭୀମାରାଓ ଆମ୍ବେଦକର ଥିଲେ ଅନ୍ୟତମ । ସେ ୧୯୪୨ ରୁ ୧୯୪୬ ମସିହା ପର୍ଯ୍ୟନ୍ତ ତତ୍‌କାଳୀନ ବ୍ରିଟିଶ ଭାରତ ସରକାରଙ୍କ କାର୍ଯ୍ୟକାରୀ ପରିଷଦରେ କ୍ୟାବିନେଟ୍‌ ଶ୍ରମ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ । ସ୍ୱାଧୀନତା ପରେ ସେ ଭାରତ ବର୍ଷର ପ୍ରଥମ ଆଇନ୍‌ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ସହିତ ସମ୍ବିଧାନର ମୁଖ୍ୟ ପ୍ରଣେତା ଭାବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥିଲେ । ଡକ୍ଟର ଆମ୍ବେଦକର ଯେ କେବଳ ଜଣେ ପ୍ରସିଦ୍ଧ ଆଇନଜ୍ଞ ଥିଲେ ତା ନୁହେଁ, ସେ ଥିଲେ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ । ସେଥିପାଇଁ ପ୍ରାକ୍‌-ସ୍ୱାଧୀନତା କାଳରେ କେନ୍ଦ୍ରୀୟ ଜଳପଥ, ଜଳସେଚନ ଓ ନୌବାଣିଜ୍ୟ କମିଶନ ଗଠିତ ହୋଇ ତାଙ୍କ ଅଧ୍ୟକ୍ଷତାରେ ବହୁଦିନ ପର୍ଯ୍ୟନ୍ତ କାର୍ଯ୍ୟକରିଥିଲା । ଏହି ସମୟରେ ଡକ୍ଟର ଆମ୍ବେଦକର ଦାମୋଦର ବହୁମୁଖୀ ନଦୀବନ୍ଧ ଯୋଜନା, ମହାନଦୀ ବହୁମୁଖୀ ନଦୀବନ୍ଧ ଯୋଜନା, ଜଳସେଚନର ସମ୍ପ୍ରସାରଣ, ନୌବାଣିଜ୍ୟର ଅଭିବୃଦ୍ଧି ଓ ବିଦ୍ୟୁତ୍‌ ଉତ୍ପାଦନ ଦ୍ୱାରା ଶିଳ୍ପ ବିକାଶ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କରି ଏକ ଆଧୁନିକ ଭାରତ ନିର୍ମାଣର ସ୍ୱପ୍ନ ଦେଖିଥିଲେ ।

## ନଦୀବନ୍ଧ ଯୋଜନା ସମ୍ମିଳନୀ :

୧୯୪୫ ମସିହା ନଭେମ୍ବର ୮ ତାରିଖ ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିବସ । ଏହି ଦିନ କଟକଠାରେ ଓଡ଼ିଶା ବହୁମୁଖୀ ନଦୀ ଯୋଜନା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଡକ୍ଟର ଆମ୍ବେଦକର ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶାର ଜଳ ସମ୍ପଦର ସଦୁପଯୋଗ, ବନ୍ୟା ନିୟନ୍ତ୍ରଣ ଯୋଜନା ବିଦ୍ୟୁତ ଉତ୍ପାଦନ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ବିନିଯୋଗ ସମ୍ପର୍କରେ ଏକ ସାରଗର୍ଭକ ଆଲୋଚନା କରି ଏହି ରାଜ୍ୟର ଉନ୍ନତି କାମନା କରିଥିଲେ । ତାଙ୍କ ଭାଷାରେ :

ଡକ୍ଟର ଆମ୍ବେଦକର ୧୯୪୫ ମସିହା ନଭେମ୍ବର ୮ ତାରିଖ ଦିନ ଓଡ଼ିଶାର ତତ୍କାଳୀନ ରାଜଧାନୀ କଟକରେ ଏକ ସମ୍ମିଳନୀ ଆହ୍ୱାନ କରିଥିଲେ । ଉକ୍ତ ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ପ୍ରତିନିଧି ଓ ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଓଡ଼ିଶାର ବିଭିନ୍ନ ସମସ୍ୟାମାନଙ୍କ ମଧ୍ୟରେ ବନ୍ୟା, ମରୁଡ଼ି ଓ ଦୁର୍ଭିକ୍ଷ ଭଳି ପ୍ରଳୟଙ୍କରୀ ସମସ୍ୟା ରହିଛି ବୋଲି ଡକ୍ଟର ଆମ୍ବେଦକର ଉଲ୍ଲେଖ କରିଥିଲେ । ଓଡ଼ିଶାରେ ଘଟି ଯାଇଥିବା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷୟ କ୍ଷତି ସମ୍ପର୍କରେ ଏକ ପ୍ରାମାଣିକ ଆଲୋଚନା କରି ୧୮୬୬ ଖ୍ରୀଷ୍ଟାବ୍ଦରେ ଦେଖା ଦେଇଥିବା ଅଭୂତପୂର୍ବ ଦୁର୍ଭିକ୍ଷରେ ପୁରୀ ଜିଲ୍ଲାର ଶତକଡ଼ା ୪୦ ଭାଗ ଜନସଂଖ୍ୟା ହ୍ରାସ ହୋଇଥିଲା ବୋଲି ସେ ପ୍ରକାଶ କରିଥିଲେ । ୧୯୪୪ ଖ୍ରୀଷ୍ଟାବ୍ଦରେ ରାଜ୍ୟର ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ସମୁଦାୟ ଲୋକ ସଂଖ୍ୟା ୭,୬୫,୦୦,୦୦ ମଧ୍ୟରୁ ୨,୩୫,୫୮୧ ଜଣ ମୃତ୍ୟୁ ବରଣ କରିଥିଲେ । ଏହି ମୃତ୍ୟୁ ସଂଖ୍ୟା ମଧ୍ୟରୁ ୧୩୦,୦୦୦ ଜଣ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ ଏବଂ ସେହି ସମୟରେ ଛାତ୍ର ସଂଖ୍ୟାର ଶତକଡ଼ା ୧୯ ଭାଗ ପୁଷ୍ଟିସାରବିହୀନ ଓ ଶତକଡ଼ା ୮·୭ ଭାଗରେ ଭିଟାମିନ୍‌ ଅଭାବର ଲକ୍ଷଣ ଦେଖା ଦେଇଥିଲା । ଏହି ମୃତ୍ୟୁର ହାର ତର୍ଜମା କରି ଓଡ଼ିଶା ଦାରିଦ୍ର୍ୟ ସୀମା ରେଖା ତଳେ ରହିଛି ବୋଲି ସେ ଘୋଷଣା କରି ତତ୍କାଳୀନ କେନ୍ଦ୍ର ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

## ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ତ୍ରିକୋଣ ଭୂମି :

ଗମନାଗମନର ଅସୁବିଧା ଥିଲା ଅନ୍ୟ ଏକ ଆଲୋଚ୍ୟ ବିଷୟ ବସ୍ତୁ । ଗମନାଗମନର ଅସୁବିଧା ଯୋଗୁଁ ଓଡ଼ିଶା ଏକ ଆବଦ୍ଧ ପ୍ରଦେଶ ବୋଲି ଡକ୍ଟର ଆମ୍ବେଦକର ବର୍ଣ୍ଣନା କରିଥିଲେ । ସେତେବେଳେ ପୂର୍ବାଞ୍ଚଳ ସମୁଦ୍ରକୂଳ ଦେଇ ଯାଉଥିବା ଗୋଟିଏ ଗୋଟିଏ ରେଳପଥ ବ୍ୟତୀତ ଜଳପଥ କିମ୍ବା ସ୍ଥଳପଥ ଦେଇ ମଧ୍ୟ ଗମନାଗମନର ବିଶେଷ ସୁବିଧା ନଥିଲା । ଗମନାଗମନର ସୁବିଧା ହୋଇଗଲେ ଓଡ଼ିଶାର ପ୍ରଚୁର ପ୍ରାକୃତିକ ସମ୍ପଦ ଯଥା-ଜଙ୍ଗଲ ଜାତ ଦ୍ରବ୍ୟ, କୋଇଲା, ଲୁହା, କ୍ରୋମ, ଗ୍ରାଫାଇଟ୍‌, ବକ୍ସାଇଟ୍‌, ଚୂନପଥର ଓ ଅଭ୍ର ଇତ୍ୟାଦିର ସଦୁପଯୋଗ ହୋଇପାରିବ ବୋଲି ଡକ୍ଟର ଆମ୍ବେଦକର ମତ ପ୍ରକାଶ କରିଥିଲେ । ଏହାବ୍ୟତୀତ, ଓଡ଼ିଶାର ପ୍ରଚୁର "ଜଳ ସମ୍ପଦ"ର ଉପଯୁକ୍ତ ବିନିଯୋଗ ହୋଇପାରିଲେ ରାଜ୍ୟର ବହୁମୁଖୀ ଉନ୍ନୟନ ଯୋଜନା ସମ୍ଭବ ହେବ ବୋଲି ସେ ମଧ୍ୟ ଚିନ୍ତା ପ୍ରକଟ କରିଥିଲେ ।

ଓଡ଼ିଶାର ତ୍ରିକୋଣଭୂମି ଦେଇ ବହୁଳ ପରିମାଣରେ ଜଳ ପ୍ରବାହିତ ହୋଇଥାଏ । ଏହି ତ୍ରିକୋଣଭୂମି ତିନୋଟି ଜିଲ୍ଲା ଯଥାକ୍ରମେ କଟକ, ପୁରୀ ଓ ବାଲେଶ୍ୱରକୁ ନେଇ ୮,୦୦୦ ବର୍ଗ ମାଇଲ ଭୂମିକୁ ଆବୃତ କରିଛି । ଏଠାରେ ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀରୁ ଜଳ ପ୍ରବାହିତ ହୋଇଥାଏ । ଏହାବ୍ୟତୀତ ଅନ୍ୟ ଦୁଇଟି ନଦୀ ଯଥା-ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ମଧ୍ୟ ଏହି ତ୍ରିକୋଣଭୂମିରେ ପ୍ରବାହିତ ହୁଏ । ଆଲୋଚନା ପ୍ରସଙ୍ଗରେ ଓଡ଼ିଶା କାହିଁକି ଏକ ଗରିବ ଓ ଅନଗ୍ରସର ରାଜ୍ୟ ହୋଇଛି ବୋଲି ଡକ୍ଟର ଆମ୍ବେଦକର ପ୍ରଶ୍ନ କରିଥିଲେ । ତାଙ୍କ ମତରେ ଜଳ ସମ୍ପଦର ସଦୁପଯୋଗ ହୋଇ ପାରିଲେ ଓଡ଼ିଶାର ଦାରିଦ୍ର୍ୟ ଦୂର ହୋଇ ପାରିବ ।

## ବନ୍ୟା ନିୟନ୍ତ୍ରଣ ଅନୁସନ୍ଧାନ କମିଟି :

୧୮୭୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ବନ୍ୟା ନିୟନ୍ତ୍ରଣ ସମ୍ପର୍କରେ Mr. R. H. Rhindଙ୍କ ତତ୍ତ୍ୱାବଧାନରେ ଏକ ଅନୁସନ୍ଧାନ

କରାଯାଇଥିଲା । କିନ୍ତୁ ୧୯୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତାଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରାଯାଇ ନଥିଲା । ୧୯୨୮ ଖ୍ରୀଷ୍ଟାବ୍ଦରେ ବଙ୍ଗ ପ୍ରଦେଶର ମୁଖ୍ୟମନ୍ତ୍ରୀ M. R. Adam Williamଙ୍କ ଅଧ୍ୟକ୍ଷତାରେ "ଓଡ଼ିଶା ବନ୍ୟା ଅନୁସନ୍ଧାନ କମିଟି ଗଢ଼ାଯାଇଥିଲା । ୧୯୩୭ ମସିହାରେ ଏହି କମିଟି ତରଫରୁ ଅନୁସନ୍ଧାନ କରିବାକୁ ସାର୍ ଏମ୍: ବିଶ୍ୱେଶ୍ୱରାୟାଙ୍କୁ ମଧ୍ୟ ଦାୟିତ୍ୱ ଦିଆ ଯାଇଥିଲା ଏବଂ ସେ ୧୯୩୭ରେ ଓ ୧୯୩୯ରେ ସମୁଦାୟ ଦୁଇଟି ରିପୋର୍ଟ ଉପସ୍ଥାପନ କରିଥିଲେ । ତାଙ୍କ ସୁପାରିଶ ଅନୁଯାୟୀ ଗୋଟିଏ "ବନ୍ୟା ଉପଦେଷ୍ଟା କମିଟି" ଗଢ଼ା ଗଲା । ଉକ୍ତ କମିଟି ଏହାର ପ୍ରାଥମିକ ରିପୋର୍ଟ ୧୯୩୮ ମସିହାରେ ଉପସ୍ଥାପନ କରି ୧୯୪୫ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ଏହି ସମୟ ମଧ୍ୟରେ କମିଟି ତରଫରୁ ମଧ୍ୟ କେତୋଟି ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦିଆ ଯାଇଥିଲା । ଏହି ରିପୋର୍ଟକୁ ଆଲୋଚନା କରିବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖ ଦିନ କଟକଠାରେ ଏକ ବନ୍ୟା ସମ୍ମିଳନୀର ଆହ୍ୱାନ କରାଯାଇଥିଲା । କିନ୍ତୁ ରିପୋର୍ଟରେ ଅଧିକ ଜଳ ଓଡ଼ିଶା ପାଇଁ ବିପଦର କାରଣ ବୋଲି ଉଲ୍ଲେଖ କରାଯାଇଥିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଡକ୍ଟର ଆମ୍ବେଦକର ମତ ପ୍ରକାଶ କରିଥିଲେ । ତାଙ୍କ ମତରେ ବହୁଳ ପରିମାଣର ଜଳ ଓଡ଼ିଶା ପ୍ରତି ବିପଦ ନୁହେଁ, ବରଂ ବନ୍ୟା ନିୟନ୍ତ୍ରଣ କରି ଏହି ଜଳକୁ ସଦୁପଯୋଗ କରି ପାରିଲେ ଏହା ଏକ ଅମୂଲ୍ୟ ସମ୍ପଦ ହୋଇ ପାରିବ । ଏ ସମ୍ବନ୍ଧରେ ଡକ୍ଟର ଆମ୍ବେଦକର କହିଥିଲେ, Orissa Delta is not the only area where there is so much amount of evil proceeding from the water. The United States of America had the same problem to face. Some of their rivers, the Missouri, the Miami and the Tenessee have risen to the same problem in the United States. Orissa must, therefore, adopt the method which the United States adopted in dealing with the problem of its rivers. The method is to dam the rivers at various points to consume the water permanently in reservoirs."

(Ibid, P. 58

ଡକ୍ଟର ଆମ୍ବେଦକର ଆମେରିକା ନଦୀବନ୍ଧ ଯୋଜନା ପରି ଓଡ଼ିଶାରେ ନଦୀ ବନ୍ଧ ନିର୍ମାଣ ପାଇଁ ଏହି ସମ୍ମିଳନୀରେ ପରାମର୍ଶ ଦେଇଥିଲେ । ତାଙ୍କର ଏହି ଯୋଜନା ମାଧ୍ୟମରେ ଧୀରେ ଗଢ଼ି ଉଠିଲା ହୀରାକୁଦ ନଦୀବନ୍ଧ ଯୋଜନା ।

## ଜଳ ସମ୍ପଦର ସଦୁପଯୋଗ :

ଜଳ ସମ୍ପଦକୁ ବିନିଯୋଗ କରି ପାରିଲେ ଓଡ଼ିଶାର ଅର୍ଥନୈତିକ ସମୃଦ୍ଧି ସମ୍ଭବ ହେବ ବୋଲି ଡକ୍ଟର ଆମ୍ବେଦକର ଦୃଢ ମତବ୍ୟକ୍ତ କରିଥିଲେ । ତାଙ୍କ ଯୋଜନା ଅନୁଯାୟୀ ଓଡ଼ିଶାର ନଦୀ ଜଳକୁ ଡ୍ୟାମ କରି ସଂରକ୍ଷଣ କରିବା ଆବଶ୍ୟକ । ଏହି ସଂରକ୍ଷିତ ଜଳରାଶି କୃଷି କ୍ଷେତ୍ରକୁ ଜଳସେଚନ କରାଯିବ । ଏଥିରୁ ବିଦ୍ୟୁତ୍ ମଧ୍ୟ ଉତ୍ପାଦନ କରାଯାଇ ପାରିବ ।ବିଦ୍ୟୁତ୍ ଉତ୍ପାଦନ କରାଗଲେ ଶିଳ୍ପର ବିକାଶ ହୋଇପାରିବ । ଏହି ଜଳ ସମ୍ପଦ ଦ୍ୱାରା ଆଭ୍ୟନ୍ତରୀଣ ନୌବାଣିଜ୍ୟର ମଧ୍ୟ ବିକାଶ ଘଟିବ । ୧୯୩ ମସିହାରେ ରେଳପଥ ନିର୍ମାଣ କିମ୍ବା ନୌବାଣିଜ୍ୟ ନିମନ୍ତେ କେନାଲ୍‌ଗୁଡ଼ିକର ସମ୍ପ୍ରସାରଣ ଓ ନଦୀ, ନଦୀ ମଧ୍ୟରେ ସଂଯୋଗ ସ୍ଥାପନ ସମ୍ବନ୍ଧରେ ବ୍ରିଟିଶ୍ ସରକାରଙ୍କ ଶାସନ କଳରେ ଏକ ସ୍ୱ ଦେଖା ଦେଇଥିଲା । ସାର୍ ଆର୍ଥର କଟନ୍ କେନାଲର ସମ୍ପ୍ରସାରଣ ପାଇଁ ଦୃଢ଼ ଯୁକ୍ତି ବାଢ଼ିଥିଲେ ମଧ୍ୟ ରେଳପଥର ସମର୍ଥକମାନେ ସଂଖ୍ୟା ଗରିଷ୍ଠ ଥିବାରୁ ରେଳପଥମାନ ହିଁ ନିର୍ମିତ ହେଲା । କିନ୍ତୁ ରେଳପଥ ପରିବର୍ତ୍ତେ ଜଳପଥର ସମ୍ପ୍ରସାରଣ ଘଟିଥିଲେ ବହୁ ଭଲ ହୋଇଥାନ୍ତା ବୋଲି ଡକ୍ଟର ଆମ୍ବେଦକର ମତପ୍ରକାଶ କରିଥିଲେ । ବାସ୍ତବିକ୍ ଜଳପଥ ଦ୍ୱାରା ଯାତାୟତ ଓ ପରିବହନ କରାଯାଇଥିଲେ ଭାରତ ବର୍ଷରେ ନିର୍ମଳ ପରିବେଶର ସୁରକ୍ଷା ହୋଇ ପାରିଥାନ୍ତା ।

ଆଭ୍ୟନ୍ତରୀଣ ଜଳପଥ ଦ୍ୱାରା ଓଡ଼ିଶାର ସର୍ବବିଧ ବିକାଶ ହୋଇପାରିବ ବୋଲି ଡକ୍ଟର ଆମ୍ବେଦକର ଦୃଢ଼ ମତ ପ୍ରକାଶ କରିଥିଲେ । ଓଡ଼ିଶାରେ ଜଳପଥର ସମ୍ପ୍ରସାରଣ ପାଇଁ ଏ 'ପ୍ରଣାଳୀ'ର ଯୋଜନା କରିଥିଲେ । ଏହି ଯୋଜନା ଅନୁଯାୟୀ (୧) ନରାଜଠାରୁ ଦୁଇମାଇଲ ଦୂରରେ ଥିବା ପାହାଡ଼ ନିକଟସ୍ଥ ସ୍ଥାନ, (୨) ଟିକରପଡ଼ା ଓ (୩) ସମ୍ବଲପୁରର ଉର୍ଦ୍ଧାଞ୍ଚଳ ଇତ୍ୟାଦି ଏହି ତିନୋଟି ସ୍ଥାନରେ ତିନୋଟି ଡ୍ୟାମ୍ କରାଯାଇ ଗନ୍ଧବାଳିପଡ଼ା ସମ୍ବଲପୁର ଓ ଅଧିକ ବିସ୍ତୃତ ଅଞ୍ଚଳ ପର୍ଯ୍ୟନ୍ତ ନୌଯାତାୟତ ଜଳପଥ କରାଯାଇ ପାରିବ । ଏହା ଦ୍ୱାରା ଏକ ୩୫୦ ମାଇଲ ଦୀର୍ଘ ଲମ୍ବର ଏକ ପ୍ରଣାଳୀ ହୋଇପାରିବ ଯଦ୍ୱାରା ଜଳସେଚନ ଯାତାୟତ ଓ ପରିବହନର ବ୍ୟବସ୍ଥା ମଧ୍ୟ ସହଜସାଧ୍ୟ ହୋଇ ପାରିବ । ବହୁମୁଖୀ ନଦୀବନ୍ଧ ଯୋଜନା ହିଁ ଜଳ ସମସ୍ୟା ସମାଧାନର ଏକ ଉତ୍କୃଷ୍ଟ ଉପାୟ । (୧) ବନ୍ୟା ନିୟନ୍ତ୍ରଣ, (୨) ବିଦ୍ୟୁତ୍ ଉତ୍ପାଦନ, (୩) ଜଳସେଚନ ଓ ନିଷ୍କାସନ, (୪) ନୌବାଣିଜ୍ୟ, (୫) ମୃତ୍ତିକା ସଂରକ୍ଷଣ ଓ (୬) ଶିଳ୍ପର ବିକାଶ ଇତ୍ୟାଦି ତାଙ୍କ ନଦୀ ବହୁମୁଖୀ ଯୋଜନାର ଅନ୍ତର୍ଭୁକ୍ତ ।

## ନିର୍ମାଣ ଓ ନିଷ୍ପତ୍ତି :

ଡକ୍ଟର ଆମ୍ବେଦକର ଓଡ଼ିଶାର ଜଳ ସମସ୍ୟାର ସମାଧାନ ଓ ଅର୍ଥନୀତିର ବିକାଶ ପାଇଁ କେବଳ ଯେ କାଗଜ କଲମରେ ଏ ଯୋଜନା ପ୍ରସ୍ତୁତ କରିଥିଲେ ତା' ନୁହେଁ, ଓଡ଼ିଶାରେ ନଦୀବନ୍ଧ ନିର୍ମାଣ ପାଇଁ ଅନୁସନ୍ଧାନ ଓ ଏ ସମ୍ବନ୍ଧରେ ଶେଷ ନିଷ୍ପତ୍ତି ନେବାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୧୯୪ ମସିହାରେ ଡକ୍ଟର ଆମ୍ବେଦକର କେନ୍ଦ୍ରରେ ଶ୍ରମ ବିଭାଗ ଛଡ଼ା ଅତିରିକ୍ତ ଜଳସେଚନ ଓ ବିଦ୍ୟୁତ୍ ବିଭାଗର ଦାୟିତ୍ୱ ମଧ୍ୟ ତୁଲାଉଥିଲେ । ସେହି ସମୟରେ ମହାନଦୀରେ ଏକ ଜଳଭଣ୍ଡାର ନିର୍ମାଣ ନିମନ୍ତେ ଅନୁସନ୍ଧାନ କରିବାକୁ ଡକ୍ଟର ଏ: ଏନ୍: ଖୋସଲାଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରାଗଲା । ୧୯୪ ଡକ୍ଟର ଖୋସଲା ହୀରାକୁଦଠାରେ ଏକ ଜଳଭଣ୍ଡାର ନିର୍ମାଣ କରିବା ନିମନ୍ତେ ତାଙ୍କ ରିପୋର୍ଟରେ ପ୍ରକାଶ କଲେ । ଏହି ରିପୋର୍ଟ ଅନୁଯାୟୀ ଡକ୍ଟର ଆମ୍ବେଦକର ମଧ୍ୟପ୍ରଦେଶ ଓ ଓଡ଼ିଶା ସରକାରଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ହୀରାକୁଦଠାରେ ନଦୀବ

ନିର୍ମାଣର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିଥିଲେ । ୧୯୪୭ ମସିହାରେ ଭାରତ ବର୍ଷ ସ୍ୱାଧୀନତା ଲାଭ କରିବା ହେତୁ ଏ କାର୍ଯ୍ୟ ଆରମ୍ଭ ହୋଇ ପାରିଲା ନାହିଁ । ଏହାର ନିର୍ମାଣ କାର୍ଯ୍ୟ ୧୯୪୮ ମସିହାରେ ଆରମ୍ଭ ହୋଇ ୧୯୫୬ ମସିହାର ଶେଷ ଭାଗରେ ସମ୍ପୂର୍ଣ୍ଣ ହୋଇଥିଲା ।

ଆଧୁନିକ ଭାରତ ନିର୍ମାଣ ପାଇଁ ଡ଼କ୍ଟର ବାବାସାହେବ ଆମ୍ବେଦକରଙ୍କ ଭୂମିକା ଚିରସ୍ମରଣୀୟ । ଓଡ଼ିଶାରେ ହୀରାକୁଦ ନଦୀବନ୍ଧ ନିର୍ମାଣ ପାଇଁ ସେ ଯେଉଁ ଭିତ୍ତି ପ୍ରସ୍ତର ସ୍ଥାପନ କରି ଗଲେ ସେଥିପାଇଁ ସେ ଅମର ରହିବେ । ସମ୍ବିଧାନ ପ୍ରଣୟନ ବ୍ୟତୀତ ଭାରତବର୍ଷର ଅର୍ଥନୈତିକ ବିକାଶ ପାଇଁ, ଦାମୋଦର ବହୁମୁଖୀ ନଦୀବନ୍ଧ ଯୋଜନା ଓ ମହାନଦୀ ବହୁମୁଖୀ ନଦୀବନ୍ଧ ଯୋଜନା ପରି ଆହୁରି ଅନେକ ଯୋଜନା ଏପର୍ଯ୍ୟନ୍ତ ଲୋକ ଲୋଚନକୁ ଆସି ପାରି ନାହିଁ । ସେ ସବୁ ତଥ୍ୟ ଆବିଷ୍କୃତ ହେଲେ ଆଧୁନିକ ଭାରତ ନିର୍ମାଣରେ ତାଙ୍କର ଅବଦାନ ଓ ଭାରତବାସୀମାନଙ୍କ ପାଇଁ ତାଙ୍କର ସ୍ୱପ୍ନ ଆମ୍ଭେମାନେ ଠିକ୍ ଭାବେ ବୁଝି ପାରିବା ।

ଇତିହାସ ଅଧ୍ୟାପକ,
ସାମନ୍ତ ଚନ୍ଦ୍ରଶେଖର କଲେଜ,
ପୁରୀ ।



# ଭାରତୀୟ ଅଭିଦୃଷ୍ଟି

■ ଶ୍ରୀ ଶ୍ରୀଧର ପତି

ଦିନେ ମାନବ ସଭ୍ୟତାର ଅଭ୍ୟୁଦୟ ଆଧ୍ୟାତ୍ମିକ ଓ ଭୌତିକବାଦ ରୂପରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡରେ ଦେଖାଦେଇଥିଲା ପ୍ରାଚ୍ୟ ଆଧ୍ୟାତ୍ମିକବାଦ ଧର୍ମ ଓ ମୋକ୍ଷ ପ୍ରାଧାନ୍ୟ ଥିବାରୁ ଏହା ଆତ୍ମିକ ବିକାଶ ସମ୍ପନ୍ନ ତଥା ପାଶ୍ଚାତ୍ୟ ଭୌତିକବାଦ ଅର୍ଥ ଓ କାମ ପ୍ରାଧାନ୍ୟ ଥିବାରୁ ଦୈହିକ ବିକାଶ ସମ୍ପନ୍ନ । ପ୍ରାଚ୍ୟ ଆଧ୍ୟାତ୍ମିକବାଦ ଆତ୍ମାକୁ ମାନଦଣ୍ଡ କରିଥିଲେ ମଧ୍ୟ ଶରୀରକୁ ଅସ୍ୱୀକାର କରେ ନାହିଁ ବରଂ ସାଧ୍ୟ ଓ ସାଧନ ଭାବରେ ଗ୍ରହଣ କରିଥିବାରୁ ସୁସଂସ୍କୃତ । ଏହା ଭୋଗ ମାଧ୍ୟମରେ ତ୍ୟାଗ ପରମ୍ପରା ସୃଷ୍ଟିକରି ସଂସାର ରୂପୀ ସମଷ୍ଟି ପୁରୁଷର ସେବା ଗୁଣ କେନ୍ଦ୍ରିକ ବର୍ଣ୍ଣାଶ୍ରମ ଧର୍ମ ମାଧ୍ୟମରେ ପ୍ରବର୍ତ୍ତନ କରିଥିଲେ । ଯହିଁରେ ବ୍ୟଷ୍ଟି ଓ ସମଷ୍ଟି ପରସ୍ପରର ପରିପୂରକ । ଆଧ୍ୟାତ୍ମଜ୍ଞାନୀ ତଥା ତପସ୍ୱୀ ଆର୍ଯ୍ୟ ଋଷିବୃନ୍ଦଙ୍କର ସିଦ୍ଧାନ୍ତାନୁଯାୟୀ ଆତ୍ମା ନିତ୍ୟ, ଚେତନ ଓ ଗୁଣାତୀତ । ତୁଣ୍ୟବର୍ଗ ମନୁଷ୍ୟଗିରିକା ବଦ୍ ଭ୍ରମାତ୍ମାଙ୍କ ଓ ଗୁଣାଧୀନ । ସୃଷ୍ଟି କାର୍ଯ୍ୟ କାରଣର ସୁଦୃଢ଼ ନିୟମରେ ପରିଚାଳିତ । ଜୀବାତ୍ମା ତାର ପୂର୍ବକୃତ କର୍ମାନୁସାରେ ସଂସାରରେ ଭୋକ୍ତା ଭୋଗ ପ୍ରାପ୍ତ ହୁଏ । ଏହି ପ୍ରାଚ୍ୟ ସଭ୍ୟତା ଆତ୍ମକେନ୍ଦ୍ରିକ ଦର୍ଶନ ବା ଶ୍ରୁତି ତଥା ଗୁଣକେନ୍ଦ୍ରିକ ସାମାଜିକ ନୀତି ବା ସ୍ମୃତି ମାଧ୍ୟମରେ ନିୟନ୍ତ୍ରିତ ହୋଇଥିବାରୁ ଏହାର ଭିତ୍ତି ସୁଦୃଢ଼ । ଏହାର ଲକ୍ଷ୍ୟ ଜ୍ଞାନ ଓ ବୈରାଗ୍ୟ ଫଳତଃ ଚକ୍ରବର୍ତ୍ତୀ ରାଜା ମଧ୍ୟ ନିଜକୁ ଋଷି ପରମ୍ପରାର ଅନ୍ତର୍ଗତ କରି ଧନ୍ୟ ମନେ କରେ । ଏହି ଅନ୍ତର୍ମୁଖୀ ସଭ୍ୟତାର ଜୀବନୀ ଶକ୍ତି, ଆଦର୍ଶ ତଥା ମୂଳମନ୍ତ୍ର ଧର୍ମ ଏହାର ଲକ୍ଷ୍ୟ ଅତିନ୍ଦ୍ରିୟ ଲୋକ ଯେଉଁଠାରେ ଭୌତିକ ସୂର୍ଯ୍ୟ ନାହିଁ ଚନ୍ଦ୍ର ନାହିଁ, ଦେଶ ନାହିଁ, କୋଳାହଳ ନାହିଁ ତଥା କାଳର ପ୍ରଭାବ ମଧ୍ୟ ନାହିଁ । ପ୍ରାଚ୍ୟ ସଭ୍ୟତାର ମାନବ ଲୌହ ମାନବ । ସେ ତାର ଧର୍ମ ନୀତିରେ ଅଟଳ ତଥା ଧର୍ମ ମାଧ୍ୟମରେ ଜଗତକୁ ବିଚାର କରେ । ଏଣୁ ଭର୍ତ୍ତୃହରି ଲେଖିଛନ୍ତି :

ନିନ୍ଦନ୍ତୁ ନୀତି ନିପୁଣା ଯଦିବା ସ୍ତୁବନ୍ତୁ
ଲକ୍ଷ୍ମୀ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍
ଅଦୈବ ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ।

ଅର୍ଥାତ୍ ନୀତିଜ୍ଞମାନେ ନିନ୍ଦା ବା ପ୍ରଶଂସା କରନ୍ତୁ । ଲକ୍ଷ୍ମୀ ଆସନ୍ତୁ ବା ଚାଲିଯାଆନ୍ତୁ, ମୃତ୍ୟୁ ଆଜିହେଉ ବା ଯୁଗାନ୍ତରରେ ହେଉ, ସେ କିନ୍ତୁ ସତ୍ୟକୁ ଲଙ୍ଘନ କରନ୍ତି ନାହିଁ । ମହାମାନ୍ୟା ଗାନ୍ଧାରୀ ରାଜା ଦୁର୍ଯ୍ୟୋଧନଙ୍କୁ ଆଶୀର୍ବାଦ ଦେଇ କହିଥିଲେ

କୁରୁମଣି ଘେନ ଆଶୀଷ ମୋହର
ଜନନୀର ବରାଭୟ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ ।

ଏଣୁ ପ୍ରାଚ୍ୟ ସଭ୍ୟତାରେ ବ୍ୟକ୍ତିର ବୈଶିଷ୍ଟ୍ୟର ନାହିଁ । ବୈଶିଷ୍ଟ୍ୟ ଧର୍ମର ।

କିନ୍ତୁ ଭୌତିକବାଦୀଙ୍କ ସିଦ୍ଧାନ୍ତାନୁସାରେ ଈଶ୍ୱର ଜୀବାତ୍ମା ସୃଷ୍ଟିକରନ୍ତି । ଜୀବାତ୍ମାର ପୁନରାବର୍ତ୍ତନ ହୁଏ ନାହିଁ । ଏହି ଜନ୍ମ ତା'ର ପ୍ରଥମ ଓ ଅନ୍ତିମ । ସେ କରିଥିବା ପାପ ବା ପୁଣ୍ୟର ଫଳ ଅନନ୍ତକାଳ ପର୍ଯ୍ୟନ୍ତ ଭୋଗ କରେ । ଏହି ସିଦ୍ଧାନ୍ତାନୁସାରେ ଯଦି ଜୀବର ପୂର୍ବକୃତକର୍ମ ଇହଜନ୍ମର କାରଣ ନହୁଏ ତେବେ ଜନ୍ମରୁ ଏକ ଜୀବର ଅନ୍ୟ ଜୀବ ସହିତ ବୈଷମ୍ୟ କାରଣ ନିର୍ଣ୍ଣୟ କରି ହୁଏ ନାହିଁ, ଜଡ଼ବାଦ କହେ—ବଂଶ ପରମ୍ପରା ଓ ପରିସ୍ଥିତି । କିନ୍ତୁ ସ୍ୱୟଂ ଜଡ଼ବାଦ କାର୍ଯ୍ୟ କାରଣ ନିୟମର ଅଧୀନ ଥିବା ବେଳେ ପୂର୍ବଜନ୍ମ କାରଣକୁ ଅସ୍ୱୀକାର କରାଯାଇପାରେ ନାହିଁ । ବିଶ୍ୱର୍ଯ୍ୟ ଯେ ଯୋଶେଫଙ୍କ ସଦୃଶ ତନ୍ତୁବାୟଙ୍କର ପୁତ୍ର ଅତି ଦୟନୀୟ ପରିସ୍ଥିତିରେ ମଧ୍ୟ ମହାମାନ୍ୟ ଯେମସ୍ ଖ୍ରୀଷ୍ଟ ହୋଇପାରିଥିଲେ । ଏଣୁ ବୈଷମ୍ୟର କାରଣ ବଂଶମ୍ପରା ବା ପରିସ୍ଥିତି ହୋଇନପାରେ । ଏହା ଦୁର୍ବଳ ବିଚାର । ପୁନଶ୍ଚ ବହିର୍ମୁଖୀ ସଭ୍ୟତାର ସାମାଜିକ ଧର୍ମ ମତଗୁଡ଼ିକ ସେହି ଧର୍ମ ପ୍ରବର୍ତ୍ତକଙ୍କର ଜୀବନୀ ଉପରେ ଆଧାରିତ । ସେହି ବ୍ୟକ୍ତି ବିଶେଷଙ୍କର ଐତିହ୍ୟରେ ଆଞ୍ଚ ଆସିଲେ ତାଙ୍କର ପ୍ରଚାରିତ ଧର୍ମ ଧୂଳିସାତ ହୁଏ । ଏଣୁ ଦୁର୍ବଳ ଭିତ୍ତି ତଥା ନୀତିର ସଭ୍ୟତା ଦୁର୍ବଳ । ସେଥି ନିମିତ୍ତ ଅତୀତର ବହୁ ଜଡ଼ବାଦୀ ସଭ୍ୟତା ଧୂଳିସାତ୍ ହୋଇଛି । କିନ୍ତୁ ସନାତନ ବୈଦିକ ସଭ୍ୟତା ବହୁ ଘାତ ପ୍ରତିଘାତ ସତ୍ତ୍ୱେ ଆଜିମଧ୍ୟ ତିଷ୍ଠିରହିଛି । ଜଡ଼ବାଦୀମାନଙ୍କର ବିଗ୍ରହ ସର୍ବସ୍ୱ ହୋଇ ଥିବାରୁ ଧର୍ମାଚାର୍ଯ୍ୟଗଣ କୌଣସି ନା କୌଣସି ରାଜବଂଶୀୟ ଭାବେ ନିଜକୁ ପରିଚିତ କରିଥାନ୍ତି । ଜଡ଼କେନ୍ଦ୍ରିକ ସ୍ୱାର୍ଥ ସର୍ବସ୍ୱ ବିଚାର ପୁଞ୍ଜିବାଦ, ସମାଜବାଦ ଓ ସାମ୍ୟବାଦ ସୃଷ୍ଟି କରନ୍ତି । କିନ୍ତୁ ଭ୍ରମାତ୍ମକ ସିଦ୍ଧାନ୍ତର ବଶବର୍ତ୍ତୀ ହୋଇ ଭୁଲି ଯାଇଛି ଯେ ଭୌତିକ ଶରୀରର ଅନ୍ତରାଳରେ ଅବ୍ୟକ୍ତ ଆତ୍ମା ବିରାଜିତ । ଆତ୍ମା ହିଁ ଶରୀର ମାଧ୍ୟମରେ ବିଷୟାନନ୍ଦ ଆସ୍ୱାଦନ କରେ । ଏହି ଆତ୍ମାର ଆନନ୍ଦ ନିମିତ୍ତ ଜଡ଼ ଶରୀରରେ ନାନା ଆବଶ୍ୟକତା ସୃଷ୍ଟି ହୁଏ । ଏହାହିଁ ବ୍ୟକ୍ତି ସ୍ୱାର୍ଥ । ଏହି ଆବଶ୍ୟକତାର ପରିପୂରଣ ପାଇଁ ଜୀବ ଅନ୍ୟକୁ ଆଘାତ କରେ । ଏହି ଆବଶ୍ୟକତା ନାନା ଉଦ୍‌ବେଗ ସୃଷ୍ଟି କରେ । ହିଂସା ରୋଗ ସଦୃଶ ଏହା ପ୍ରତିପକ୍ଷଠାରେ ଅନୁରୂପ ଭାବନା ସୃଷ୍ଟି କରି କର୍ମଚକ୍ର ସମ୍ପ୍ରସାରିତ କରେ । ଏହି ସିଦ୍ଧାନ୍ତ ଜଡ଼ ଚିନ୍ତା ବହିର୍ଭୂତ । ଜଡ଼ବାଦୀମାନଙ୍କ ବିଚାରରେ ଆବଶ୍ୟକତା ପରିପୂରଣ ଦ୍ୱାରା ମାନବ ସୁଖୀ ହୁଏ । ତେଣୁ ଆଜିର ବହିର୍ମୁଖୀ ସଭ୍ୟତାରେ ପ୍ରଭାବିତ ସମାଜ ବଢୁଛି ।

ବୈଦିକ ସଭ୍ୟତାରେ କାମନା ସର୍ବଦା ତ୍ୟାଜ୍ୟ । ଯଦି ଜୀବ ସ୍ୱାର୍ଥ ବିନିମୟରେ ପରାର୍ଥ ଚିନ୍ତାକରେ ତେବେ ଆଦର୍ଶ ମାନବରେ ପରିଣତ ହୁଏ । ଏଣୁ କାମନା ପରିପୂରଣ ପରିବର୍ତ୍ତେ

କାମନା ତ୍ୟାଗ ହିଁ ଉଚ୍ଚ ଆଦର୍ଶ ରୂପେ ଗୃହିତ ହୋଇଛି । ଏହି ଅନାସକ୍ତ ବୈଦିକଧର୍ମୀ ଈଶ୍ୱର ସୃଷ୍ଟ ସମଗ୍ର ସ୍ଥାବର ଜଙ୍ଗମ ନିମିତ୍ତ ପ୍ରାର୍ଥନା କରି କହେ :

ସର୍ବେ ଭବନ୍ତୁ ସୁଖୀନୋ,
ସର୍ବେସନ୍ତୁ ନିରାମୟ,
ସର୍ବେ ଭଦ୍ରାଣି ପଶ୍ୟନ୍ତୁ,
ମାକଶ୍ଚିଦ୍ ଦୁଃଖଭାଗ ଭବେତ୍ ।

ଗୀତାରେ ଭଗବାନ ପୂର୍ବକର୍ମାନୁସାରେ ଚତୁର୍ବିଂଶତି ତତ୍ତ୍ୱଯୁକ୍ତ ପ୍ରକୃତିର ପରିଣାମ ପଞ୍ଚିକୃତ ସ୍ଥୂଳ ଶରୀରର ବର୍ଣ୍ଣନା କରିବାର ପରେ ପ୍ରକୃତିର ଅଂଶ ଶରୀରକୁ ମୁଁ ଓ ମୋର ମାନିବା ଦ୍ୱାରା ସୃଷ୍ଟି ହେଉଥିବା ବିକାରମାନଙ୍କ ବର୍ଣ୍ଣନାକରି କାମନା ବା ଇଚ୍ଛା ହିଁ ମୂଳ ବିକାର ବୋଲି କହିଛନ୍ତି ।

ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତ ଶ୍ଚେତନା ଧୃତିଃ ।
ଏତଦ୍ କ୍ଷେତ୍ରଂ ସମାସେନ ସବିକାର ମୁଦାହୃତମ୍ ।(୧୩/୬)

ଅର୍ଥାତ୍ ଶରୀରକୁ ମୁଁ ଓ ମୋର ବିଶ୍ୱର ଯୋଗୁ ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ ସ୍ଥୂଳଦେହ ଚେତନା ଓ ଧୃତି ଇତ୍ୟାଦି ବିକାର ସୃଷ୍ଟି ହୁଏ । ଫଳତଃ ଶରୀରର ଆବଶ୍ୟକତାକୁ ନିଜର ଆବଶ୍ୟକତା ଭାବି ସେହି ଆବଶ୍ୟକତା ଶରୀରର ସଜାତୀୟ ପ୍ରାଣୀ ଓ ପଦାର୍ଥରୁ ପୂରଣ କରିବାକୁ ଇଚ୍ଛା କରେ । ଏହି ଇଚ୍ଛାକୁ ବାସନା, କାମନା, ସ୍ପୃହା, ଆଶା ଓ ତୃଷ୍ଣା ଇତ୍ୟାଦି କୁହାଯାଏ । କାମନା ଉତ୍ପନ୍ନ ହେଲେ ବିବେକକୁ ଢାଙ୍କି ଦିଏ ଫଳତଃ ସମସ୍ତ ଅନର୍ଥ ସୃଷ୍ଟି ହୁଏ । ଭଗବାନ ବାରମ୍ବାର କାମନା ତ୍ୟାଗ ନିମନ୍ତେ ଉପଦେଶ ଦେଇଛନ୍ତି । ଏଣୁ ସନାତନ ପଦ୍ଧତିର ସିଦ୍ଧାନ୍ତ ତ୍ୟାଗ ପୂର୍ବକ ଭୋଗ । ତାତ୍ପର୍ଯ୍ୟ ଆତ୍ମାନିତ୍ୟ ତଥା ସଂସାର ଅନିତ୍ୟ ହେଲେ ମଧ୍ୟ ମିଥ୍ୟା ବା କୁହୁକ ନୁହେଁ ଏହା ତତ୍ତ୍ୱ ଦୃଷ୍ଟିରୁ ମିଥ୍ୟା ସତ୍ୟ କିନ୍ତୁ ବ୍ୟବହାର ନିମିତ୍ତ ସତ୍ୟ । ଏଣୁ ଭଗବାନଙ୍କର ଉପଦେଶ ନିଷ୍କ୍ରିୟ ଜୀବନ ପରିବର୍ତ୍ତେ ନିଷ୍କାମ ଜୀବନ ଯାପନ ଯଥା :

"ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର,
ଅସକ୍ତୋହ୍ୟାଚରନ କର୍ମ ପରମାପ୍ନୋତି ପୁରୁଷଃ ।(୩/୧୯)

ଏଣୁ ତୁମେ ଅନାସକ୍ତ ହୋଇ କରଣୀୟ କର୍ମର ଅନୁଷ୍ଠାନ କର । ଅନାସକ୍ତ କର୍ମୀର ମୋକ୍ଷ ପ୍ରାପ୍ତି ହୁଏ ।

ଆତ୍ମା ଭୌତିକ ବସ୍ତୁର ଭିନ୍ନ । ଏଣୁ ଆତ୍ମିକ ନିୟମ ଭୌତିକ ନିୟମର ଅଧୀନ ନୁହେଁ । ଯେ ପର୍ଯ୍ୟନ୍ତ ଆତ୍ମା ଗୁଣସଙ୍ଗ କରି ଜଡ଼ ଦେହକୁ ମୁଁ ମନେକରେ ସେ ପର୍ଯ୍ୟନ୍ତ ଜୀବାତ୍ମା ସଂଜ୍ଞାରେ ସ୍ଥିତ ରହେ । ଏହି ଭ୍ରମଯୋଗୁ କାର୍ଯ୍ୟ କାରଣ ଶୃଙ୍ଖଳରେ ବଦ୍ଧ ହୋଇ ଭୌତିକ ବିକାରର ଅଧୀନସ୍ଥ ଥାଏ । ଯେତେବେଳେ ନିଜ ସ୍ୱରୂପକୁ ବୁଝିପାରେ, ସେତେବେଳେ ଜୀବ ସଂଜ୍ଞା ଶରୀର ଥିବା ପର୍ଯ୍ୟନ୍ତ ନାମକୁ ମାତ୍ର ଥାଏ ଓ ସେ କାର୍ଯ୍ୟ କାରଣ ଶୃଙ୍ଖଳରୁ ମୁକ୍ତ ହୁଏ । ଜୀବ ସାମୟିକ ଜୀବାତ୍ମା ରୂପେ କର୍ମର ଅଧୀନ ହେଲେ ମଧ୍ୟ ଆତ୍ମା ରୂପେ କର୍ମର କର୍ତ୍ତା । ଗୀତାରେ ଭଗବାନ କହିଛନ୍ତି :

ନ ପ୍ରହୃଷ୍ୟେତ୍ ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍ ପ୍ରାପ୍ୟଚା
ପ୍ରିୟମ୍,
ସ୍ଥିର ବୁଦ୍ଧିର ସଂମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି
ସ୍ଥିତଃ ।(୫/୨୦)

ଅର୍ଥାତ୍ ବ୍ରହ୍ମବେତ୍ତା ବ୍ରହ୍ମରେ ସ୍ଥିତ ରହେ । ସେ ଅନୁକୂଳ ପରିସ୍ଥିତିରେ ସୁଖୀ କିମ୍ବା ପ୍ରତିକୂଳ ପରିସ୍ଥିତିରେ ଦୁଃଖୀ ହୁଏ ନାହିଁ । ସେ ସ୍ଥିର ବୁଦ୍ଧି ସମ୍ପନ୍ନ ଓ ମୋହ ରହିତ ଇନ୍ଦ୍ରିୟ ସୁଖକର ବ୍ୟକ୍ତି ବା ବସ୍ତୁର ଆସକ୍ତିକୁ ମୋହ କୁହାଯାଏ । ଏହା ଜ୍ଞାନ ପ୍ରାଧାନ୍ୟମାନଙ୍କ ନିମିତ୍ତ ପୂର୍ଣ୍ଣ ପ୍ରଯୁଜ୍ୟ । ଅର୍ଥାତ୍ ତୀବ୍ର ବୈରାଗ୍ୟୀର ବ୍ରାହ୍ମୀସ୍ଥିତି । କର୍ମ ପ୍ରାଧାନ୍ୟ ତଥା ଆସକ୍ତି ଓ ଅନାସକ୍ତିର ସମ ଭାବାପନ୍ନ, ଭାବପ୍ରାଧାନ୍ୟ ବ୍ୟକ୍ତିମାନଙ୍କ ନିମିତ୍ତ ପ୍ରତିକାର ବିଧାନକରି କହିଛନ୍ତି :

ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି
ମାଶୁଚଃ ।।(୧୮/୬୬)

---

ଷ୍ଟେସନ ମାଷ୍ଟର,
ସାକ୍ଷୀଗୋପାଳ,
ପୁରୀ ।




ଟେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ସଂସଦ ଦ୍ୱାରା ଆୟୋଜିତ କୃଷି ଓ ଶିଳ୍ପ ପ୍ରଦର୍ଶନୀର ଉଦ୍‌ଯାପନ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର । (୭-୨-୧୯୯୧) ।

# ଭାରତୀୟ ପରମ୍ପରାରେ ବିବାହ

■ ଡକ୍ଟର କାର୍ତ୍ତିକ ଚନ୍ଦ୍ର ଦାସ

ହିନ୍ଦୁ ସଂସ୍କାରରେ ବିବାହର ସର୍ବାଧିକ ମହତ୍ୱପୂର୍ଣ୍ଣ ସ୍ଥାନ ରହିଅଛି । ସମାବର୍ତ୍ତନ ପରେ ବ୍ୟକ୍ତି ବିବାହ କରି ଗାର୍ହସ୍ଥ୍ୟ ଜୀବନରେ ପ୍ରବେଶ କରେ । ବିବାହ ଏକ ସାମାଜିକ ଆବଶ୍ୟକତା । ବଂଶର ଅକ୍ଷୁଣ୍ଣତା ରକ୍ଷା କରିବା ପାଇଁ ସନ୍ତାନୋତ୍ପତ୍ତି ହିଁ ବିବାହର ପ୍ରମୁଖ ଉଦ୍ଦେଶ୍ୟ । ଯୌନ ସମ୍ପର୍କ ଏକ ଆବଶ୍ୟକୀୟ ମୌଳିକ ସମ୍ପର୍କ । ଏହି ଯୌନ ସମ୍ପର୍କକୁ ନିୟନ୍ତ୍ରିତ କରିବା ପାଇଁ ବିବାହ ହେଉଛି ଏକ ସମାଜ ସ୍ୱୀକୃତ ପନ୍ଥା । ଧାର୍ମିକ ଚେତନାର ବିକାଶ ପରେ ବିବାହକୁ ଏକ ଧାର୍ମିକ କର୍ତ୍ତବ୍ୟ ଭାବରେ ସ୍ୱୀକାର କରାଗଲା । ବିବାହ ନକଲେ ବ୍ୟକ୍ତି ଧାର୍ମିକ ଅନୁଷ୍ଠାନରେ ଅଂଶ ଗ୍ରହଣ କରିପାରେ ନାହିଁ । ମନୁଷ୍ୟ ଜନ୍ମରୁ ସମସ୍ତଙ୍କଠାରେ ଋଣୀ ଥାଏ । ବିବାହ କରି ସେ ସମସ୍ତଙ୍କର ଋଣ ପରିଶୋଧ କରେ । ତ୍ୟାଗ ଭାବନାର ଭିତ୍ତି ଭୂମି ଉପରେ ଗାର୍ହସ୍ଥ୍ୟାଶ୍ରମ ପ୍ରତିଷ୍ଠିତ । ଗୃହସ୍ଥ ବିଭିନ୍ନ ଯଜ୍ଞ କର୍ମ ସମ୍ପନ୍ନ କରିଥାଏ ଓ ଏହି ଯଜ୍ଞ କର୍ମ ମାଧ୍ୟମରେ ସେ ଅନ୍ୟମାନଙ୍କର ସନ୍ତୋଷବିଧାନ କରିଥାଏ । ଗୃହସ୍ଥାଶ୍ରମ ନିବୃତ୍ତି ମାର୍ଗର ଆଶ୍ରମ । ପରମାତ୍ମା କାମ ଚେଷ୍ଟାର ସଦୁପଯୋଗ କରିବା ପାଇଁ ନାରୀ-ପୁରୁଷ ସୃଷ୍ଟି କରିଛନ୍ତି । କାମ ବାସନାକୁ ସଂଯତ କଲେ ବ୍ୟକ୍ତି ମହାନ୍ ହୁଏ । କାମ ବାସନାକୁ ସଂଯତ କଲେ ସ୍ୱାର୍ଥ ପରାର୍ଥରେ, ହିଂସା ସେବାରେ ଓ ବିଷୟ ଲୋଲୁପତା ପରୋପକାରରେ ପରିଣତ ହୁଏ । ପତି-ପତ୍ନୀ ପରିବାର ଗଠନ କରନ୍ତି । ସହନଶୀଳତା, ଧୈର୍ଯ୍ୟ, ଶ୍ରଦ୍ଧା ଓ ପ୍ରେମ ପାରିବାରିକ ଜୀବନର ମୁଖ୍ୟ । ବିବାହ ପରେ ନାରୀ-ପୁରୁଷ ପତ୍ନୀ-ପତି ଭାବରେ ବିବେଚିତ ହୁଅନ୍ତି । ବିବାହ ପତି-ପତ୍ନୀଙ୍କ ମଧ୍ୟରେ ଏକ ସ୍ଥାୟୀ ସମ୍ପର୍କ ସ୍ଥାପନ କରେ । ଏହି ସମ୍ପର୍କ ପରଲୋକ ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ । ପାଣି ଗ୍ରହଣ, ଅଶ୍ମାରୋହଣ, ଧ୍ରୁବ ଦର୍ଶନ ପ୍ରଭୃତି ବିଧିବିଧାନଗୁଡ଼ିକ ପତିପତ୍ନୀଙ୍କ ସୁଦୃଢ଼ ସମ୍ପର୍କର ସୂଚନା ଦେଇଥାଏ । ଏହି ସବୁ ବୈବାହିକ ବିଧିବିଧାନଗୁଡ଼ିକ ମୂଳତଃ ଧାର୍ମିକ ଭାବାପନ୍ନ । ବିବାହ ଏକ ଶାରୀରିକ ବ୍ୟବସ୍ଥା ନୁହେଁ, ଏହା ଏକ ଆଧ୍ୟାତ୍ମିକ ବ୍ୟବସ୍ଥା । ଏହା ଦୁଇଟି ଶରୀରର ମିଳନ ନୁହେଁ, ଏହା ଦୁଇଟି ଆତ୍ମାର ମିଳନ ।

ବୈଦିକ ଯୁଗରେ ବିବାହ ଏକ କାବ୍ୟମୟ ଅଭିବ୍ୟକ୍ତି ଲାଭ କରିଥିଲା । ଗୃହର ମଧୁର ସ୍ନେହମୟ ବାତାବରଣ, ପତି-ପତ୍ନୀଙ୍କ ବିବାହିତ ପ୍ରେମମୟ ଜୀବନ ଓ ସନ୍ତାନମାନଙ୍କର ଲାଳନ ପାଳନ ବୈଦିକ ଆର୍ଯ୍ୟମାନଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ସେହି ଯୁଗରେ ମୁନିଋଷିମାନେ ବିବାହ କରି ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । ଇନ୍ଦ୍ରଙ୍କ ପତ୍ନୀ ଇନ୍ଦ୍ରାଣୀ, ବରୁଣଙ୍କ ପତ୍ନୀ ବରୁଣାନୀ ଓ ଅଗ୍ନିଙ୍କ ପତ୍ନୀ ଆଗ୍ନେୟୀ ଭାବରେ ପରିଚିତ ଥିଲେ । ଭୋଗରୁ ନିବୃତ୍ତ ହୋଇ ଅତିଥି ଅଭ୍ୟାଗତ ସତ୍କାର, ବାନପ୍ରସ୍ଥୀ ଓ ସନ୍ନ୍ୟାସୀମାନଙ୍କର ପାଳନ ପୋଷଣ ଗୃହସ୍ଥର ପ୍ରଧାନ କର୍ତ୍ତବ୍ୟ । ଏହି କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପନ୍ନ କରି ବୈଦିକ ଆର୍ଯ୍ୟମାନେ ସମାଜରେ ଆଦର୍ଶ ସ୍ଥାପନ କରି ଯାଇଛନ୍ତି । ଭୋଗରୁ ନିବୃତ୍ତ ହୋଇ ସର୍ବଜନ ହିତରେ ପ୍ରବୃତ୍ତ ହେଲେ ବିଶ୍ୱରୂପ ଈଶ୍ୱରଙ୍କ ଦର୍ଶନ ହୁଏ । ବିବାହର ଏପରି ମହତ୍ତ୍ୱ ରହିଥିଲା ଯେ ଅବିବାହିତ ବ୍ୟକ୍ତିଙ୍କୁ ଗୃହ ଦେବତାଙ୍କ ନିକଟରେ ଏକ ଅପରାଧୀ ବୋଲି ବିବେଚନା କରାଯାଉଥିଲା । ବିବାହ ଦ୍ୱାରା ବଂଶର ପରମ୍ପରାର ଅକ୍ଷୁଣ୍ଣତା ରକ୍ଷା, ସମ୍ପତ୍ତିର ଉତ୍ତରାଧିକାରୀମାନଙ୍କର ସମସ୍ୟାର ସମାଧାନ ଓ ପିତୃ ପିତାମହଙ୍କ ପୂଜାର ଅଖଣ୍ଡତା ରକ୍ଷା କରାଯାଉଥିଲା । କେତେକ ନୀତି ନିୟମ ଦ୍ୱାରା ବିବାହ ନିୟନ୍ତ୍ରିତ ହେଉଥିଲା । ବୈଦିକ ଆର୍ଯ୍ୟ ଋଷିଗଣ ଯେଉଁ ବିଧିବିଧାନ ପ୍ରଣୟନ କରିଥିଲେ ସେଗୁଡ଼ିକ ନୈତିକ ଅନୁଭୂତି ପ୍ରସୂତ । ଏହି ସବୁ ବିଧିବିଧାନର ତତ୍ତ୍ୱଭିତ୍ତିକ ଆଲୋଚନା ଏହି ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

ବିବାହ ସଂସ୍କାରରେ ଅଙ୍ଗୀଭୂତ ବିଧିବିଧାନଗୁଡ଼ିକ ବିବାହ ପରି ଅତି ପ୍ରାଚୀନ । ସୁଦୂର ଅତୀତରୁ ଏଗୁଡ଼ିକ ଉଦୟ ହୋଇ କାଳକ୍ରମେ ନାନା ପରିବର୍ତ୍ତନ ଭିତରେ ଦେଇ ଏଯାବତ୍ ଗତି କରି ଆସିଅଛି । ବେଦ, ବ୍ରାହ୍ମଣ, ଧର୍ମସୂତ୍ର ଓ ସ୍ମୃତିଶାସ୍ତ୍ର ପ୍ରଭୃତି ବିବାହର ବିଭିନ୍ନ ବିଧିବିଧାନମାନଙ୍କ ସମ୍ପର୍କରେ ଆଲୋକପାତ କରାଯାଇଅଛି । ଏହି ସବୁ ବିଧିବିଧାନଗୁଡ଼ିକ ଧାର୍ମିକ ତଥା ସାମାଜିକ ଏକତାର ଏକ ପ୍ରଭାବଶାଳୀ ମାଧ୍ୟମ ଭାବରେ କାର୍ଯ୍ୟ କରି ଆସିଅଛି । ବିଭିନ୍ନ ବୈବାହିକ ବିଧିବିଧାନ ମଧ୍ୟରେ ଅଦୃଶ୍ୟ ଶକ୍ତିର ଆବାହନ କରାଯାଇଅଛି । ଯେଉଁ ଅଦୃଶ୍ୟ ଶକ୍ତିଗୁଡ଼ିକ ମାନବ ଜୀବନକୁ ନିୟନ୍ତ୍ରିତ ଓ ପ୍ରଭାବିତ କରିଥାନ୍ତି, ସେହି ସବୁ ଶକ୍ତିମାନଙ୍କର ସନ୍ତୋଷ ବିଧାନ କରାଯାଇଥାଏ ଏହି ବିଧିବିଧାନ ମାଧ୍ୟମରେ । ବିବାହ ସଂସ୍କାରର ଅଙ୍ଗୀଭୂତ ବିଧିବିଧାନ, କର୍ମକାଣ୍ଡ ଓ ଆଚାର ବିଚାର ପ୍ରାୟ ସାର୍ବଭୌମ । ପ୍ରାଚୀନ ସଂସ୍କୃତିରେ ଏହି ବିଧିବିଧାନଗୁଡ଼ିକ ଏକ ପ୍ରତିଷ୍ଠିତ ସ୍ଥାନ ଲାଭ କରିଥିଲା । ଆଧୁନିକ ଧର୍ମ ଧାରଣାରେ ଏହାର ପ୍ରଭାବ ଅତ୍ୟନ୍ତ ବ୍ୟାପକ । ଆଧୁନିକ ଉପଯୋଗିତାବାଦୀ ଦୃଷ୍ଟିକୋଣରୁ ଦେଖିଲେ ବିବାହ ସଂସ୍କାରର ଅଙ୍ଗୀଭୂତ ବିଧିବିଧାନଗୁଡ଼ିକ ଅସଙ୍ଗତ ଓ ଉପହାସନୀୟ ନୁହେଁ । ଏଗୁଡ଼ିକ ଯୁକ୍ତି ସଙ୍ଗତ ଓ ବିଜ୍ଞାନ ସମ୍ମତ ।

ଭାରତୀୟ ପରମ୍ପରାରେ ବର-କନ୍ୟାଙ୍କ କୋଷ୍ଠି ମିଳନରୁ ବିବାହ କର୍ମର ଆରମ୍ଭ ହୁଏ । ଏହି କୋଷ୍ଠି ଗଣନାକୁ ଭିତ୍ତି କରି ବିବାହ ପାଇଁ ଶୁଭ ଦିନ ସ୍ଥିର କରାଯାଏ । ଶୁଭ ମୁହୂର୍ତ୍ତରେ ବିବାହ ସମ୍ପନ୍ନ ହେଲେ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ ବୋଲି ଭାରତୀୟମାନଙ୍କର ବିଶ୍ୱାସ । ଗ୍ରହ ନକ୍ଷତ୍ରମାନଙ୍କର ମାନବ ଜୀବନ ଉପରେ ଅଖଣ୍ଡ ପ୍ରଭାବ ରହିଛି । ଏହି ପ୍ରଭାବକୁ ବୈଦିକ ମୁନି ଋଷିମାନେ ସେମାନଙ୍କ ଦିବ୍ୟ ଦୃଷ୍ଟିରେ ଦେଖି ପାରିଥିଲେ । ସେମାନଙ୍କ ମଧ୍ୟରେ ମଧ୍ୟ ମହାକାଶ ବିଜ୍ଞାନୀ ଥିଲେ । ସେମାନେ ଗ୍ରହ ନକ୍ଷତ୍ରଙ୍କ ପ୍ରଭାବ ସମ୍ପର୍କରେ ମଧ୍ୟ ଗଭୀର ଅନୁଶୀଳନ କରୁଥିଲେ । ସେମାନଙ୍କର ଦିବ୍ୟ ଭାବନାକୁ

ସୃଷ୍ଟି ହୋଇଛି ଶୁଭ ନକ୍ଷତ୍ର ପାଇଁ କୋଷ୍ଠି ଗଣନାର କଥା । ଶୁଭ ନକ୍ଷତ୍ରରେ ବିବାହ ସମ୍ପନ୍ନ କରାଗଲେ ତାହା କେତେ ଦିବ୍ୟ ହୁଏ ତାହା ବୈଦିକ ଆର୍ଯ୍ୟମାନେ ଅନୁଭବ କରିଥିଲେ । ଶୁଭ ନକ୍ଷତ୍ରରେ କନ୍ୟା ଦେଖା ପାଇଁ ମଧ୍ୟ ଯାତ୍ରାରମ୍ଭ ହୁଏ । ବିବାହ ପାଇଁ ହାଣ୍ଡି ମଙ୍ଗଳନ ମଧ୍ୟ ଏକ ଶୁଭ ନକ୍ଷତ୍ରରେ କରାଯାଇଥାଏ । ଏହି ମଙ୍ଗଳ ହାଣ୍ଡିକୁ ମଧ୍ୟ ଅଭିମନ୍ତ୍ରିତ କରାଯାଏ । ମନ୍ତ୍ର ତନ୍ତ୍ରର ପ୍ରଭାବ ମଧ୍ୟ ଆମ ସମାଜରେ ରହିଛି । ଶବ୍ଦ ଭିତରେ ଶକ୍ତି ଛପି ରହିଛି । ଏହି ଶବ୍ଦ ଶକ୍ତିକୁ ଆୟତ୍ତ କରି ପାରିଥିଲେ ବୈଦିକ ମୁନି ଋଷିମାନେ । ବିବାହ କର୍ମର ବିଭିନ୍ନ ବିଧି ବିଧାନ ମଧ୍ୟରେ ମନ୍ତ୍ର ଶକ୍ତିର ପ୍ରୟୋଗ କରାଯାଇଅଛି । ବିବାହ ପୂର୍ବରୁ ବର କନ୍ୟାଙ୍କୁ ମନ୍ତ୍ର ଜଳରେ ସ୍ନାନ କରାଯାଏ । ଏହାକୁ କୋଇଲି ସ୍ନାନ ବା ବାତୁଅ ସ୍ନାନ କୁହାଯାଏ । ଏହା କୁମାର କୁମାରୀଙ୍କର ଅବିବାହିତ ଜୀବନର ଶେଷ ସ୍ନାନ । ପ୍ରାଚୀନ କାଳରେ ଶରୀରକୁ ପବିତ୍ର କରିବା ପାଇଁ କେବଳ ଜଳର ଉପଯୋଗ କରାଯାଉଥିଲା । ପରବର୍ତ୍ତୀ କାଳରେ ସ୍ନାନ ପୂର୍ବରୁ ତେଲ ହଳଦୀର ପ୍ରୟୋଗ କରାଗଲା । ହରିଦ୍ରା ଭୂତ ପ୍ରେତଙ୍କ ପ୍ରଭାବରୁ ବର କନ୍ୟାଙ୍କୁ ରକ୍ଷାକରେ । ହରିଦ୍ରା ପ୍ରଜନନ କ୍ଷମତା ବୃଦ୍ଧି କରିଥାଏ । ଏହା ଚର୍ମକୁ ମସୃଣ ଓ ନିରୋଗ ରଖେ । ତେଣୁ ହରିଦ୍ରାର ରୋଗ ନିରୋଧକ ଶକ୍ତି ଥିବା କଥା ଯାହା ଶାସ୍ତ୍ରରେ କୁହାଯାଇଥିଲା ତାହା ଏବେ ବୈଜ୍ଞାନିକମାନେ ପ୍ରମାଣିତ କରିଦେଇଛନ୍ତି । ସେଥିପାଇଁ ଚର୍ମର ଯତ୍ନ ପାଇଁ ବ୍ୟବହୃତ ବହୁ କ୍ରିମ୍‌ରେ ମଧ୍ୟ ହରିଦ୍ରାର ଉପଯୋଗ ଦେଖିବାକୁ ମିଳିଥାଏ । ବିବାହ ପରେ ଦୁଇଟି ଶରୀରର ମିଳନ ହୁଏ ଓ ଏହି ମିଳନ ଜନିତ ଦୋଷକୁ ଦୂର କରିବା ପାଇଁ ବର କନ୍ୟାଙ୍କ ଦେହରେ ହଳଦୀ ମରାଯାଏ । ତେଲ ହଳଦୀ ଲେପନ ପରେ ସାତ ଘରୁ ସାତ କଳସୀରେ ଆସିଥିବା ଜଳକୁ ନେଇ ତା ସହିତ ଦିଅଁ ମଞ୍ଜୁଳା ଜଳ ମିଶାଯାଇ କୋଇଲି ସ୍ନାନ କରାଯାଏ । ବିବାହ ପୂର୍ବରୁ ଜଳ ସ୍ନାନ କାମାଗ୍ନିକୁ ଶାନ୍ତ କରିବା ଭାବନାର ପ୍ରତୀକ । କାମ ଚେଷ୍ଟା ମର୍ଯ୍ୟାଦା ପୂର୍ବକ ସମ୍ପାଦନ କରାଗଲେ ତାହା ତପସ୍ୟାରେ ପରିଣତ ହୁଏ । ଗୃହସ୍ଥାଶ୍ରମ ଏକ ତପୋଭୂମିରେ ପରିଣତ ହୁଏ । ଯୌବନାବସ୍ଥାରେ ବଳର ଅଭିମାନରେ ବ୍ୟକ୍ତି ଅଶାନ୍ତ ଥାଏ । ଏହି ଅଶାନ୍ତ ମନକୁ ଶାନ୍ତ କରିବା ପାଇଁ ବିବାହ ପୂର୍ବରୁ କୋଇଲି ସ୍ନାନ କରାଯାଏ । ଏହାକୁ ମଧ୍ୟ କୈବଲ୍ୟ ବା ମୁକ୍ତି ସ୍ନାନ କୁହାଯାଏ । ଯିଏ କାମ ଉପରେ ବିଜୟପ୍ରାପ୍ତ ହେବ ସେ କୈବଲ୍ୟ ବା ମୁକ୍ତିପ୍ରାପ୍ତ ହେବ ।

କୁମାର ଅବସ୍ଥାରୁ ଉତ୍ତୀର୍ଣ୍ଣ ହୋଇ ବୈବାହିକ ଅନୁଷ୍ଠାନ ମାଧ୍ୟମରେ ଗାର୍ହସ୍ଥ୍ୟ ଜୀବନ ପାଇଁ ପ୍ରବେଶ କରିବା ପୂର୍ବରୁ ବରକୁ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ବେଶ ବିନ୍ୟସ୍ତ କରାଯାଇଥାଏ । ବର ଉପରେ ଭୂତପ୍ରେତମାନଙ୍କର କୁନଜର ନପଡୁ ଏହି ଭାବକୁ ଚରିତାର୍ଥ କରିବା ପାଇଁ ଏହି ପଦ୍ଧତିର ସୃଷ୍ଟି । ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ବିବାହ ଏକ ଆନନ୍ଦମୟ ଉତ୍ସବର ଦିନ ଓ ସେଥିପାଇଁ ଏକ ସ୍ୱତନ୍ତ୍ର ପଦ୍ଧତିରେ ବେଶ ବିନ୍ୟସ୍ତ ହେବାର ପ୍ରୟୋଜନ । ବରବେଶ ପରେ ବରର କନ୍ୟା ଘରକୁ ଯାତ୍ରା ଏକ ସାଧାରଣ କଥା ହେଲେ ମଧ୍ୟ ଏହା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥାଏ । ବର ଓ କନ୍ୟାଙ୍କୁ ଦେବପୁତ୍ର ଓ ଦେବକନ୍ୟା ଭାବରେ ଗ୍ରହଣ କରାଯାଇ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥାଏ ।

ବର ବିବାହ ଉତ୍ସବର ବିଶିଷ୍ଟ ଅତିଥି । ଅତିଥି ଘରକୁ ଆସିଲେ ଶକ୍ତି ଅନୁସାରେ ତାହାର ସତ୍କାର କରିବା ଭାରତୀୟ ପରମ୍ପରା । ବାଟବରଣ କନ୍ୟା ପିତାର ବର ପ୍ରତି ପ୍ରଥମ ସମ୍ବର୍ଦ୍ଧନା । କନ୍ୟା ପିତା ବରକୁ ନାରାୟଣ ଜ୍ଞାନରେ ପୂଜା କରେ । ସେ ମଧ୍ୟ ବରର ପାଦ ଧୌତ କରନ୍ତି । ଭୂତ ପ୍ରେତଙ୍କ କୁପ୍ରଭାବକୁ ଏଡ଼ାଇବା ପାଇଁ କନ୍ୟା ପିତା ବରର ପାଦ ଧୌତ କରନ୍ତି । ପାଦ ଧୌତ ପରେ ବିଧାନାନୁସାରେ ବରକୁ ବନ୍ଦାପନା କରି ତାଙ୍କୁ ଦଧି, ମଧୁ ଓ ଘୃତରେ ପ୍ରସ୍ତୁତ ମଧୁପର୍କ ଅର୍ପଣ କରନ୍ତି । ମଧୁପର୍କକୁ କାଂସ୍ୟ ପାତ୍ରରେ ରଖାଯାଇଥାଏ । ଏହା ଏକ ପ୍ରକାର ମହୌଷଧି ବା ରସାୟନ । ଦଧି ବାତ ନାଶକ, ମଧୁ ପିତ୍ତ ନାଶକ ଓ ଘୃତ କଫ ନାଶକ । ବର ମଧୁପର୍କକୁ ପ୍ରୀତି ପୂର୍ବକ ଦେଖନ୍ତି । ଭୋଜ୍ୟ ପଦାର୍ଥକୁ ମିତ୍ର ଦୃଷ୍ଟିରେ ତାହା ଶରୀରର ଅଙ୍ଗ ହୋଇଯାଏ । ଏହାଦ୍ୱାରା ମନର ପ୍ରସନ୍ନତା ବୃଦ୍ଧି ହୁଏ । ମନର ପ୍ରସନ୍ନତା ଭୋଜନ ସମୟର ଅତିଥି । ଗୃହସ୍ଥାଶ୍ରମକୁ ମଧୁମୟ କରିବାର ଭାବନା ଏଥିରେ ନିହିତ । ବିବାହ ପୂର୍ବରୁ ମନକୁ ମଧୁମୟ କର । ସର୍ବତ୍ର ମଧୁମୟ ପରିବେଶ ଅନୁଭବ କର । ଗୃହସ୍ଥାଶ୍ରମରେ ସମସ୍ତଙ୍କ ସହିତ ମଧୁର ସମ୍ପର୍କ ସ୍ଥାପନ କର । ସମସ୍ତଙ୍କୁ ମିତ୍ର ଦୃଷ୍ଟିରେ ଦେଖ । ବ୍ୟବହାରକୁ ମଧୁମୟ କର । ମଧୁର ବାଣୀ କୁହ । ଦେଖିବ, ତୁମର ଗୃହସ୍ଥାଶ୍ରମ ମଧୁମୟ ହୋଇ ଉଠିବ । ମଧୁପର୍କ ଏହି ଭାବନାର ଦ୍ୟୋତକ । ହାୟ ! ମଧୁପର୍କ ପରି ଦିବ୍ୟ ପଦାର୍ଥ ଆମ ହାତରେ ଥାଇଁ ଥାଇଁ ଆମେ ଦୁଃଖୀ । ଆମେ କାହାରିକୁ ଆଦର ଦୃଷ୍ଟିରେ ଦେଖୁନାହୁଁ ।

ବିବାହରେ ଗୋଦାନର ମହତ୍ତ୍ୱ ପ୍ରତିପାଦିତ ହୋଇଛି । କନ୍ୟାପକ୍ଷ ବରକୁ ଧେନୁଦାନ କରନ୍ତି । ଗାଈ ପାଳ କୁଟା ଖାଏ । ପାଳ କୁଟା ଖାଇ ଗାଈ ଦୁଗ୍ଧ ପରି ଅମୃତ ପଦାର୍ଥ ଦାନ କରେ । ଗୃହସ୍ଥାଶ୍ରମରେ ଗୋ ସେବାର ମହତ୍ତ୍ୱ ରହିଛି । କନ୍ୟା ପିତା ବରର ସ୍ୱାସ୍ଥ୍ୟ ରକ୍ଷା ପ୍ରତି ଯତ୍ନବାନ୍ ଥିଲାପରି ଜଣାଯାଏ । ଗୋଦାନ ପରେ କନ୍ୟାଦାନ କରାଯାଏ । କନ୍ୟାପିତା ନିଷ୍କାମ ଭାବରେ କନ୍ୟାକୁ ବର ହସ୍ତରେ ଅର୍ପଣ କରନ୍ତି । ବର ପକ୍ଷର ଲୋକେ କନ୍ୟାକୁ ସମ୍ମାନିତ ସହିତ ସ୍ୱୀକାର କରନ୍ତି । କନ୍ୟା ଦାନ ବା ପତି ଗ୍ରହଣ ପରେ ବସ୍ତ୍ର ଦାନ କରାଯାଏ । ବର କନ୍ୟାକୁ ବସ୍ତ୍ର ଦାନ କରେ । ବସ୍ତ୍ର ଦ୍ୱାରା କନ୍ୟାକୁ ସତ୍କାର କରାଯାଏ । ବସ୍ତ୍ର ଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବର ବସ୍ତ୍ର ଦାନ ସମୟରେ କନ୍ୟାକୁ କହେ – ତୁମେ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମୋ ସହିତ ବାସ କର । ଆମର ଗୃହସ୍ଥାଶ୍ରମ ନାନା ବାଧାବିଘ୍ନ ସତ୍ତ୍ୱେ ଅବିଚଳିତ ରହୁ । ମୁଁ ଦେଉଥିବା ଏହି ବସ୍ତ୍ର ଧାରଣ କର । ମନର ଦୃଢ଼ତା ଦ୍ୱାରା କାମୁକ ପୁରୁଷଠାରୁ ନିଜକୁ ରକ୍ଷା କର । ଆୟୁଷ୍ମତୀ ଓ ଧନଶାଳିନୀ ହୁଅ । ସ୍ନେହ, ପ୍ରେମ ଓ ଆଶୀର୍ବାଦ ରୂପକ ବସ୍ତ୍ର ଦ୍ୱାରା ପରିବାରକୁ ଆଚ୍ଛାଦିତ କର । ପାଣିଗ୍ରହଣ ବିବାହର ଏକ ମୁଖ୍ୟ ଅଙ୍ଗ । କନ୍ୟାର ଡାହାଣ ହାତକୁ ଧରି ବର କହେ, "ମୁଁ ସୌଭାଗ୍ୟ ପ୍ରାପ୍ତ ହେବା ପାଇଁ ତୁମ ହାତ ଧରୁଛି । ସେଥିପାଇଁ ମୁଁ ପରମାତ୍ମାଙ୍କ ନିର୍ଦ୍ଦେଶ ଓ ଆଶୀର୍ବାଦ ଭିକ୍ଷା କରୁଛି । ମୁଁ ତୁମର ଗୃହ ପତି ଓ ତୁମେ ମୋର ଧର୍ମପତ୍ନୀ । ଆମେ ସୁଖ ପୂର୍ବକ ଶହେ ବର୍ଷ ବଞ୍ଚିବା । ମନରେ କେବେ ପାପାଚରଣ କରିବା ନାହିଁ । ପାଣିଗ୍ରହଣ ସମୟରେ କନ୍ୟାକୁ ବସିଥିବା ଅବସ୍ଥାରୁ ବର ହାତ ଧରି ଉଠାଏ । ଏହାପରେ ବରକନ୍ୟା ଯଜ୍ଞକୁଣ୍ଡ ପରିକ୍ରମା କରନ୍ତି । ବିବାହ ବେଦୀ ନିକଟରେ ଉପସ୍ଥିତ ଥିବା ଶୁଭାକାଙ୍କ୍ଷୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଏପରି କରାଯାଇଥାଏ । ପୁନଶ୍ଚ, ବର କହେ "ମୁଁ ଜ୍ଞାନ ପୂର୍ବକ ତୁମର

ପାଣିଗ୍ରହଣ କରିଛି । ତୁମେ ମଧ୍ଯ ସେହିପରି କର । ମୁଁ ସାମବେଦ ତୁଲ୍ୟ ପ୍ରଶଂସିତ ଓ ତୁମେ ଋଗ୍‌ବେଦ ତୁଲ୍ୟ ଯଶସ୍ୱିନୀ ହୁଅ । ଆମେ ଦୁହେଁ ନିରୋଗ ଓ ପ୍ରସନ୍ନ ହୋଇ ଗୃହସ୍ଥାଶ୍ରମ ସମ୍ପାଦନ କରିବା ।

ଏହାପରେ ବରକନ୍ୟା ଶିଳାରୋହଣ କରନ୍ତି । ଶିଳା ଦୃଢ଼ତାର ପ୍ରତୀକ । ଏହି ଶିଳାରୋହଣ ବା ଅଶ୍ମାରୋହଣର ତାତ୍ପର୍ଯ୍ୟ ହେଉଛି ନାନା ବାଧାବିଘ୍ନ ସତ୍ତ୍ୱେ ଗୃହସ୍ଥାଶ୍ରମ ଦୃଢ଼ ହେଉ । ପବିତ୍ର ହେଉ । ବର କହେ, ହେ ଦେବୀ ! ତୁମେ ପଥର ପରି ଗୃହସ୍ଥାଶ୍ରମରେ ଦୃଢ଼ ରୁହ । ନାନା ପ୍ରତିବନ୍ଧକକୁ ଅତିକ୍ରମ କରି ତୁମେ ସଫଳ ଜୀବନ ଯାପନ କର । ବିବାହକୁ ସୁଦୃଢ଼ କରିବା ଓ ଦୀର୍ଘାୟୁଷର କାମନା କରାଯାଇ ଏହି ଅଶ୍ମାରୋହଣ ବିଧି ପାଳିତ ହୁଏ ।

ଏହାପରେ ଲାଜା ହୋମ ଅନୁଷ୍ଠିତ ହୁଏ । ଲାଜା ପ୍ରସନ୍ନତାର ପ୍ରତୀକ । ଖଇ ପରି ଅତି ସୁଲଭ ଓ ପବିତ୍ର ଦ୍ୱାରା ବିବାହ ସମ୍ପାଦିତ ହୋଇପାରେ । ବିବାହ ପାଇଁ ବହୁ ଆଡ଼ମ୍ବରପୂର୍ଣ୍ଣ ବ୍ୟବସ୍ଥାର ପ୍ରୟୋଜନ ନାହିଁ । ଲାଜା ହୋମ ବେଳେ କନ୍ୟା ପିତୃ କୁଳରୁ ପତି କୁଳକୁ ଯାଏ । ଏହି ସମୟରେ ସେ ପତି କୁଳର ସମୃଦ୍ଧି କାମନା କରିଥାଏ । ଦାମ୍ପତ୍ୟ ଜୀବନର ସଫଳତା ପାଇଁ ଓ ସନ୍ତାନସନ୍ତତି ଲାଭ ପାଇଁ ଏହି ଲାଜା ହୋମ ସମୟରେ ମଧ୍ଯ କାମନା କରାଯାଇଥାଏ । ଏହି ସମୟରେ କନ୍ୟା କହେ—ହେ ପରମାତ୍ମା ! ମୋତେ ନିଜ ପିତାଙ୍କ କୁଳରୁ ଛଡ଼ାଇ ନେଇ ପତିଙ୍କ କୁଳରେ ରଖୁଛନ୍ତି । ସେଠାରୁ କେବେହେଲେ ଛଡ଼ାଇ ନିଅନ୍ତୁ ନାହିଁ । ଯେଉଁ ପତିକୁଳରେ ପ୍ରବେଶ କରୁଛି ସେ କୁଳ ସମୃଦ୍ଧିଶାଳୀ ହେଉ । ମୋର ପତି ଆୟୁଷ୍ମାନ୍ ଓ ସୌଭାଗ୍ୟବାନ ହୁଅନ୍ତୁ । ହେ ପତିଦେବ ! ଆପଣଙ୍କ ସମୃଦ୍ଧିପାଇଁ ମୁଁ ଏହି ଲାଜା ଅଗ୍ନିରେ ଆହୁତି ଦେଉଛି । ଆମର ପରସ୍ପର ପ୍ରୀତି ବୃଦ୍ଧି ହେଉ । ବରକନ୍ୟା ଅଗ୍ନିକୁ ଚାରିଥର ପରିକ୍ରମା କରନ୍ତି । ଚାରିଦିଗ ପୂର୍ଣ୍ଣତାର ପ୍ରତୀକ । ଅଗ୍ନି ପରିକ୍ରମା ହେଉଛି ଜୀବନର ଅଗ୍ନିତତ୍ତ୍ୱକୁ ଗ୍ରହଣ କରିବା । ଅଗ୍ନିପରି ପାବନ ହେବା ଓ ଉତ୍ତମମାର୍ଗରେ ଅଗ୍ରସର ହେବାର ଭାବନା ଏହି ଅଗ୍ନି ପରିକ୍ରମାରେ ନିହିତ ରହିଛି । ଅଗ୍ନିହୋତ୍ର ଦ୍ୱାରା ଶରୀର ରୋଗମୁକ୍ତ ହୁଏ । ଏହା ଦ୍ୱାରା ଆତ୍ମିକ [illegible] ମିଳିପାଏ । ଏଥିରୁ ଆଜୀବନ କର୍ମଶୀଳ ହେବାର ପ୍ରେରଣା [illegible] । ଲାଜା ହୋମରେ ବ୍ୟବହୃତ ଖଇ, ଶମିପତ୍ର, ଓ ପଳାଶର ଔଷଧିଗୁଣ ରହିଛି । ଏହି ହୋମରେ ସମୃଦ୍ଧି ଓ ଦୀର୍ଘାୟୁର କାମନା କରାଯାଇଥାଏ ।

ଏହାପରେ ସପ୍ତପଦୀ ବିଧାନ ଅନୁଷ୍ଠିତ ହୋଇଥାଏ । ଏହି ସପ୍ତପଦୀ ହେଉଛି ଈଶାନ ଦିଗରେ ସାତୋଟି ଶାନ୍ତି ମନ୍ତ୍ରପାଠକରି ବରକନ୍ୟାଙ୍କ ସାତପାଦ ଯିବା । ବରର ଉପବସ୍ତ୍ର ସହିତ କନ୍ୟାର ଉତ୍ତରୀୟ ବନ୍ଧା ହୋଇଥାଏ । ଏହି ଗ୍ରନ୍ଥିବନ୍ଧନ ମିତ୍ରତା ଓ ପ୍ରେମର ପ୍ରତୀକ । ପୂର୍ବ ଦିଗ ଆଲୋକର ଦିଗ, ଉତ୍ତର ଦିଗ ଧ୍ରୁବତା ବା ଦୃଢ଼ତାର ଦିଗ । ସପ୍ତପଦୀ ବିଧିଦ୍ୱାରା ଭାବୀ ପତ୍ନୀକୁ ଗୃହସ୍ଥାଶ୍ରମର ତପସ୍ୟା ଓ ସାଧନା ଦୃଷ୍ଟାନ୍ତ ମାଧ୍ୟମରେ ବୁଝାଇ ଦିଆଯାଇଥାଏ । ଗୃହସ୍ଥାଶ୍ରମ ବିଶ୍ରାମର ସ୍ଥାନ ନୁହେଁ । ଗୃହର ସୁଖ, ପ୍ରତିବେଶୀ ଓ ରାଷ୍ଟ୍ର ନିମନ୍ତେ ଗୃହସ୍ଥ ଗୃହିଣୀଙ୍କୁ ସର୍ବଦା କର୍ମଠ ଓ ପ୍ରଗତି ବାଦୀ, ହେବାକୁ ପଡ଼ିବ । ଏହି ସାତପାଦରେ ଗୃହସ୍ଥାଶ୍ରମର ସାତୋଟି ମୁଖ୍ୟ ପ୍ରୟୋଜନର କଥା କୁହାଯାଇଛି । ଏହି ମୁଖ୍ୟ ପ୍ରୟୋଜନଗୁଡ଼ିକ ହେଲା ଅନ୍ନ, ବଳ, ଜ୍ଞାନ, ସୁଖ, ସୁସନ୍ତାନ, ଋତୁ ବା ପ୍ରାକୃତିକ ପରିବେଶର ଅନୁକୂଳତା, ମିତ୍ରତା ବା ସାମାଜିକ ପରିବେଶର ଅନୁକୂଳତା । ପତି ପତ୍ନୀଙ୍କ ସହଯୋଗରେ ଗାର୍ହସ୍ଥ୍ୟ ଜୀବନର ଏହି ସାତୋଟି ଲକ୍ଷ୍ୟ ପୂର୍ଣ୍ଣ ହୋଇଥାଏ । ସେଥିପାଇଁ ନିର୍ଭୀକ ଭାବରେ ମିଳିମିଶି ପ୍ରଚେଷ୍ଟା କରିବା ପାଇଁ ବରବଧୂ ବିବାହ ମଣ୍ଡପରେ ପ୍ରତିଜ୍ଞା କରିଥାନ୍ତି । ପ୍ରଥମ ପାଦ ପକାଇ ବରକନ୍ୟା ଅନ୍ନପାଇଁ ପ୍ରାର୍ଥନା କରନ୍ତି । ଅନ୍ନଦ୍ୱାରା ହିଁ ଜୀବନଧାରଣ କରାଯାଇଥାଏ । ଏହାଦ୍ୱାରା ବ୍ୟକ୍ତି ନିଜ ଶରୀରକୁ ପୁଷ୍ଟ କରେ । ଅନ୍ନ ମାନବ ଜୀବନରେ ଅପରିହାର୍ଯ୍ୟ । ଏହା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଆବଶ୍ୟକତା । ସେଥିପାଇଁ ବରକନ୍ୟା ଗାର୍ହସ୍ଥ୍ୟ ଜୀବନରେ ଏହି ଅନ୍ନର ସୁଲଭତା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି । ଦ୍ୱିତୀୟ ପାଦ ପକାଇ ବରକନ୍ୟା ବଳ ପାଇଁ ପ୍ରାର୍ଥନା କରିଥାନ୍ତି । ନିର୍ବଳ ବ୍ୟକ୍ତି ଜୀବିକାର୍ଜନ କରିବା ପାଇଁ ଅସମର୍ଥ । ତେଣୁ ସେ ବିବାହ କରିବା ଉଚିତ ନୁହେଁ । ଅକର୍ମା ଯୁବକ ଯୁବତୀ ସମାଜର ଭାର ସଦୃଶ । ଅନ୍ନରୁ ବଳ ସୃଷ୍ଟି ହୁଏ । ଯେଉଁ ଅନ୍ନ ବଳକାରକ ନୁହେଁ ତାହା ଅନ୍ନ ପଦବାଚ୍ୟ ନୁହେଁ । ତୃତୀୟ ପାଦରେ ଜ୍ଞାନ ପାଇଁ ପ୍ରାର୍ଥନା କରାଯାଇଥାଏ । ଅନ୍ନ ଓ ବଳଥାଇ ବ୍ୟାବହାରିକ ଓ ନୈତିକ ଜ୍ଞାନ ନଥିଲେ ଗୃହସ୍ଥାଶ୍ରମ ବିଷମୟ ହୋଇଯାଏ । ତେଣୁ ଗାର୍ହସ୍ଥ୍ୟ ଜୀବନରେ ଜ୍ଞାନର ମଧ୍ୟ ଆବଶ୍ୟକତା ରହିଛି । ଚତୁର୍ଥପାଦରେ ସୁଖ ପାଇଁ ପ୍ରାର୍ଥନା କରାଯାଇଥାଏ । ଅନ୍ନ, ବଳ ଓ ଜ୍ଞାନ ଥାଇ ସୁଖ ପ୍ରାପ୍ତି ନ ହେଲେ ଜୀବନ ବିଫଳ ହୁଏ । ସୁଖପାଇଁ ମଧ୍ୟ ସନ୍ତାନ ଦରକାର । ଯୋଗ୍ୟ ଉତ୍ତରାଧିକାରୀ ସୃଷ୍ଟି ହେବା ଦରକାର । ସେଥିପାଇଁ ପଞ୍ଚମ ପାଦରେ ସନ୍ତାନପାଇଁ ପ୍ରାର୍ଥନା କରାଯାଇଥାଏ । ଷଷ୍ଠ ପାଦରେ ପ୍ରାକୃତିକ ପରିବେଶର ଅନୁକୂଳତା ପାଇଁ ପ୍ରାର୍ଥନା କରାଯାଇଥାଏ । ସପ୍ତମ ପାଦରେ ମିତ୍ରତା ପାଇଁ ପ୍ରାର୍ଥନା କରାଯାଇଥାଏ । ସପ୍ତପଦୀରେ ଗୃହସ୍ଥାଶ୍ରମର ଆଦର୍ଶମୟ ଚରିତ୍ର ହୋଇଛି ପ୍ରକଟିତ ।

ସୂର୍ଯ୍ୟ ସର୍ବକର୍ମର ସାକ୍ଷୀ । ସେଥିପାଇଁ ବିବାହ ଅବସରରେ ସୂର୍ଯ୍ୟାବଲୋକନ ନାମକ ଏକ ବିଧି ପ୍ରଚଳିତ ଅଛି । ସୂର୍ଯ୍ୟ ପରମାତ୍ମା ଜୀବ ଜଗତକୁ ରକ୍ଷା କରନ୍ତି । ଆଲୋକ ଓ ଉତ୍ତାପ ନଥିଲେ ଜୀବଜଗତ ତିଷ୍ଠି ରହିପାରନ୍ତା ନାହିଁ । ବରକନ୍ୟା ସୂର୍ଯ୍ୟଙ୍କୁ ପ୍ରଣାମ କରି କୁହନ୍ତି ହେ ସୂର୍ଯ୍ୟଦେବ ! ଆମେ ଶହେ ବର୍ଷ ପର୍ଯ୍ୟନ୍ତ ଭଦ୍ରବାଣୀ ଶୁଣୁ । ଆମେ ଶୁଭକାର୍ଯ୍ୟ ପାଇଁ ଶହେ ବର୍ଷ ବଞ୍ଚିରହୁ । ବିବାହରେ ହୃଦୟ ସ୍ପର୍ଶନାମକ ଏକ ବିଧି ପ୍ରଚଳିତ ଅଛି । ବରବଧୂର ହୃଦୟ ସ୍ପର୍ଶକରେ । ହୃଦୟ ସ୍ପର୍ଶପରେ ବଧୂ ବରର ବାମାଙ୍ଗୀ ହୁଏ । ପତିପତ୍ନୀଙ୍କ ପ୍ରୀତିଭାବ ଗୃହକୁ ସ୍ୱର୍ଗରେ ପରିଣତ କରେ । ଗୃହସ୍ଥ ଗୃହିଣୀର ସହୃଦୟତା, ପ୍ରେମ ଓ ସଦ୍‌ଭାବନାରେ ଗୃହସ୍ଥାଶ୍ରମ ଦିବ୍ୟ ହୋଇଥାଏ । ହୃଦୟ ରକ୍ତର ସଞ୍ଚାର ଓ ଭାବନାର କେନ୍ଦ୍ର । ବର ବଧୂର ହୃଦୟକୁ ସ୍ପର୍ଶକରି କହେ ହେ ବଧୂ ! "ତୁମର ହୃଦୟ ମୋ ହୃଦୟ ସମାନ ହେଉ । ତୁମର ଆଶା ମୋର ଆଶା ଏକ ହେଉ । ତୁମରଚିତ୍ତ ମୋ ଚିତ୍ତର ଅନୁକୂଳ ହେଉ । ପ୍ରେମ ରାଜ୍ୟରେ ଆମ ଦୁହିଁଙ୍କର ହୃଦୟର ମିଳନ ହେଉ । ଏହାପରେ ବର ବଧୂ ଉପସ୍ଥିତ ଅତିଥିମାନଙ୍କଠାରୁ ଆଶୀର୍ବଚନ ଭିକ୍ଷା କରନ୍ତି । ବିବାହ ଯଜ୍ଞରୁ ଅଗ୍ନିହୋତ୍ର ଦ୍ୱାରା କିପରି ପ୍ରାଣବାୟୁ ଶୁଦ୍ଧ ହୋଇ ରକ୍ତ ଶୁଦ୍ଧ ହୁଏ ଓ ରୋଗ ଭଲ ହୁଏ

ସେ କଥା କୁହାଯାଇଛି । ଅଗ୍ନିହୋତ୍ର ମାଧ୍ୟମରେ ବଧୂକୁ ଯଜ୍ଞ ଚିହ୍ନିବାର ମହତ୍ତ୍ୱ ବୁଝାଇ ଦିଆଯାଏ । ବିବାହ ଅବସରରେ ବରକନ୍ୟାଙ୍କ ଧ୍ରୁବ-ଅରୁନ୍ଧତୀ ଦର୍ଶନର ବିଧି ରହିଛି । ସପ୍ତର୍ଷିମଣ୍ଡଳ ଋଷି-ଅଙ୍ଗିରା ପାଖରେ ଧ୍ରୁବତାରା ଥାଏ । ସପ୍ତର୍ଷିମଣ୍ଡଳର ସାତୋଟି ତାରା (ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ ଓ ମରୀଚି) ଏହି ଧ୍ରୁବ ତାରାକୁ ପରିକ୍ରମା କରନ୍ତି । ବଧୂ ଏହି ଧ୍ରୁବ ଦର୍ଶନ ସମୟରେ କହେ, ହେ ସ୍ୱାମୀନ୍ ! ଆପଣ ଗୃହସ୍ଥାଶ୍ରମରେ ଧ୍ରୁବ ହୋଇ କୁଳ ପ୍ରତିଷ୍ଠା କରନ୍ତୁ । ଆପଣଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ମୁଁ ଧ୍ରୁବ ହୋଇ ରହେ । ତୁମେ ମୋ ନିକଟରେ ସ୍ଥିର ରୁହ । ବଶିଷ୍ଠଙ୍କ ପାଖରେ ଅରୁନ୍ଧତୀ ନାମକ ଏକ କ୍ଷୁଦ୍ର ତାରା ଥାଏ । ଅରୁନ୍ଧତୀ ଦର୍ଶନ ବେଳେ ବର କହେ — ହେ ବରାନନେ ! ତୁମେ ଅରୁନ୍ଧତୀ ଓ ମୁଁ ବଶିଷ୍ଠ । ଅରୁନ୍ଧତୀ ବଶିଷ୍ଠଙ୍କ ପାଖରେ ସ୍ଥିର ହୋଇ ରହିବା ପରି ତୁମେ ମୋର ପତ୍ନୀ ଭାବରେ ଏହି କୁଳରେ ସ୍ଥିର ହୋଇ ରୁହ । ଏହାପରେ ବର ବଧୂଙ୍କର ସହଭୋଜନ ହୁଏ । ସହଭୋଜନ ବା ପଣ୍ଡୁଗ୍ରାସୀ ମିତ୍ରତାର ପ୍ରତୀକ । ସହଭୋଜନ ସମୟରେ ବର କହେ, ହେ ବଧୂ ! ତୁମ ହୃଦୟକୁ ମୁଁ ସତ୍ୟ ରଜ୍ଜୁରେ ବାନ୍ଧି ରଖିବି । କେବେ ସତ୍ୟ ଲଙ୍ଘନ କରିବି ନାହିଁ । ଆମେ ଅନ୍ନ ପାଶରେ ବାନ୍ଧି ହୋଇ ରହିବା । ପରମ ପ୍ରେମ ବନ୍ଧନରେ ବାନ୍ଧି ହେବା ପାଇଁ ପତିପତ୍ନୀ ଏକତ୍ର ଭୋଜନ କରନ୍ତି । ଏହି ସବୁ ବିଧିବିଧାନମାନଙ୍କରୁ ଭାରତୀୟ ପରମ୍ପରାରେ ବିବାହର ମହତ୍ତ୍ୱ ସହଜରେ ଅନୁମେୟ ।

ପୁରୀ କଲେକ୍ଟରେଟ୍,
ପୁରୀ ।



ଭୁବନେଶ୍ୱର ଉପକଣ୍ଠରେ ଥିବା କୌଶଲ୍ୟାଗଙ୍ଗ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ "ସଜ ପାଣିରେ ମାଛ ଚାଷ" ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ ।

# ଶ୍ରୀ ଗୀତଗୋବିନ୍ଦ

କବି ଜୟଦେବ କୃତ



ପ୍ରହରାଜ ସତ୍ୟନାରାୟଣ ନନ୍ଦ

## ଦ୍ୱାଦଶ ସର୍ଗ

ମିଳନ କୁଞ୍ଜ କୁଟୀର ବାହାରେ ବାନ୍ଧବୀଗଣ ଦେବାରୁ ପାଦ,
ଅଳପ ଲଜ୍ୟା ଅରୁଣିମା ଫୁଟେ ଅବନତ ମୁଖ, ଶ୍ରୀରାଧା ହୃଦ ।
ଅନଙ୍ଗରାଗେ ପ୍ରସନ୍ନା ଦିଶେ, ଉଜଳ ହସ ଅଧରେ ଖେଳେ,
ପଲ୍ଲବ ଶେଯେ ମୁହୁର୍ମୁହୁ ତା'ନୟନ ଭୃଙ୍ଗ ବନ୍ଦୀ କରେ ।

## ଗୀତମ୍

କିଶଳୟ ଶେଯେ ଅଭିମାନିନୀ ଗୋ ଥାପି ଦିଅ ତୁମ ପଦ୍ମ ପାଦ,
ଗଞ୍ଜପାତ ପଦପଲ୍ଲବ ପ୍ରତୀପ ତୁଲ୍ୟ କରୁଚି ବୋଧ ।
ଅନୁଭବ କରୁ କିଶଳୟ ଶେଯ ପରାଭୂତ ହୁଏ ତୁମରି ପାଦେ,
କେଶବ କୃଷ୍ଣ ସଂସ୍ମରଣରେ କ୍ଷଣେ ରହ ତୁମେ ପୀୟୁଷ ସ୍ୱାଦେ ।
ତୁମି ବହୁପଥ ଆସି ଅଛି ରାଧା କ୍ଳାନ୍ତି କରିବି ଅପନୋଦନ,
କରପଲ୍ଲବେ ପଦପୂଜା ପାଇଁ ଆଜ୍ଞା କଲେ ମୁଁ ହେବି ମଗନ ।
ପାଦରେ ଲଗ୍ନ ନୁପୁର ପରି ମୁଁ ତୁମ ଆଶ୍ରିତ ଏମିତି ଭାବି,
ସେଇ ଅନୁଭବେ କ୍ଷଣକ ପାଇଁକି ଯୁକ୍ତି କଲେ ମୁଁ ତୁପ୍ତ ହେବି ।

ମୁଖଚନ୍ଦ୍ରରୁ ଅମୃତଧାରା ଅଜାଡ଼ି ପଡୁଛି ବାକ୍ୟେ ତୁମ,
କାନ୍ତକୋମଳ ସଦସ୍ୟ ଶବେ ହୃଦୟ ମୋ'ର ହେଉଚି ହିମ ।
ତୁମ ପୀନସ୍ତନ ଆବୃତ କରେ କ୍ଷୀନ ବସନ,
ନିର୍ବାପିତ ମୁଁ କରିବି ବିରହ, ବନ୍ଧନୀ କରି ଅପସାରଣ ।

ମିଳନ ଇଚ୍ଛା କରୁଅଛି ପ୍ରାଣ ସନ୍ତାପିତ,
ମୋର ଆଶ୍ଳେଷ ଆବେଶ ଆଶାରେ ଉଲ୍ଲସିତ ।
ପୁଲକିତ ତୁମ ଦୁର୍ଲଭ କୁଚ କଳସ ଦ୍ୱୟ,
ବକ୍ଷସ୍ଥଳରେ ରଖି, ପ୍ରିୟତମା ଶୋଷିନେଉ ତାପ ଜ୍ୱାଳାର ନଈ ।
ଚିତ୍ତରୁ ମୋର ବିଚ୍ୟୁତ କର ବିଷାଦ, ବ୍ୟଥା,
ଅକାରଣେ ତୁମେ କୋପ କରିବାରୁ ଏ ବିହ୍ୱଳତା ।
ଏବି ସାକ୍ଷାତ ଲଜ୍ୟାରେ ଆଖି ବନ୍ଦ ପ୍ରାୟ,
କ୍ରୋଧ ତ୍ୟାଗ କର ମିଳନ ସ୍ୱପ୍ନେ ମଗ୍ନ ହୁଅ ।
ପ୍ରତି ପଦ ପ୍ରୀତି ସଞ୍ଚାର କରେ ତୃଷିତ ପ୍ରାଣେ,
କବି ଜୟଦେବ ଗୀତ ଗୋବିନ୍ଦ ମଧୁମିଳନର ପୁଲକ ଆଣେ ।

ସଖ୍ୟ ଅଭାବୁ ବିରହ ଅନଳେ ଦଗ୍ଧ ଦେହ,
ମୃତ ପରି ଏଇ ଦାସକୁ ତୁମର ଜୀବନ ଦିଅ ।
ଆଗୋ ମାନମୟୀ ତନ୍ମୟ ପ୍ରାଣ ତୁମକୁ ଚାହିଁ,
ରହିଛି ଆକୁଳେ ଅଧରାମୃତ ଜୁହନି କାହିଁକି ଝରାଅ ନାହିଁ ।
ଚନ୍ଦ୍ର ବଦନା ସ୍ତୁତି ମୋ ବିକଳ କୋକିଳ ଡାକେ,
କଟି କିଙ୍କିଣି ରୁଣୁଝୁଣୁ କରି ଆସ ମୋ ପାଶେ ।

ଘନ ଅଶ୍ଳେଷେ ପୁଲକାଙ୍କୁର ଅଙ୍ଗେ ଭରି,
ବିଘ୍ନିତ କଲା ଆଲିଙ୍ଗନକୁ ବେପଥୁ ଭାରି ।
ମିଳନ ଲଗ୍ନେ ଅମୃତ ପାନେ ଆକର୍ଷିତ,
ରାଧାର ନର୍ମ କଥା ବାଧା କଲା ମର୍ମେ ଜାତ ।
ମିଳନ କାଳରେ ସରସ କଳାର ସମୟ ଆସେ,
ଅତି ଆନନ୍ଦ ରତିଲୀଳା ଶେଷେ ବିଘ୍ନ ନାଶେ ।

ମିଳନ ରଣର କ୍ଷୟକ୍ଷତି ଆଉ ବିଘ୍ନବାଧା,
ଉଦ୍‌ଭୂତ କରେ ପ୍ରୀତି ଉଲ୍ଲାସ ନଥାଏ ଦ୍ୱିଧା ।
ଅନଙ୍ଗର କି ବିଚିତ୍ର ଗତି, ମୂର୍ଚ୍ଛିତ ହୃଦ ହାଣିଲେ ବାଣ,
ରାଧା ବାହୁଲତା ବନ୍ଦୀ କରିଲେ ଶ୍ରୀହରି ପ୍ରାଣ ।
ସ୍ତନ ଭାରେ ଯଦି କୃଷ୍ଣ ଶରୀର କ୍ଳିଷ୍ଟ ହୁଏ,
ନଖାଘାତ କରେ ବିକ୍ଷତ, କଟି ତାଡ଼ନା ଦିଏ ।

କେଶ ଆକର୍ଷି କରେ କେବେ ରାଧା ସଂଯମିତ,
ମଧୁର ଅଧର ପୀୟୁଷ ପାନରେ ବ୍ୟସ୍ତ ଚିତ୍ତ ।
ତଥାପି ଶ୍ରୀହରି ଆହ୍ଲାଦ ଦ୍ୟୁତି ଝଟକି ଉଠେ,
ରସାସ୍ୱାଦନ ଛନ୍ଦେ ଛନ୍ଦେ କବିତା ଫୁଟେ ।
ସାହସ ଠୁଳାଇ ପ୍ରିୟ ପରାଭବ ପ୍ରାର୍ଥନାରେ
ପ୍ରଥମେ ଶ୍ରୀରାଧା ବିପୁଳ ବକ୍ଷେ ଆରୂଢ଼ ହେଲେ ।
କିଯେ ଅଦ୍‌ଭୁତ କ୍ଷଣକ ମାଢେ ଅବଶ ହୋଇ,
ସଂଭ୍ରମେ ଭୁଜବନ୍ଧନୀ ଖୋଲି ନିମୀଳିତ କଲେ ନେତ୍ରଦୁଇ ।
ନିସନ୍ଦ ସେ ଶୀଥିଳ ଜଘନା ତନ୍ଦ୍ରାହତା,
ପୌରୁଷ କାହିଁ ହୋଇ ପାରିବେ ସେ ହରି ବିଜେତା ।
ମିଳନ ଦୃଷ୍ଟି କି ଅବିଭାଜ୍ୟ କପୋଳ କାନ୍ତି ପୁଲକଭରା,
ଶିହ୍ଲାର ଧାରା ଖେଳି ଖେଳି ଯାଏ ଶରୀର ସାରା ।
ଶ୍ୱାସ ଉଚ୍ଛ୍ୱାସେ ବକ୍ଷକମଳ ବିକଚଦଳ,
ମିଳନ ରାଗରେ ସୁରଭିତ ହେଲେ ଗଣ୍ଡସ୍ଥଳ ।
ସ୍ତନ ମର୍ଦ୍ଦନ ସଂସ୍ମରଣରେ ଅବଶ ଦେହ,
ଶ୍ରୀହରି ଅଧରେ ମଧୁରସପାନ ମୁହୁର୍ମୁହୁ କି ଦୁର୍ବିସହ ।

ଦଶନ ଅଂଶ ବିକ୍ଷତ କରେ ଅଧରରାଗ,
ଜ୍ୱାଳା ସୁଶୀତଳ କରିବା ପାଇଁକି କି ଅନୁରାଗ ।
ପୁଣି ଝରିପଡ଼େ ହରି ନିଃଶ୍ୱାସେ ଶବ୍ଦଭାରେ,
ମିଳନ ହର୍ଷ ବ୍ୟକ୍ତ ହୁଏ କି ଉଦାତ୍ତରେ ।
ଶୁଭ୍ର ଦନ୍ତ ପଂକ୍ତିରୁ ଝରେ ଆଲୋକ ଧାରା,
କରେ ବିଧୌତ ବିମ୍ବ ଅଧର କି ଅପାଶୋରା ।

ଶ୍ରୀ ରାଧା ଫଳକେ ନଖେ ଅଙ୍କିତ ପାଟଳ ଦାଗ,
ନିଦ୍ରା ଆବେଶେ ନେତ୍ରଯୁଗଳେ କଷାୟରାଗ ।
ଓଠ ପୁଟେ ଝଳେ ଆରକ୍ତ ଛବି ତୁଳନା ନାହିଁ,
ଆଲୁଳିତ କେଶ ସମୀର ଛନ୍ଦେ ଯାଉଚି ଧାଇଁ ।

ବନପୁଷ୍ପର ମନୋଜ୍ଞମାଳ ପ୍ରତ୍ୟାଖ୍ୟାତ,
ସର୍ବା ନାହିଁ ତ କାଞ୍ଚିଦାମର ଆହାକି ଶ୍ଲଥ ।
ଏ ପାଟ ପଟନୀ ପ୍ରତ୍ୟୁଷେ ସ୍ମର ଶାୟକ ପରି,
ବିଦ୍ଧ କରିଲା ଶ୍ରୀହରି ହୃଦୟ ତୀବ୍ର ଭାରି ।
ଆଲୁଳିତ କେଶ ବିନ୍ୟାସ ହତ ପୁଷ୍ପମାଳ,
ସ୍ରସ୍ତ ଅଳକ କପୋଳସିକ୍ତ ସ୍ୱେଦ ସଲିଳ ।

କିଞ୍ଚିତ ଦିଶେ ଅଧର ମଧ୍ୟେ କ୍ଷତର ଦାଗ,
ସ୍ତନମଣ୍ଡିତ ବନମାଳାଆଣେ କି ଅନୁରାଗ ।
ସ୍ଖଳିତ କାଞ୍ଚି ବିଚ୍ୟୁତ ବାସ ଘନଜଘନା,
ଲଜ୍ୟାବନତ ଦୃଷ୍ଟିରେ ରତି ଉନ୍ମାଦନା ।
ଶ୍ରୀ ରାଧା ସୁରତି ସ୍ମୃତି ନିମଗ୍ନ ଶ୍ରୀ ହରି ପ୍ରତି,
ଆହ୍ଲାଦିନୀର ଅଦ୍ଭୁତ ସ୍ୱରେ ଅମଳ ଗୀତି ।

## ଗୀତମ୍

କୃଷ୍ଣହେ ପ୍ରାଣ ପ୍ରିୟତମ ପୀନ ମୋ ପୟୋଧର,
ସ୍ମର ମଙ୍ଗଳ କଳସ ସମାନ ହୃଦୟ ମୋର ।
ଶୁଭ୍ର ଚନ୍ଦନ ସ୍ନିଗ୍ଧ ହାତରେ ଏଥିରେ ଲେଖ,
ପଟଳେ ପଟଳେ ପତ୍ରଭଙ୍ଗ, ମୃଗମଦ କିଶଳୟ କୋରକ ।
ଅତନୁ କ୍ଷିପ୍ତ ଶର ସଦୃଶ ଭ୍ରମରଠାରୁ ବି ଅଧିକ ନୀଳ,
ମୋ ଦୁଇ ଆଖିରୁ ମଧୁ ଚୁମ୍ବନେ ଲୁପ୍ତ ହୋଇଛି ଯେ କଜ୍ଜଳ ।
ଆଉଥରେ ତାହା ଉଜ୍ଜ୍ୱଳ କର ଦୀପ୍ତନୟନ ହେ ଶୁଭବେଶ,
କର୍ଣ୍ଣଦୁଇର ଆକୃତି ମୋର ସତେ ଯେଉଁପରି ମଦନ ପାଶ ।

ମୃଗତରଙ୍ଗ ବିନ୍ୟାସ ହୁଏ ଯେଉଁଠାରୁ ନୀଳନେତ୍ରପରି,
ସେଦୁଇ କର୍ଣ୍ଣେ ଦୋଳାୟିତ କର କୁଣ୍ଡଳ ଦୁଇ କୁଞ୍ଜେଶ୍ୱରୀ ।
ପଦ୍ମଠାରୁ କି ଉଜଳ ଯଦି କାନ୍ତି ମୟ,
ମୋ ମୁଖ ଚନ୍ଦ୍ର ଚମକି ଉଠୁଚି ଦେଖହେ ପ୍ରିୟ ।
କପୋଳରେ ମୋର ଦୋଳାୟିତ ହୁଏ ଅଳକାବଳି,
ପରିହାସ ଛଳେ ବାନ୍ଧବୀ କହେ ଭୃଙ୍ଗପଂକ୍ତି ନାଚେ ଯେପରି ।
ପଦ୍ମ ମୁଖ ହେ ଚନ୍ଦ୍ର ପରି ମୋ ଲଲାଟ ତଟୁ,
ଅପସାରିଦିଅ ବିନ୍ଦୁବିନ୍ଦୁ ସ୍ୱେଦ ବହନ୍ତୁ ।
ଚନ୍ଦ୍ର ଦେହରେ ଅଙ୍କିତ ପରି ତୁମରି ଲେଖା,
କସ୍ତୁରୀ ରସେ ଅଙ୍କିତ ଶୁଭ୍ର ତିଳକ ରେଖା ।

ମାନଦ ମଦନ ସ୍ୟନ୍ଦନ ଧ୍ୱଜ ଚାମର ପରି,
ମିଳନ ଲଗ୍ନେ ଆକୁଳ ହୋଇ ମୋ ଅଳକା ବଳି ।
କିଯେ ମନୋହର ମୟୂରପୁଚ୍ଛ ନୟନହାରୀ,
କୁନ୍ତଳେ ମୋର କାନ୍ତ କୁସୁମ ଭରିଦିଅ ହରି ଅରୂପ ସିରି ।
ବିପୁଳ ସରସ ଜଘନ ମୋହର କାନ୍ତିମୟ,
ଅନଙ୍ଗଦେବ ମାତଙ୍ଗ ଗୁରୁଗହ୍ୱର ପରି ସେ ଲୋଭନୀୟ ।
ଅର୍ପଣ କର ତହିଁରେ ଦୀପ୍ତ ମଣିଶୋଭିତ,
କାଞ୍ଚୀଦାମ ଓ ବସ୍ତ୍ରାଭରଣ ପୁଲକ ସ୍ନାତ ।

କବି ଜୟଦେବ ରଚିତ କାବ୍ୟ ଶୁଭଙ୍କର,
ହରି ଶ୍ରୀ ଚରଣ ସ୍ମରଣ ପୀୟୂଷ କେତେ ମଧୁର ।
କଳି କଳୁଷ ଉତ୍ତାପ ଦେହୁ କରଇ ନାଶ,
ରାଗରଞ୍ଜିତ କରୁ ତୁମ ହୃଦ କାବ୍ୟରସ ।

"ଚର୍ଚ୍ଚିତ କର ଚନ୍ଦନ ମୋର ଗଣ୍ଡସ୍ଥଳେ,
ସ୍ତନଯୁଗ୍ମରେ ଅଙ୍କିତ କର ମୃଗମଦରେ ।
ମୃଦୁ ପଲ୍ଲବ, ଜଘନେ ଜଘନେ କାଞ୍ଚୀଦାମ,
କବରୀରେ ଦିଅ କାନ୍ତକୁସୁମ କି ମନୋରମ ।
କରେ ଭରି ଦିଅ ବଳୟ, ପାଦରେ ମୃଦୁ ନୂପୁର,
ରାଧାବାକ୍ୟରେ ମୁଗ୍ଧ ମାଧବ ଭରିଲେ ଅଙ୍ଗେ ଅଳଙ୍କାର ।

ଅନନ୍ତ ନାଗ ତଳ୍ପେ ଶାୟିତ ଫଣାମଣ୍ଡଳ ମଣିରେ ହରି,
ଦୀପ୍ତ ଅଙ୍ଗ ପ୍ରତିବିମ୍ବିତ ସର୍ବବ୍ୟାପକ ସର୍ବ ସ୍ମରୀ ।
ପଦ ସରସିଜଧାରିଣୀ ସିନ୍ଧୁନନ୍ଦିନୀ ରୂପ ଦେଖିବା ପାଇଁ,
ବହୁବିଧ ତନୁ ଧାରଣ କରିଲେ ଆଦି ନାହିଁ ଯାର ଅନ୍ତ ନାହିଁ ।
କେତେ ଯେ ଆନନ, କେତେଯେ ନୟନ କଳନା କାହିଁ,
ସେଇ ଶ୍ରୀକୃଷ୍ଣ କଷ୍ଟ ମୋଚନ କରନ୍ତୁ ତୁମ ରକ୍ଷା ପାଇଁ ।

କ୍ଷୀର ସମୁଦ୍ର ଗର୍ଭରେ ତୁମେ ସ୍ୱୟଂବରା,
ବରଣ କରିଲ ଚରଣ ମୋଅରି ଆତ୍ମହରା ।
ନ ପାଇ ତୁମକୁ ପାର୍ବତୀପତି ଅଚେତ ହୋଇ,
ନିଃଶେଷ କଲେ ଗରଳ ପାତ୍ର—ଏସ୍ମୃତି କହି ।
ସଂସ୍ମରଣରେ ରାଧା ହୃଦ କଲେ ଜର୍ଜରିତ,
ସ୍ଥିର ନୟନରେ ବକ୍ଷ କରିଲେ ଅପସାରିତ ।
ସେ କୁଚ ଯୁଗଳ ଅବଲୋକନରେ ହୃଷ୍ଟ ଅତି,
ପଦ୍ମନୟନ ରକ୍ଷା ବିଧାନ କରନ୍ତୁ ସେହି ପଦ୍ମାପତି ।

ଶ୍ରୀକୃଷ୍ଣ ରାସଲୀଳା କୀର୍ତ୍ତନ ଉପାସନା ଆଉ ଅନୁଧ୍ୟାନ,
ସଂଗୀତ ସୁରେ ଚାହିଁ ଯଦି ତୁମେ ଶ୍ରୀହରି ମହିମା କରିବ ଗାନ ।
ଶୃଙ୍ଗାର ଲୀଳା ତତ୍ତ୍ୱରେ ଯଦି ମୁଗ୍ଧ ମତ୍ତହେବାକୁ ମନ,
ଆହ୍ଲାଦେ କର ପାଦନିବେଦିତ ଗୀତଗୋବିନ୍ଦ ଅଧ୍ୟୟନ ।

ଯେତେଦିନ ଯାଏ ଧରାତଳେ ଥିବ ଗୀତଗୋବିନ୍ଦ ମଧୁର ଧାର,
ମଧୁ ମିଳନର ପରମ ତତ୍ତ୍ୱ ରସ ଚେତନାର ଦିବ୍ୟ ଝର ।
ମଧୁ ହେ ତୁମର ମାଧୁର୍ଯ୍ୟ ପାଇଁ ଲାଳାୟିତ ନୁହେଁ ତିଳେକ ମନ,
ଶର୍କରା କେବେ କରେ ନାହିଁ ତିଳେ ଆକର୍ଷଣ ।
ଦ୍ରାକ୍ଷା ଗୋ! ଲତା ବୀକ୍ଷା ଲାଳସା ଆସଇ ନାହିଁ,
ପୀୟୂଷ ହେ ତୁମେ ନିଷ୍ପ୍ରାଣ ଅବା ହୋଇଚ କାହିଁ ।
କ୍ରନ୍ଦନ କର ଚୂତତରୁ ତୁମେ, କାନ୍ତାଧର,
ଅନୁରୋଧ ରଖି ଦାନବ ଗୃହକୁ ଗମନ କର ।

ଭୋଜଦେବ ଆଉ ବାମାଦେବୀଙ୍କ ଆଦରମତି,
କବି ଜୟଦେବ "ଗୀତଗୋବିନ୍ଦ" ଲଳିତ ଗୀତି ।
ପରାଶର ଆଦି ପ୍ରାକ୍ତନ ମୁନି ସୁହୃଦ କଣ୍ଠେ ବାଗ୍ମୀବରା,
ଫୁଲହାର ପରି ନିତି ଝୁଲୁଥାଉ ଆହ୍ଲାଦ ଆଉ ଛନ୍ଦଭରା ।



# ଓଡ଼ିଶାର ପ୍ରଥମ ଯକ୍ଷ୍ମାରୋଗ ବିଶେଷଜ୍ଞ

■ ରମେଶ ଚନ୍ଦ୍ର ଦାଶ
ଅନୁବାଦ : ଶ୍ରୀ ଗିରିଜାଶଙ୍କର ଦାଶ

ବାଲେଶ୍ୱର ଜିଲ୍ଲା ବାସୁଦେବପୁର ଥାନାର ଅତୁଥୀ ଗ୍ରାମ । ଭାରତର ଦ୍ୱିତୀୟ 'ଜାଲିଆନାୱାଲା ବାଗ୍' ବୋଲି କୁହାଯାଉଥିବା ଗଣତୀର୍ଥ ଇରମ ଗ୍ରାମଟି ଏହାର ନିକଟବର୍ତ୍ତୀ । ଏହି ଅତୁଥୀ ଗ୍ରାମ ତଥା ଆଖପାଖ ଅଞ୍ଚଳର ସେତେବେଳକାର ଥିଲେ ଏକମାତ୍ର ଶିକ୍ଷିତ ବ୍ୟକ୍ତି କମଳଲୋଚନ ଦାସ । ସେ ଥିଲେ ଇରମ୍ ଶହିଦ୍ ସ୍ମୃତି ଉଚ୍ଚବିଦ୍ୟାଳୟର ସମ୍ପାଦକ ।

ଓଡ଼ିଶାରେ ଯକ୍ଷ୍ମାରୋଗର ପ୍ରଥମ ବିଶେଷଜ୍ଞ ଡାକ୍ତର ଭାବରେ ଖ୍ୟାତି ଅର୍ଜନ କରିଥିବା ସ୍ୱର୍ଗତ ଡାକ୍ତର ହରିହର ଦାସ ଥିଲେ ସ୍ୱର୍ଗତ କମଳ ଲୋଚନ ଦାସଙ୍କର ଦ୍ୱିତୀୟ ପୁତ୍ର । ହରିହର ଦାସଙ୍କର ଜନ୍ମ ହୋଇଥିଲା ୧୯୩୦ ମସିହା ସେପ୍ଟେମ୍ବର ମାସ ୧୫ ତାରିଖରେ ଏକ ମଧ୍ୟବିତ୍ତ ପରିବାରରେ । ଆଇ: ଏସ୍: ସି: ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଟକସ୍ଥ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ହରିହର ଅଧ୍ୟୟନ ଲାଗି ଭର୍ତ୍ତି ହେଲେ । ମୂଳରୁ ତାଙ୍କର ଲକ୍ଷ୍ୟ ଥିଲା ସେ ଡାକ୍ତର ହେବେ । ଏମ୍: ବି: ବି: ଏସ୍: ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେ ପବ୍ଲିକ୍ ହେଲଥ କ୍ୟାଡ଼ରରେ ବି: ସି: ଜି: ମେଡ଼ିକାଲ୍ ଅଫିସର ରୂପେ ଯୋଗ ଦେଲେ । ଏହି ପାହ୍ୟାରେ କାର୍ଯ୍ୟ କରୁଥିବା ବେଳେ ସେ ଓଡ଼ିଶା ତମାମ୍ ଗସ୍ତ କରିଥିଲେ । ଏପରିକି ତାଙ୍କୁ ମାସରେ ୨୬/୨୮ ଦିନ ସରକାରୀ କାର୍ଯ୍ୟରେ ଗସ୍ତ କରିବାକୁ ପଡୁଥିଲା ।

## ସାମରିକ ସ୍ୱାସ୍ଥ୍ୟ ସେବା :

କାର୍ଯ୍ୟ ମନପୂତ ନହେବାରୁ ହରିହର ସୀମାନ୍ତ ସାମରିକ ସ୍ୱାସ୍ଥ୍ୟ ସେବା ବାହିନୀରେ ଯୋଗ ଦେଲେ । ତାଙ୍କୁ ନାଗାଲ୍ୟାଣ୍ଡର ସୁଦୂରାଞ୍ଚଳରେ ଅବସ୍ଥାପନ କରାଯାଇଥିଲା । ମାତ୍ର ସେହି କାର୍ଯ୍ୟରେ ମଧ୍ୟ ସେ ସନ୍ତୋଷ ପାଇ ପାରି ନଥିଲେ । ଏହାର ଛଅ ମାସ ପରେ ସେ ପୁନର୍ବାର ଓଡ଼ିଶା ହେଲଥ କ୍ୟାଡ଼ରରେ ଯୋଗ ଦେଇ ଛାତି ରୋଗ ସମ୍ବନ୍ଧରେ ମାଷ୍ଟରସ୍ ଡିଗ୍ରୀ ତଥା ବିଶେଷ ଜ୍ଞାନ ହାସଲ କରିବା ସକାଶେ ବମ୍ବେ ଯିବା ପାଇଁ ମନୋନୀତ ହୋଇଥିଲେ । ସେ ଯକ୍ଷ୍ମା ରୋଗର ଚିକିତ୍ସା ଉପରେ ମାଷ୍ଟରସ୍ ଡିଗ୍ରୀ ତଥା ଟି: ଡି: ଡି: ହାସଲ କରିଥିଲେ ।

ଏହାପରେ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟରେ ରେଜିଷ୍ଟ୍ରାର ଇନ ମେଡ଼ିସିନ୍ (ଯକ୍ଷ୍ମା) ରୂପେ ଯୋଗ ଦେଲେ । ଅଳ୍ପ ଦିନର ବ୍ୟବଧାନ ପରେ ସେ ସେହି ବିଭାଗରେ ସହକାରୀ ପ୍ରଫେସର୍ ପଦବୀକୁ ପଦୋନ୍ନତି ପାଇଥିଲେ ଓ ପରେ ସିଧାସଳଖ ଯକ୍ଷ୍ମା ଓ ଛାତିରୋଗ ବିଭାଗର ପ୍ରଫେସର୍ ହୋଇଥିଲେ । ୧୯୬୮ ସେପ୍ଟେମ୍ବର ମାସରୁ ୧୯୮୮ ଅଗଷ୍ଟ ମାସରେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ସେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଦୀର୍ଘ ୨୦ ବର୍ଷ ସଫଳତାର ସହ କାର୍ଯ୍ୟ କରିଥିଲେ ।

## ଭିଜିଟିଙ୍ଗ୍ ପ୍ରଫେସର :

ସେ ମଧ୍ୟ ଭାରତର ଅନେକ ବିଶ୍ୱବିଦ୍ୟାଳୟରେ ଭିଜିଟିଙ୍ଗ୍ ପ୍ରଫେସର୍ ରୂପେ କାର୍ଯ୍ୟ କରିଥିଲେ ଏବଂ କିଛି ବର୍ଷ ପାଇଁ ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନର ଉପଦେଷ୍ଟା ଥିଲେ । ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ସେ ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାରେ ଭାରତର ପ୍ରତିନିଧିତ୍ୱ କରିଥିଲେ ଏବଂ ଜାପାନ ପରିଦର୍ଶନରେ ଯାଇଥିଲେ ।


ଯକ୍ଷ୍ମାରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ସକାଶେ ସେ କଟକର ବସ୍ତି ଅଞ୍ଚଳ ଓ ରାଣୀବିହାରର ପରିସର ମଧ୍ୟରେ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ କରିଥିଲେ । ଆହୁରି ମଧ୍ୟ ତାଙ୍କରି ଉଦ୍ୟମରେ ଚନ୍ଦ୍ରଶେଖର ଆଖଣ୍ଡଳମଣି ମନ୍ଦିରର ନିକଟବର୍ତ୍ତୀ ଅଞ୍ଚଳ, ଯାଜପୁର, ପାରାଦ୍ୱୀପ ଓ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା । ଓଡ଼ିଶା ଟି: ବି: ଆସୋସିଏସନ୍‌ର ସେ ଥିଲେ ଅବୈତନିକ ସମ୍ପାଦକ । ସେ ମଧ୍ୟ ଅନେକ ବର୍ଷ ଧରି କଟକ ଜିଲ୍ଲା ଶ୍ରୀ ସତ୍ୟସାଇ ସଙ୍ଗଠନର ସଭାପତି ଥିଲେ । ସଂକ୍ଷେପରେ କହିବାକୁ ଗଲେ ଓଡ଼ିଶାରେ ଯକ୍ଷ୍ମା ଦୂରୀକରଣ କ୍ଷେତ୍ରରେ ତାଙ୍କ ଜୀବନ ଥିଲା ଉତ୍ସର୍ଗୀକୃତ ।

ପ୍ରଫେସର୍ (ଡାକ୍ତର) ହରିହର ଦାସ ୫୮ ବର୍ଷ ବୟସରେ ୧୯୮୮ ଅଗଷ୍ଟ ମାସରେ କାର୍ଯ୍ୟରୁ ଅବସର ଗ୍ରହଣ କଲେ । ମାତ୍ର ସେ ତାଙ୍କର ପେନ୍‌ସନ୍ କେବଳ ଏକବର୍ଷ ୪ ମାସରୁ ଅଧିକ କାଳ ଭୋଗ କରି ପାରିଲେ ନାହିଁ । ୧୯୮୯ ବଡ଼ ଦିନ ଉତ୍ସବରେ ରାତି ୧୦ଟା ୨୫ ମିନିଟ୍‌ରେ ତାଙ୍କର ହୃଦ୍ କ୍ରିୟା ବନ୍ଦ ହେବାରୁ ସେ ମୃତ୍ୟୁ ବରଣ କଲେ । ପୁନା ବିଶ୍ୱବିଦ୍ୟାଳୟରୁ ଶିରିଡ଼ି ସମସ୍ଥାନମ୍ ଦେଇ ପ୍ରତ୍ୟାବର୍ତ୍ତନ କରିବା ବେଳେ ଅର୍ଥାତ୍ ୧୯୮୯ ଡିସେମ୍ବର ୨୨ ତାରିଖ ଦିନ ସେ ସାମାନ୍ୟ ହୃଦରୋଗରେ ଆକ୍ରାନ୍ତ ହେବାରୁ ତାଙ୍କୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରା ଯାଇଥିଲା । ମାତ୍ର ଚିକିତ୍ସକମାନଙ୍କର ସମସ୍ତ ପ୍ରଚେଷ୍ଟା ବ୍ୟର୍ଥ ହେଲା । ୧୯୮୯ ଡିସେମ୍ବର ୨୫ ତାରିଖ ରାତି ୧୦ ଘଣ୍ଟା ୨୫ ମିନିଟ୍‌ରେ ଶୋକ ସାଗରରେ ଭସାଇ ଡାକ୍ତର ହରିହର ଶେଷ ନିଃଶ୍ୱାସ ତ୍ୟାଗ କଲେ । ସେଦିନ ମଧ୍ୟ ଆନ୍ତର୍ଜାତିକ ସ୍ତରରେ ଶ୍ରୀ ସତ୍ୟସାଇ ସଙ୍ଗଠନ ତରଫରୁ ବାଳବିକାଶ ଶିଶୁ ସେବା ଦିବସ ପାଳିତ ହେଉଥିଲା । ତତ୍ପର ଦିନ ତାଙ୍କର ମରଶରୀରର ସତ୍କାର କରାଯାଇଥିଲା । ସତେ ଯେପରି ଶବ ଦାହର ଅଗ୍ନିଶିଖା ନିରବରେ କହି ଦେଉଥିଲା—ଜାତସ୍ୟ ହି ଧ୍ରୁବଂ ମୃତ୍ୟୁ ।

ଡକ୍ଟର ଥିଲେ ଯକ୍ଷ୍ମା ଓ ଛାତିରୋଗ ବିଭାଗର ପ୍ରଥମ ଯକ୍ଷ୍ମାରୋଗ ବିଶେଷଜ୍ଞ । ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଓ କର୍ମ ନିଷ୍ଠା ଯୋଗୁ ସେ ନିଜେ ଏକ ଅନୁଷ୍ଠାନରେ ପରିଣତ ହୋଇଥିଲେ । ତାଙ୍କର ନୀତି ଥିଲା 'କର୍ମ ହିଁ ଉପାସନା' ଓ 'କର୍ତ୍ତବ୍ୟ ହିଁ ଭଗବାନ' ଏବଂ 'ମାନବ ସେବା ହିଁ ମାଧବ ସେବା' । ତାଙ୍କ ଜୀବନରେ ସେ ଏହା ହିଁ ପ୍ରତିପାଦନ କରି ଯାଇଛନ୍ତି ।

ଘାତ ପ୍ରତିଘାତ ମଧ୍ୟରେ ଅସହାୟ ଲୋକଙ୍କ ପାଇଁ ତାଙ୍କ ହୃଦୟ ଥିଲା ଉତ୍ସର୍ଗୀକୃତ । ମୁମୂର୍ଷୁ ରୋଗୀ ମୁହଁରେ ହସ ଫୁଟାଇବାରେ, ତା'ର ଯନ୍ତ୍ରଣା ଉପଶମ କରିବାରେ ତାଙ୍କର ଥିଲା ଅପାର ଆନନ୍ଦ । ତାଙ୍କୁ କେହି ବିମର୍ଷ, ବିଷାଦଗ୍ରସ୍ତ ହେବାର କେବେ ଦେଖି ନାହିଁ । ସେ ଥିଲେ ପ୍ରେମ, ତ୍ୟାଗ, ସେବା, ତିତିକ୍ଷା ସାହସ ଓ ସ୍ନେହର ପ୍ରତିଭୂ । ତେଣୁ ଦୁନିଆରୁ ବିଦାୟ ନେବା ପରେ ସେ ବଞ୍ଚିଛନ୍ତି ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ।



ସଂସ୍କୃତି ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶରତ କୁମାର କର ରାଜ୍ୟସ୍ତରୀୟ ଉର୍ଦ୍ଦୁ ଲେଖକ ସମ୍ମିଳନୀ ସମାରୋହ ଉଦ୍‌ଘାଟନ କରୁଛନ୍ତି ।

# ଆମ ପରମ୍ପରାରେ ହୋରି ପର୍ବ

■ ଶ୍ରୀଲକ୍ଷ୍ମୀ ମହାନ୍ତି

ସାଂସ୍କୃତିକ ଚେତନାର ଉନ୍ମେଷ ଦିନରୁ ପ୍ରତ୍ୟେକ ଭାରତୀୟ ପର୍ବପର୍ବାଣୀ, ଓଷାବ୍ରତ, ଯାନିଯାତ୍ରା ଓ ପୂଜାପାର୍ବଣ ମାଧ୍ୟମରେ ସାଂସାରିକ ଜୀବନକୁ ବିବ୍ୟାପିତ ଓ ଅଧିକ ଅର୍ଥପୂର୍ଣ୍ଣ କରିବା ପାଇଁ ପ୍ରୟାସୀ । କଥାରେ କହନ୍ତି : "ବାର ମାସରେ ତେର ପର୍ବ" । ସେଗୁଡ଼ିକ ମଧ୍ୟରେ ଦୋଳ, ଦଶହରା, ରଜ, କୁମାରପୂର୍ଣ୍ଣମୀ, ଦୀପାବଳୀ, ମକର ସଂକ୍ରାନ୍ତି ବିଶେଷ ଗୁରୁତ୍ୱପୂର୍ଣ୍ଣ । ପର୍ବପର୍ବାଣୀ, ଓଷାବ୍ରତ ପାଳନ ଆଜିର ନୁହେଁ କି କେତୋଟି ଦଶନ୍ଧି ବା ଶତକର ନୁହେଁ । ଏହା ଯେପରି ଐତିହାସିକପୂର୍ଣ୍ଣ, ସେହିପରି କାଳୋତୀର୍ଣ୍ଣ । ଆମର ସମାଜ, ସଂସ୍କୃତି ବିଶ୍ୱାସକୁ, ଚଳଣିକୁ ଆଧାର କରି ପ୍ରବର୍ତ୍ତିତ ହୋଇଛି ଏଇ ସବୁ ପର୍ବପର୍ବାଣୀ, ଓଷାବ୍ରତ । ଏଇ ପର୍ବପର୍ବାଣୀଗୁଡ଼ିକ ମୁଖ୍ୟତଃ ଉନ୍ନତ ଜାତୀୟ ଜୀବନରେ ପରିଚୟ ଦିଏ । ଜାତିର ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ଓ ବିକାଶ ସାଧନ ନିମନ୍ତେ ଏସବୁ ପର୍ବପର୍ବାଣୀର ଉପଯୋଗିତା ଅନସ୍ୱୀକାର୍ଯ୍ୟ । ମନୁଷ୍ୟ ଜୀବନ ଉପରେ ଆଧ୍ୟାତ୍ମିକତାର ଅପ୍ରତିହତ ପ୍ରଭାବ ସହିତ ସାମାଜିକ ସଂହତି, ସମୟୋପଯୋଗୀ ସ୍ୱାସ୍ଥ୍ୟ ନିୟନ୍ତ୍ରଣ, ସାମୟିକ ଚିତ୍ତ ବିନୋଦନ ଓ ସାର୍ବଜନୀନ ବନ୍ଧୁତ୍ୱ ତଥା ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ବିଭିନ୍ନ ପର୍ବପର୍ବାଣୀ, ଯାନିଯାତ୍ରାର ପ୍ରବର୍ତ୍ତନ ଅପରିହାର୍ଯ୍ୟ ମନେ ହୁଏ ।

ହିନ୍ଦୁମାନଙ୍କର ବହୁ ପର୍ବପର୍ବାଣୀ ମଧ୍ୟରେ ଦୋଳ ପର୍ବର ଯଥେଷ୍ଟ ସ୍ୱାତନ୍ତ୍ର୍ୟ ରହିଛି । ଏହା ଏକ ଆଞ୍ଚଳିକ ପର୍ବ ନୁହେଁ । ଭାରତର ବିଭିନ୍ନ ପ୍ରାନ୍ତରରେ ଏହି ପର୍ବ ମହାସମାରୋହରେ ପାଳିତ ହୋଇ ଆସୁଛି । ଏହି ପର୍ବ ଆମ ସାମାଜିକ ଓ ସାଂସ୍କୃତିକ ଜୀବନର ଉଜ୍ଜ୍ୱଳ ଐତିହ୍ୟର ସ୍ମାରକୀ । ଏହି ପର୍ବ ପାଳନର ଦୁଇଟି ଦିଗ ଲକ୍ଷ୍ୟ କରାଯାଇପାରେ । ପ୍ରଥମତଃ ଏହା ବ୍ୟକ୍ତି ଜୀବନକୁ ନୀତିମୟ, ପରିଶୁଦ୍ଧ ଓ ଆତ୍ମଶୀଳ କରୁଥିବା ବେଳେ ଅନ୍ୟ ପକ୍ଷରେ ଏହା ସାମୂହିକ ଜୀବନର ଗଣତାନ୍ତ୍ରିକ ରୂପ ଓ ବୈଚିତ୍ର୍ୟ ସ୍ମରଣ କରାଇଦିଏ । ଦୈନନ୍ଦିନ ଜୀବନର ଗତାନୁଗତିକତାରୁ ବ୍ୟକ୍ତି ତଥା ପରିବାର ଏହି ଦିନମାନଙ୍କରେ ବାହାରିଯାଏ ସମୂହ ଜୀବନ ବୋଧର ପ୍ରଶସ୍ତ ପଥକୁ, ମହାମିଳନର ବିପୁଳ ପ୍ରାଙ୍ଗଣକୁ ।

ଫାଲ୍ଗୁନ ଶୁକ୍ଳ ଦଶମୀଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ । ଏହା ପୂର୍ଣ୍ଣମୀରେ ଶେଷ ହୋଇଥାଏ । ଏହି ପର୍ବରେ ମୁଖ୍ୟତଃ ଅପ୍ରାକୃତିକ ପ୍ରେମ ମୂର୍ତ୍ତି ରାଧା ଓ କୃଷ୍ଣଙ୍କୁ ଉପାସନା କରାଯାଏ । ବୈଷ୍ଣବମାନଙ୍କ ମତରେ ଏହି ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ବୃନ୍ଦାବନରେ ଗୋପୀମାନେ ସେମାନଙ୍କର ପରମ ଆରାଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଗୁଡେରୀ ଖେଳିଥିଲେ । ଭଗବାନଙ୍କୁ ଦୋଳିରେ ଝୁଲାଇଥିଲେ । ଫୁଲ ହାତରେ ତାଙ୍କୁ ମଣ୍ଡନ କରିଥିଲେ । ଆଉ ମଧ୍ୟ ତାଙ୍କ ସହିତ ଫଗୁ ଖେଳି ତାଙ୍କ ପାଖରେ ଅବିର ଅର୍ପଣ କରି ନାନା ପ୍ରକାର ଆମୋଦ ପ୍ରମୋଦରେ ମଗ୍ନ ରହିଥିଲେ । ସେହି ପରମ୍ପରାକୁ ବଜାୟ ରଖି ଆଜି ବି ରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ଛୋଟ ଛୋଟ ବିମାନରେ ଚିତ୍ତାକର୍ଷକ ଭାବରେ ସଜାଇ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଗ୍ରାମ ବା ନଗରର ଦ୍ୱାର ଦ୍ୱାର ବୁଲାଇ ଭୋଗ ଅର୍ପଣ କରାଯାଏ । ଏହାକୁ "ଦ୍ୱାରୀ ଭୋଗ" କହନ୍ତି । ବିମାନରେ ବସି ଠାକୁର ଭକ୍ତ ଦ୍ୱାରକୁ ଆସୁଥିବାରୁ ଏହାକୁ "ବିମାନ ମହୋତ୍ସବ" କୁହାଯାଏ । ଏହି ସମୟରେ କାକରା, ମୁଆଁଳି, ଚଣା, ଶାକର, ଚୁଡ଼ାଭଜା, ରାଶିଲଡୁ, ଆପକଷି ଇତ୍ୟାଦି ଭୋଗ କରାଯାଏ । ଏହାକୁ "ଗୁଡେରୀ ଭୋଗ" ମଧ୍ୟ କେତେକ କହନ୍ତି । ବର୍ଷସାରା ଠାକୁର ନିଜ ମନ୍ଦିରରେ ଓ ଆସ୍ଥାନରେ ବସି ପୂଜା ପାଆନ୍ତି । ଭକ୍ତମାନେ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରନ୍ତି । ନିଜ ଅନ୍ତରର ଆକୁଳ ଆବେଦନ ନିବେଦନ କରେ । "ଭକ୍ତ ବତ୍ସଳ ଭଗବାନ" ନାମର ସାର୍ଥକତା ପ୍ରତିପାଦନ କରିବା ପାଇଁ ବିମାନରେ ଭକ୍ତ ଦ୍ୱାରକୁ ଯାଇ ଦିଅଁ ପ୍ରତ୍ୟକ୍ଷରେ ପୂଜା ଅର୍ଚ୍ଚନା ଗ୍ରହଣ କରନ୍ତି । ଏଇ ପାଞ୍ଚଦିନ ପ୍ରତି ଦ୍ୱାରରେ ଅବିରରେ ଠାକୁରଙ୍କୁ ପ୍ରେମାଭିଷିକ୍ତ କରାଯାଏ ।

ବିମାନରେ ପରିକ୍ରମା କରିବା ବେଳେ ମୃଦଙ୍ଗ, ଗିନି ବିଭିନ୍ନ ବାଦ୍ୟ, କରତାଳି ତଥା ଭଜନ କୀର୍ତ୍ତନରେ ଗ୍ରାମ ଓ ନଗର ମୁଖରିତ ହୋଇଉଠେ । ଯଦି କୌଣସି କାରଣରୁ କାହା ଦ୍ୱାରରେ ଠାକୁର ଭୋଗ ଗ୍ରହଣ ନକରନ୍ତି ତେବେ ବାରବର୍ଷ ପର୍ଯ୍ୟନ୍ତ ଠାକୁର ଆଉ ସେ ଦ୍ୱାରକୁ ଭୋଗ ଖାଇବା ପାଇଁ ଯାଆନ୍ତି ନାହିଁ । ଏପରିକି କୌଣସି ପ୍ରତିପତ୍ତିଶାଳୀ ବ୍ୟକ୍ତି ନିଜର ପ୍ରତିଷ୍ଠା ବା ପ୍ରତିପତ୍ତିର ବିରୁଦ୍ଧାଚରଣ କଲେ ତାଙ୍କୁ ସାମାଜିକ ବାସନ୍ଦ ହୋଇଥାଏ । ତାଙ୍କ ଘରକୁ ଏହି ଭୋଗ ବନ୍ଦ ହେବା ଭୟରେ ସମସ୍ତ ମନୋମାଳିନ୍ୟ ଦୂର କରି ସଂହତି ସ୍ଥାପନ ପାଇଁ ସେ ବାଧ୍ୟ ହୋଇଥାଏ । ବର୍ଷକଯାକର ବାଦବିବାଦ ପରସ୍ପର ମଧ୍ୟରେ ମତାନ୍ତର ସମାଧାନ ଦୋଳ ପର୍ବ ପାଳନ ପୂର୍ବରୁ ହୋଇଥାଏ । କାରଣ ଧର୍ମର ଭୟ ତାକୁ ଏହା କରିବାକୁ ବାଧ୍ୟ କରେ । ସେଥିପାଇଁ କୁହାଯାଏ "ଦୋଳ ଗୋଳ" କାରଣ ବର୍ଷକଯାକର ବାକ୍‌ବିତଣ୍ଡା, କୁତର୍କ ଓ କଳିଗୋଳର ସମାଧାନ ପରେ ସମସ୍ତେ ଏକ ମନ ହୋଇ ପର୍ବ ପାଳନ କରନ୍ତି ।

ହିନ୍ଦୁ ଶାସ୍ତ୍ର ଅନୁସାରେ ଅଗ୍ନି ଉତ୍ତର ପୂର୍ବ ଦିଗର ଦିଗପାଳ, ଦଶ ଦିଗପାଳଙ୍କ ମଧ୍ୟରୁ ସେ ଅନ୍ୟତମ । ତେଣୁ ସାଧାରଣତଃ ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରର ଆଗ୍ନେୟ କୋଣରେ ଅଗ୍ନି ପୂଜା ପାଇଁ ପ୍ରସ୍ତୁତି ହୋଇଥାଏ । ଚତୁର୍ଦ୍ଦଶୀ ପର ଦିନମାନଙ୍କରେ ନଗର ବା ଗ୍ରାମ ପରିକ୍ରମା ସାରି ପୂର୍ଣ୍ଣମୀ ଦିନ ଠାକୁର ସୁସଜ୍ଜିତ ବିମାନରେ ମନ୍ଦିର ଆଗରେ ଥିବା ଦୋଳ ବେଦୀକୁ ଫେରି ଆସନ୍ତି । ଏହି ମଣ୍ଡପର ଆଗ୍ନେୟ କୋଣରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଏକ କୁଡ଼ିଆ ମଧ୍ୟରେ ପାଳରେ ନିର୍ମିତ ଏକ ମେଣ୍ଢାର ପ୍ରତିକୃତିରେ ଅଗ୍ନି

ସଂଯୋଗ କରାଯାଏ ଏବଂ ଠାକୁରଙ୍କୁ ଏହା ଚାରିପଟେ ପରିକ୍ରମା କରାଯାଏ । ଏହାକୁ "ମେଣ୍ଢା ଲୁଡ଼ିଆ ପୋଡ଼ି" କହନ୍ତି । କିମ୍ବଦନ୍ତୀ ଅନୁସାରେ ବିଷ୍ଣୁ ଭକ୍ତ ପ୍ରହ୍ଲାଦଙ୍କୁ ତା'ର ପିତା ହିରଣ୍ୟକଶିପୁ ଅନ୍ୟାୟ ଭାବରେ ପୋଡି ମାରିଦେବା ପାଇଁ ଆଦେଶ ଦେବାରୁ ତା'ର ଭଗ୍ନୀ ହୋଲିକା ଭ୍ରାତୃଷ୍ପୁତ୍ରଙ୍କୁ ଧରି ଏଇ ପୂର୍ଣ୍ଣ୍ୟ ତିଥିରେ ଅଗ୍ନିରେ ପ୍ରବେଶ କରିଥିଲା । ବିଷ୍ଣୁଙ୍କ କୃପାରୁ ଅକ୍ଷତ ଅବସ୍ଥାରେ ପ୍ରହ୍ଲାଦ ବାହାରି ଆସିଥିଲା । ଶାପଗ୍ରସ୍ତା ହୋଲିକା ନିଆଁରେ ପୋଡ଼ି ଭସ୍ମ ହୋଇ ମୁକ୍ତି ପାଇଯାଇଥିଲା । ଆଉ ଏକ କିମ୍ବଦନ୍ତୀ ଅନୁସାରେ ବରୁଣ ରାଜାଙ୍କ କନ୍ୟା ଅଲକ୍ଷ୍ମୀ (ହୋଲିକା) ପରିଣତ ବୟସରେ ଉଦ୍ଦାଳ ଋଷିଙ୍କୁ ବିବାହ କରି ଋଷିଙ୍କର ବିରୁଦ୍ଧାଚରଣ କରିଥିଲା । ଋଷି ଅଭିଶାପ ପାଇ ଏହି ପୂର୍ଣ୍ଣମୀ ତିଥିରେ ହୋଲିକାର ଦହନ ହୋଇଥିଲା । ଆହୁରି ମଧ୍ୟ ଶୁଣାଯାଏ କ୍ଷୀର ଖୁଆଇ କୃଷ୍ଣଙ୍କର ପ୍ରାଣ ନେବା ଆଶାରେ ଆସିଥିବା ଏବଂ କୃଷ୍ଣଙ୍କ ଦ୍ୱାରା ନିହତ ହୋଇଥିବା ପୁତନା ରାକ୍ଷସୀର ମୃତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ବ୍ରଜବାସୀମାନେ ଏଇ ତିଥିରେ ଦହନ କରିଥିଲେ । ଏହାବ୍ୟତୀତ ବସନ୍ତ ରୋଗର ଅଧିଷ୍ଠାତ୍ରୀ ଦେବୀ ହରିକା ନାମ୍ନୀ ରାକ୍ଷସୀ କର୍ତ୍ତୃକ ନିହତ ହେବା ପରେ ପୁରବାସୀମାନେ ମୃତ ରାକ୍ଷସୀ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ସେଥିରେ ଅଗ୍ନି ସଂଯୋଗ କରିଥିଲେ । ଏହିପରି ବହୁ ପ୍ରାଚୀନ ତଥା ପୌରାଣିକ କିମ୍ବଦନ୍ତୀକୁ ଆଧାର କରି ବର୍ତ୍ତମାନ ଦୋଳ ପୂର୍ଣ୍ଣମୀରେ ଏହି ହୋଲିକା ଦହନ ପାଳିତ ହୋଇଥାଏ । ପୃଥିବୀରୁ ଅନ୍ୟାୟ, ଅତ୍ୟାଚାର, ଅସତ୍ୟ, ଅମାନବିକତା ଓ ଛଳନାର ଧ୍ୱଂସ ପାଇଁ ପୂର୍ଣ୍ଣମୀ ରାତିରେ ଅଗ୍ନି ଉତ୍ସବ ପାଳିତ ହୋଇଥାଏ । ହରଣ୍ୟକଶିପୁର ଭଗ୍ନୀ ହୋଲିକାର ଦହନକୁ ସ୍ମରଣ କରି ଯୁଗେ ଯୁଗେ ଧର୍ମର ଜୟ ଓ ପାପର କ୍ଷୟକୁ ସ୍ମରଣ କରାଇବା ଉଦ୍ଦେଶ୍ୟରେ ଏହି ଅଗ୍ନି ଉତ୍ସବ ପାଳିତ ହୁଏ । ଫଗୁ ଦଶମୀଠାରୁ ଚତୁର୍ଦ୍ଦଶୀ ରାତି ଶେଷ ପ୍ରହରରେ ହୋଲିକା ଦହନ କରି ଗ୍ରାମବାସୀମାନେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିକୁ ନେଇ ଦୋଳବେଦୀସ୍ଥ ଦୋଳାରେ ଦକ୍ଷିଣାଭିମୁଖୀ କରି ଝୁଲାଇଥାନ୍ତି । କାରଣ, ଦୋଳବେଦୀରେ ଦକ୍ଷିଣାଭିମୁଖୀ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲେ ମନୁଷ୍ୟକୁ ସମସ୍ତ ପାପରୁ ମୁକ୍ତି ମିଳିଥାଏ । ତେଣୁ କୁହାଯାଇଛି :

"ଦକ୍ଷିଣାଭିମୁଖଂ କୃଷ୍ଣ ଦୋଳମାନଂ ସକୃନ୍ନରାଃ
ଦୃଷ୍ଟ୍ୱାଂ ପରାଧ ନିତ୍ୟଶ୍ଚୈ ମୁକ୍ତାସ୍ତେ ନାହ୍ର ସଂଶୟଃ"

ଏହି ସମୟରେ ଠାକୁରଙ୍କୁ ନାଲି ଅବିର ଅର୍ପଣ କରାଯାଇଥାଏ । ବୃନ୍ଦାବନଠାରେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ଶ୍ରୀକୃଷ୍ଣଙ୍କର ଦୋଳ ମଣ୍ଡପ ନିର୍ମାଣ କରିଥିଲେ । ଦୋଳ ମଣ୍ଡପରେ ଭକ୍ତମାନେ ଅବିର ସହିତ ବିଭିନ୍ନ ରଙ୍ଗର ପାଣି ମଧ୍ୟ ପରସ୍ପର ଉପରକୁ ଫୋପାଡ଼ି ଆନନ୍ଦିତ ହୁଅନ୍ତି ।

ଦୋଳ ପୂର୍ଣ୍ଣମୀକୁ ଆମ ରାଜ୍ୟର ବର୍ଷାରମ୍ଭ ବା ନୂତନ ବର୍ଷ ରୂପେ ପ୍ରାଧାନ୍ୟ ଦେଇ ଘରେ ଘରେ ପିଠାପଣା କରି ଆନନ୍ଦରେ ପାଳନ କରାଯାଏ । ଏହି ପୂର୍ଣ୍ଣମୀଠାରୁ ଘରେ ଘରେ ହଳିଆ, କୃଷକମାନଙ୍କୁ ନିଯୁକ୍ତି ଦିଆଯାଇଥାଏ । ସେମାନଙ୍କ ଚାକିରିର ବର୍ଷବିଏ ପୂରିଥାଏ ଅଥବା ନୂତନ ଭାବରେ ତାଙ୍କୁ ନିଯୁକ୍ତି ଦିଆଯାଏ ।

ଦୋଳ ପୂର୍ଣ୍ଣମୀ ଦିନ ଦୋଳ ମଣ୍ଡପରେ ଠାକୁରଙ୍କୁ ପୂଜା ଅର୍ଚ୍ଚନା ପରେ ଗ୍ରାମର ପୁରୋହିତ ଆଗାମୀ ବର୍ଷର ଫଳାଫଳ ପଢ଼ି ଶୁଣାଇ ଥାଏ ।

ହିନ୍ଦୁଧର୍ମ ଏଭଳି କେତେକ ପର୍ବକୁ ସ୍ୱୀକୃତ ଦିଏ ଯାହା ସହିତ ନିର୍ଦ୍ଦିଷ୍ଟ କେତେକ ଜାତିର ଲୋକ ସମ୍ପୃକ୍ତ ଥାଆନ୍ତି । ସେହି ଦୃଷ୍ଟିରୁ ବିଚାର କଲେ ଭାରତର ଅନେକ ଅଞ୍ଚଳରେ ଦୋଳ ପୂର୍ଣ୍ଣମୀକୁ ଗୋପାଳ ଜାତିର ଲୋକେ ବିଶେଷ ପବିତ୍ର ପର୍ବ ଭାବରେ ଗ୍ରହଣ କରିଥାଆନ୍ତି । ହିନ୍ଦୁ ଶାସ୍ତ୍ର ଅନୁସାରେ ଦୋଳ ପୂର୍ଣ୍ଣମୀକୁ ଗୋମାତାର ଜନ୍ମ ଦିବସ ରୂପେ ଗ୍ରହଣ କରାଯାଇଛି । ହରିବଂଶର ତୃତୀୟ ଖଣ୍ଡରେ କୁହାଯାଇଛି :

"ଯଶୋଦା ବୋଇଲେ ବାବୁ ଶୁଣରେ ଆପଜ
ଗାଇମାନଙ୍କ ବର୍ଷାଣ ଅଟେ ଆସ ଆଜ
ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ
ତେଣୁ କରି ଗୋପ ଲୋକେ ରମନ୍ତି ଉଛତେ"

ସେଦିନ ଗୋମାତାର ଜନ୍ମଦିନ ପାଳନ ପରିପ୍ରେକ୍ଷୀରେ ଧୂପ, ଦୀପ, ନୈବେଦ୍ୟ ଓ ଦୁର୍ବାକ୍ଷତ ଦେଇ ଗୋବନ୍ଦନା କରୁଥିଲେ । ସେହି ଦୃଷ୍ଟିରୁ ଗୋପାଳମାନଙ୍କ ପାଇଁ ଏଇ ପର୍ବ ଗୁରୁତ୍ୱପୂର୍ଣ୍ଣ ।ସେହିଦିନ ସେମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି । ଦୁଗ୍ଧାସ୍ୱରା ଗାଭୀ ଓ ବତ୍ସମାନଙ୍କୁ ସ୍ନାନ କରାଇ ହଳଦୀ, ଚନ୍ଦନ, ସିନ୍ଦୁର ଦେଇଥାନ୍ତି । ବିଭିନ୍ନ ପ୍ରକାର ପିଠାପଣା କରି ସେମାନଙ୍କୁ ଖାଇବାକୁ ଦିଅନ୍ତି । ସେହି ରାତିରେ ଗୋପାଳକ ଦଳ ଦଳ ହୋଇ ଜଣେ ଜଣେ ଦଳପତିଙ୍କ ଅଧିନାୟକତ୍ୱରେ ମହାନନ୍ଦରେ ଠାକୁରଙ୍କ ମହିମାଗାନ କରି ଦୋଳବେଦୀରେ ଥିବା ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ପରିକ୍ରମା କରିଥାନ୍ତି । ସେମାନେ ଏହି ସମୟରେ ହାତରେ ଦୁଇଟି ଦଣ୍ଡ ଧରି ପରସ୍ପର ବାଡ଼ି ବାଡ଼େଇ ବାଡ଼େଇ ସେଇ ଶବ୍ଦର ତାଳେ ତାଳେ ଗୀତ ଗାଇଥାନ୍ତି ।ଗାଁ ଦାଣ୍ଡରେ ଦଳ ଦଳ ହୋଇ ନାଚି ନାଚି ଚାଲନ୍ତି ।ଏହାକୁ ନଉଡ଼ି ଖେଳ କହନ୍ତି । ଏଇ ଗୀତଗୁଡ଼ିକ ଶୁଣିବାକୁ, ଏଇଖେଳ ଦେଖିବାକୁ ଶହ ଶହ ଲୋକ ଭିଡ଼ ଜମାଇଥାନ୍ତି ।

ଦୋଳୋତ୍ସବ ପାଳନର ଶେଷ ଦିନ ଗ୍ରାମର କୌଣସି ଏକ ସ୍ଥାନ ବା ମେଳନ ପଡ଼ିଆରେ ସମବେତ କରାଯାଇଥାଏ । ଆଖପାଖ ଗ୍ରାମମାନଙ୍କରେ ଠାକୁର ବର୍ଷକରେ ଥରେ ମେଳନ ପଡ଼ିଆରେ ଏକାଠି ହୁଅନ୍ତି ଏହାକୁ "ମହାମିଳନ" କହନ୍ତି ।

ରଥଯାତ୍ରା ଏବଂ ଦେବସ୍ନାନ ପୂର୍ଣ୍ଣିମିକୁ ବାଦଦେଲେ ଦୋଳଯାତ୍ରା ପୁରୀ ଜଗନ୍ନାଥ ମନ୍ଦିରର ଏକ ବିଶିଷ୍ଟ ପର୍ବ । ଦେଶର ସବୁ ପ୍ରାନ୍ତରରୁ ପ୍ରାୟ ଭକ୍ତମାନେ ବଡ଼ ଦେଉଳରେ ଆସି ପହଞ୍ଚିଥାନ୍ତି । ଦୋଳ ବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ କରିଥାନ୍ତି ଓ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହି ସମୟରେ ଭକ୍ତମାନେ ଠାକୁରଙ୍କ ସହ ଫଗୁ ଖେଳିବା ସହିତ ପରସ୍ପର ମଧ୍ୟରେ ଫଗୁ ବୋଳାବୋଳି ହୁଅନ୍ତି । ୧୫୬୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ମନ୍ଦିର ବେଢ଼ା ମଧ୍ୟରେ ବଡ଼ ଦେଉଳର ଦକ୍ଷିଣ ପୂର୍ବ ପାର୍ଶ୍ୱରେ ଦୋଳ ମଣ୍ଡପ ତିଆରି କରାଯାଇଥିଲା ଏବଂ ଜଗନ୍ନାଥଙ୍କ ବିଗ୍ରହକୁ ସେଠାକୁ ନିଆଯାଇ ଦୋଳଯାତ୍ରା ପାଳିତ ହେଉଥିଲା । ପରେ

ଚକାଡୋଳାଙ୍କ ପ୍ରତିନିଧି ସ୍ୱରୂପ ପିତଳରେ ତିଆରି ମଦନମୋହନଙ୍କୁ ବିଗ୍ରହଙ୍କୁ ଦୋଳମଣ୍ଡପକୁ ନେବା ବିଧି ପ୍ରଚଳନ କରାଯାଇଛି ଏବଂ ମଣ୍ଡପର ସ୍ଥାନ ମଧ୍ୟ ପରିବର୍ତ୍ତନ କରାଯାଇ ଶ୍ରୀମନ୍ଦିରର ଉତ୍ତର ପୂର୍ବ କୋଣରେ ଦୋଳମଣ୍ଡପ ନିର୍ମାଣ କରା ଯାଇଛି । ଦେଶର ଶାସନ ଢାଞ୍ଚାରେ ପରିବର୍ତ୍ତନ ସହିତ ରାଜତନ୍ତ୍ରର ବିଲୋପ ହେବାରୁ ଗଜପତି ଙ୍କର ଏହି ଉତ୍ସବ ସଦୃଶ ଅନେକ ଉତ୍ସବ ମଧ୍ୟ ବନ୍ଦ ହୋଇ ଯାଇଛି । ମାତ୍ର ଶ୍ରୀଜଗନ୍ନାଥଙ୍କ ଦୋଳୋତ୍ସବ ଅବ୍ୟାହତ ରହିଛି । ଦୋଳୋତ୍ସବରେ ଦୋଳଗୋବିନ୍ଦଙ୍କ ଅଂଶ ଗ୍ରହଣକୁ ସ୍ୱୀକୃତି ଦେଇ, ଯଥାର୍ଥରେ କୁହାଯାଇଛି ।

"ଦୋଳେ ତ ଦୋଳ ଗୋବିନ୍ଦଂ ଚ୍ଛପେ ଚ
ମଧୁସୂଦନମ୍,
ରଥେତୁ ବାମନ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ"

ଅର୍ଥାତ୍ ଦୋଳବେଦୀରେ ତଥା ରଥରେ ଭଗବାନଙ୍କୁ ଦର୍ଶନ କଲେ ପ୍ରାଣୀ ଆଉ ସଂସାରରେ ପୁନର୍ଜନ୍ମ ପାଏନା ଏବଂ ସେ ପରମାତ୍ମାଙ୍କ ପାଦପଦ୍ମରେ ଲୀନ ହୋଇଥାଏ ।

ପୂର୍ଣ୍ଣମୀ ପରଦିନ ହୋଲି ଉତ୍ସବ ସମଗ୍ର ଭାରତ ବର୍ଷରେ ପାଳନ କରାଯାଏ । ହୋଲିକା ଦହନ ଓ ଅବିର ଖେଳର ଉଦ୍ଭାବନରେ ହୋଲି ଉତ୍ସବରେ ପରିକଳ୍ପନା । କିମ୍ବଦନ୍ତୀ ଅନୁସାରେ କଂସ ପ୍ରେରିତ ହୋଲିକା ଏକ ରକ୍ତବର୍ଣ୍ଣା ରାକ୍ଷସୀ ସେ ବ୍ରଜଧାମରେ ଉତ୍ପାତ କରିବାର ଏହି ଚୈତ୍ର କୃଷ୍ଣ ପ୍ରତିପଦ ତିଥିରେ ଭଗବାନ ଶ୍ରୀକୃଷ୍ଣ ତାକୁ ବଧ କରିଥିଲେ । ତା' ଦେହରୁ ପିଚକାରୀ ପରି ଯେଉଁ ରକ୍ତ ନିର୍ଗତ ହେଲା, ସେଇ ନାଟକୀୟ କାରୁଣ୍ୟକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଏହି ହୋଲି ଉତ୍ସବର ପରିକଳ୍ପନା । ପୂର୍ବେ ଅବିର, ସିନ୍ଦୂର, କୁଙ୍କୁମ ଓ ପାଲୁଅରେ ପ୍ରସ୍ତୁତ ଅବିର ଯୋହାର ସେବନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଅପରିହାର୍ଯ୍ୟାକୁ ଫଗୁ ରୂପେ ବ୍ୟବହାର କରାଯାଉଥିଲା । ଆଜିକାଲି ସେ ଅବିର ପରିବର୍ତ୍ତେ ବିଭିନ୍ନ କିସମର ରଙ୍ଗ, ବାର୍ନିସ୍ ମଧ୍ୟ ବ୍ୟବହୃତ ହେଉଛି । ଶୀତର ପ୍ରକୋପ ଦୃଷ୍ଟିରୁ ସାଧାରଣ ଲୋକେ ଭଲ ଭାବରେ ସ୍ନାନ କରନ୍ତି ନାହିଁ । ରଙ୍ଗବୋଳା ହେଉଥିବା ଯୋଗୁ ଶରୀରର ପରିଚ୍ଛନ୍ନତା ଅପରି ହାର୍ଯ୍ୟ । ତେଣୁ ହୋଲି ଖେଳ ପରେ ଉତ୍ତମ ରୂପେ ସ୍ନାନ କରିବା ଦ୍ୱାରା ଭଲଭାବେ ଚର୍ମ ପରିଷ୍କାର କରି ସମସ୍ତେ ଚର୍ମରୋଗରୁ ନିଜକୁ ରକ୍ଷା କରିଥାନ୍ତି । ଏହି ହୋଲି ଖେଳ ପରେ ସମାଜରେ ଉତ୍ତମ ବାତାବରଣ ସୃଷ୍ଟି ହୋଇଥାଏ । ନୂତନ ଉତ୍ସାହ ଉଦ୍ଦୀପନା ତଥା ପରସ୍ପରର ସ୍ନେହ ସୌହାର୍ଦ୍ଦ ମଧ୍ୟରେ ସମାଜରେ ସମସ୍ତେ ନୂତନ ଜୀବନ ଆସ୍ୱାଦନ କରିଥାନ୍ତି ।

କେବଳ ଦୋଳୋତ୍ସବ ନୁହେଁ ହିନ୍ଦୁମାନେ ପାଳନ କରୁଥିବା ପ୍ରତ୍ୟେକ ପର୍ବପର୍ବାଣୀ, ଯାନିଯାତ୍ରା, ଓଷାବ୍ରତ ମଧ୍ୟରେ ଏପରି ବିଧାନ ଓ ଅନ୍ତରାର୍ଥ ରହିଛି । ପାରମ୍ପରିକ ଧାର୍ମିକ ଆଚରଣକୁ ଅର୍ଥପୂର୍ଣ୍ଣ କରିବା ସମଗ୍ର ମାନବ ସମାଜରେ ସଂହତି ଓ ସଦ୍‌ଭାବ ପ୍ରତିଷ୍ଠା କରି ସ୍ୱାସ୍ଥ୍ୟ ଏବଂ ଜୀବନୀ ଶକ୍ତିର ବିକାଶ ଘଟାଇବା ଏଇ ଉତ୍ସବ ପାଳନର ଲକ୍ଷ୍ୟ ।

---

କ୍ୱାଟର୍ ନଂ ୨ ଆର୍‌ଃ ଏଃ-୧୦୯,
ରୋଡ୍ ନଂ ୫, ୟୁନିଟ୍-୯,
ଭୁବନେଶ୍ୱର ।

---

ସହାୟକ ଗ୍ରନ୍ଥ-
(୧) ଓଡ଼ିଶାର ପର୍ବପର୍ବାଣୀ, ଓଷାବ୍ରତ ଯାନିଯାତ୍ରା ।
ସଙ୍କଳକ-ଶ୍ରୀ ବ୍ରଜମୋହନ ମହାନ୍ତି, ଶ୍ରୀ ପ୍ରଭାସଚନ୍ଦ୍ର ମହାନ୍ତି
(୨) ଉତ୍କଳ ପ୍ରସଙ୍ଗ- ଫେବୃଆରୀ ୧୯୮୫ ସଂଖ୍ୟା
(୩) ଉତ୍କଳ ପ୍ରସଙ୍ଗ-ଫେବୃଆରୀ/ମାର୍ଚ୍ଚ ୧୯୮୬ ସଂଖ୍ୟା



ପଞ୍ଚାୟତିରାଜ୍ ମନ୍ତ୍ରୀ ଶ୍ରୀ ଦାମୋଦର ରାଉତଙ୍କ ଦ୍ୱାରା ବାଲିଅନ୍ତାର ତାଳଗଦାଠାରେ ମହିଳା ସିଲେଇ ମେସିନ୍ କେନ୍ଦ୍ର ଉଦ୍‌ଘାଟନ । ଦକ୍ଷିଣ ପାର୍ଶ୍ୱରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର । (୭-୧-୧୯୯୧) ।




## ଉଦ୍‌ଯୋଗୀ ପୁରୁଷକୁ ଲକ୍ଷ୍ମୀ ମିଳେ

କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ଅଞ୍ଚଳ ଜଙ୍ଗଲରେ ଭରପୁର । ପର୍ବତମୟ ଅଞ୍ଚଳରେ ଶତକଡା ୮୦ ଭାଗ ଲୋକ ଆଦିବାସୀ ହରିଜନ ଅଟନ୍ତି । ଅଞ୍ଚଳର ଆଦିବାସୀମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ପନ୍ଥା ଦ୍ୱାରା ଜୀବିକା ନିର୍ବାହ କରିଥାନ୍ତି । ଗଡଜାତ ଅମଳରୁ ଜମିଦାରୀ ଶାସନରେ ଅତିଷ୍ଠ ହୋଇ ଆସୁଥିବା ଏହି ଅଧିବାସୀମାନଙ୍କୁ ବିଭିନ୍ନ ପ୍ରକାର ସରକାରୀ ଯୋଜନା ମାଧ୍ୟମରେ "ମାଡ଼ା" ସ୍କିମ୍ ଜରିଆରେ ଋଣ ଯୋଗାଇ ଦିଆ ଯାଉଛି । ଏମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି କରିବାପାଇଁ ସରକାରଙ୍କ ଚେଷ୍ଟା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରୁଅଛି ।

ଲାଞ୍ଜିଗଡ଼ ରୋଡ଼ର ମଇନୁ ମହାନନ୍ଦଙ୍କ ପୁଅ ବାବୁଲାଲ ଜଣେ ହରିଜନ ଯୁବକ । ତାଙ୍କର ତିନି ଭାଇ ବାଲ୍ୟକାଳରୁ ପିତାଙ୍କ ମୃତ୍ୟୁପରେ ଅଭାବ ଅନାଟନ ମଧ୍ୟରେ ଜୀବନ ଅତିବାହିତ କରୁଥିଲେ । ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାପରେ ବାବୁଲାଲ ଶିକ୍ଷାଲାଭରୁ ବଞ୍ଚିତ ହେଲେ । ବାପା ଥିଲେ ଜଣେ ଦୈନିକ ମଜୁରିଆ, ମୂଲ ଲାଗି ପେଟ ପୋଷିବାକୁ ହୁଏ । ସ୍ଥାନୀୟ ରେଳପଥ କାର୍ଯ୍ୟ ସମୟରେ ମଜୁରି ଲାଗି ପିଲା କୁଟୁମ୍ବ ପାଳୁଥିଲେ । ନିଜସ୍ୱ ଜମିବାଡ଼ି କିଛି ନାହିଁ । ଭୂମିହୀନଙ୍କୁ ଯୋଗାଇ ଦିଆଯାଉଥିବା ସରକାରଙ୍କ ତରଫରୁ ଦୁଇ ଏକର ଜମି ପାଇଛନ୍ତି । ସେଥିରେ ବଡ଼ ଭାଇମାନେ ଚାଷ କରନ୍ତି । ଯାହାକି ଏତେ ବଡ଼ ପରିବାରକୁ ନିଅଣ୍ଟ । ପ୍ରଥମେ ସେ ଦିନ ମଜୁରି ଆ ଭାବରେ କାମ କରି କିଛି ଅର୍ଥ ଉପାର୍ଜନକରି ଭାଇମାନଙ୍କୁ ସାହାଯ୍ୟ କଲେ । କିନ୍ତୁ କାମ ମଧ୍ୟ ସେଇ ଜଙ୍ଗଲପୂର୍ଣ୍ଣ ଅଞ୍ଚଳରେ ସବୁଦିନ ମିଳିବା ସମ୍ଭବ ହେଲାନି । ନିଜ ଚେଷ୍ଟାରେ କରିବାପାଇଁ ମନ ସ୍ଥିର କଲେ । ଗ୍ରାମରେ ସିଲେଇ ଦୋକାନ କରିଥିବା ଶ୍ରୀକୃଷ୍ଣ ଟେଲରଙ୍କ ପାଖରେ ଘରୋଇଭାବେ କାର୍ଯ୍ୟକରି ସିଲେଇ ଶିଖିବାକୁ ଚେଷ୍ଟାକଲେ । ସନ ୧୯୮୨ରେ ଶିଳ୍ପ ବିଭାଗ ତରଫରୁ ଟ୍ରାଇସମ୍ ଯୋଜନାରେ ସିଲେଇ ଶିକ୍ଷା ସଂପୂର୍ଣ୍ଣ ଭାବେ ଶେଷ କଲା ପରେ ସନ ୧୯୮୩ରେ ଲାଞ୍ଜିଗଡ଼ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ଜରିଆରେ ଆଇ: ଆର: ଡି: ସ୍କିମ୍ ଅନ୍ତର୍ଗତ ହୋଇ ୩,୦୦୦ ଟଙ୍କା ଋଣ କଲେ । ନିଜସ୍ୱ ସିଲେଇ ମେସିନ୍ ଖରିଦ୍ କରି ଲାଞ୍ଜିଗଡ଼ ଗ୍ରାମରେ 'ସ୍ୱତନ୍ତ୍ର ଭାବେ ଟେଲରିଂ ଦୋକାନ ଖୋଲିଲେ ।

ନିଜର ଅଦମ୍ୟ ଚେଷ୍ଟା ଓ ପରିଶ୍ରମ ଯୋଗୁଁ ତାଙ୍କ ଦୋକାନ ସୁଗ୍ରୁ ରୂପେ ଚାଲିଲା । ଭଲ ଦୁଇ ପଇସା ଆୟ କଲେ । ଦୈନିକ ପ୍ରାୟ ୩୦ ଟଙ୍କା ସେ ବର୍ତ୍ତମାନ ଆୟ କରୁଛନ୍ତି । ପ୍ରଥମ ବର୍ଷରେ ସେ ସବସିଡି ପରେ କିଛି ଋଣ ମଧ୍ୟ ପରିଶୋଧ କରିଛନ୍ତି । ବର୍ତ୍ତମାନ ପ୍ରାୟ ୧,୨୦୦ ଟଙ୍କା ଆଉ ବାକି ଥିବା ସେ ପ୍ରକାଶ କରିଥିଲେ । ସରକାରୀ ଜାଗାରେ ନିଜସ୍ୱ ଖର୍ଚ୍ଚରେ ଛୋଟିଆ ଘରଟିଏ ତିଆରି କରିଛନ୍ତି । ସାଙ୍ଗରେ ତାଙ୍କର ବିଧବା ମାଁ ଓ ବିବାହିତା ପତ୍ନୀ ଅଛନ୍ତି । ତାଙ୍କ ସହିତ ସାକ୍ଷାତକାରରେ ସେ କହିଛନ୍ତି ଯେ ସମ୍ପ୍ରତି ରାଜ୍ୟରେ ଦରଦାମ ବୃଦ୍ଧି ପରିସ୍ଥିତିରେ ଏବଂ ଆୟ କମି ଯାଇଥିବା ଦୃଷ୍ଟି କୋଣରୁ ବଞ୍ଚିବା ପାଇଁ ଅନେକ କଷ୍ଟ ହେଉଛି କିନ୍ତୁ ଏ ସିଲେଇ ମେସିନ୍ ଶାସ୍ତକ ନଥିଲେ ମୋର ଏବଂ ମୋ ପରିବାର କିପରି ଚଳନ୍ତା ମୁଁ ଚିନ୍ତାକରି ପାରୁ ନାହିଁ । ସରକାରଙ୍କ ଏହି ଯୋଜନା ଆଜି ମୋତେ ସମାଜରେ ପ୍ରତିଷ୍ଠିତ କରିଛି ବୋଲି ସେ ମତ ଦେଇଛନ୍ତି ।

---

ଶ୍ରୀ ଅଶୋକ କୁମାର ପାତ୍ର,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଭବାନୀପାଟଣା ।

## ଇଚ୍ଛାଥିଲେ ଉପାୟ ଆପେ ଆସେ

ପୁରୀ ଜିଲ୍ଲା ସଦର ବ୍ଲକ୍ ଅଧୀନସ୍ଥ ଏକ ଦରିଦ୍ର ପରିବାରରେ ଜନ୍ମ ନେଇଛି ସଦାଶିବ । ବାପା, ମା ଶ୍ରଦ୍ଧାରେ ନାମ ଦେଇଥିଲେ ସିନା ସଦାଶିବ କିନ୍ତୁ ହଳାହଳ ଗ୍ରାସ କରିଥିବା ସଦାଶିବଙ୍କ ପରି ଗଙ୍ଗାନାରାୟଣପୁର ସଦାଶିବ ମଧ୍ୟ ଆର୍ଥିକ ଦୂରାବସ୍ଥା ଦୃଷ୍ଟିରୁ ପୈତୃକ କୁଡ଼ିଆଘର ଖଣ୍ଡିମରାମତି କରି ନ ପାରି ସଦାଶିବଙ୍କ ପରି ଶ୍ମଶାନବାସୀ । ଦୁଃଖ କଷ୍ଟ କରି ଯାହା ବା ସେ ମଜୁରି ଆଣେ, ତାହା ନିଜର ୬୫ ବର୍ଷର ବୁଢ଼ୀମା ଓ ନିଜର ସ୍ତ୍ରୀର ପେଟ ପାଟଣାକୁ ନିଅଣ୍ଟ ଧରେ । ଦୁଇ ବାହା ପିଟି, ମୁଣ୍ଡ ଝାଳ ତୁଣ୍ଡରେ ମାରି ମୂଲ ମଜୁରିରୁ ଯାହା ବା ସେ ପାଏ ସେଥିରେ ତିନି ପ୍ରାଣୀ କୁଟୁମ୍ବର ଗୁଜୁରାଣ ମେଣ୍ଟନ୍ତା ବା କିଭଳି । ହାତ ଧରି ଯାହାକୁ ସେ ଜୀବନର ସଙ୍ଗିନୀ କରି ଆଣିଥିଲା ତାହାର ମୁହଁରେ ହସତ ଦେଖୁନାହିଁ ବରଂ ତାକୁ ଓ ବୁଢ଼ୀ ମାକୁ ଭଲରେ ଦୁଇ ଓଳି ପେଟପୁରା ଦୁଇଗୁଣ୍ଡା ଖାଇବାକୁ ଦେବା ପାଇଁ ସେ ବହୁ ଦୁଃସ୍ୱପ୍ନ

ଦେଖୁଛି। କଲିକତା ଯିବ। ଚଟକଳରେ କାମ କରିବ କିନ୍ତୁ ଭିଟା ମାଟିର ମୋହ ସେ ଏଡ଼ି ପାରି ନାହିଁ।

ସମୟର ପରିବର୍ତ୍ତନ ଘଟିଛି। ଗୁରିଆଡେ ନୂଆ ହାୱା। ଏ ଦେଶରୁ ଗରିବୀ ହଟିବ। ନୂଆ ନୂଆ ପରିକଳ୍ପନା। ଯୋଜନା ପରେ ଯୋଜନା। ବ୍ଲକ୍ ଅଫିସକୁ ଧୂଳିଉଡା ଦଉଡ଼। ମନ କାହିଁକି କେମିତି ଛୁଇଁଲା। ସଦାଶିବ ବ୍ଲକ୍ ଅଫିସକୁ ଯାଇ ବୁଝା ବୁଝି କରି ସରକାରଙ୍କ ଇ: ଆର୍:ଆର୍: ପି: ଯୋଜନାରେ ପରିବା ବ୍ୟବସାୟ କରିବା ପାଇଁ ସ୍ଥିର କଲା। ପୁରୀ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସହାୟତାରେ ଗୋଟିଏ ସାଇକେଲ ଓ କିଛିଟି ସହ ଆର୍ଥିକ ସହାୟତା ୩୦୦ ଟଙ୍କା ସେ ଗ୍ରହଣ କଲା। ଜୀବନରେ ପ୍ରଥମ କରି ସେ ଏକ ନୂତନ ପାହାଚରେ ପାଦ ଦେଇଛି। କ'ଣ କେଜାଣି ହେବ। ମନରେ ଦୃଢ଼ତା ନେଇ ଜୀବନର ସମସ୍ତ ଉତ୍ସାହ ସେ ବିନି ଯୋଗ କଲା, ପରିବା ବ୍ୟବସାୟରେ। ଜଗନ୍ନାଥ ଆଶ୍ରୟ ହେଲେ ନା କ'ଣ। ଏବେ ତ ସେ ନିଜେ ଓ ପରିବାରର ସମସ୍ତଙ୍କୁ ଦୁଇ ଓଳି ପେଟପୁରା ଖାଦ୍ୟ ଯୋଗାଇ ପାରିଛି। ପାଲଟିବା ପାଇଁ ଖଣ୍ଡକୁ ଦୁଇଖଣ୍ଡ ଲୁଗା, ଗାମୁଛା ଘର ଅଲଗୁଣିରେ ପଡ଼ିଛି। ମନରେ ବିପୁଳ ଆନନ୍ଦ। ବିଗତ ଦିନରେ ଯାହାକୁ ସେ ଘରକୁ ଆଣିଥିଲା। ତାହା ମୁହଁରେ ହସର ରେଖା ଦେଖିବାକୁ ପାଉଛି। ପୁରୁଷ ପଣିଆର ସତେ ଯେମିତି କି ସାର୍ଥକତା ସେ ହାସଲ କରିଛି। ମଝିରେ ମଝିରେ ପରିବା ବିକି ଘରକୁ ଫେରିବା ବେଳେ ସଦାଶିବ ଅଳତାଟିଏ ଓ ସିନ୍ଦୁର ଗୁଡ଼ା ସହଜ୍ଞାସେ ମିଠାଦିଆ ପାନ କରିମ ଭାଇ ଦୋକାନରୁ ଆଣିବାକୁ ସମର୍ଥ ହୋଇଛି।

ଗତ ସାଲରେ କେଉଁଠୁ ଅକାଳ ରୋଗ ମା'କୁ ଧରିଲା ଯେ, ଅଯଥାରେ ଡାକ୍ତର, ବଇଦ ଓ ଔଷଧରେ ଗୁଡ଼ାଏ ଖର୍ଚ୍ଚ କରି ପକେଇଛି। ସେଥିପାଇଁ ଭ୍ରୂକ୍ଷେପ ନାହିଁ। ମା ପାଇଁ କରିବ ନାହିଁତ ଆଉ କାହା ପାଇଁ କରିବ। ସେଥିପାଇଁ ବ୍ୟାଙ୍କ୍ ଋଣ ପରିଶୋଧ କରିବାରେ ସେ ଟିକିଏ ପଛେଇ ଯାଇଛି। ନଚେତ୍ ଋଣ ଛାଡ଼ ହାୱା ବେଳକୁ ତାହାର ସମସ୍ତ ଋଣ ସୁଝି ପଡ଼ିଥାନ୍ତା। ତଥାପି ସେ ୩୦୦ ଟଙ୍କା ପରିଶୋଧ କରିଛି। ମୋଟ ଋଣ ପରିମାଣ ୧,୩୫୦ ଟଙ୍କାରୁ ୬୭୫ ଟଙ୍କା ଛାଡ଼ ସହ ପରିଶୋଧ ଟଙ୍କା ବାଦ ଅବଶିଷ୍ଟ ଋଣରୁ ସେ ରିହାତି ପାଇଛି। ଆଜି ସେ ଗୋଟାଏ ମଜୁରି ପାଇଁ ଏ ଦୁଆର ସେ ଦୁଆର ହେଉନାହିଁ କିମ୍ବା ଭୋକ ଉପାସରେ ଦିନ କାଟିବାକୁ ପଡୁନାହିଁ। ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ସକ୍ଷମ ହୋଇଛି।

ଶ୍ରୀ ବିଧୂଭୂଷଣ ମାନସିଂହ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ପୁରୀ।

## ଅଗ୍ରଗତି ପଥେ ନୀଳାଚଳ ସେବା ପ୍ରତିଷ୍ଠାନ

କାଶୀର ବ୍ଲକଠାରୁ ଦକ୍ଷିଣକୁ ୩ କି: ମି: ଦୂରରେ ଦୟାନଦୀ କୂଳରେ ଅବସ୍ଥିତ ବେଣାରା ଗ୍ରାମ ଅବସ୍ଥିତ। ଗ୍ରାମର ଯୁବକମାନଙ୍କ ମଧ୍ୟରେ ଏକ ନୂତନ ଉନ୍ମାଦନା ଓ ଉତ୍ସାହ, ସେମାନେ କିଛି କରିବେ। ଯୁବକମାନଙ୍କ ମଧ୍ୟରେ ଏହି ସ୍ୱ... ଦେଖୁଥିଲେ ଯୁବକ ସୁବାସ ଗଜେନ୍ଦ୍ର। ଯାହାଙ୍କ ଉଦ୍ୟମରେ ଗ... ଗଢ଼ିଉଠିଛି ନୀଳାଚଳ ସେବା ପ୍ରତିଷ୍ଠାନ। ପନ୍ଦର ଜଣ ଉତ୍ସାହୀ ବ୍ୟକ୍ତିଙ୍କୁ ନେଇ ୧୯୮୦ ମସିହାରେ ଏହି ଅନୁଷ୍ଠାନଟି ସରକାରଙ୍କ... ରେଜିଷ୍ଟ୍ରିଭୁକ୍ତ ହୋଇଥିଲା। ୧୯୮୩ ମସିହାରେ ପ୍ରଥମ... ଅନୁଷ୍ଠାନ ମାଧ୍ୟମରେ ଆରମ୍ଭ ହୁଏ ଚରଖା କାର୍ଯ୍ୟକ୍ରମ। ଖଦି... ବୋର୍ଡ଼ ସହାୟତାରେ ୬୬ ଜଣ ମହିଳାଙ୍କୁ ନେଇ ଏହି ଚରଖା... କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯେଉଁଥିରେ କି ସେହି ଗ୍ରାମ... ନିଃସହାୟ, ବିଧବା ଓ ହରିଜନ ସ୍ତ୍ରୀ ଲୋକଙ୍କ ମୁହଁରେ ହସ ଫୁଟି... ଉଠିଥିଲା। ଏହି ସୂତା କାଟିବା ଦ୍ୱାରା ସେମାନେ ଆ... ନିର୍ଭରଶୀଳ ହୋଇ ପାରିଥିଲେ। 'ମହିଳା କେବେ ଅବଳା ନୁହଁ... ତା' ପ୍ରମାଣିତ କରି ପାରିଥିଲେ। ସେହି ଦିନଠାରୁ ଏହି କାର୍ଯ୍ୟକ୍ର... ଅଦ୍ୟାବଧି ଚାଲୁ ରହିଛି। ଯୁବକ ମନ ଅନ୍ତରେ ସନ୍ତୁଷ୍ଟ ନୁହେଁ... ଅଧିକରୁ ଅଧିକ କିଛି କରିବାର ଉଦ୍ଦେଶ୍ୟ ନେଇ ବିଭିନ୍ନ ପ୍ରକାର... ସରକାରୀ ଯୋଜନାକୁ କିପରି କାର୍ଯ୍ୟକାରୀ କରାଇବେ ଘ... ଦିଗରେ ସଦସ୍ୟମାନେ ସଙ୍କଳ୍ପବଦ୍ଧ । CAPAT ଯୋଜନା... ମାଧ୍ୟମରେ ଗରିବ ଲୋକମାନେ କିପରି ଉପକୃତ ହୋଇପାରିବେ... ସେ କାର୍ଯ୍ୟକ୍ରମକୁ ହାତକୁ ନେଇ ସଫଳ କରି ପାରିଥିଲେ। ଏହି... ଯୋଜନା ମାଧ୍ୟମରେ ୭୫,୦୦୦ ଟଙ୍କା ଖର୍ଚ୍ଚ କରାଯାଇଥିଲା ଏବଂ... ୨୦ ଜଣ ଉପଭୋକ୍ତା ଉପକୃତ ହୋଇ ପାରିଥିଲେ।

'ଜନ ବିସ୍ଫୋରଣ' ସମାଜର ଅଗ୍ରଗତି ଦିଗରେ ଏକ ପ୍ରାଚୀର ସଦୃଶ। ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଆରମ୍ଭ ହୁଏ ଜନଶିକ୍ଷା ଓ ପରିବାର କଲ୍ୟାଣ। ଏହି ଯୋଜନାରେ ୫୦,୦୦୦ ଖର୍ଚ୍ଚ କରାଯାଇଥିଲା ଏବଂ ୫ଟି ପଞ୍ଚାୟତରେ ୫୨,୦୦୦ ଲୋକ ଉପକୃତ ହୋଇ ପାରିଥିଲେ।

ଏହା ପରେ ପରେ ମହିଳାମାନଙ୍କ ପାଇଁ ବୟନ ବସ୍ତ୍ର ଶିକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିଲା, ଯେଉଁଥିରେ ୪୦ ଜଣ ମହିଳା ଉପକୃତ ହୋଇପାରୁଛନ୍ତି। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ ସହାୟତାରେ ମହିଳାମାନଙ୍କୁ ଶିକ୍ଷିତ କରିବା ପାଇଁ ସ୍ୱଳ୍ପ ମିଆଦୀ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ୯ ବର୍ଷରୁ ୧୪ ବର୍ଷ ବାଳକ ବାଳିକାମାନଙ୍କୁ ଶିକ୍ଷିତ କରିବା ଯୋଜନା ଅନୁଷ୍ଠାନ ହାତକୁ ନେଇ ମାନବ ସମ୍ବଳ ବିକାଶର ସହାୟତାରେ ୧୦୦ଟି ଅଣ ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ଆରମ୍ଭ କରିଥିଲେ। ଏହାଦ୍ୱାରା ୭,୫୦୦ ବାଳକ ବାଳିକା ଉପକୃତ ହୋଇ ପାରିଛନ୍ତି।

ମହିଳା, ବାଳକ ବାଳିକାମାନଙ୍କ କାର୍ଯ୍ୟକ୍ରମ ପରେ ଅନୁଷ୍ଠାନ ଶିଶୁମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ସହାୟତାରେ ଆରମ୍ଭ କରନ୍ତି ଅନାଥାଶ୍ରମ, ଯଦ୍ୱାରା ୬୦ ଜଣ ଅନାଥ ଶିଶୁ ଉପକୃତ ହୋଇ ପାରୁଛନ୍ତି।

ସମାଜରେ ଯେଉଁ ନାରୀମାନେ ନିର୍ଯ୍ୟାତିତା ସେମାନଙ୍କୁ ସାମାଜିକ ସ୍ୱୀକୃତି ଦେବା ନିମନ୍ତେ ଅନୁଷ୍ଠାନ ଆରମ୍ଭ କରନ୍ତି ସ୍ୱଳ୍ପ ମିଆଦୀ ଆବାସ କେନ୍ଦ୍ର। ଏହାଦ୍ୱାରା ୪୦ ଜଣ ନିଃସହାୟ ମହିଳା ନୂତନ ଜୀବନ ଆରମ୍ଭ କରିବାର ଆଲୋକ ଦେଖିପାରିଛନ୍ତି।

ଅନୁଷ୍ଠାନ ଗ୍ରାମାଞ୍ଚଳରେ ଥିଲେ ମଧ୍ୟ ଏହାର ଆଭିମୁଖ୍ୟ ସୁଦୂର ପ୍ରସାରୀ। ସୁବାସ ବାବୁ, ପରିକ୍ଷିତ ବାବୁ ଓ ତାଙ୍କର ଅନ୍ୟାନ୍ୟ

ସହଯୋଗୀମାନଙ୍କ ଉଦ୍ୟମ ବାସ୍ତବିକ୍ ପ୍ରଶଂସନୀୟ । ନୀଳାଚଳ ସେବା ପ୍ରତିଷ୍ଠାନ ପୁରୀ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆବାହକ ଉତ୍କଳମଣି ଜ୍ୟୋତିଷ କହିଲେ ଅତ୍ୟୁକ୍ତି ହେବନାହିଁ । ସେମାନଙ୍କର ଆଦର୍ଶ, ତ୍ୟାଗ ନିଶ୍ଚିତ ଅନ୍ୟାନ୍ୟ ଯୁବ ପ୍ରତିଭାମାନଙ୍କୁ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ । ଅନୁଷ୍ଠାନର ଚଲାପଥ ପୁଷ୍ପିତ ହେଉ ଏହା ହିଁ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।

ବିଜୟ ପଟ୍ଟନାୟକ, ସଭ୍ୟ ଆବାହକ,
ପୁରୀ ।



ଓଡ଼ିଶା ସଚିବାଳୟ ସାଂସ୍କୃତିକ ପରିଷଦର ଆନ୍ତଃ ବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତାରେ ବିଜୟୀ କଳାକାରମାନଙ୍କୁ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ସୂଚନା ଭବନଠାରେ ପୁରସ୍କାର ପ୍ରଦାନ କରୁଛନ୍ତି । ଚିତ୍ରରେ ଶ୍ରୀ ଅସିତ୍ ରଞ୍ଜନ ଦାସ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।




ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଅନ୍ତର୍ଗତ ଯାଜପୁର ରୋଡ଼ସ୍ଥିତ ଫେରୋକ୍ରୋମ୍ କାରଖାନା ଲୋ-କାର୍ବୋନ ଫେରୋକ୍ରୋମ୍ ଓ ହାଇ-କାର୍ବନ ଫେରୋକ୍ରୋମ ଉତ୍ପାଦନ କରିଥାଏ । ଏହି ଫେରୋକ୍ରୋମ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଜିନିଷ ତିଆରି ପାଇଁ ଆବଶ୍ୟକ ହୋଇଥାଏ । ଗତ କେତେ ବର୍ଷ ଧରି ଏହି କାରଖାନା ନିୟମିତ ଭାବରେ ଲାଭ କରିଆସିଛି । ଆମ ଦେଶର ଫେରୋକ୍ରୋମ ବଜାରରେ ବର୍ତ୍ତମାନ ପରିବର୍ତ୍ତନ ଦେଖାଦେଇଛି । ଫେରୋକ୍ରୋମ ଉତ୍ପାଦନ ପାଇଁ ଯେଉଁ କାରୀଗରୀ ପ୍ରୟୋଗ କରାଯାଉଥିଲା, ଗତ ବର୍ଷଠାରୁ ତାହା ବଦଳି ଯାଇଛି । ଲୋ-କାର୍ବନ ଫେରୋକ୍ରୋମ ଉତ୍ପାଦନ ଅଧିକ ବ୍ୟୟ ସାପେକ୍ଷ ହୋଇପଡ଼ିଛି । ଫଳରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଜିନିଷ ଉତ୍ପାଦନ କ୍ଷେତ୍ରରେ ଲୋ-କାର୍ବନ ଫେରୋକ୍ରୋମ ବ୍ୟବହାର ହୋଇପାରୁ ନାହିଁ । ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀମାନେ ବର୍ତ୍ତମାନ ଲୋ-କାର୍ବନ ଫେରୋକ୍ରୋମ ବଦଳରେ ହାଇ-କାର୍ବନ ଫେରୋକ୍ରୋମ ବ୍ୟବହାର କରୁଛନ୍ତି ।

ବିଦ୍ୟୁତ୍ ଯୋଗାଣ ଅବସ୍ଥାର ଉନ୍ନତି ହେତୁ ଗତବର୍ଷ ହାଇକାର୍ବନ ଫେରୋକ୍ରୋମ ଉତ୍ପାଦନ କରିବା ପାଇଁ ଆନ୍ଧ୍ର ଏବଂ ମଧ୍ୟପ୍ରଦେଶରେ ପ୍ରାୟ ୧୦/୧୨ଟିରୁ ଅଧିକ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠିତ ହୋଇଛି । ସୁତରାଂ ହାଇ-କାର୍ବନ ଫେରୋକ୍ରୋମ ଉତ୍ପାଦନ କ୍ଷେତ୍ରରେ ୬୦ରୁ ୭୦ ହଜାର ମେଟ୍ରିକ୍ ଟନ୍ ଉତ୍ପାଦନ ବୃଦ୍ଧି ପାଇଛି । ବର୍ତ୍ତମାନ ଆମ ଦେଶର ହାଇ-କାର୍ବନ ଫେରୋକ୍ରୋମର ଚାହିଦା ୭୦ ହଜାର ମେଟ୍ରିକ୍ ଟନ୍ ଥିବା ସ୍ଥଳେ ଉତ୍ପାଦନ ଏକ ଲକ୍ଷ କୋଡ଼ିଏ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ତେଣୁ ହାଇ-କାର୍ବନ ଫେରୋକ୍ରୋମ୍ ଉତ୍ପାଦନକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଦେଖାଦେଇଛି ଏବଂ ସଙ୍ଗଠିତ କ୍ଷେତ୍ରରେ ଉତ୍ପାଦନକାରୀମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ଏହି କ୍ଷୁଦ୍ରଶିଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶ ରାଜସ୍ୱ ରିହାତି ପାଉଛନ୍ତି ଏବଂ ସଙ୍ଗଠିତ କ୍ଷେତ୍ରରେ ଉତ୍ପାଦନକାରୀମାନଙ୍କ ଅପେକ୍ଷା ଅଳ୍ପ ପରିମାଣ ଲାଭ ରଖୁଛନ୍ତି । ଫଳରେ ସେମାନେ ଖୁବ୍ କମ୍ ଦରରେ ସେମାନଙ୍କ ମାଲ୍ ବଜାରକୁ ଛାଡ଼ିପାରୁଛନ୍ତି ।

ଉଲ୍ଲିଖିତ ବଜାର ଅବସ୍ଥା ହେତୁ ଯାଜପୁର ରୋଡ଼ସ୍ଥିତ ଫେରୋକ୍ରୋମ କାରଖାନା ମଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି । ଏଭଳି ଅବସ୍ଥା ସାଙ୍ଗକୁ ଫେରୋକ୍ରୋମ କାରଖାନା ଅପେକ୍ଷାକୃତ ଅଧିକ ଦରରେ ତାର ମୁଖ୍ୟ କଞ୍ଚାମାଲ୍ କ୍ରୋମ ପଥର କିଣୁଥିବା ଅବସ୍ଥା ଆହୁରି ଜଟିଳ ହୋଇପଡ଼ିଛି । ଯେଉଁ କାରଖାନାଗୁଡ଼ିକର ନିଜସ୍ୱ ଖଣି ରହିଛି, ସେମାନେ ସୁବିଧାରେ ରହୁଛନ୍ତି । ସେମାନଙ୍କର ଉତ୍ପାଦନର ଖର୍ଚ୍ଚ ମଧ୍ୟ କମ୍ ପଡ଼ୁଛି ।

ବର୍ତ୍ତମାନ ବଜାର ଅବସ୍ଥା ନିକଟ ଭବିଷ୍ୟତରେ ବଜାୟ ରହିବାର ସମ୍ଭାବନା ଥିବାରୁ, ବର୍ତ୍ତମାନ ଉତ୍ପାଦନ ଖର୍ଚ୍ଚ କମ୍ କରି କାରଖାନାକୁ ବଞ୍ଚାଇ ରଖିବା ଛଡ଼ା ଅନ୍ୟ ଉପାୟ ନାହିଁ । କେବଳ ଆଭ୍ୟନ୍ତରୀଣ ଅବସ୍ଥା ନୁହେଁ, ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ବଜାର ଅବସ୍ଥା ମାନ୍ଦା ରହିଛି । ଫଳରେ ବିଦେଶକୁ ରପ୍ତାନୀ ମଧ୍ୟ ସମ୍ଭବ ନୁହେଁ । ଫେରୋକ୍ରୋମ କାରଖାନାର ଉତ୍ପାଦନ ବ୍ୟୟ ଯେତେଦୂର କମ୍ ରଖାଯାଇପାରେ, ତାହା କରାଯାଉଅଛି ।

କ୍ରମାଗତ ଭାବରେ ଚେଷ୍ଟା କରି ବର୍ତ୍ତମାନ ଏହି କାରଖାନା ତାହାର ସମସ୍ତ ଗଚ୍ଛିତ ମାଲ୍ ବିକ୍ରୟ କରିଦେବା ପାଇଁ ଯଥେଷ୍ଟ ଅର୍ଡ଼ର ପାଇପାରିଛି । ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଅବସ୍ଥାର ଉନ୍ନତି ଘଟିବ ବୋଲି ଆଶା କରାଯାଏ । ଅବଶ୍ୟ ଡିଜେଲ୍ ସମସ୍ୟା ହେତୁ ଟ୍ରକ୍ ନମିଳିବାରୁ କିଛିଦିନ ଧରି ମାଲ୍ ପରିବହନ ସମ୍ଭବ ହୋଇପାରି ନଥିଲା । ବର୍ତ୍ତମାନ କିନ୍ତୁ ଅବସ୍ଥାର ଉନ୍ନତି ଘଟିଛି । ଖୁବ୍ ନିକଟରେ ଏହି କାରଖାନାର ଗୋଟିଏ ରେକ୍ (୧,୬୮୦ ଟନ୍) ହାଇ-କାର୍ବନ୍ ଫେରୋକ୍ରୋମ୍ ପଠାଯାଇ ପାରିଛି ।

## ରାଜ୍ୟ ପୋଲିସ ପ୍ରଶାସନର ଆଭିମୁଖ୍ୟର ପରିବର୍ତ୍ତନ ଲୋଡ଼ା

—ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ

ରାଜ୍ୟରେ ପୋଲିସ ପ୍ରଶାସନର ଆଭିମୁଖ୍ୟ ଓ ଦୃଷ୍ଟିଭଙ୍ଗୀକୁ ସମ୍ପୂର୍ଣ୍ଣ ରୂପେ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ବରିଷ୍ଠ ଆଇ. ପି. ଏସ୍. [illegible]ମାନଙ୍କର ଏକ ଦୁଇଦିନିଆ ସମ୍ମିଳନୀ ଉଦ୍‌ଘାଟନ କରି [illegible]ନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ

ସେ ପୋଲିସ ବିଭାଗର କର୍ମକର୍ତ୍ତାମାନେ ଆତ୍ମ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଶ୍ରଦ୍ଧାଭାଜନ ହେବା ପାଇଁ ଉଦ୍ୟମ କରନ୍ତୁ । ସ୍ୱାଧୀନତା ପ୍ରାପ୍ତି ପରେ ଆଧୁନିକ ସମାଜରେ ନାଗରିକମାନଙ୍କର ବ୍ୟକ୍ତିଗତ ମର୍ଯ୍ୟାଦାକୁ ହାନି ଘଟାଇଲା ଭଳି କୌଣସି କାର୍ଯ୍ୟ ନକରିବା ପାଇଁ ଓ ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିବା ପାଇଁ ପୋଲିସ ଚେଷ୍ଟିତ ହେବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ ।

ପୋଲିସ ପ୍ରଶାସନର ଦୁର୍ବଳତାର କେତେକ ଦିଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପୂର୍ବରୁ ହେଉଥିବା ଥାନା ପରିଦର୍ଶନ କାର୍ଯ୍ୟ ନିୟମିତ ଭାବରେ ହେଉନଥିବା ଓ କେତେକ କ୍ଷେତ୍ରରେ ପ୍ରତିବାଦୀମାନଙ୍କର ଅଭିଯୋଗ ଲିପିବଦ୍ଧ ହେଉନଥିବା ଅତ୍ୟନ୍ତ ପରିତାପର ବିଷୟ । ପୋଲିସ ପ୍ରଶାସନ ଏକ ଲୋକ କଲ୍ୟାଣମୂଳକ ଅନୁଷ୍ଠାନ ହୋଇଥିବାରୁ ଏହା ସମ୍ପୂର୍ଣ୍ଣ ରୂପେ ଦୁର୍ନୀତି ମୁକ୍ତ ରହି ଆଦର୍ଶ ସୃଷ୍ଟି କରିବା ଉଚିତ ହେବ ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟରେ ଘଟିଯାଉଥିବା ଅପରାଧଗୁଡ଼ିକରେ ଅପରାଧୀମାନଙ୍କୁ ଧରାଯାଇ କଠିନ ଶାସ୍ତି ଦେବା ଦିଗରେ ପୋଲିସ ତତ୍ପର ହେବା ଉଚିତ । ଏହାଦ୍ୱାରା ସମାଜରୁ ଅପରାଧ ପ୍ରବଣତାକୁ ରୋକାଯାଇ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ରାଜ୍ୟ ପୋଲିସରେ ଇଣ୍ଟେଲିଜେନ୍ସ ବିଭାଗ ଠିକ୍ ଭାବରେ କାର୍ଯ୍ୟ କରୁନଥିବାର ଏକାଧିକ ଦୃଷ୍ଟାନ୍ତ ଦେଇ ଏହାକୁ ଅଧିକ ଫଳପ୍ରଦ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ରାଜ୍ୟରେ ରାଜନୈତିକ ମାମଲାଗୁଡ଼ିକୁ ପ୍ରତ୍ୟାହାର କରି ନେବାକୁ ଦିଆଯାଇଥିବା ନିର୍ଦ୍ଦେଶ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବା ଉଚିତ । କଟକ, ରାଉରକେଲା, ସମ୍ବଲପୁର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ମୁଣ୍ଡଟେକି ଉଠୁଥିବା ଅବସ୍ଥାରେ ସାମ୍ପ୍ରଦାୟିକ ଦଙ୍ଗାଗୁଡ଼ିକ ରୋକିବାରେ ସମର୍ଥ ହୋଇଥିବାରୁ ସେ ସମ୍ପୃକ୍ତ ଜିଲ୍ଲାର ଏସ୍: ପି:ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅନୁଭୂତିକୁ ପରବର୍ତ୍ତୀ ଅଫିସରମାନଙ୍କ ସୁବିଧା ପାଇଁ ଲିପିବଦ୍ଧ କରିବାକୁ ପରାମର୍ଶ ଦେଇଥିଲେ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସବୁ ନାଗରିକମାନଙ୍କୁ ସମାନ ଅଧିକାର ଯୋଗାଇ ଦେବା ରାଷ୍ଟ୍ରର କର୍ତ୍ତବ୍ୟ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ଦିଗରେ ପୋଲିସର ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ରାଜ୍ୟରେ ଏକ ଫଳପ୍ରଦ ଆଇନ ଶୃଙ୍ଖଳା ବ୍ୟବସ୍ଥା ପାଇଁ ଓ ଗ୍ରାମାଞ୍ଚଳରେ ଘଟୁଥିବା ଘଟଣାବଳୀର ଖବର ସଂଗ୍ରହ ପାଇଁ ପୂର୍ବରେ ଗ୍ରାମରକ୍ଷୀ ବ୍ୟବସ୍ଥାର ପୁନଃପ୍ରଚଳନ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଜଣେ ଗ୍ରାମରକ୍ଷୀଙ୍କୁ ୨/୩ଟି ଗ୍ରାମର ଦାୟିତ୍ୱ ଦିଆଯାଇ ପାରିବ ଏବଂ ସେ ଗ୍ରାମରେ ଘଟୁଥିବା ଘଟଣାର ଖବର ସମ୍ପୃକ୍ତ ଥାନାରେ ପହଞ୍ଚାଇ ପାରିବେ । ଏହାଦ୍ୱାରା ଗ୍ରାମାଞ୍ଚଳରେ କିଛି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ରାଜ୍ୟ ସରକାର ଏ ସମ୍ପର୍କରେ ପରୀକ୍ଷା କରିବେ ବୋଲି ସେ ପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଆସାମୀମାନେ ବିଚାରାଳୟରେ ଠିକଣା ଶାସ୍ତି ପାଇବା ଦିଗରେ ଏ: ପି: ପି:ମାନଙ୍କୁ ଉତ୍ତରଦାୟୀ କରିବା ପାଇଁ ଏହି ସଂସ୍ଥାର ପୁନର୍ଗଠନ ସମ୍ପର୍କରେ ପଦକ୍ଷେପ ନିଆଯିବ ।

ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ସମାଜର ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଜନସାଧାରଣଙ୍କର ଅଧିକାରଭୁକ୍ତ । ତେଣୁ ପୋଲିସ ଅଧିକାରୀମାନେ ଏକ ମନସ୍ତତ୍ତ୍ୱବିତ୍‌ର ଭୂମିକା ଗ୍ରହଣ କରିବା ଦରକାର । ପୋଲିସ ବିଭାଗର ବିଭିନ୍ନ ଅସୁବିଧା ଦୂର କରିବାରେ ରାଜ୍ୟ ସରକାର ଉଦ୍ୟମ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପୂର୍ବରୁ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଡି: ଏନ୍: ସିଂହ ସ୍ୱାଗତ ଭାଷଣ ପ୍ରସଙ୍ଗରେ ଓଡ଼ିଶା ପୋଲିସ ବାହିନୀର ବିଭିନ୍ନ ଅସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପ୍ୟାରୀମୋହନ ମହାପାତ୍ର, ସ୍ୱରାଷ୍ଟ୍ର ବିଭାଗ ଶାସନ ସଚିବ ଶ୍ରୀ ସହଦେବ ସାହୁ ଓ ବରିଷ୍ଠ ପୋଲିସ ଅଫିସରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଆଲୋଚିତ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସର ଭୂମିକା, ଅପରାଧ ନିୟନ୍ତ୍ରଣ, ଇଣ୍ଟେଲିଜେନ୍ସି ସଂସ୍ଥାର ଅଧିକ କ୍ରିୟାଶୀଳତା ପ୍ରଭୃତି ସ୍ଥାନ ପାଇଥିଲା ।

## ହରିଜନ ଓ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଯତ୍ନଶୀଳ

—ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ

ରାଜ୍ୟର ହରିଜନ ଓ ଆଦିବାସୀମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ସରକାର ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି ବୋଲି ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ ପ୍ରକାଶ କରିଛନ୍ତି ।

ହରିଜନ,ଆଦିବାସୀ ସମାଜ କଲ୍ୟାଣ ସମିତିର ପ୍ରତିନିଧିମାନଙ୍କ ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ବେଳେ ଶ୍ରୀ ମାଝୀ ଏହା ପ୍ରକାଶ କରିଛନ୍ତି । ସମିତିର ପ୍ରତିନିଧିମାନେ ଶିକ୍ଷାକର୍ମୀ ନିଯୁକ୍ତି, ହରିଜନ ଓ ଆଦିବାସୀ ଛାତ୍ର ଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ, ସ୍ଥାନ ସଂରକ୍ଷଣ, ବାଲେଶ୍ୱର ସ୍ଥିତ ଅଙ୍ଗାରଗାଡ଼ିଆ ଗ୍ରାମରେ ଜମି ବିକ୍ରୟ ସମସ୍ୟା, ନୀଳଗିରି ଜଙ୍ଗଲ ଅଞ୍ଚଳରେ ଆଦିବାସୀଙ୍କ ସମସ୍ୟା ଇତ୍ୟାଦି ସେମାନଙ୍କର ବିଭିନ୍ନ ଦାବୀ ଉପରେ ରାଷ୍ଟ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କର ବିଭିନ୍ନ ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି ଏବଂ ସେଗୁଡ଼ିକର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମାଝୀ ସେମାନଙ୍କୁ କହିଥିଲେ । ରାଷ୍ଟ୍ରମନ୍ତ୍ରୀଙ୍କ ସହିତ ପ୍ରତିନିଧିମାନଙ୍କର ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ତଥା ଫଳପ୍ରଦ ହୋଇଥିଲା ବୋଲି ଜଣାଯାଇଛି । ଏଥିପାଇଁ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି ।

ଏହି ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଶାସନ ସଚିବ ଶ୍ରୀ ରବୀନ୍ଦ୍ର ମୋହନ ସେନାପତିଙ୍କ ସମେତ ସମ୍ପୃକ୍ତ ବିଭାଗର ପଦସ୍ଥ ଅଫିସରମାନେ ଯୋଗ ଦେଇଥିଲେ ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଅଧିକ ସକ୍ରିୟ ଓ ସମୟୋପଯୋଗୀ କରିବା ପାଇଁ ପରାମର୍ଶ

ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ସମୟୋପଯୋଗୀ କରି ଏହାକୁ ଅଧିକ ଦକ୍ଷ, କାର୍ଯ୍ୟକ୍ଷମ ତଥା ଫଳପ୍ରଦ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି ।

ସଚିବାଳୟଠାରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଅଣଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକରେ ସଭ୍ୟମାନେ ପରାମର୍ଶ ଦେଇଛନ୍ତି । ଜନ ମଙ୍ଗଳ କାର୍ଯ୍ୟକ୍ରମଗୁଡ଼ିକରେ ଜନସାଧାରଣଙ୍କୁ ସକ୍ରିୟ ଭାବେ ସଂଶ୍ଳିଷ୍ଟ କରିବା ଏବଂ ଏ ସମସ୍ତ ଉପରୋକ୍ତ ପରାମର୍ଶ ଦେଇଛନ୍ତି । ଜନ ମଙ୍ଗଳ କାର୍ଯ୍ୟକ୍ରମଗୁଡ଼ିକରେ ସରକାରଙ୍କୁ ଅବଗତ କରାଇବା ଏହି ବିଭାଗର ମୁଖ୍ୟ ଭୂମିକା ହେବା ଉଚିତ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ସାମାଜିକ ଓ ଅର୍ଥନୈତିକ ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜନ ଚେତନା ସୃଷ୍ଟି କରିବା, ବିଭିନ୍ନ ସରକାରୀ ନୀତି ଓ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା ଦିଗରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର କାର୍ଯ୍ୟ ସୀମିତ ନରହିବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ଏହି ବୈଠକରେ ଆଲୋଚନା ବେଳେ ପ୍ରକାଶ ପାଇଥିଲା ଯେ ରାଜ୍ୟରେ ବର୍ତ୍ତମାନ ୨୦ଟି ସୂଚନା ଓ ଲୋକ ସମ୍ପର୍କ ଜିଲ୍ଲା ପ୍ରତିଷ୍ଠା କରାଯାଇଛି । ଅଷ୍ଟମ ଯୋଜନାର ଦ୍ୱିତୀୟ ବର୍ଷରେ ବରଗଡ଼, ନୂଆପଡ଼ା, ନୟାଗଡ଼ ଓ ଭଦ୍ରକଠାରେ ଆଉ ୪ଟି ନୂତନ ସୂଚନା ଓ ଲୋକ ସମ୍ପର୍କ ଜିଲ୍ଲା ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ଦିଲ୍ଲୀ ଓ ରାଜ୍ୟ ସୂଚନା ଭବନ ବ୍ୟତୀତ ସମସ୍ତ ଜିଲ୍ଲା ଓ ସବ୍‌ଡିଭିଜନ୍ ସଦର ମହକୁମାଠାରେ ଏବଂ କେସିଙ୍ଗା, ଖଡ଼ିଆଳ, ପାରାଦୀପ, ଯାଜପୁରରୋଡ୍ ଓ ଜି: ଉଦୟଗିରିଠାରେ ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା କରାଯାଇଛି ଏବଂ ଅଷ୍ଟମ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ଆଉ ୫୦ଟି ନୂତନ ସୂଚନା କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି । ନୂଆବର୍ଷଠାରୁ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲା ଉତ୍ସବମାନ ଆୟୋଜନ କରାଯିବ ଏବଂ ଏଥିରେ ଅନ୍ୟ ବିଭାଗମାନଙ୍କୁ ମଧ୍ୟ ସଂଶ୍ଳିଷ୍ଟ କରାଯିବା ସଙ୍ଗେ ସଙ୍ଗେ ସମସ୍ତ ବିଭାଗର ସହଯୋଗିତାରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ପ୍ରଦର୍ଶନୀମାନ ଆୟୋଜିତ ହେବ ।

ଚଳିତ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ଏହି ବିଭାଗ ଦ୍ୱାରା ଚିତ୍ର ଉତ୍ତୋଳନ କରାଯାଇଥିବା ୨୫୦ଟି ଘଟଣାବଳୀ ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ କରାଯାଇଥିଲା । ଏହି ସମୟ ମଧ୍ୟରେ ବିଭାଗ ପକ୍ଷରୁ ୮ଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି ଏବଂ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆଉ ୪ଟି ସମ୍ବାଦଭିତ୍ତିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯିବ ବୋଲି ଆଲୋଚନା ବେଳେ ପ୍ରକାଶ ପାଇଥିଲା ।

ଏହା ବ୍ୟତୀତ ବିଭିନ୍ନ ଅନୁଷ୍ଠାନକୁ ଟି: ଭି: ସେଟ୍ ଯୋଗାଣ, ପୁସ୍ତିକା ପ୍ରକାଶନ, ସମ୍ବାଦ ପରିବେଷଣ, ସମ୍ବାଦପତ୍ରମାନଙ୍କୁ ବିଜ୍ଞାପନ ପ୍ରଦାନ ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସର୍ବଶ୍ରୀ ତଥାଗତ ଶତପଥୀ, ରାମଚନ୍ଦ୍ର ସେଠୀ ଓ ରବୀନ୍ଦ୍ର କୁମାର ମଲ୍ଲିକ, ବିଭାଗୀୟ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳ, ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ପଦସ୍ଥ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ ।

## ଗ୍ରାମାଞ୍ଚଳରେ ଚକ୍ଷୁ ଚିକିତ୍ସା କେନ୍ଦ୍ର ଖୋଲାଯାଉ

—ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଆଚାର୍ଯ୍ୟ

ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଚକ୍ଷୁ ଚିକିତ୍ସାର ସୁବିଧା ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଯୋଗାଇ ଦେବା ପାଇଁ ଶିକ୍ଷା (ବୟସ୍କ ଶିକ୍ଷା ଓ ହସ୍ତତନ୍ତ) ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଆହ୍ୱାନ କରିଛନ୍ତି ।

ସମ୍ବଲପୁର ଜିଲ୍ଲା ବରଗଡ଼ ସ୍ଥିତ ରାମପ୍ରତାପ ହାଇସ୍କୁଲ ପ୍ରାଙ୍ଗଣରେ ସ୍ଥାନୀୟ ରୋଟାରୀ କ୍ଲବ୍ ପକ୍ଷରୁ ଆୟୋଜିତ ମାଗଣା ଚକ୍ଷୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ କରି ଶ୍ରୀ ଆଚାର୍ଯ୍ୟ କହିଲେ ଯେ ନେତ୍ରଦାନଠାରୁ ବଳି ବଡ଼ ଦାନ ଆଉ କିଛି ନାହିଁ । ଗ୍ରାମାଞ୍ଚଳର ଲୋକମାନଙ୍କ ଚକ୍ଷୁ ଚିକିତ୍ସା ପାଇଁ ଏ ପ୍ରକାର ଶିବିରମାନ ଯଥେଷ୍ଟ ସହାୟକ ହୋଇଥାଏ । ସେଥିପାଇଁ ସେ ରୋଟାରୀ କ୍ଲବ୍ କର୍ମକର୍ତ୍ତାମାନଙ୍କୁ ସେମାନଙ୍କ ଏ ପ୍ରକାର ମହତ୍ ଉଦ୍ୟମ ପାଇଁ ସାଧୁବାଦ ଜଣାଇଥିଲେ । ଚକ୍ଷୁ ଚିକିତ୍ସା ଶିବିରର ସଫଳତା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ସମ୍ମାନିତ ଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଏହି ଶିବିରରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଚକ୍ଷୁ ଚିକିତ୍ସା ଓ ଅସ୍ତ୍ରୋପଚାର କରାଯାଇଛି । ରୋଗୀମାନଙ୍କୁ ବିନା ମୂଲ୍ୟରେ ଖାଦ୍ୟପେୟ, ଔଷଧ ଓ ଆବଶ୍ୟକ ସ୍ଥଳେ ଚଷମା ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ରୋଗୀମାନଙ୍କ ସହ ଯାଇଥିବା ସାହାଯ୍ୟକାରୀଙ୍କ ନିମନ୍ତେ ରିହାତି ମୂଲ୍ୟରେ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଛି । ରୋଟାରୀ କ୍ଲବ୍ ଉଦ୍ୟମରେ ପୂର୍ବରୁ ଭିନ୍ନ ସମୟରେ ଏ ପ୍ରକାର ମାଗଣା ଚକ୍ଷୁ ଚିକିତ୍ସା ଶିବିରମାନ ଖୋଲାଯାଇ ୪ ହଜାରରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କୁ ଚିକିତ୍ସିତ କରାଯାଇଛି ।

## ସ୍ୱତନ୍ତ୍ର ଋଣଛାଡ଼ ଯୋଜନା

ଓଡ଼ିଶାର ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାର କୃଷି ଋଣ ଗ୍ରହୀତାମାନଙ୍କ କ୍ଷେତ୍ରରେ କେତେକ ନୂତନ ସୁବିଧା ଦେବା ପାଇଁ ନିଷ୍ପତ୍ତି କରିଛନ୍ତି । ତଦନୁଯାୟୀ ଏକ ସ୍ୱତନ୍ତ୍ର ଋଣଛାଡ଼ ଯୋଜନା ୧୯୯୦ ମସିହା ଡିସେମ୍ବର ୨[illegible] ତାରିଖଠାରୁ କାର୍ଯ୍ୟକାରୀ କରାଯାଇଛି । ଏହି ନୂତନ କାର୍ଯ୍ୟକ୍ର[illegible]

ଅନୁଯାୟୀ ତା ୧-୪-୧୯୮୬ ରିଖଠାରୁ ତା ୨-୧୦-୧୯୮୯ ରିଖ ମଧ୍ୟରେ ଯେଉଁ ଚାଷୀ ଏବଂ ଭୂମିହୀନ କୃଷକମାନେ ଗୋଟିଏ ବର୍ଷର ଫସଲ ନଷ୍ଟଜନିତ କ୍ଷତିର ସମ୍ମୁଖୀନ ହୋଇଥିବେ, ସେମାନେ ବକେୟା ଋଣର ସର୍ବୋଚ୍ଚ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଛାଡ଼ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ଏହା ଫଳରେ ରାଜ୍ୟର ମୋଟ୍ ପ୍ରାୟ ୧ ଲକ୍ଷ ୭୮ ହଜାର ଚାଷୀ ଏବଂ ଜମିହୀନ କୃଷକ ଉପକୃତ ହେବେ ବୋଲି ଅଟକଳ କରାଯାଇଛି । ଏଥିପାଇଁ ରାଜ୍ୟ ସରକାରଙ୍କୁ ମୋଟ୍ ୩୮ କୋଟି ଟଙ୍କାର ବ୍ୟୟଭାର ବହନ କରିବାକୁ ପଡ଼ିବ । ଏହି ନୂତନ ଋଣଛାଡ଼ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସମୂହର ସମବାୟ ନିବନ୍ଧକ, ରାଜ୍ୟ ସମବାୟ ବ୍ୟାଙ୍କ୍ ଏବଂ ରାଜ୍ୟ ଉନ୍ନୟନ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ବିହିତ ନିର୍ଦ୍ଦେଶ ଦିଆଯାଇଛି । ଏହି ଶ୍ରେଣୀୟ ଚାଷୀ ଏବଂ ଜମିହୀନ କୃଷକମାନେ ପ୍ରବର୍ତ୍ତିତ ନୂତନ କୃଷିଋଣ ଛାଡ଼ ସୁବିଧା ଲାଭ କରିବା ପାଇଁ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତି କିମ୍ବା ପ୍ରାଥମିକ ଭୂ-ଉନ୍ନୟନ ବ୍ୟାଙ୍କ୍ ସହ ତୁରନ୍ତ ଯୋଗାଯୋଗ ସ୍ଥାପନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ତା ୨-୧୦-୧୯୮୯ ରିଖ ପରେ ପଡୁଥିବା ମଧ୍ୟମକାଳୀନ ଋଣର କିସ୍ତି ଏବଂ ବାକିଆ ଋଣ ଉପରେ ତା ୨-୧୦-୧୯୮୯ ରିଖଠାରୁ ଋଣଛାଡ଼ ତାରିଖ ପର୍ଯ୍ୟନ୍ତ ହୋଇଥିବା ସୁଧ, ଉକ୍ତ ତା ୧-୪-୧୯୮୬ ରିଖଠାରୁ ତା ୨-୧୦-୧୯୮୯ ରିଖ ମଧ୍ୟରେ ପ୍ରବର୍ତ୍ତିତ ଋଣଛାଡ଼ ଯୋଜନାର ଅନ୍ତର୍ଭୁକ୍ତ ହେବନାହିଁ । ୧୯୮୯ ଖରିଫ୍ ଋଣ ଏବଂ ୧୯୮୯-୯୦ ରବି ଋଣ ତା ୨-୧୦-୧୯୮୯ ରିଖ ସୁଦ୍ଧା ବାକିଆ ହେଉ ନଥିବାରୁ ଏହା ଋଣଛାଡ଼ ଯୋଜନାର ପରିସରଭୁକ୍ତ ହେବନାହିଁ । ଯେଉଁ କୃଷକ ଏବଂ ଭୂମିହୀନ ଚାଷୀମାନେ ତା ୧-୪-୧୯୮୬ ରିଖଠାରୁ ତା ୨-୧୦-୧୯୮୯ ରିଖ ମଧ୍ୟରେ କୌଣସି ବର୍ଷ ଶସ୍ୟହାନୀ ଜନିତ କ୍ଷତିର ସମ୍ମୁଖୀନ ହୋଇ ନଥିବେ, ସେମାନଙ୍କ ପ୍ରତି ଏହି ଋଣ ଛାଡ଼ ଯୋଜନା ଲାଗୁ ହେବନାହିଁ । ଯେଉଁ କୃଷକ ଏବଂ ଭୂମିହୀନ ଚାଷୀମାନେ ମୂଳ ଋଣଛାଡ଼ ଯୋଜନା ଅନୁଯାୟୀ ୧୦ ହଜାର ଟଙ୍କା ମଧ୍ୟରେ ଋଣ ଛାଡ଼ ପାଇଛନ୍ତି, ସେମାନେ ମଧ୍ୟ ଏହି ନୂତନ ଋଣ ଛାଡ଼ ଯୋଜନା ଅନୁଯାୟୀ ସୁବିଧା ପାଇପାରିବେ । ମାତ୍ର ସେମାନଙ୍କର ବର୍ତ୍ତମାନ ଋଣ ଛାଡ଼ର ପରିମାଣ ଏବଂ ପୂର୍ବ ଋଣ ଛାଡ଼ର ପରିମାଣ ମିଶି ୧୦ ହଜାର ଟଙ୍କା ମଧ୍ୟରେ ସୀମିତ ରହିବ ।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ୧୯୯୦ ମସିହା ଜୁନ୍ ମାସରେ ଭାରତ ସରକାର ବ୍ୟବସାୟିକ ବ୍ୟାଙ୍କ୍ ଏବଂ ଗ୍ରାମ୍ୟ ବ୍ୟାଙ୍କମାନଙ୍କରୁ ଋଣ ଆଣିଥିବା ଚାଷୀମାନଙ୍କ ପାଇଁ ଏକ ଋଣ ଛାଡ଼ ଯୋଜନା ପ୍ରବର୍ତ୍ତନ କରିଥିଲେ, ସେହିପରି ରାଜ୍ୟ ସରକାର ସମବାୟ ବ୍ୟାଙ୍କରୁ ଋଣ ନେଇଥିବା ଚାଷୀମାନଙ୍କ ପାଇଁ ଏକ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ୧୯୮୬ ପର୍ଯ୍ୟନ୍ତ ଋଣ ପରିଶୋଧରେ ଅନାଗତ ଖିଲାପକାରୀ ତା ୧-୪-୧୯୮୬ ରିଖଠାରୁ ତା ୨-୧୦-୧୯୮୯ ରିଖ ମଧ୍ୟରେ ୨ ବର୍ଷ ଶସ୍ୟହାନୀ ଜନିତ କ୍ଷତିଗ୍ରସ୍ତ ଯୋଗୁଁ ଋଣ ପରିଶୋଧରେ ଖିଲାପକାରୀ, ମୃତ ଋଣ ଗ୍ରହୀତା, ଦେବାଳିଆ ଏବଂ ତା ୨-୧୦-୧୯୮୯ ରିଖ ସୁଦ୍ଧା ଯେଉଁମାନଙ୍କର ଦେବାଳିଆ ଜନିତ ଦରଖାସ୍ତ ବିଚାରାଧୀନ ଥିଲା, ସେମାନେ ଉକ୍ତ ଯୋଜନାର ପରିସରଭୁକ୍ତ ହୋଇଛନ୍ତି । ଏହି ଯୋଜନା ଅନୁଯାୟୀ ବ୍ୟବସାୟିକ ବ୍ୟାଙ୍କ୍ ୮,୯୯,୦୦୦ ଜଣ କୃଷକଙ୍କୁ ୨୦୧ କୋଟି ୪୧ ଲକ୍ଷ ଟଙ୍କା ଏବଂ ସମବାୟ ବ୍ୟାଙ୍କଗୁଡ଼ିକ ୧୨ ଲକ୍ଷ ୩୩ ହଜାର ଜଣ କୃଷକଙ୍କୁ ୯୨ କୋଟି ୫୦ ଲକ୍ଷ ଟଙ୍କା ଋଣ ଛାଡ଼ ମଞ୍ଜୁର କରିଛନ୍ତି । ଏହି ଯୋଜନା ଅନୁସାରେ ଓଡ଼ିଶାର ୨୧ ଲକ୍ଷ ୩୨ ହଜାର କୃଷକ ପରିବାର ୩୯୩ କୋଟି ୯୧ ଲକ୍ଷ ଟଙ୍କା ଋଣ ଛାଡ଼ ପାଇ ଉପକୃତ ହୋଇଛନ୍ତି ।

ସରକାର ଆଶା କରନ୍ତି ଯେ ଏହି ନୂତନ କୃଷି ଋଣ ଛାଡ଼ ଯୋଜନା ଅନୁଯାୟୀ ଆଉ ୧ ଲକ୍ଷ ୭୮ ହଜାର କୃଷକ ଏବଂ ଭୂମିହୀନ ଚାଷୀଙ୍କୁ ୩୮ କୋଟି ଟଙ୍କାର ଋଣ ଛାଡ଼ ମିଳିଗଲେ, ରାଜ୍ୟର ଚାଷୀ ଓ ଭୂମିହୀନ କୃଷକମାନଙ୍କର ସ୍ୱାର୍ଥରକ୍ଷା ଋଣ ଛାଡ଼ ଯୋଜନା ଦ୍ୱାରା ଯଥାର୍ଥ ଭାବେ ସିଦ୍ଧି ହେବ ।

## ବିଦ୍ୟାଳୟ ହିଁ ଆଦର୍ଶ ବ୍ୟକ୍ତିତ୍ୱ ସୃଷ୍ଟିର କ୍ଷେତ୍ର

—ମନ୍ତ୍ରୀ ଶ୍ରୀ କର

ପୁରୁଣା ଭୁବନେଶ୍ୱରସ୍ଥିତ ଉତ୍କଳମଣି ମଧୁସୂଦନ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର କହିଲେ ଯେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଗୋଟିଏ ଲେଖାଏଁ ମଣିଷ ତିଆରି କାରଖାନା ଏବଂ ବିଦ୍ୟାଳୟରୁ ହିଁ ଆଦର୍ଶ ବ୍ୟକ୍ତିତ୍ୱ ସୃଷ୍ଟି ହୋଇଥାଏ । ଯେଉଁମାନେ ଏହି ପୁରାତନ ଶିକ୍ଷାନୁଷ୍ଠାନରୁ ମଣିଷ ହୋଇଛନ୍ତି, ସେମାନେ ନିଶ୍ଚିତ ଭାବେ ଆଜି ଗର୍ବିତ । ଏହି ଅବସରରେ ସେ ଉତ୍କଳମଣି ମଧୁସୂଦନଙ୍କର ଆବକ୍ଷ ବ୍ରୋଞ୍ଜ ମୂର୍ତ୍ତି ଉନ୍ମୋଚନ କରି କହିଲେ ଯେ ଉତ୍କଳମଣି ସର୍ବଦା ରାଜ୍ୟରେ ଶିକ୍ଷାକୁ ଆଗେଇ ନେବା ପାଇଁ ଚେଷ୍ଟା କରି ଆଦର୍ଶ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ତେଣୁ, ଏହି ଅନୁଷ୍ଠାନର ଛାତ୍ରମାନେ ଉତ୍କଳମଣି ମଧୁସୂଦନଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଉପଯୁକ୍ତ ଶିକ୍ଷା ଗ୍ରହଣ ଓ ଚରିତ୍ରବାନ୍ ନାଗରିକ ରୂପେ ନିଜକୁ ଗଠନ କରିପାରିଲେ, ସେହି ମହାନ୍ କବିଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ । ଛାତ୍ର ଛାତ୍ରୀମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ସମାଜରେ ସେମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ଶିକ୍ଷକମାନେ ସର୍ବଦା ଚେଷ୍ଟା କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଏହି ଉତ୍ସବରେ ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ପୌରହିତ୍ୟ କରିଥିଲେ । ଅନୁଷ୍ଠାନର ଅଭାବ ଅସୁବିଧା ନେଇ ଯେଉଁ ଦୃଷ୍ଟି ଆକର୍ଷଣ କରାଯାଇଛି, ସେଥିପ୍ରତି ସରକାର ସଚେତନ ଅଛନ୍ତି ବୋଲି କହି ୧୯୯୧-୯୨ ଆର୍ଥିକ ବର୍ଷରେ ଏହି ବିଦ୍ୟାଳୟ ପାଇଁ ୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସରକାର ମଞ୍ଜୁର କରିଥିବା ସେ ସୂଚାଇଥିଲେ । ଶିକ୍ଷାଦାନ କ୍ଷେତ୍ରରେ ଅନୁଷ୍ଠାନର ସମସ୍ୟାକୁ ଜଡ଼ିତ ନକରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ କହିଲେ ଯେ ବାସ୍ତବ ଜ୍ଞାନ

ପ୍ରଦାନ କରି ଉପଯୁକ୍ତ ମଣିଷ ଗଠନ ଶିକ୍ଷାନୁଷ୍ଠାନଗୁଡ଼ିକର ଆଭିମୁଖ୍ୟ ହେବା ଉଚିତ। ପୁରାଣ ଯୁଗର ଗୁରୁ-ଶିଷ୍ୟ ସମ୍ପର୍କ ସହିତ ଆଜିର ଗୁରୁ-ଶିଷ୍ୟ ସମ୍ପର୍କର ତୁଳନା କରି ତାହା ଆଜି କିଭଳି ନିମ୍ନମାନକୁ ବହନ କରିଛି, ତାହା ସେ ଉଲ୍ଲେଖ କରିଥିଲେ। ସେ କହିଲେ ଯେ ପ୍ରକୃତ ଗୁରୁ-ଶିଷ୍ୟ ସମ୍ପର୍କ ଉପଯୁକ୍ତ ଶିକ୍ଷାଦାନ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ବିଦ୍ୟାଦାନର ଆଭିମୁଖ୍ୟ ପରିବର୍ତ୍ତନ କରି ଶିକ୍ଷାଦାତାମାନେ ବାସ୍ତବ ଜ୍ଞାନ ପ୍ରଦାନ କରି ଉପଯୁକ୍ତ ମଣିଷ ଗଠନ କରିବା ପାଇଁ ସେ ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଏକ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ।

ଏହି ଉତ୍ସବରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଶିକ୍ଷାର ମାନ ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଥିଲେ।

ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୁବର୍ଣ୍ଣ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ତଥା ଆଡ୍‌ଭୋକେଟ୍ ଶ୍ରୀ ଶିବାନନ୍ଦ ରାୟ ବିଦ୍ୟାଳୟର ପୁରାତନ ଛାତ୍ର ରୂପେ ନିଜକୁ ଗୌରବାନ୍ୱିତ ମନେ କରି ତାଙ୍କର ସ୍ମୃତି ଓ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ।

ବିଦ୍ୟାଳୟର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପୁରାତନ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଉପାୟନ ଏବଂ ମାନପତ୍ର ପ୍ରଦାନ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଉର୍ଦ୍ଦୁ ସାହିତ୍ୟର ପ୍ରସାର ନିମନ୍ତେ ଏହାର ଓଡ଼ିଆ ରୂପାନ୍ତର ଆବଶ୍ୟକ

—ମନ୍ତ୍ରୀ ଶ୍ରୀ କର

ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଉପାୟନ ପ୍ରଦାନ ଓ ଉର୍ଦ୍ଦୁ ଶିକ୍ଷାର୍ଥୀଙ୍କ ସମ୍ବର୍ଦ୍ଧନା ଉତ୍ସବରେ ପୌରହିତ୍ୟ କରି ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର କହିଲେ ଯେ ଓଡ଼ିଶାର ପାଠକମାନଙ୍କ ମଧ୍ୟରେ ଉର୍ଦ୍ଦୁ ସାହିତ୍ୟ ପ୍ରତି ଆଗ୍ରହ ପରିଲକ୍ଷିତ ହେଉଥିବା ବେଳେ ତା'ର ବହୁଳ ପ୍ରସାର ପାଇଁ ଏକାଡେମୀ ପକ୍ଷରୁ ଉର୍ଦ୍ଦୁ ସାହିତ୍ୟର ଓଡ଼ିଆ ରୂପାନ୍ତର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ। ଉର୍ଦ୍ଦୁ ସାହିତ୍ୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସାହିତ୍ୟିକମାନଙ୍କୁ ଗତ ତିନିବର୍ଷ ଧରି ଏଭଳି ଉପାୟନ ପ୍ରଦାନ କାର୍ଯ୍ୟକ୍ରମକୁ ଶ୍ରୀ କର ଭୂୟସୀ ପ୍ରଶଂସା କରିଥିଲେ। ୧୯୮୯ ବର୍ଷ ପାଇଁ ବିଶିଷ୍ଟ ଉର୍ଦ୍ଦୁ ସାହିତ୍ୟିକ ତଥା କରାମତ୍ ଅଲ୍ଲୀ କରାମତ୍, ଡଃ ହଫିଜୁଲ୍ଲା ନେଓ୍ୱାଲପୁରୀ, ଶ୍ରୀଯୁକ୍ତ ଖଲିଦ୍ ରହିମଙ୍କୁ ଏକାଡେମୀ ପକ୍ଷରୁ ଶ୍ରୀ କର ତାମ୍ର ଫଳକ ଓ ଅର୍ଥ ପୁରସ୍କାର ଦ୍ୱାରା ସମ୍ମାନିତ କରିଥିଲେ।

ଏହି ଉତ୍ସବରେ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଲେ ଯେ ଉର୍ଦ୍ଦୁ ଏକାଡେମୀର ବିଭିନ୍ନ ଅଭାବ ଅସୁବିଧା ପ୍ରତି ସରକାର ସଚେତନ ଅଛନ୍ତି। ଉର୍ଦ୍ଦୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ଉର୍ଦ୍ଦୁ ସାହିତ୍ୟିକ ଓ ଲେଖକମାନେ ନିଜର ସାଧନା ଅବ୍ୟାହତ ରଖିବା ଉଚିତ। ବର୍ତ୍ତମାନ ଦେଶରେ ଧର୍ମ ନାମରେ ରାଜନୀତି ନେଇ ଯେଉଁ ହୀନ ଚକ୍ରାନ୍ତ ଚାଲିଛି ତା'ର ନିନ୍ଦା କରିବା ସଙ୍ଗେ ସଙ୍ଗେ ତାକୁ ପ୍ରତିହତ କରିବାରେ ସଚେତନତା ସୃଷ୍ଟି ପାଇଁ ଉର୍ଦ୍ଦୁ ସାହିତ୍ୟିକମାନେ ସେମାନଙ୍କ ଲେଖନୀ ଚଳାଇବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୫୮ ଜଣ ଉର୍ଦ୍ଦୁ ଶିକ୍ଷାର୍ଥୀଙ୍କୁ ଶ୍ରୀ ବେହେରା ପ୍ରମାଣ ପତ୍ର ବଣ୍ଟନ କରିଥିଲେ।

ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ବିଭାଗ ନିର୍ଦ୍ଦେଶକ ଶ୍ରୀ ପ୍ରଦିପ୍ କୁମାର ନନ୍ଦ ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏକାଡେମୀର ବଜେଟ୍ ୧ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ସୂଚାଇଥିଲେ।

## ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଲେ

ପରିଚାଳନାଗତ ତ୍ରୁଟି ଏବଂ ଗୁରୁତର ଆର୍ଥିକ ବିଶୃଙ୍ଖଳା ନିମନ୍ତେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ନିଜ ହାତକୁ ନେଇଛନ୍ତି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ଆର୍ଥିକ ପରିଚାଳନା କ୍ଷେତ୍ରରେ, ବିଶେଷ କରି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ କ୍ଷେତ୍ରରେ ଗୁରୁତର ବିଶୃଙ୍ଖଳା ଓ ଅନିୟମିତତା ସମ୍ପର୍କରେ ବହୁ ଅଭିଯୋଗ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି। ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି ଯେ ୧୯୮୮-୮୯ ବର୍ଷ ମଧ୍ୟରେ ଉପଯୋଗ ହୋଇଥିବା ଦର୍ଶାଇ ପ୍ରାୟ ୨୧ ଲକ୍ଷ ୮୮ ହଜାର ଟଙ୍କା ଅନୁଦାନ ଆକାରରେ ଉକ୍ତ ଆର୍ଥିକ ବର୍ଷର ଶେଷ ଚାରିଦିନ ଭିତରେ ଦିଆଯାଇଛି। ବିଶେଷ କରି ପ୍ରତିକୂଳ ମନ୍ତବ୍ୟ ରହିଥିବା ଅନୁଷ୍ଠାନମାନଙ୍କୁ ଏହି ଅନୁଦାନ ଦିଆଯାଇଛି। ସେହିପରି ବଲାଙ୍ଗୀର ଜିଲ୍ଲାର ଏକ ଅନୁଷ୍ଠାନର ବାଳ ବିକାଶ (ପ୍ଲେ ପ୍ରୋଗ୍ରାମ) କାର୍ଯ୍ୟକ୍ରମ ସନ୍ତୋଷଜନକ ନୁହେଁ ବୋଲି କ୍ଷେତ୍ର ଅଧିକାରୀଙ୍କ ପ୍ରତିକୂଳ ମନ୍ତବ୍ୟ ସତ୍ତ୍ୱେ ଆର୍ଥିକ ବର୍ଷର ଶେଷ ଦିନ ଅର୍ଥାତ୍ ତା ୩୧-୩-୧୯୯୦ ରିଖରେ ୨୫,୯୦୦ ଟଙ୍କା ଅନୁଦାନ ଦିଆଯାଇଛି। ଭୁବନେଶ୍ୱରର ଏକ ସଂସ୍ଥାକୁ ବୋର୍ଡ଼ ଅନିୟମିତ ଭାବେ ୧୨,୬୧୫ ଟଙ୍କା ଅନୁଦାନ ମଞ୍ଜୁର କରିଛି ଅଥଚ ଏହି ସଂସ୍ଥାର କାର୍ଯ୍ୟକଳାପ ସମ୍ପର୍କରେ ସ୍ଥାନୀୟ ଲୋକେ କିଛି ଜାଣନ୍ତି ନାହିଁ। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ଜଣେ ସଦସ୍ୟାଙ୍କ ଅଧ୍ୟକ୍ଷତାରେ ଗଠିତ କଟକସ୍ଥିତ ଏକ ମହିଳା କଲ୍ୟାଣ ସଂସ୍ଥାକୁ ୧୯୮୯-୯୦ରେ ୧୨,୫୩୫ ଟଙ୍କାର ଅନୁଦାନ ଦିଆଯାଇଛି। ଏହି ସଂସ୍ଥା ବିରୁଦ୍ଧରେ କ୍ଷେତ୍ର ଅଧିକାରୀଙ୍କ ପ୍ରତିକୂଳ

ମନ୍ତବ୍ୟ ସତ୍ତ୍ୱେ ଏଭଳି ଅନୁଦାନ ଦିଆଯାଉଥିବାର ଜଣାଯାଉଛି । ବୋର୍ଡର ଅନ୍ୟତମ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ରାଉରକେଲାସ୍ଥିତ ଏକ ସଂସ୍ଥାକୁ ୪୧,୨୭୫ ଟଙ୍କା ଅନୁଦାନ ଦିଆଯାଇଛି । ଅଥଚ ଏହି ସଂସ୍ଥା ବିରୁଦ୍ଧରେ ପ୍ରଶାସନିକ ଓ ଆର୍ଥିକ ଅନିୟମିତତାଜନିତ ଗୁରୁତର ପ୍ରତିକୂଳ ମନ୍ତବ୍ୟ ରହିଛି । ଅନ୍ୟ ପକ୍ଷରେ ୧୯୯୯-୨୦୦୦ରେ କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡ ବାର୍ଷିକ ଅନୁଦାନ କାର୍ଯ୍ୟକ୍ରମ ଜରିଆରେ ୪.୯ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ସତ୍ତ୍ୱେ ରାଜ୍ୟ ବୋର୍ଡ ୬ ଲକ୍ଷ ୩୭ ହଜାର ୫୦୦ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ଏହା ଫଳରେ କେନ୍ଦ୍ର ବୋର୍ଡର ସ୍ୱୀକୃତି ନଥାଇ ବୋର୍ଡ ଅଧିକା ଥିବା ୨.୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । କେତେକ କ୍ଷେତ୍ରରେ କେନ୍ଦ୍ରୀୟ ବୋର୍ଡ ଦ୍ୱାରା ଅର୍ଥ ମଞ୍ଜୁର ସତ୍ତ୍ୱେ ପ୍ରଶାସନିକ ଅବହେଳା ଏବଂ ଅପାରଗତା ଯୋଗୁଁ ରାଜ୍ୟର ବେକାର, ଅର୍ଦ୍ଧ-ବେକାର ମହିଳାଙ୍କ ଥଇଥାନ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇପାରି ନାହିଁ କିମ୍ବା ମିଳିଥିବା ଅର୍ଥର ଉପଯୋଗ ହୋଇପାରି ନାହିଁ । କେତେକ କ୍ଷେତ୍ରରେ ମଧ୍ୟ ଟ୍ରେଜରରଙ୍କ ଅନୁମୋଦନ ବିନା ଅର୍ଥ ଉଠାଯାଇ ଖର୍ଚ୍ଚ କରାଯାଇଛି ।

ବୋର୍ଡର ଅପାରଗତା, ପ୍ରଶାସନିକ ବିଶୃଙ୍ଖଳା ତଥା ଆର୍ଥିକ ଅନିୟମିତତାକୁ ବିଚାରକୁ ନେଇ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବୋର୍ଡର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି ।

## ଲେଖକ ସାମ୍ମୁଖ୍ୟର ଉଦ୍‌ଯାପନ ଉତ୍ସବରେ ରାଜ୍ୟପାଳ

ଲେଖକମାନେ ନିଜର ରଚନା ମାଧ୍ୟମରେ ଧର୍ମକୁ ନେଇ ଦେଖାଦେଇଥିବା ଭୟଙ୍କର ବାଦ ବିସମ୍ବାଦରୁ ଦେଶକୁ ରକ୍ଷା କରି ସମାଜକୁ ନୂତନ ଦିଗ୍‌ଦର୍ଶନ ଦିଅନ୍ତୁ ବୋଲି ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ପରାମର୍ଶ ଦେଇଛନ୍ତି ।

ପୁରୀ ବଗଲା ଧର୍ମଶାଳାଠାରେ ଲେଖକ ସାମ୍ମୁଖ୍ୟର ୨ ଦିନିଆ ରାଜ୍ୟସ୍ତରୀୟ ସମାରୋହର ଉଦ୍‌ଯାପନ ଉତ୍ସବରେ ରାଜ୍ୟପାଳ ଶ୍ରୀ ଶର୍ମା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସୁପ୍ରତିଷ୍ଠିତ ଲେଖକମାନଙ୍କୁ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ୪ ଜଣ କୃତି ସାହିତ୍ୟିକଙ୍କୁ ଉପାୟନ ପ୍ରଦାନ କରି ସମ୍ମାନିତ ମଧ୍ୟ କରିଥିଲେ ।

ଶ୍ରୀ ଶର୍ମା ତାଙ୍କର ଉଦ୍‌ବୋଧନୀ ଭାଷଣରେ ଏ ରାଜ୍ୟର ସ୍ୱନାମଧନ୍ୟ ସାହିତ୍ୟିକଙ୍କୁ ଦେଶ ଓ ଜାତିର ବନ୍ଦନୀୟ ବୋଲି ବର୍ଣ୍ଣନା କରି ଦେଶକୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉଚିତ୍ ଦିଗ୍‌ଦର୍ଶନ ଦେବା ପାଇଁ ଅନୁରୋଧ କରିଥିଲେ । ପ୍ରାଦେଶିକ ଓ ଆଞ୍ଚଳିକ ଭାଷାଗୁଡ଼ିକର ସମ୍ପୂର୍ଣ୍ଣ ବିକାଶ ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ କହିଥିଲେ ଯେ ଦେଶ ଓ ସମାଜର ବହୁମୁଖୀ ବିକାଶ ନିମନ୍ତେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ଲେଖକ ସାମ୍ମୁଖ୍ୟ ତରଫରୁ ଆଦିବାସୀ କଥିତ ଭାଷା (ବୋଲି) କର୍ମଶାଳାର ଆୟୋଜନ କରାଯାଇଥିବାରୁ ଏହା ରାଜ୍ୟର ଅସଂଖ୍ୟ ଆଦିବାସୀମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିପାରିବ ବୋଲି ଆନନ୍ଦ ପ୍ରକାଶ କରିଥିଲେ ।

ଶ୍ରୀ ଶର୍ମା ବେଦ ଓ ଉପନିଷଦରୁ ଉଦ୍ଧାର କରି "ଧର୍ମ"ର ବ୍ୟାଖ୍ୟା କରିବାକୁ ଯାଇ କହିଥିଲେ ଯେ ଜୀବନର ଶ୍ରେଷ୍ଠତମ ଅନୁଭବ ଓ ସେଥିପ୍ରତି ବିଶ୍ୱାସନୀୟ କର୍ତ୍ତବ୍ୟ ହିଁ ପ୍ରକୃତ "ଧର୍ମ" ବୋଲି ପ୍ରକାଶ କରିଥିଲେ । କୌଣସି ପୂଜା ପଦ୍ଧତି ସହିତ ଏହାର କୌଣସି ସମ୍ପର୍କ ନାହିଁ ବୋଲି ସେ କହିଥିଲେ ।

ଯୁଗେ ଯୁଗେ ଧର୍ମ ନାମରେ ବିବାଦ ଓ ବିସମ୍ବାଦର ସୂତ୍ରପାତ ହୋଇଛି ଏବଂ ଏହାଦ୍ୱାରା ଦେଶ ଓ ସମାଜର ଅପୂରଣୀୟ କ୍ଷତି ଘଟୁଛି । ଲେଖକମାନେ ହିଁ ନିଜର ରଚନା ବଳରେ ସାମାଜିକ ସଂସ୍କାର ଆଣି ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ପାରିବେ ବୋଲି ଶ୍ରୀ ଶର୍ମା ଆଶାପୋଷଣ କରିଥିଲେ । ବାଲ୍ମୀକିଙ୍କ ରଚିତ ରାମାୟଣ ଓ ବ୍ୟାସଦେବଙ୍କ ରଚିତ ମହାଭାରତରୁ ଉଦାହରଣମାନ ଦେଇ ରାଜ୍ୟପାଳ ଆହୁରି କହିଥିଲେ ଯେ ସମାଜକୁ ସତ୍ ଓ ନ୍ୟାୟ ପଥରେ ଚଳାଇବା ପାଇଁ ଏହି ମହାନ ପୁରାଣଗୁଡ଼ିକରେ ବର୍ଣ୍ଣିତ ବଳିଷ୍ଠ ଦିଗ୍‌ଦର୍ଶନ ଦେଶକୁ ବିଶ୍ୱ ଦରବାରରେ ମହାନ ସ୍ଥାନ ଦେଇଛି । ଏଥିରେ କୌଣସି ପୂଜାପଦ୍ଧତି ଉପରେ ଗୁରୁତ୍ୱ ନଦିଆଯାଇ ମାନବ ଧର୍ମର ଉତ୍କର୍ଷତା ପ୍ରତିପାଦିତ ହୋଇଛି ବୋଲି ସେ କହିଥିଲେ ।

ମାନବଠାରେ ଥିବା କୋମଳ ଭାବନା ଯୋଗୁ ହିଁ ଏ ସମାଜ ତିଷ୍ଠି ରହିଛି । ମାନବର ଏହି ଅନ୍ତର୍ନିହିତ କୋମଳତା ଓ ପ୍ରବଣତାର ମୃତ୍ୟୁ ଘଟିଲେ ଏ ମାନବ ସଂସାର କେବଳ ପଶୁମାନଙ୍କ ସଂସାର ପାଲଟିଯିବ ।

ରାଜ୍ୟପାଳ ଲେଖକମାନଙ୍କୁ ଆହ୍ୱାନ ଦେଇ ମାନବର ଏହି କୋମଳତାକୁ ରକ୍ଷା କରିବାକୁ ସେମାନେ ତାଙ୍କର କଲମ ଚାଳନା କରନ୍ତୁ ଓ ସମାଜକୁ ବଳିଷ୍ଠ ଦିଗ୍‌ଦର୍ଶନ ଦେଇ ଦେଶକୁ ସମ୍ଭାବ୍ୟ ଧ୍ୱଂସରୁ ରକ୍ଷା କରନ୍ତୁ ବୋଲି ଶ୍ରୀ ଶର୍ମା ଆହ୍ୱାନ ଦେଇଥିଲେ ।

ଏହି ସମାରୋହରେ ରାଜ୍ୟପାଳ କୃତୀ ସାହିତ୍ୟିକ ଶ୍ରୀ ଲକ୍ଷ୍ମୀଧର ନାୟକ, ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ଶ୍ରୀ ଭୁବନେଶ୍ୱର ମହାପାତ୍ର ଓ ଶ୍ରୀ ବିଜୟ କୃଷ୍ଣ ମହାନ୍ତିଙ୍କୁ ଉପାୟନ ପ୍ରଦାନ କରି ସମ୍ମାନିତ କରିଥିଲେ ।

ଶ୍ରୀ ସାତକଡ଼ି ହୋତା ସଭାରମ୍ଭରେ ଉପସ୍ଥିତ ମଞ୍ଚାସୀନ ବ୍ୟକ୍ତିମାନଙ୍କୁ ସ୍ୱାଗତ ଜଣାଇଥିଲେ ଓ ପୁରୀ ଜିଲ୍ଲାପାଳ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବହୁ ପ୍ରତିଷ୍ଠିତ ସାହିତ୍ୟିକ, ପୁରୀର ଗଣ୍ୟମାନ୍ୟ ବ୍ୟକ୍ତି ଏହି ସମାରୋହରେ ଉପସ୍ଥିତ ଥିଲେ ।

## ଆନ୍ତଃ ବିଶ୍ୱବିଦ୍ୟାଳୟ ବେଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏଠାରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ବେଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରି ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର କହିଲେ ଯେ ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ଦୁଇ ଦୁଇଟା ଆନ୍ତଃ ଆଞ୍ଚଳିକ ଓ ଆଞ୍ଚଳିକ

ଟୁର୍ଣ୍ଣାମେଣ୍ଟ କରାଯାଇ ଓଡ଼ିଶାର ଖେଳାଳୀମାନଙ୍କ ଖେଳର ମାନ ବୃଦ୍ଧି ଦିଗରେ ଏକ ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଏହି ଜିମ୍ନାସିୟମ୍ ଉତ୍ସବରେ ଅଂଶ ଗ୍ରହଣ କରିଥିବା ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀମାନଙ୍କ ସହିତ ମୁଖ୍ୟ ଅତିଥି ଶ୍ରୀ କର କରମର୍ଦ୍ଦନ ପୂର୍ବକ ଉତ୍ସାହିତ କରିଥିଲେ ।

ଏହି ଉଦ୍‌ଘାଟନୀ ଉତ୍ସବରେ ଓ: ଏ: ଯୁ: ଟି:ର କୁଳପତି ଡଃ ଏନ୍: ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ ଏବଂ ଛାତ୍ର କଲ୍ୟାଣ ଅଧ୍ୟକ୍ଷ ଶ୍ରୀ ବିମଳେନ୍ଦୁ ମହାପାତ୍ର ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇ ଅତିଥି ଓ ପ୍ରତିଯୋଗୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ମୋଟ୍ ୩୩ଟି ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରିଛନ୍ତି । ତନ୍ମଧ୍ୟରୁ ମହିଳା ବିଭାଗରେ ୧୦ଟ ଅନ୍ତର୍ଭୁକ୍ତ ।

## ଜବାହର ରୋଜଗାର ଯୋଜନାରେ ଶ୍ରମ ଦିବସ ସୃଷ୍ଟି

ଜବାହର ରୋଜଗାର ଯୋଜନାରେ ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଗତ ଡିସେମ୍ବର ଶେଷ ସୁଦ୍ଧା ୨ କୋଟି ୧୬ ଲକ୍ଷ ୧୬ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ଗ୍ରାମାଞ୍ଚଳ ଲୋକଙ୍କୁ କାମଧନ୍ଦା ଯୋଗାଇ ଦିଆଯାଇଛି । କେବଳ ଗତ ନଭେମ୍ବର ମାସରେ ଏହି କାର୍ଯ୍ୟକ୍ରମରେ ସୃଷ୍ଟି କରାଯାଇଥିବା ୩୯ ଲକ୍ଷ ୫୯ ହଜାର ଶ୍ରମ ଦିବସ ଏହାର ଅନ୍ତର୍ଭୁକ୍ତ ବୋଲି ଗତ ନଭେମ୍ବର ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାପଡ଼ିଛି ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଅପ୍ରେଲ ମାସରୁ ନଭେମ୍ବର ଶେଷ ସୁଦ୍ଧା ସର୍ବମୋଟ୍ ୫୩,୮୭ଟି ଦରିଦ୍ର ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି । ଗତ ନଭେମ୍ବର ମାସରେ ଏଥିରେ ଉପକୃତ ହୋଇଥିବା ପରିବାରଙ୍କ ସଂଖ୍ୟା ହେଉଛି ୧୪ ହଜାର ୬୦୯ । ଚଳିତ ଆର୍ଥିକ ବର୍ଷ (୧୯୯୦-୯୧)ରେ ମୋଟ୍ ଏକ ଲକ୍ଷ ୧୪ ହଜାର ୫୮୯ଟି ପରିବାରଙ୍କୁ ଏଥିରେ ଉପକୃତ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଉକ୍ତ ବିବରଣୀରୁ ଜଣାପଡ଼ିଛି ।

ଏହାବ୍ୟତୀତ ୧୯୯୦-୯୧ ଆରମ୍ଭରୁ ଗତ ନଭେମ୍ବର ଶେଷ ସୁଦ୍ଧା ମୋଟ୍ ୭୬୭ଟି କ୍ଷୁଦ୍ର ଶିଳ୍ପ ୟୁନିଟ୍ ସ୍ଥାପନ କରାଯାଇଛି । ତନ୍ମଧ୍ୟରେ କେବଳ ନଭେମ୍ବର ମାସରେ ପ୍ରତିଷ୍ଠା କରାଯାଇଥିବା କ୍ଷୁଦ୍ର ଶିଳ୍ପ ୟୁନିଟ୍‌ର ସଂଖ୍ୟା ହେଉଛି ୧୭୨ । ଚଳିତ ଆର୍ଥିକ ବର୍ଷରେ ମୋଟ୍ ୧,୬୨୦ଟି କ୍ଷୁଦ୍ର ଶିଳ୍ପ ୟୁନିଟ୍ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ନଭେମ୍ବର ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ପ୍ରକାଶ ।

## ଓଡ଼ିଆ ସାହିତ୍ୟ ଓ କଳାକୁ ଋଦ୍ଧିମନ୍ତ କରିବା ଆବଶ୍ୟକ

—ମନ୍ତ୍ରୀ ଶ୍ରୀ କର

ଧଉଳି ଶାନ୍ତିସ୍ତୂପଠାରେ ଭୁବନେଶ୍ୱର ସାହିତ୍ୟ ସମାଜର ଶୀତ ଆସରକୁ ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ ଓଡ଼ିଆ ସାହିତ୍ୟ ଓ କଳାକୁ ଋଦ୍ଧିମନ୍ତ କରି ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ଏକାନ୍ତ ଆବଶ୍ୟକ । ସରକାର ରାଜ୍ୟର କଳା, ସଂସ୍କୃତି ଓ ସାହିତ୍ୟର ବ୍ୟାପକ ପ୍ରସାର ନିମନ୍ତେ ଏକ ଶୃଙ୍ଖଳିତ ନୀତି ପ୍ରଣୟନ ପାଇଁ ସମସ୍ତ ପଦକ୍ଷେପ ନେଇଛନ୍ତି । ସରକାରଙ୍କ ସହିତ ସମନ୍ୱୟ ରକ୍ଷା କରି ରାଜ୍ୟର ଯୁବ ସାହିତ୍ୟିକ, କଳାକାର, ଶିଳ୍ପୀ ଓ ଚିତ୍ରକାରମାନେ ସେମାନଙ୍କର ସାଧନାକୁ ଅବ୍ୟାହତ ରଖିବାକୁ ଶ୍ରୀ କର ଆହ୍ୱାନ ଦେଇଥିଲେ । ଏହି ଅବସରରେ ସାହିତ୍ୟ ସମାଜ ଦ୍ୱାରା ମନୋନୀତ ବିଶିଷ୍ଟ ଶିଳ୍ପୀ ଡଃ ଦୀନନାଥ ପାଠୀ; ଶ୍ରୀ ଶିବ ପାଣିଗ୍ରାହୀ, ଶ୍ରୀ ଡି: ଏନ୍: ଶାହୁ ଓ ଶ୍ରୀ ବଳଦେବ ମହାରଥୀଙ୍କୁ ମନ୍ତ୍ରୀ ଶ୍ରୀ କର ଫଳକ ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ସମାଜର ସଭାପତି ଶ୍ରୀ ସତ୍ୟ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ଡଃ ଜାନକୀବଲ୍ଲଭ ମହାନ୍ତି, ସାହିତ୍ୟ ଏକାଡେମୀ ସଚିବ ଶ୍ରୀ ଇନ୍ଦୁଭୂଷଣ କର, ଡଃ ଦିନନାଥ ପାଠୀ ଓ କବି ଶ୍ରୀ ପ୍ରଫୁଲ୍ଲ ତ୍ରିପାଠୀ ପ୍ରମୁଖ ଭାଷଣ ଦେଇ ଓଡ଼ିଆ ସାହିତ୍ୟର ବିକାଶ ସକାଶେ ଆନ୍ତରିକ ଉଦ୍ୟମ ଅବ୍ୟାହତ ରଖିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦୁଇଶହ ଜଣ କବି ଅଂଶ ଗ୍ରହଣ କରିଥିଲେ ଏବଂ ଗୁରୁକୁଳ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା "ଗଞ୍ଜାମ ବନ୍ୟା" ଶୀର୍ଷକ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।

## ପ୍ରଳୟଙ୍କରୀ ବନ୍ୟା ସତ୍ତ୍ୱେ ଗଞ୍ଜାମବାସୀଙ୍କ ମନୋବଳ ଅତୁଟ ରହିଛି

—ଯୋଗାଣ ମନ୍ତ୍ରୀ ଶ୍ରୀ ହରିଚନ୍ଦନ

ପ୍ରଳୟଙ୍କରୀ ବନ୍ୟା ଫଳରେ ଗଞ୍ଜାମ ଜିଲ୍ଲାର ବହୁ ଅଞ୍ଚଳ ଧ୍ୱଂସ ବିଧ୍ୱସ୍ତ ହେବା ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କ ଧନ ସମ୍ପତ୍ତିର ବ୍ୟାପକ କ୍ଷତି ଘଟିବା ସତ୍ତ୍ୱେ ସେମାନଙ୍କର ମନୋବଳ ଅତୁଟ ରହିଛି । ଯେ କୌଣସି କଠିନ ପରିସ୍ଥିତିର ସମ୍ମୁଖୀନ ହେବା ଗଞ୍ଜାମବାସୀଙ୍କ ଏକ ମହାନ୍ ପରମ୍ପରା । ଐତିହାସିକ ପାଇକ ବିଦ୍ରୋହ ବେଳେ ଗଞ୍ଜାମର ପାଇକ ଏବଂ ଘୁମୁସରର କନ୍ଧ ପାଇକ ବାହିନୀ ଏକ ଅତୁଳନୀୟ ଧୈର୍ଯ୍ୟ, ସାହସ ଓ ମନୋବଳ ପ୍ରଦର୍ଶନ କରିଥିଲେ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରକାଶ କରିଥିଲେ ।

ଡିସେମ୍ବର ମାସ ୩ ତାରିଖରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ କଲେଜ ଯୁକ୍ତ ୨ ଛାତ୍ରମାନଙ୍କ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଶ୍ରୀ ହରିଚନ୍ଦନ କହିଥିଲେ ଯେ ବନ୍ୟା ଫଳରେ ଗଞ୍ଜାମ ଜିଲ୍ଲାରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି, ତାହା ସମଗ୍ର ଓଡ଼ିଶାର ସମସ୍ୟା ଏବଂ ଏହାର ମୁକାବିଲା ନିମନ୍ତେ ସମସ୍ତଙ୍କ ସହଯୋଗ ଏକାନ୍ତ ପ୍ରୟୋଜନ । ବନ୍ୟା ବିଧ୍ୱସ୍ତ ଅଞ୍ଚଳକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଏ ଦିଗରେ ଅର୍ଥର ଅଭାବ ଦେଖାଦେବ ନାହିଁ ବୋଲି ସେ ପ୍ରକାଶ କରିଥିଲେ । ଦେଶ ତଥା ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରି ସେ

କହିଲେ ଯେ ଛାତ୍ରମାନେ ରାଜ୍ୟକୁ ନୂତନ ରୂପ ଓ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ ସାହସ, ଧୈର୍ଯ୍ୟ ତଥା ଦୃଢ଼ ଆତ୍ମ ବିଶ୍ୱାସ ନେଇ ଆଗେଇ ଆସିବା ଦରକାର ।

ଅଧ୍ୟକ୍ଷ ଶ୍ରୀ ବିଶ୍ୱମୋହନ ମିଶ୍ର କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ ।

ପୂର୍ବରୁ ଯୋଗାଣ ମନ୍ତ୍ରୀ ବ୍ରହ୍ମପୁର ମେଡିକାଲ୍ କଲେଜକୁ ଯାଇ ଉତ୍ତେଜିତ ଛାତ୍ରମାନଙ୍କୁ ସାନ୍ତ୍ୱନା ଦେବା ସଙ୍ଗେ ସଙ୍ଗେ ଛାତ୍ରମାନଙ୍କ ଘେରାଉରୁ ହସ୍‌ପିଟାଲ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ମୁକ୍ତ କରିଥିଲେ । ମେଡିକାଲ୍ କଲେଜ ହସ୍‌ପିଟାଲ୍‌ରେ ଜଣେ ରୋଗୀର ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଏବଂ ଏଥିପାଇଁ ଜନୈକ ଡାକ୍ତରଙ୍କ ଅବହେଳା ହୋଇଥିବା ଅଭିଯୋଗ କରି ଉତ୍ତେଜିତ ଛାତ୍ରମାନେ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ଘେରାଉ କରିଥିଲେ । ପରେ ଯୋଗାଣ ମନ୍ତ୍ରୀଙ୍କ ସହିତ ବ୍ରହ୍ମପୁର ଓକିଲ ସଙ୍ଘର ସଦସ୍ୟମାନେ ବ୍ରହ୍ମପୁରରେ ଓଡ଼ିଶା ହାଇକୋର୍ଟ ଏବଂ ପ୍ରଶାସନିକ ଟ୍ରିବୁନାଲ୍‌ର ସର୍କିଟ୍ କୋର୍ଟ ସ୍ଥାପନ ସମ୍ପର୍କରେ ଆଲୋଚନା କରିଥିଲେ ।

## ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା

ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ୍ ଚଳିତ ମାସ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ କୋରାପୁଟ ଓ ଫୁଲବାଣୀ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଓ ଉଠାଜଳସେଚନ ଯୋଜନା ସମେତ ପାନୀୟ ଜଳ ଯୋଗାଣ ଆଦି ଉନ୍ନୟନ କାର୍ଯ୍ୟର ପରିଦର୍ଶନ କରିଥିଲେ । ଗ୍ରାମାଞ୍ଚଳ ଗସ୍ତ କାଳରେ ସେ ଗ୍ରାମବାସୀଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରି ସେ ସବୁର ଯଥା ସମ୍ଭବ ପ୍ରତିକାର ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାମାଞ୍ଚଳରେ ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ ଯୋଗାଣ ଏବଂ କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଉଛି । ଏହାଛଡ଼ା ବିଭିନ୍ନ ଆତ୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରାଯାଇ ଗ୍ରାମବାସୀଙ୍କ ଅର୍ଥନୈତିକ ଉତ୍ଥାନ ଦିଗରେ ଉଦ୍ୟମ କରାଯାଉଛି । ଏସବୁ ଯୋଜନାର ସୁଯୋଗ ନେବା ପାଇଁ ଶ୍ରୀ ଓରାମ୍ ଗ୍ରାମବାସୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି ଗସ୍ତ ଅବସରରେ ରାଷ୍ଟ୍ରମନ୍ତ୍ରୀ କୋରାପୁଟ ଜିଲ୍ଲାର ରାୟଗଡ଼ା, କୋରାପୁଟ, ଜୟପୁର ଓ ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ାଠାରେ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସମୀକ୍ଷା କାଳରେ ଅସମ୍ପୂର୍ଣ୍ଣ ବିଭିନ୍ନ ପ୍ରକଳ୍ପକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ । ବିଶେଷ କରି ପାନୀୟ ଜଳ ଯୋଗାଣ ସମେତ କ୍ଷୁଦ୍ର ଓ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକ ଦ୍ୱାରା ଗ୍ରାମବାସୀମାନେ ବିଶେଷ ଉପକୃତ ହେଉଥିବାରୁ ଏଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଶ୍ରୀ ଓରାମ୍ କହିଥିଲେ ।

## ଧୂମହୀନ ଉନ୍ନତ ଚୁଲ୍ଲାର ଲୋକପ୍ରିୟତା ବୃଦ୍ଧି

ପାରମ୍ପରିକ ଚୁଲ୍ଲାରେ ଅଧିକ ଜାଳେଣି ଖର୍ଚ୍ଚ ହେବା ଓ ଅତ୍ୟଧିକ ଧୂମ ଯୋଗୁଁ ପରିବେଶ ଦୂଷିତ ହେଉଥିବା ସଙ୍ଗେ ସଙ୍ଗେ କାଠର ଅଭାବରୁ ରକ୍ଷା ପାଇବା ନିମନ୍ତେ ଜନସାଧାରଣ ଉନ୍ନତ ଧୂମହୀନ ଚୁଲ୍ଲା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଥିବାର ରାଜ୍ୟ ବିଜ୍ଞାନ, କାରିଗରୀ ଓ ପରିବେଶ ବିଭାଗର ଏକ ସମୀକ୍ଷାରୁ ଜଣାଯାଇଛି ।

ଗତ ନଭେମ୍ବର ମାସରେ ରାଜ୍ୟରେ ମୋଟ୍ ୮,୬୯୧ଟି ଏପରି ଉନ୍ନତ ଚୁଲ୍ଲା ବିକ୍ରୀ ଓ ସ୍ଥାପିତ ହୋଇଥିବା ଏହି ବିବରଣୀରୁ ପ୍ରକାଶ । ପୁରୀ ଜିଲ୍ଲାରେ ସର୍ବାଧିକ ୨,୮୦୬ଟି ଚୁଲ୍ଲା ସ୍ଥାପିତ ହୋଇଥିବା ବେଳେ ତା' ପଛକୁ ଗଞ୍ଜାମ ଜିଲ୍ଲାରେ ୧,୯୫୦ଟି ଚୁଲ୍ଲା ସ୍ଥାପିତ ହୋଇଛି । ଏହାବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ୭୩ଟି, ବଲାଙ୍ଗୀର ଜିଲ୍ଲାରେ ୩୦୨ଟି, କଟକ ଜିଲ୍ଲାରେ ୧,୦୧୨ଟି, ଢେଙ୍କାନାଳ ଜିଲ୍ଲାରେ ୧,୦୫୦ଟି, କଳାହାଣ୍ଡି ଜିଲ୍ଲାରେ ୨୩୦ଟି, କେନ୍ଦୁଝର ଜିଲ୍ଲାରେ ୧୭୦ଟି, ମୟୂରଭଞ୍ଜ ଜିଲ୍ଲାରେ ୪୭୦ଟି, ସମ୍ବଲପୁର ଜିଲ୍ଲାରେ ୧୫୦ଟି ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୬୨୩ଟି ଉନ୍ନତ ଚୁଲ୍ଲା ବସାଯାଇଛି ।

## ନାନ୍ଦୋଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ୍ ଗତ ମାସ ୧୮ ତାରିଖରେ ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାନ୍ଦୋଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ନବନିର୍ମିତ ଗୃହ ଉଦ୍‌ଘାଟନ କରିଛନ୍ତି । ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ଓରାମ୍ କହିଲେ ଯେ ସମ୍ପ୍ରତି ଗ୍ରାମବାସୀଙ୍କୁ ନେଇ ଗଠିତ ଗ୍ରାମ୍ୟ କମିଟି ଜରିଆରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି । ସ୍ଥାନୀୟ ଲୋକେ ନିଜ ନିଜ ଅଞ୍ଚଳର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅବଗତ ଥିବାରୁ ସେମାନଙ୍କ ଉଦ୍ୟମରେ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ପାରିବ । ଏ ଉଦ୍ଦେଶ୍ୟରେ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମର ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ଗ୍ରାମ୍ୟ କମିଟି ଜରିଆରେ ସମସ୍ତ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ ଗ୍ରାମାଞ୍ଚଳର ବେକାର ଲୋକଙ୍କୁ ଧନ୍ଦାମୂଳକ କାର୍ଯ୍ୟକ୍ରମରେ ତାଲିମ ଦେବା ଆରମ୍ଭ କରାଯାଇଥିବା ଏକ 'ଗୃହୁଆ ତାଲିମ କେନ୍ଦ୍ର' ମଧ୍ୟ ଉଦ୍‌ଘାଟନ କରିଥିଲେ । ଏହାଛଡ଼ା ଉକ୍ତ ଗ୍ରାମରେ ଗଠିତ ନେତାଜୀ କ୍ଲବ୍‌ର ଶିଳାନ୍ୟାସ ମଧ୍ୟ ଶ୍ରୀ ଓରାମ୍ କରିଥିଲେ । ସ୍ଥାନୀୟ ବିଧାୟକ ଶ୍ରୀ କାଳିନ୍ଦୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଯୁବନେତା ଶ୍ରୀ କୁଞ୍ଜବିହାରୀ ପ୍ରତାପ ଭାଷଣ ପ୍ରସଙ୍ଗରେ ସ୍ଥାନୀୟ ସମସ୍ୟା ପ୍ରତି ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଇତ୍ୟବସରରେ ରାଷ୍ଟ୍ରମନ୍ତ୍ରୀ ୬୯ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୫୭ଟି ରଣଛାଡ଼ ପଟ୍ଟା ପ୍ରଦାନ କରିଥିଲେ ।

# କୃଷିଭିତ୍ତିକ ଶିଳ୍ପର ଅଭିବୃଦ୍ଧି ଦ୍ୱାରା ଚାଷୀ ଉପକୃତ ହେବେ

**—ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ**

ତୁତ ଚାଷର ବହୁଳ ପ୍ରସାର ଓ ରେଶମ ଉତ୍ପାଦନ ବୃଦ୍ଧି ଦ୍ୱାରା ରାଜ୍ୟର ଚାଷୀମାନଙ୍କ ଆର୍ଥିକ ଅବସ୍ଥା ସୁଧୁରିବା ସଙ୍ଗେ ସଙ୍ଗେ ଆତ୍ମନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇ ପାରିବ ବୋଲି ଶିଳ୍ପ ରାଷ୍ଟ୍ରମନ୍ତ୍ରୀ (ବୟନ ଶିଳ୍ପ ଓ ହସ୍ତତନ୍ତ) ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ।

ଗତ ଡିସେମ୍ବର ୧୮ ଓ ୧୯ ତାରିଖରେ ଗଞ୍ଜାମ ଜିଲ୍ଲାର ଚନ୍ଦ୍ରଗିରି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଦ୍ୱିତୀ ରେଶମ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ ଅବସରରେ ଶ୍ରୀ ଆଚାର୍ଯ୍ୟ ଚନ୍ଦ୍ରଗିରିଠାରେ ରେଶମ ଚାଷୀ ସମବାୟ ସମିତିର ନୂତନ ଗୃହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉପସ୍ଥିତ ଚାଷୀ ଓ ପ୍ରକଳ୍ପ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ ଯେ ଦେଶର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଏକର ପିଛା ୧୦୦ କିଃ ଗ୍ରାଃ ରେଶମ କୋଷା ଉତ୍ପାଦନ ହେଉଥିବାରୁ ସେଠାକାର ଚାଷୀମାନେ ବିଶେଷ କରି ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ଆମ ରାଜ୍ୟର ଚାଷୀମାନେ ହାରାହାରି ଏକର ପିଛା ୫୦ କିଃ ଗ୍ରାଃ ରେଶମ ଉତ୍ପାଦନ କରୁଛନ୍ତି । ସମଗ୍ର ରାଜ୍ୟରେ ଉତ୍ପନ୍ନ ହେଉଥିବା ରେଶମ କୋଷାର ଶତକଡ଼ା ୮୫ ଭାଗ ମୋହନା ଓ ରାମଗିରି ଅଞ୍ଚଳରୁ ମିଳିଥାଏ । ତେଣୁ ତୁତ ଚାଷ କ୍ଷେତ୍ରରେ ଏ ଅଞ୍ଚଳର ଚାଷୀମାନେ ଓଡ଼ିଶାର ନେତୃତ୍ୱ ନେଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଥିଲେ । ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଏ ଅଞ୍ଚଳର ଚାଷୀମାନେ ବାର୍ଷିକ ହାରାହାରି ୫୦୦ ଟଙ୍କାରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିଲା ବେଳେ ବର୍ତ୍ତମାନ ସେମାନେ ୩ ହଜାର ଟଙ୍କାରୁ ୪ ହଜାର ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ କରିପାରୁଛନ୍ତି । ଏହା ଉଜ୍ଜ୍ୱଳ ଭବିଷ୍ୟତର ଶୁଭ ସୂଚନା ବୋଲି ସେ ମତବ୍ୟକ୍ତ କରିଥିଲେ । ଚାଷୀମାନଙ୍କ ଦାବୀ କ୍ରମେ କଚ୍ଚାମୂଲ୍ୟ ନିର୍ଦ୍ଧାରଣ କମିଟି ସହ ପରାମର୍ଶ କରି କୋଷାର ମୂଲ୍ୟ ପୂର୍ବାପେକ୍ଷା ବୃଦ୍ଧି କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଘୋଷଣା କରିବା ପାଇଁ ସହାନୁଭୂତିର ସହ ବିଚାର କରାଯିବ ବୋଲି ସେ କହିଥିଲେ ।

ଚନ୍ଦ୍ରଗିରି ଅଞ୍ଚଳର ରେଶମ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ଏବଂ ଶିକୁଳିପଦାଠାରେ "ଚଉକି ପାଳନ କେନ୍ଦ୍ର", ଗୁଡ଼ିପୁରଠାରେ "ସିଲ୍‌କ ଗ୍ରେନେଜ୍" ଏବଂ "ପି–୧" ପାଳନ କେନ୍ଦ୍ର ଶ୍ରୀ ଆଚାର୍ଯ୍ୟ ପରିଦର୍ଶନ କରିଥିଲେ । ଶରଡ଼ା ଓ ଟଙ୍ଗଳିପଦର ଗ୍ରାମର ରେଶମ ଚାଷୀଙ୍କ ଗୋଷ୍ଠୀ ରେଶମ ପୋକ ପାଳନ କେନ୍ଦ୍ର ଏବଂ ମାଲ୍‌ବେରୀ ବଗିଚା ମଧ୍ୟ ସେ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ମହେନ୍ଦ୍ରଗଡ଼ଠାରେ ସୂତାକଟା ପ୍ରଶିକ୍ଷଣ କେନ୍ଦ୍ର ଏବଂ ନିର୍ମାଣାଧୀନ ରିଲିଂ କମ୍ପ୍ଲେକ୍ସର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେ ଅନୁସନ୍ଧାନ କରିଥିଲେ । କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଆଦିବାସୀମାନଙ୍କ ମଧ୍ୟରେ ରେଶମ ଚାଷ ପ୍ରତି ବିଶେଷ ଆଗ୍ରହ ପ୍ରକାଶ ପାଉଥିବା ଲକ୍ଷ୍ୟ କରି ଶ୍ରୀ ଆଚାର୍ଯ୍ୟ ଉଭୟ ଚାଷୀ ଏବଂ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବୟନ ଶିଳ୍ପ ନିର୍ଦ୍ଦେଶକ, କେନ୍ଦ୍ରୀୟ ରେଶମ ବୋର୍ଡ଼ର ମୁଖ୍ୟ ପ୍ରକଳ୍ପ ଅଧିକାରୀ ଏବଂ ରାଜ୍ୟ ତସର ଓ ରେଶମ ସମବାୟ ସମିତିର ଅଧ୍ୟକ୍ଷ ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତକାଳରେ ଉପସ୍ଥିତ ରହି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ ।

# ସରକାରୀ ନିର୍ଦ୍ଧାରିତ ଦରରେ ଧାନ ସଂଗ୍ରହ କରାଯିବ

**—ଯୋଗାଣ ମନ୍ତ୍ରୀ ଶ୍ରୀ ହରିଚନ୍ଦନ**

ରାଜ୍ୟର କେତେକ ଅଞ୍ଚଳରେ ଚାଷୀମାନଙ୍କଠାରୁ ନିର୍ଦ୍ଧାରିତ ଦରଠାରୁ କମ୍ ଦରରେ ଧାନ କ୍ରୟ ହେଉଥିବା ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି । ଚାଷୀମାନଙ୍କର ଏହି ଅସୁବିଧାକୁ ଦୂର କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଉତ୍ପାଦିତ ଧାନ ନିମନ୍ତେ ଯେପରି ଉଚିତ୍ ମୂଲ୍ୟ ପାଇପାରିବେ ସେଥିପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସହାୟକ ଦରରେ ଧାନ ଖରିଦ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ନିମନ୍ତେ ଯେପରି ଉଚିତ ମୂଲ୍ୟ ପାଇପାରିବେ, ସେ ଦୃଷ୍ଟିରୁ ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ଏଫ୍‌ଃ ଏଃ କ୍ୟୁଃ (ଫେଆର ଆଭରେଜ କ୍ୱାଲିଟି) ମାନର ମୋଟା, ସରୁ ଓ ଅତି ସରୁ ଧାନର ସହାୟକ ଦର କୁଇଣ୍ଟାଲ ପ୍ରତି ଯଥାକ୍ରମେ ୨୦୫ ଟଙ୍କା, ୨୧୫ ଟଙ୍କା ଏବଂ ୨୨୫ ଟଙ୍କା ଧାର୍ଯ୍ୟ କରିଛନ୍ତି । ଚାଷୀମାନଙ୍କଠାରୁ ଏଜେଣ୍ଟମାନେ ଯେପରି ନିର୍ଦ୍ଧାରିତ ଦରରେ ଧାନ ଖରିଦ କରନ୍ତି, ସେ ଦିଗରେ ସତର୍କ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ କମ୍ ଦରରେ ଖରିଦ କରୁଥିବା ଏଜେଣ୍ଟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତୀୟ ଖାଦ୍ୟ ନିଗମ ଧାନ ସଂଗ୍ରହ କରିବ । ଏହାବ୍ୟତୀତ ଚଳିତ ବର୍ଷ ପ୍ରଥମ ଥର ପାଇଁ ଚାଷୀମାନଙ୍କ ଅଧିକ ସୁବିଧା ନିମନ୍ତେ ରାଜ୍ୟ ଯୋଗାଣ ନିଗମ ମଧ୍ୟ ନିର୍ଦ୍ଧାରିତ ମାନର ଧାନ ସଂଗ୍ରହ କରିବ । ତଦନୁଯାୟୀ ଚାଷୀମାନଙ୍କଠାରୁ ତୁରନ୍ତ ନିର୍ଦ୍ଧାରିତ ଦରରେ ଧାନ ଖରିଦ କରିବା ପାଇଁ ଯୋଗାଣ ନିଗମକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆଗାମୀ ସପ୍ତାହକ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ପ୍ରଥମେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି । ଏହା ପରେ ପରେ ଅନ୍ୟ ଜିଲ୍ଲାମାନଙ୍କରେ ଯେଉଁ ସ୍ଥାନରେ ବଳକା ନିର୍ଦ୍ଧାରିତ ମାନର ଧାନ ଗଚ୍ଛିତ ଅଛି ସେଠାରୁ ଧାନ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା କରାଯିବ ।

ଧାନ ସଂଗ୍ରହ କ୍ଷେତ୍ରରେ ଯୋଗାଣ ନିଗମ ଭାରତୀୟ ଖାଦ୍ୟ ନିଗମର ଏଜେଣ୍ଟ ରୂପେ କାର୍ଯ୍ୟ କରିବ ଏବଂ ଅନ୍ୟାନ୍ୟ ଏଜେଣ୍ଟ ଭଳି ଯୋଗାଣ ନିଗମ ମଧ୍ୟ ସଂଗୃହିତ ଧାନକୁ ଭାରତୀୟ ଖାଦ୍ୟ

ନିଗମ ନିକଟରେ ଜମା ହେବ । ଚାଷୀମାନଙ୍କ ସୁବିଧା ନିମନ୍ତେ ଯୋଗାଣ ନିଗମ ଅଧୀନରେ ଅନ୍ୟାନ୍ୟ ଏଜେଣ୍ଟମାନେ ମଧ୍ୟ ଧାନ ସଂଗ୍ରହ କାର୍ଯ୍ୟରେ ନିଯୁକ୍ତ ହେବେ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି । ଏହି ଏଜେଣ୍ଟମାନେ ସେମାନଙ୍କ ନିମନ୍ତେ ଧାର୍ଯ୍ୟ ପରିମାଣ ଚାଉଳର ଶତକଡ଼ା ୫୦ ଭାଗ ଅଥବା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରିମାଣର ଚାଉଳ ଯୋଗାଣ କର୍ପୋରେସନ୍‌ରେ ଜମା ଦେବେ ।

ଚଳିତ ବର୍ଷ ରାଜ୍ୟରୁ ୨ ଲକ୍ଷ ଟନ୍ ଚାଉଳ ସଂଗ୍ରହ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି ଏବଂ ଚାଷୀମାନଙ୍କ ହିତ ଦୃଷ୍ଟିରୁ ଆବଶ୍ୟକ ପଡ଼ିଲେ ଧାର୍ଯ୍ୟ ଲକ୍ଷ୍ୟକୁ ମଧ୍ୟ ବୃଦ୍ଧି କରାଯିବ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଅନବରତ ବର୍ଷା ଯୋଗୁଁ ରାଜ୍ୟର ଅନେକ ଅଞ୍ଚଳରେ ବାତ୍ୟା ଓ ବନ୍ୟା ଯୋଗୁଁ ଧାନ ଫସଲର କ୍ଷତି ସଙ୍ଗେ ସଙ୍ଗେ ଧାନର ମାନ ମଧ୍ୟ ହ୍ରାସ ପାଇଥିବାର ଦେଖାଯାଉଛି । ତେଣୁ ଅଭିଜ୍ଞ କର୍ମଚାରୀମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା ପରେ ଧାନ ଖରିଦ କରାଯିବ ବୋଲି ସେ କହିଛନ୍ତି ।

ଉପରୋକ୍ତ ବ୍ୟବସ୍ଥା ଫଳରେ ରାଜ୍ୟର ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି କରି ଉଚିତ ମୂଲ୍ୟ ପାଇପାରିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ହୋଇପାରିବ ବୋଲି ଶ୍ରୀ ହରିଚନ୍ଦନ ଆଶା ପ୍ରକାଶ କରିଛନ୍ତି ।

ଧାନ ସଂଗ୍ରହ କାର୍ଯ୍ୟ ଯେପରି ସୁରୁଖୁରୁରେ ଚାଲିବ ଏବଂ ଚଳିତ ବର୍ଷ ଧାନ ସଂଗ୍ରହ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ସେଥିନିମନ୍ତେ ଯୋଗାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଖାଦ୍ୟ ଓ ଯୋଗାଣ ବିଭାଗ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ସମେତ ରାଜ୍ୟ ଖାଦ୍ୟ ନିଗମ ଅଧ୍ୟକ୍ଷ ଶ୍ରୀ ସୁବା ରାଓ ପ୍ରମୁଖ, ପରିଚାଳନା ନିର୍ଦ୍ଦେଶକ ଏବଂ ଜିଲ୍ଲା ଯୋଗାଣ ଅଧିକାରୀମାନେ ଯୋଗଦାନ କରିଥିଲେ ।

## ଭୁବନେଶ୍ୱର ପ୍ରେସ୍ କ୍ଲବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଗଞ୍ଜାମ ଜିଲ୍ଲା ବନ୍ୟା ଦୁର୍ଗତ ଅଞ୍ଚଳର ଲୋକମାନଙ୍କ ସାହାଯ୍ୟାର୍ଥେ ଭୁବନେଶ୍ୱର ପ୍ରେସ୍ କ୍ଲବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୬୬୩ ଟଙ୍କାର ଏକ ବ୍ୟାଙ୍କ୍ ଡ୍ରାଫ୍‌ଟ ପ୍ରଦାନ କରାଯାଇଛି ।

ଭୁବନେଶ୍ୱର ପ୍ରେସ୍ କ୍ଲବ୍‌ର ସାଧାରଣ ସମ୍ପାଦକ ଶ୍ରୀ ସଞ୍ଜୟ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟସ୍ଥିତ ପ୍ରକୋଷ୍ଠରେ ଉକ୍ତ ଡ୍ରାଫ୍‌ଟଟି ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଶ୍ରୀ ପ୍ରଧାନଙ୍କ ସମେତ ପ୍ରେସ୍ କ୍ଲବ୍ ପକ୍ଷରୁ ଏହି ପ୍ରତିନିଧି ଦଳରେ ଉପ ସଭାପତି ଶ୍ରୀ ପ୍ରଦୋଷ ପଟ୍ଟନାୟକ, ଅନ୍ୟତମ ସମ୍ପାଦକ ଶ୍ରୀ ସୋମନାଥ ସାହୁ, ଶ୍ରୀ ଜ୍ୟୋତିଶିଷ ରାୟ, ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ସର୍ବଶ୍ରୀ ସୁଧୀର କୁମାର ଦାସ, ଆଲୋକ କୁମାର ମହାନ୍ତି, ପ୍ରସନ୍ନ ପଟ୍ଟନାୟକ, ଉପେନ୍ଦ୍ର ସାବତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ।

ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କ ଏଭଳି ଉଦ୍ୟମର ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ସଚିବ ଶ୍ରୀ ପ୍ୟାରୀମୋହନ ମହାପାତ୍ର ଉପସ୍ଥିତ ଥିଲେ ।

ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏସନ୍ ପକ୍ଷରୁ କଳାକାରମାନଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ଅର୍ଥକୁ ମଧ୍ୟ ଗଞ୍ଜାମ ଜିଲ୍ଲା ବନ୍ୟା ଦୁର୍ଗତ ଅଞ୍ଚଳର ଲୋକମାନଙ୍କ ସାହାଯ୍ୟାର୍ଥେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୫୫୬ ଟଙ୍କାର ଏକ ବ୍ୟାଙ୍କ୍ ଡ୍ରାଫ୍‌ଟ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସଚିବାଳୟସ୍ଥିତ ପ୍ରକୋଷ୍ଠରେ ଉକ୍ତ ଡ୍ରାଫ୍‌ଟଟି ସିନେ କ୍ରିଟିକ୍ ଆସୋସିଏସନ୍‌ର ସଭାପତି ଶ୍ରୀ ପ୍ରଦୋଷ ପଟ୍ଟନାୟକ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଶ୍ରୀ ଦିଲ୍ଲୀପ ହାଲୀ, ଉପ ସଭାପତି ଶ୍ରୀ ପରୀକ୍ଷିତ ଜେନା ଏବଂ ଅନ୍ୟତମ ସଭ୍ୟ ଶ୍ରୀ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଭେଟିଥିଲେ ।

## ପରିବହନ ମନ୍ତ୍ରୀଙ୍କ ଦ୍ୱାରା "କାଣ୍ଟର୍ ସୋ ରୁମ୍" ଉଦ୍‌ଘାଟିତ

—ଶ୍ରୀ ଭାଗବତ ବେହେରା

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଗତକାଲି ଭୁବନେଶ୍ୱର ସହରର ରସୁଲଗଡ଼ଠାରେ କାଣ୍ଟର୍ ଗାଡ଼ିର ଏକ ନୂତନ ସୋ ରୁମ୍ ଉଦ୍‌ଘାଟନ କରିଛନ୍ତି । ଜାପାନ ସହଯୋଗିତାରେ ନିର୍ମିତ କାଣ୍ଟର୍ ମିନି ଟ୍ରକ୍ ସ୍ୱଳ୍ପ ଦୂରତା ମଧ୍ୟରେ, ବିଶେଷ କରି ସହରାଞ୍ଚଳରେ ମାଲ ନେବା ଆଣିବା କରିବା ନିମନ୍ତେ ବିଶେଷ ଉପଯୋଗୀ । ସେହିପରି କାଣ୍ଟର୍ ମିନି ବସ୍‌କୁ ଆରାମଦାୟକ କୋଚ୍ ଲେଗଜୁରୀ କୋଚ୍‌ରେ ପରିଣତ କରାଯାଇ ପର୍ଯ୍ୟଟକମାନଙ୍କୁ ନେବା ଆଣିବା କରିବାରେ ବ୍ୟବହାର କରାଯାଇ ପାରିବ । ଏହାଛଡ଼ା ସହରାଞ୍ଚଳରେ ଯାତ୍ରୀ ପରିବହନ ନିମନ୍ତେ ଟାଉନ୍ ବସ୍ ରୂପେ ମଧ୍ୟ କାଣ୍ଟର ମିନି ବସ୍‌କୁ ବ୍ୟବହାର କରାଯାଇ ପାରିବ । ତେଣୁ ରାଜ୍ୟର ଶିକ୍ଷିତ ବେକାର ଯୁବକମାନେ ସହରାଞ୍ଚଳରେ ଏ ଧରଣର ଟାଉନ୍ ବସ୍ ଚଳାଇବା ପାଇଁ ଆଗ୍ରହୀ ହେବେ, ସେମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଦିଆଯିବ ବୋଲି ପରିବହନ ମନ୍ତ୍ରୀ ତାଙ୍କ ଉଦ୍‌ଘାଟନ ଭାଷଣରେ ସୂଚନା ଦେଇଥିଲେ ।

## ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ଗତ ନଭେମ୍ବର ମାସରେ ମୋଟ୍ ୧୪ ହଜାର ୩୮ ଜଣ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଛନ୍ତି । ଏହାକୁ ମିଶାଇ ୧୯୯୦-୯୧ ଆର୍ଥିକ ବର୍ଷ ଆରମ୍ଭରୁ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୬୩ ହଜାର ୮୩୪ ଜଣ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଛନ୍ତି ।

ସନ୍ତାନ ଜନ୍ମ ବ୍ୟବଧାନ ସମୟ ବୃଦ୍ଧି ଉଦ୍ଦେଶ୍ୟରେ ଗତ ନଭେମ୍ବର ମାସରେ ୧୫ ହଜାର ୮୩୮ ଜଣ ମହିଳା ଆଇ: ୟୁ: ଡି:

ବ୍ୟବହାର କରିଛନ୍ତି । ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଉକ୍ତ ମାସ ଶେଷ ସୁଦ୍ଧା ଏଥିରେ ମୋଟ୍ ୮୭ ହଜାର ୪୮୦ ଜଣ ମହିଳା ଅନ୍ତର୍ଭୁକ୍ତ ବୋଲି ଜଣାପଡ଼ିଛି । ଏ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୫୩-୭୧ ଭାଗ ସଫଳତା ହାସଲ କରାଯାଇଛି ଉକ୍ତ ବିବରଣୀରୁ ପ୍ରକାଶ ।

ରାଜ୍ୟର ୨୦୪ଟି ବ୍ଲକରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ୮,୯୮୦ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି । ଗତ ନଭେମ୍ବର ମାସରେ କାର୍ଯ୍ୟ କରିଥିବା ୨୨ଟି ଅଙ୍ଗନବାଡ଼ି କେନ୍ଦ୍ର ଏହାର ଅନ୍ତର୍ଭୁକ୍ତ ବୋଲି ଉକ୍ତ ବିବରଣୀରୁ ଜଣାପଡ଼ିଛି ।

## ରିଲିଫ୍ ଓ ପୁନର୍ଗଠନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା

—ମୁଖ୍ୟ ମନ୍ତ୍ରୀ

ଗଞ୍ଜାମ ଜିଲ୍ଲାରେ ଘଟିଯାଇଥିବା ଦାରୁଣ ବନ୍ୟା ବିପର୍ଯ୍ୟୟ ପରେ ପରେ ରାଜ୍ୟ ସରକାର ହାତକୁ ନେଇଥିବା ରିଲିଫ୍ ଓ ପୁନର୍ଗଠନ କାର୍ଯ୍ୟକ୍ରମମାନଙ୍କର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସମୀକ୍ଷା କରି ଆସନ୍ତା ବର୍ଷାଋତୁ ପୂର୍ବରୁ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

ଜାନୁଆରୀ ୫ ତାରିଖ ଦିନ ସଚିବାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ବନ୍ୟାରେ ମୋଟ୍ ୬୦ ହଜାର ହେକ୍ଟର ଜମିରେ ବାଲିଚର ମାଡ଼ିଯାଇଥିବାରୁ ଯେତେ ଶୀଘ୍ର ସମ୍ଭବ ଜମିଗୁଡ଼ିକରୁ ବାଲି ନିଷ୍କାସନ କରାଯାଇ ସେଗୁଡ଼ିକ ଚାଷୋପଯୋଗୀ କରାଯିବା ଉଚିତ୍ । ଏହାଛଡ଼ା, ଧାନକଟା ଶେଷ ହୋଇଯାଇଥିବାରୁ ଟେଷ୍ଟ ରିଲିଫ୍ କାର୍ଯ୍ୟକ୍ରମରୁ ଅଧିକତର ବ୍ୟାପକ କରାଯାଇ ବହୁ ଲୋକଙ୍କୁ କାମଧନ୍ଦା ଯୋଗାଇ ଦିଆଯିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଶାରୀରିକ ବିକଳାଙ୍ଗ, ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବୁଢ଼ାବୁଢ଼ୀ, ବିଭିନ୍ନ ଅନାଥାଶ୍ରମର ଅନ୍ତେବାସୀ ପ୍ରଭୃତି ପ୍ରାୟ ୨ ଲକ୍ଷ ଲୋକଙ୍କୁ କିଲୋଗ୍ରାମ୍ ପ୍ରତି ୨ ଟଙ୍କା ହିସାବରେ ଚାଉଳ ଯୋଗାଇ ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ଏବେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ପ୍ରାୟ ୩୫ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । କେୟାର ସଂସ୍ଥା ଅଧିକ ୫୮ ହଜାର ଲୋକଙ୍କୁ ଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି ।ଗଞ୍ଜାମ ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ଆସନ୍ତା ଖରିଫ୍ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଉ ଅଧିକ ୫ କୋଟି ଟଙ୍କା ମଞ୍ଜୁର କରିବା ସଙ୍ଗେ ସଙ୍ଗେ ବନ୍ୟା ଉପଦ୍ରୁତ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଧାରିବା ପାଇଁ ୩ କୋଟି ଟଙ୍କା ଦେବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ପଲାସପୁରଠାରୁ ଡେଙ୍ଗାବସ୍ତି ପର୍ଯ୍ୟନ୍ତ ୭୨ କିଲୋମିଟର ରାସ୍ତା ଓ ଖୋରଧା-ବଡ଼ଗଡ଼ ରାସ୍ତା ସମେତ ଭାଙ୍ଗିଯାଇଥିବା ରାସ୍ତାଗୁଡ଼ିକର ପୁନର୍ନିର୍ମାଣ ପାଇଁ ୩ କୋଟି ଟଙ୍କା ଅଧିକ ଯୋଗାଇ ଦେବା ପାଇଁ ମଧ୍ୟ ଶ୍ରୀ ପଟ୍ଟନାୟକ ସମ୍ମତି ପ୍ରଦାନ କରିଛନ୍ତି ।

ସମୀକ୍ଷାରୁ ଜଣାପଡ଼ିଛି ଯେ ଗଞ୍ଜାମ ଜିଲ୍ଲାର ରିଲିଫ୍ ଓ ପୁନର୍ଗଠନ କାର୍ଯ୍ୟ ପାଇଁ ବିଭିନ୍ନ ବିଭାଗକୁ ଏ ପର୍ଯ୍ୟନ୍ତ ଦିଆଯାଇଥିବା ୨୦ କୋଟି ୮୧ ଲକ୍ଷ ଟଙ୍କା ମଧ୍ୟରୁ ୨୦ କୋଟି ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି । ଆସନ୍ତା ଜୁନ୍ ମାସ ସୁଦ୍ଧା ଏହି କାର୍ଯ୍ୟଗୁଡ଼ିକୁ ସାରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଜଳସେଚନ, ବିଦ୍ୟୁତ୍‌କରଣ, ରାସ୍ତା ମରାମତି, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଗୃହ ମରାମତି, କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଗ୍ରାମାଞ୍ଚଳର ରାସ୍ତା ମରାମତି ପ୍ରଭୃତି କାର୍ଯ୍ୟ ପାଇଁ ଅଧିକ ୨୬ କୋଟି ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି ।

ଏହି ସମୀକ୍ଷା ବୈଠକରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର, ଅତିରିକ୍ତ ଉନ୍ନୟନ କମିଶନର ଶ୍ରୀ ସୁନ୍ଦରରାଜନ୍, ରିଲିଫ୍ କମିଶନର ଶ୍ରୀ ଦେ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପ୍ୟାରୀମୋହନ ମହାପାତ୍ର, ରାଜସ୍ୱ ସଚିବ ଶ୍ରୀ ଭାସ୍କର ପଟ୍ଟନାୟକ ଓ ବିଭିନ୍ନ ବିଭାଗର ପଦସ୍ଥ ଅଫିସରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସୁନାଗରିକ ହେବା ପାଇଁ ଛାତ୍ର ସମାଜ ନିଜକୁ ପ୍ରସ୍ତୁତ କରନ୍ତୁ

—ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ

ଛାତ୍ରମାନେ ନିଜକୁ ସୁନାଗରିକ ଭାବେ ଗଢ଼ି ତୋଳିବା ଲାଗି ହରିଜନ ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ ପରାମର୍ଶ ଦେଇଛନ୍ତି ।

ରାଜନଗର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଶ୍ରୀ ମାଝୀ ଛାତ୍ର ସମାଜକୁ ଆହ୍ୱାନ ଜଣାଇ କହିଲେ ଯେ ଭବିଷ୍ୟତରେ ଦେଶ ଗଠନ ଲାଗି ସେମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ । ଉଚ୍ଚ ଶିକ୍ଷାଲାଭ କରିବା ପାଇଁ ଦେଶର ଯୁବ ସମାଜ ଯେଉଁ ଅତ୍ୟାଧୁନିକ ସୁବିଧା ସୁଯୋଗ ଆବଶ୍ୟକ କରନ୍ତି, ସୀମିତ ସମ୍ବଳ ମଧ୍ୟରେ ତାହା ଯୋଗାଇବା ଆମ ଦେଶ ପକ୍ଷେ ଯଦିଓ ସମ୍ଭବ ନୁହେଁ, ତଥାପି ପୃଥିବୀର ଅନ୍ୟାନ୍ୟ ଉନ୍ନତ ରାଷ୍ଟ୍ରମାନଙ୍କର ଛାତ୍ରମାନଙ୍କ ସହିତ ପ୍ରତିଯୋଗିତାରେ ଭାରତୀୟ ଛାତ୍ରମାନେ ଯଥେଷ୍ଟ କୃତିତ୍ୱ ଲାଭ କରିବାର ଦୃଷ୍ଟାନ୍ତ ଥିବା ସେ ପ୍ରକାଶ କରିଥିଲେ । କେବଳ କେତେକ ପୁସ୍ତକର ବଛା ବଛା ଅଂଶ କିମ୍ବା ସମ୍ଭାବ୍ୟ ପ୍ରଶ୍ନାବଳୀର ନିର୍ଦ୍ଦିଷ୍ଟ ଉତ୍ତର ଦେବାକୁ କେତେକ ଛାତ୍ର ଯନ୍ତ୍ରଚାଳିତ ଚେଷ୍ଟା କରି ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ନିଜକୁ ଶିକ୍ଷିତ ବୋଲି ଦାବି କରି ଦେଶ ନିକଟରେ ଏକ ସମସ୍ୟା ରୂପେ ଠିଆ ହୋଇଥାନ୍ତି । ମାତ୍ର ଅନେକ ଅଧ୍ୟବସାୟୀ ମେଧାବୀ ତଥା ଧୀଶକ୍ତି ସମ୍ପନ୍ନ ଛାତ୍ର ଶିକ୍ଷାଲାଭ ପରେ ଦେଶକୁ ଦିଗ୍‌ଦର୍ଶନ ଦେବାରେ ଅଗ୍ରଣୀ ହେବା ଆମର ପୂର୍ବପୁରୁଷ ବାରିଷ୍ଟର ମଧୁବାବୁ, ପଣ୍ଡିତ ଗୋପବନ୍ଧୁ ଦାସ ପ୍ରମୁଖଙ୍କ ଜୀବନୀରୁ ଆମେ ଜାଣିବାକୁ ପାଉଥାଉ ।

ସମ୍ପ୍ରତି ଦେଶ ଆଗରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଯୁବ ସମାଜ ଯେପରି ଦାୟିତ୍ୱ ନେବା କଥା, ତାହା ଏହି ଉଚ୍ଚ ଶିକ୍ଷାଲାଭ କରୁଥିବା ଶିକ୍ଷିତ ଶ୍ରେଣୀ ନିକଟରେ ହିଁ ଆଶା କରାଯାଏ । ପରାଧୀନ ଭାରତର ଶାସକ ଏଇ ସ୍ୱାବଲମ୍ବନଶୀଳ ଶିକ୍ଷା ପ୍ରଣାଳୀ ପ୍ରଚଳନ କରିବାରେ କୌଣସି ଆଗ୍ରହ ପ୍ରକାଶ କରିନଥିଲେ ଓ ଯାହାର କୁପରିଣାମ ଆଜି ଆମକୁ ଭୋଗ କରିବାକୁ ହେଉଛି, ତା'ର ପୁନର୍ବିନ୍ୟାସ କରିବାକୁ ନୂତନ ସରକାର ସଙ୍କଳ୍ପବଦ୍ଧ ବୋଲି ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ ।

ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶିକ୍ଷା ଉପରେ ଦେଉଥିବା ପ୍ରାଧାନ୍ୟ ବିଷୟ ଉଲ୍ଲେଖ କରି ଛାତ୍ର ସମାଜ ତା'ର ସୁଯୋଗ ନେବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ ।

## ଝିଅ ଓ ମାଆମାନେ ହିଁ ସମାଜରୁ ଭ୍ରଷ୍ଟାଚାରକୁ ଦୂର କରିପାରିବେ

—ମନ୍ତ୍ରୀ ଶ୍ରୀ କର

ପୁରୁଣା ଭୁବନେଶ୍ୱରସ୍ଥିତ ସୁଭଦ୍ରା ମହତାବ ଉଚ୍ଚ ବାଳିକା ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କର କହିଲେ ଯେ ଜଣେ ବିଶିଷ୍ଟ ସମାଜସେବୀ ଓ ମହିୟସୀ ମହିଳା ସୁଭଦ୍ରା ଦେବୀଙ୍କ ନାମରେ ନାମିତ ଏହି ଅନୁଷ୍ଠାନର ଛାତ୍ରୀମାନେ ଏଭଳି ମହିୟସୀ ମହିଳାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ଉପଯୁକ୍ତ ଶିକ୍ଷାପ୍ରାପ୍ତ ନିମନ୍ତେ ସାଧନା କରିବା ଉଚିତ । ବିଭିନ୍ନ ଦିଗରେ ଶିକ୍ଷା ଅନୁଷ୍ଠାନର ପ୍ରଗତି ଉପଲବ୍ଧି କରି ଶ୍ରୀ କର ତାହାର ପ୍ରଶଂସା ସଙ୍ଗେ ସଙ୍ଗେ ଛାତ୍ରୀମାନଙ୍କ ମାନସିକ ପ୍ରସ୍ତୁତି ପାଇଁ ଅଧିକରୁ ଅଧିକ ପ୍ରେରଣା, ଉତ୍ସାହ ଓ ସାହସ ଦେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ କର ଏହି ଅବସରରେ ପ୍ରକାଶିତ ସ୍ମରଣିକାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ ।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ । ନାରୀ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ସେ ଏହି ଅନୁଷ୍ଠାନର କୃତିତ୍ୱ ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକର ଅନୁସରଣୀୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ନାରୀ ଜାତିକୁ ସମାଜ ଯେଉଁ ଭାବରେ ସମ୍ମାନ ଦେବା କଥା, ତାହା ପରିଲକ୍ଷିତ ହେଉନଥିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସେ କହିଥିଲେ । ନାରୀମାନଙ୍କ ପ୍ରତି ବର୍ତ୍ତମାନର ଚିନ୍ତାଧାରାକୁ ପରିବର୍ତ୍ତନ କରି ସେମାନଙ୍କ, ବିଶେଷ କରି ଗାଁ ଗହଳର ଅଶିକ୍ଷିତ ଝିଅମାନଙ୍କୁ ଶିକ୍ଷିତ କରାଗଲେ, ସମାଜର ଭବିଷ୍ୟତ ବଂଶଧରମାନଙ୍କୁ ସେମାନେ ଉପଯୁକ୍ତ ଭାବେ ଗଠନ କରିପାରିବେ ବୋଲି ସେ କହିଥିଲେ । ଏହି ଅବସରରେ ଶିକ୍ଷା ମନ୍ତ୍ରୀ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ ।

ଏହି ଅବସରରେ ବିଦ୍ୟାଳୟ ଦ୍ୱାରା ଆୟୋଜିତ "ଝିଅ ଜନମ ପର ଘରକୁ" ଉପରେ ଆଧାରିତ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ପ୍ରଫେସର ଶ୍ରୀ ଶତ୍ରୁଘ୍ନ ନାଥ କହିଲେ ଯେ ଆଜିର ଏହି ଯୁକ୍ତି "ଝିଅ ଜନମ କୁଳି ମୁଣ୍ଡକୁ" କେବେ ବିଶ୍ୱାସଯୋଗ୍ୟ ନୁହେଁ । ନାରୀ ପ୍ରତି ଏହି ଦୃଷ୍ଟିଭଙ୍ଗୀକୁ ବଦଳାଇ ତାକୁ ଯେଉଁ ଉଚ୍ଚ ସ୍ଥାନ "ମାଆ" ରୂପେ ସ୍ଥାପିତ କରାଯାଇଛି, ତା' ଉପରେ ଗୁରୁତ୍ୱ ଦେବା ଲାଗି ସେ ଆହ୍ୱାନ ଦେଇଥିଲେ । ଆଲୋଚନାରେ ଅଧ୍ୟାପିକା ଶ୍ରୀମତୀ କସ୍ତୁରୀବା ମହାନ୍ତି ମଧ୍ୟ ଅଂଶ ଗ୍ରହଣ କରି ସମାଜରେ ନାରୀର ଭୂମିକା ପୁରୁଷ ତୁଳନାରେ କୌଣସି ଗୁଣରେ କମ୍ ନୁହେଁ ବୋଲି ପ୍ରତିପାଦିତ କରିଥିଲେ ।

ପୂର୍ବରୁ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସଂଯୁକ୍ତା ଚୌଧୁରୀ ବିବରଣୀ ପ୍ରଦାନ କରି ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଅଗ୍ରଗତି ନିମନ୍ତେ ଶିକ୍ଷକ, ଶିକ୍ଷୟିତ୍ରୀ, ପୌର ସଂସ୍ଥା ଓ ଭୁବନେଶ୍ୱରବାସୀଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ ।

## ଚତୁର୍ଥ ସ୍ୱାଧୀନତା ସଂଗ୍ରାମୀ ଦିବସରେ ରାଜ୍ୟପାଳ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆଧୁନିକ ଓଡ଼ିଶାର ନିର୍ମାତା ଡ଼ଃ ହରେକୃଷ୍ଣ ମହତାବଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ୱାଧୀନତା ସଂଗ୍ରାମୀ ଦିବସ ଭାବେ ଶହୀଦ ସ୍ମାରକୀ ଭବନଠାରେ ପାଳିତ ହୋଇଛି । ଏହି ଉତ୍ସବକୁ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ଉଦ୍‌ଘାଟନ କରି ଡ଼ଃ ମହତାବଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଡ଼ଃ ମହତାବଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇ ରାଜ୍ୟପାଳ ସେ ଯୋଗ୍ୟତମ ସାଂସଦ, କୁଶଳୀ ପ୍ରଶାସକ ଓ ମାର୍ଗ ଦର୍ଶକ ଦୀପ ଜ୍ୟୋତି ଥିଲେ ବୋଲି ବର୍ଣ୍ଣନା କରିଛନ୍ତି । ଧର୍ମ ନାମରେ ସମ୍ପ୍ରତି ଉପୁଜିଥିବା ଅଶାନ୍ତି ଓ ସଂଘର୍ଷ ପରିପ୍ରେକ୍ଷୀରେ ରାଜ୍ୟପାଳ ଧର୍ମର ସଂଜ୍ଞା ନିରୂପଣ କରିବାକୁ ଯାଇ ତାହା ଜୀବନର ଶ୍ରେଷ୍ଠତମ ଅବଧାରଣା ବୋଲି କହିଥିଲେ । ମଣିଷ ଯେଉଁ ଭାବ ପ୍ରତି ସମର୍ପିତ ହୋଇଯାଏ ତାହା ହିଁ ତା'ର ଧର୍ମ । ରାଜ୍ୟପାଳ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ କହିଲେ ଯେ ସେମାନଙ୍କ ଜୀବନର ଶ୍ରେଷ୍ଠ ସମୟ ସେମାନେ ସଂଘର୍ଷ କରି କାରାବରଣ ପୂର୍ବକ ଦେଶର ସ୍ୱାଧୀନତା ଆଣି ଦେଇଛନ୍ତି । ସ୍ୱାଧୀନତା ପ୍ରାପ୍ତି ସହ ଏ ମହାଯଜ୍ଞର ପୂର୍ଣ୍ଣାହୁତି ପଡ଼ିଗଲା ବୋଲି ଭାବିବା ଠିକ୍ ନୁହେଁ । ଜୀବନ ତ୍ରିକୋଣର ଅଡ଼ିଲେଖା ହେଲା ଧର୍ମ । ପୁଣି କର୍ତ୍ତବ୍ୟ ଓ ଅଧିକାର ଭିତରେ ନିରନ୍ତର ସଂଘର୍ଷ ଲାଗି ରହିଛି । ବଞ୍ଚି ରହିଥିବା ସ୍ୱାଧୀନତା ସଂଗ୍ରାମୀମାନେ ଦେଶକୁ ଏହି ସଙ୍କଟମୟ ସମୟରେ ଉଚିତ ଦିଗ୍‌ଦର୍ଶନ ଦେଇ ରକ୍ଷା କରନ୍ତୁ ବୋଲି ରାଜ୍ୟପାଳ ଶ୍ରୀ ଶର୍ମା ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତି ମାନ୍ୟବର ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ରଙ୍କ ସମେତ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ଓ ଶ୍ରୀ ସୁରେନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ମ୍ୟାନେଜିଂ ଟ୍ରଷ୍ଟି ତଥା ପ୍ରଜାତନ୍ତ୍ର ସମ୍ପାଦକ ଶ୍ରୀ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସମାରୋହରେ ପୌରହିତ୍ୟ କରିଥିଲେ ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଶାନ୍ତନୁ କୁମାର ଦାସ ।

## ଦୃଷ୍ଟିହୀନଙ୍କ ସେବା ନିମନ୍ତେ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଆହ୍ୱାନ

—ପରିବହନ ମନ୍ତ୍ରୀ ଶ୍ରୀ ବେହେରା

ଗତ ଡିସେମ୍ବର ୨୯ ତାରିଖରେ ନୟାଗଡ଼ଠାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା କହିଲେ ଯେ ସମାଜର ନିଃସ୍ୱ ତଥା ଅସହାୟ ଲୋକମାନଙ୍କ ସେବା ଶୁଶ୍ରୁଷା କ୍ଷେତ୍ରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଯଥେଷ୍ଟ ଅବଦାନ ରହିଛି । ବିଶେଷ କରି ଗ୍ରାମାଞ୍ଚଳରେ ଚିକିତ୍ସା ସୁବିଧାରୁ ବଞ୍ଚିତ ବହୁ ଦୃଷ୍ଟିହୀନ ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଜୀବନ ଯାପନ କରୁଛନ୍ତି । ତେଣୁ ବିଭିନ୍ନ ଅଞ୍ଚଳରେ ମାଗଣା ଚକ୍ଷୁ ଚିକିତ୍ସା ଶିବିରମାନ ଆୟୋଜନ କରି ଏଭଳି ଦୃଷ୍ଟିହୀନ ଲୋକଙ୍କୁ ଦୃଷ୍ଟିଶକ୍ତି ପୁନଃ ପ୍ରଦାନ ଦିଗରେ ଉଦ୍ୟମ କରିବା ପାଇଁ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଶ୍ରୀ ବେହେରା ଆହ୍ୱାନ କରିଛନ୍ତି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନୟାଗଡ଼ସ୍ଥିତ ନିଃସ୍ୱାର୍ଥ ସଂସ୍ଥା ଏବଂ ମୈତ୍ରୀ ଯୁବ ସଂସଦର ମିଳିତ ଉଦ୍ୟମରେ ଡିସେମ୍ବର ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୮୧ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯିବା ସଙ୍ଗେ ସଙ୍ଗେ ୧୦ ଜଣ ଚକ୍ଷୁ ରୋଗୀଙ୍କଠାରେ ଛୋଟ ଧରଣର ଅସ୍ତ୍ରୋପଚାର ହୋଇଥିଲା । ଏହାଛଡ଼ା ୩୫୧ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ବିଭିନ୍ନ ଆଘାତଜନିତ ୫୧ ଜଣ ଚକ୍ଷୁ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା ଏବଂ ଚକ୍ଷୁର ଉପଯୁକ୍ତ ଯତ୍ନ ନେବା ପାଇଁ ୧,୦୭୭ ଜଣଙ୍କୁ ପରାମର୍ଶ ମଧ୍ୟ ଦିଆଯାଇଥିଲା । ବ୍ରହ୍ମପୁର ମେଡ଼ିକାଲ କଲେଜ ଚକ୍ଷୁ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ବିଷ୍ଣୁ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଅନ୍ୟାନ୍ୟ ଡାକ୍ତରମାନେ ଏହି ଶିବିରରେ ଚିକିତ୍ସା କରିଥିଲେ ।

## ବିଂଶସୂତ୍ରୀ ଅନ୍ତର୍ଭୁକ୍ତ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ସଫଳତା

ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ୧୯୯୦-୯୧ ଆର୍ଥିକ ବର୍ଷରେ ମୋଟ୍ ୧ ଲକ୍ଷ ୫୫ ହଜାର ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କୁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଉପକୃତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା ବେଳେ ଗତ ନଭେମ୍ବର ଶେଷ ସୁଦ୍ଧା ଏଥିରେ ମୋଟ୍ ୫୯,୩୬୬ ଲୋକ ଉପକୃତ ହୋଇଛନ୍ତି । ଅଦ୍ୟାବଧି ଚଳିତ ବର୍ଷ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟର ଯଥାକ୍ରମେ ଶତକଡ଼ା ୩୨.୭୪ ଭାଗ ଓ ୪୫.୦୬ ଭାଗ ଲୋକ ଏଥିରେ ଉପକୃତ ହୋଇଛନ୍ତି । ସମୁଦାୟ ଉପକୃତ ହୋଇଥିବା ପରିବାରଙ୍କ ମଧ୍ୟରେ ତଫସିଲଭୁକ୍ତ ଜାତିର ୨୭,୮୯୬ ଓ ଉପଜାତିର ୩୧,୫୫୦ ପରିବାର ଅନ୍ତର୍ଭୁକ୍ତ । କେବଳ ଗତ ନଭେମ୍ବର ମାସରେ ଏଥିରେ ଉପକୃତ ହୋଇଥିବା ଲୋକଙ୍କ ସଂଖ୍ୟା ଯଥାକ୍ରମେ ୪,୨୭୦ ଓ ୭,୩୩୯ ବୋଲି ଉକ୍ତ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ପ୍ରକାଶ ।

ଉକ୍ତ ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଆଠମାସ ମଧ୍ୟରେ, ଅର୍ଥାତ୍ ଗତ ନଭେମ୍ବର ସୁଦ୍ଧା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମରେ ୧୨,୦୭୫ ତଫସିଲଭୁକ୍ତ ଜାତି ଓ ୧୭,୨୮୫ ଉପଜାତିର ପରିବାରଙ୍କୁ ସହାୟତା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ୧୫,୮୧୦ ଓ ୧୪,୨୫୫ ତଫସିଲଭୁକ୍ତ ଜାତି ଓ ଉପଜାତିର ପରିବାର ଉପକୃତ ହୋଇଛନ୍ତି ।

## ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବ

ଗ୍ରାମବାସୀଙ୍କ ହିତ ଦୃଷ୍ଟିରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ, ବିଶେଷ କରି ଜଳସେଚନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସହରାଇ ଓରାମ୍ ପରାମର୍ଶ ଦେଇଛନ୍ତି ।

ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଓରାମ୍ ଗତ ଡିସେମ୍ବର ମାସ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ସମ୍ବଲପୁର ଜିଲ୍ଲାର ବରଗଡ଼, ପଦ୍ମପୁର ଆଦି ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଅନେକ ସ୍ଥାନରେ ପ୍ରୟୋଜନୀୟ ଯନ୍ତ୍ରପାତିର ଅଭାବ ଯୋଗୁଁ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ ବୋଲି ସମ୍ପୃକ୍ତ କର୍ମକର୍ତ୍ତାମାନେ ଦର୍ଶାଇଥିଲେ । ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇ ଆବଶ୍ୟକୀୟ ଯନ୍ତ୍ରପାତିର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଓରାମ୍ ପ୍ରତିଶ୍ରୁତି ଦେଇଥିଲେ । ବରଗଡ଼ଠାରୁ ପଦ୍ମପୁର ଯିବା ରାସ୍ତାରେ ସେ ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରି ଜଳସେଚନର ସୁବ୍ୟବସ୍ଥା କରିବା ପାଇଁ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗସ୍ତ ଅବସରରେ ସୋହେଲା ବ୍ଲକର ଗଇଁଶା ଗ୍ରାମରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ଓରାମ୍ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଠନ ଦିଗରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ ।

## ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ଲାଗୁ ହେଲା

ତା ୧-୧-୧୯୯୧ତାରିଖଠାରୁ ରାଜ୍ୟ ସରକାର ୭୯ଟି ଅନୁସୂଚିତ ନିଯୋଜନରେ କାର୍ଯ୍ୟ କରୁଥିବା ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକମାନଙ୍କୁ ଦୈନିକ ଯଥାକ୍ରମେ ୩୦ ଟଙ୍କା, ୩୫ ଟଙ୍କା ଓ ୪୦ ଟଙ୍କା ହାରରେ ସର୍ବନିମ୍ନ ମଜୁରି ପ୍ରଦାନ କରିବା ସକାଶେ ଅଧିସୂଚନା ଜାରୀ କରିଛନ୍ତି । ଏହାକୁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରିବା ନିମିତ୍ତ ସରକାର ଆଶା କରୁଛନ୍ତି । ପ୍ରକାଶ ଥାଉକି, ଅଣ କୁଶଳୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ତା ୧-୭-୧୯୯୦ ରିଖଠାରୁ ୨୫ ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

# "ଏକ ପୃଥିବୀ" ଗଠନର ଅଙ୍ଗୀକାର

■ ଅଧ୍ୟାପକ ଡଃ ଚିନ୍ତାମଣି ମିଶ୍ର

"ଈଶ୍ୱର କ'ଣ ? ଏ ପ୍ରଶ୍ନ ଅନେକ ବହୁତେ ଆଦିକାଳୁ ଅନେକଙ୍କ ମନରେ ଉଠୁଛି । କିନ୍ତୁ ଏ ପ୍ରଶ୍ନର ଜଟିଳତା ଏତେ ବେଶୀ ଯେ ଏହାର କୌଣସି ସଠିକ ଉତ୍ତର ଦେବା କାହା ପକ୍ଷରେ ସମ୍ଭବ ନୁହେଁ । ଯେଉଁ କେତେକ ଲୋକ ଈଶ୍ୱରଙ୍କ ସତ୍ତା ସମ୍ବନ୍ଧରେ ବିଶ୍ୱାସ କରନ୍ତି, ସେମାନଙ୍କ ଭିତରେ ମଧ୍ୟ ତାଙ୍କର ସଂଜ୍ଞା ସମ୍ବନ୍ଧରେ ମନୋମାଳିନ୍ୟ ସୃଷ୍ଟି ହୁଏ । ତେଣୁ "ଭଗବାନ କ'ଣ ?" ଏ ପ୍ରଶ୍ନର ଉତ୍ତର ଦେବାର ଦାୟିତ୍ୱ ଭଗବାନଙ୍କ ଉପରେ ଛାଡ଼ି କେବଳ ବ୍ୟବହାରିକ ଦୃଷ୍ଟିକୋଣରୁ କିଛି ଆଲୋଚନା କରିବା ଦରକାର ।

ଅତି ପ୍ରାଚୀନ କାଳରୁ ମଣିଷ ନିଜ ସମ୍ବନ୍ଧରେ ଓ ପ୍ରକୃତିର ନିୟମ ଅନୁସନ୍ଧାନ ସମ୍ପର୍କରେ ଆଗ୍ରହ ପ୍ରକାଶ କରିଛି । ଏଥିପାଇଁ ସେ ଦୁଇଟି ପନ୍ଥା ଅନୁସରଣ କରି ଆସିଛି । ସେଥି ମଧ୍ୟରୁ ଗୋଟିଏ ଧର୍ମ ଏବଂ ଅନ୍ୟଟି ବିଜ୍ଞାନ । କେତେଜଣ ଧାର୍ମିକଙ୍କ ମତରେ ପ୍ରକୃତିର ସତ୍ୟ ହିଁ ଭଗବାନ । ମଧ୍ୟ ଯୁଗରେ ଭଗବାନ ମଣିଷର ମନ ଓ କର୍ମରେ ଶୀର୍ଷ ସ୍ଥାନ ଅଧିକାର କରି ଆସିଛନ୍ତି । ସେମାନେ ଭାବନ୍ତି ଯେ ସମାଜର ସମସ୍ତ କର୍ମ ଭଗବାନଙ୍କ ଦ୍ୱାରା ପରିଚାଳିତ ଏବଂ ସେମାନେ ନିଜେ ଭଗବାନଙ୍କ ସୃଷ୍ଟି । କିନ୍ତୁ ତା'ପର ଯୁଗର ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ଲୋକମାନଙ୍କର ଧର୍ମୀୟ ଧାରଣାକୁ ପରିବର୍ତ୍ତିତ କରିଛି । ସେମାନେ ଭାବିଲେ ଯେ ବୋଧହୁଏ ଭଗବାନ ମଣିଷ ସୃଷ୍ଟି କରିନାହାନ୍ତି, ମଣିଷ ଭଗବାନ ସୃଷ୍ଟି କରିଛି । ଏଭଳି ଧାରଣାକୁ ଦୃଢ଼ୀଭୂତ କଲେ ପୃଥିବୀ ବିଖ୍ୟାତ ମନସ୍ତାତ୍ତ୍ୱିକ ସିଗ୍‌ମଣ୍ଡ ଫ୍ରଏଡ୍ । ସେ ଚିରାଚରିତ ଧର୍ମ ବିଶ୍ୱାସର ବିରୁଦ୍ଧାଚରଣ କରି କହିଲେ ଯେ ମଣିଷର ଅପରାଧୀ ମନରୁ ହିଁ ଧର୍ମର ସୃଷ୍ଟି । (Religion is the product of quilty impulses originated in man's mind) ସେ କହିଲେ, ମାନସିକ ବିଶ୍ଳେଷଣ ଭଗବାନ ଓ ପିତାଙ୍କ ମଧ୍ୟରେ ଥିବା ସମ୍ପର୍କ ପରିଷ୍କାର କରିଦେଇଛି । ତାଙ୍କ ମତରେ ଭଗବାନ କେହି ନୁହେଁ, କେବଳ ମନ ମଧ୍ୟରେ କଳ୍ପିତ ଏକ ଜଣେ ବଡ଼ ଧରଣର ଜନକ ତୁଲ୍ୟ । (God is psychologically nothing but a magnified father.) ସେହି ଦୃଷ୍ଟିରୁ ପିତାଙ୍କ ଶାସନାଧୀନରୁ ବାହାରକୁ ଖସି ପାରୁଥିବା ଯୁବକମାନେ ଧର୍ମ ବିଶ୍ୱାସ ହରାଇଥାନ୍ତି । ଶିଶୁ ଯେପରି ତା'ର ସମସ୍ତ ନିରାପତ୍ତା ପାଇଁ ପିତାଙ୍କ ଉପରେ ନିର୍ଭର କରେ ସେହିପରି ସାଧାରଣ ମଣିଷ ଭଗବାନଙ୍କ ଉପରେ ଭରସା କରି ରହେ । କିନ୍ତୁ ଅନ୍ୟ ଏକ ମନସ୍ତାତ୍ତ୍ୱିକ ୟୁଙ୍ଗ୍ କହିଲେ ଯେ ଧର୍ମ ନାମରେ ଆମେ ନିଜକୁ ଏକ ଉଚ୍ଚ ଶକ୍ତି ପାଖରେ ଅର୍ପଣ କରୁ । ସେ ଶକ୍ତି ଭଗବାନ ହୋଇପାରନ୍ତି ବା ମଣିଷର ଅବଚେତନ ମନ **(unconscious mind)** ହୋଇପାରେ । ଆଉ ଜଣେ ମନସ୍ତାତ୍ତ୍ୱିକ ଆଡଲର୍ କହିଲେ ଯେ ମଣିଷର ଭଗବାନ ବିଶ୍ୱାସ ତା'ର ତିନୋଟି ଆତ୍ମ ହେୟ ଜ୍ଞାନରୁ ସୃଷ୍ଟି ହୋଇଛି । ପ୍ରଥମରେ ସେ ପଶୁପକ୍ଷୀ, ବୃକ୍ଷଲତାର ବର୍ଦ୍ଧନ ଓ ଶାରୀରିକ ଗଠନ ତୁଳନାରେ ନିଜକୁ ଛୋଟ ମନେ କରେ । ଦ୍ୱିତୀୟରେ, ସେ ସମାଜରେ ସ୍ୱାଧୀନ ଭାବରେ ଚଳିପାରେ ନାହିଁ । ସେଥିପାଇଁ ଅନ୍ୟ ଉପରେ ନିର୍ଭର କରେ । ତୃତୀୟରେ, ସେ ସମଗ୍ର ବିଶ୍ୱ ତୁଳନାରେ ନିଜକୁ କ୍ଷୁଦ୍ରାଦପି କ୍ଷୁଦ୍ର ମନେ କରେ । ଏ ସମସ୍ତ ଆତ୍ମ ହେୟ ଜ୍ଞାନ ହେତୁ ସେ ଏକ ବାଲ୍ୟ ବନ୍ଧୁ ସନ୍ଧାନ କରି ଆସିଛନ୍ତି ।

ଆଧୁନିକ ଯୁଗରେ କେତେକ ଲୋକ ଭଗବାନଙ୍କୁ ଜଣେ ସୃଷ୍ଟିକର୍ତ୍ତା ହିସାବରେ ତାଙ୍କର ପରିଚୟ ଦିଅନ୍ତି । ସେ ଦୃଷ୍ଟିରୁ କେବଳ ମଣିଷ କାହିଁକି ସମଗ୍ର ଜୀବଜଗତ ଅର୍ଥାତ୍ ପଶୁ, ପକ୍ଷୀ, ବୃକ୍ଷଲତା ଏବଂ ଜଳ, ସ୍ଥଳ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ତାରା ଆଦି ସଚରାଚର ପୃଥିବୀର ସେ ହେଉଛନ୍ତି ସ୍ରଷ୍ଟା । ଏ ପ୍ରସଙ୍ଗରେ ଭକ୍ତକବି ମଧୁସୂଦନଙ୍କ ଜଣାଣ ସ୍ମରଣୀୟ :

"ତୋହରି ଗିଆଣ ଅଟେ ସର୍ବଜଗତ" ।

ଅନ୍ୟ ଏକ ପଦରେ ସେ ଲେଖିଛନ୍ତି :

"ସୂର୍ଯ୍ୟ ଚନ୍ଦ୍ର ତାରା ତୁମରି ଆଜ୍ଞାରେ ବରଷନ୍ତି ଜ୍ୟୋତିରାଶି,

ତୁମରି କୁସୁମ ପ୍ରତି ପ୍ରଭାତରେ ହସଇ ଆନନ୍ଦେ ଭାଷି ।"

ଏ କଥା ଭାବିଲା ବେଳେ ଯେ କେହି ଧର୍ମପ୍ରାଣ ବ୍ୟକ୍ତି ଭାବ ବିହ୍ୱଳ ହୋଇଯିବ । କିନ୍ତୁ ବୈଜ୍ଞାନିକ ଆଭିମୁଖ୍ୟ ଥିବା ବ୍ୟକ୍ତି ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିବ । ଏ ସମ୍ପର୍କରେ ଦାର୍ଶନିକ ଡେକାର୍ଟେଙ୍କର ବିଚାରଧାରା ପ୍ରଣିଧାନଯୋଗ୍ୟ । ସେ ପ୍ରଥମେ କହିଲେ ଯେ ମଣିଷ ତା'ର ନିଜର ବ୍ୟବହାର ପାଇଁ ସବୁ କିଛି ସୃଷ୍ଟି କରିପାରୁଛି । ତେଣୁ ସ୍ରଷ୍ଟିକର୍ତ୍ତା ହିସାବରେ ଭଗବାନଙ୍କ ନାମ ଆସି ନପାରେ । ମାତ୍ର ସେ ପରେ ବୁଝିଲେ ଯେ ମଣିଷକୁ ସୃଷ୍ଟି କରିବା ପାଇଁ କୌଣସି ଏକ ଅନ୍ତର୍ନିହିତ ବୃହତ୍ ଶକ୍ତି ଅଛି ଯାହାକୁ କି "ଭଗବାନ" ବୋଲି କୁହାଯାଇପାରେ । ସେହିପରି ଡାରଉଇନ୍‌ଙ୍କ ବିବର୍ତ୍ତନବାଦ କଥା ବିଚାର କଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ, ମଣିଷ ଯଦି ମାଙ୍କଡ଼ ଜାତୀୟ ଜୀବରୁ ସୃଷ୍ଟି ହେଲା ଏବଂ ଏ ସମସ୍ତ ପ୍ରାଣୀ ଜଗତ ଯଦି "ଏମିବା" ନାମକ ଏକ ପ୍ରକାର ମେରୁଦଣ୍ଡ ବିହୀନ ପ୍ରାଣୀ ଦେହରୁ ସୃଷ୍ଟି ହେଲା ତେବେ "ଏମିବା" ଜାତୀୟ ପ୍ରାଣୀ ଆସିଲା କେଉଁଠୁ ?

ଦୁଇଟି ଜିନିଷ ବା ଶକ୍ତିର ମିଶ୍ରଣ ନହେଲେ ତୃତୀୟର ସୃଷ୍ଟି ହୋଇ ପାରିବ ନାହିଁ । ଏହା ଏକ ସର୍ବବାଦୀ ସମ୍ମତ ସତ୍ୟ । କୌଣସି ଦୁଇଟି ଜିନିଷର ମିଶାଇବା କାର୍ଯ୍ୟ ସଦାସର୍ବଦା ଯେ ଭଗବାନଙ୍କ ଦ୍ୱାରା ସାଧିତ ହେଉଛି ଏହା କହିହେବ ନାହିଁ ।

ଉଦାହରଣ ସ୍ୱରୂପ, ଫଳର ସୃଷ୍ଟି କଥା ଦେଖାଯାଉ। ପୁଂ–ପୁଷ୍ପ ଓ ସ୍ତ୍ରୀ–ପୁଷ୍ପ ମଧ୍ୟରେ ପରାଗ ସଙ୍ଗମ ହେଲେ ଫଳର ସୃଷ୍ଟି ହେଉଛି। ପରାଗ ସଙ୍ଗମ କାର୍ଯ୍ୟ କେଉଁଠାରେ ପ୍ରଜାପତି କରୁଛି, କେଉଁଠାରେ ଭ୍ରମର କରୁଛି, କେଉଁଠାରେ ଅବା ଜଳ, ବାୟୁ ଓ ମଣିଷ ଦ୍ୱାରା ସାଧିତ ହେଉଛି। ଗଛକୁ କଲମି କରି ତା'ଦେହରୁ ନୂତନ ଗଛ ସୃଷ୍ଟି କରିବା ଆଜିକାଲି ଲୋକଙ୍କର ଏକ ଧାରା ବାହିକ ପ୍ରବୃତ୍ତି। ବୈଜ୍ଞାନିକ ପ୍ରଣାଳୀରେ ଏକ ପ୍ରକାର ପୁଂ–ପୁଷ୍ପ ସହିତ ଅନ୍ୟ ପ୍ରକାର ସ୍ତ୍ରୀ–ପୁଷ୍ପର ପରାଗ ସଙ୍ଗମ କରାଇ ନୂତନ ଫଳ ସୃଷ୍ଟି କରାଯାଇ ପାରୁଛି। ଆଜିକାଲି ଧାନ ଗବେଷଣା କେନ୍ଦ୍ରମାନଙ୍କରେ ବିଭିନ୍ନ ପ୍ରକାର ଧାନ ସୃଷ୍ଟି କରାଯାଉଛି। ଏସବୁ ଅଳ୍ପ ସମୟ ମଧ୍ୟରେ ଅଧିକ ଉତ୍ପାଦନକ୍ଷମ ହୋଇ ପାରୁଛି ଓ ସାର୍ଥକ ପରୀକ୍ଷା ମାଧ୍ୟମରେ ଗାଁ ଗହଳର କୃଷୀ ମୂଲିଆ ମଧ୍ୟ ବୈଜ୍ଞାନିକ ସଫଳତା ଉପରେ ଆଶାବାଦୀ ହୋଇ ପାରୁଛନ୍ତି।

ଉଦ୍ଭିଦ ଜଗତକୁ ଛାଡ଼ି ପ୍ରାଣୀ ଜଗତରେ ମଧ୍ୟ କୃତ୍ରିମ ଉପାୟରେ ନୂତନ ପ୍ରାଣୀର ସୃଷ୍ଟି ହୋଇ ପାରୁଛି। ଗାଈ, ବିରାଡ଼ି, କୁକୁର ପ୍ରଭୃତିଙ୍କର ହୃଷ୍ଟପୁଷ୍ଟ ବଂଶଧର ପାଇବା ପାଇଁ କୃତ୍ରିମ ପ୍ରଜନନର ବ୍ୟବସ୍ଥା ଆଜିକାଲି କରାଯାଉଛି। କୃତ୍ରିମ ମଣିଷ ସୃଷ୍ଟି କରିବାରେ ବିଜ୍ଞାନ ସମର୍ଥ ହେବାକୁ ଯାଉଛି। ନୋବେଲ ପୁରସ୍କାର ପ୍ରାପ୍ତ ଭାରତୀୟ ବୈଜ୍ଞାନିକ ଡକ୍ଟର ହରଗୋବିନ୍ଦ ଖୋରାନାଙ୍କର ଏ ଦିଗରେ ନୂତନ ପଦକ୍ଷେପ ପରବର୍ତ୍ତୀ ଗବେଷକଙ୍କୁ ଯଥେଷ୍ଟ ଇନ୍ଧନ ଯୋଗାଉଛି। ତାଙ୍କ ଦ୍ୱାରା ଆବିଷ୍କୃତ ନୂତନ ତଥ୍ୟ ବଳରେ ମଣିଷ ଦେହ ଭିତରେ ଥିବା ରାସାୟନିକ ବସ୍ତୁ "ହରମୋନ"କୁ ବଦଳାଇ ହେବ ଯାହା ଫଳରେ କୌଣସି ବ୍ୟକ୍ତିର ପୁତ୍ରକନ୍ୟାମାନଙ୍କର ଶାରୀରିକ ଗଠନର ପରିବର୍ତ୍ତନ ଅଣାଯାଇ ପାରିବ। ଏ କଥା ଯଦି ସମ୍ଭବ ହେବାକୁ ଯାଉଛି ତାହା ହେଲେ ଦିନ ଆସିବ ଯେତେବେଳେ ଜନ୍ମ ହେବାକୁ ଥିବା ଶିଶୁର ଲିଙ୍ଗ ବଦଳାଇ ଦିଆଯାଇ ପାରିବ ଏବଂ ଇଚ୍ଛା ମୁତାବକ ପୁତ୍ର ବା କନ୍ୟା ପାଇ ହେବ।

ଶାରୀରିକ କ୍ଷେତ୍ରରେ ଯେପରି ପରିବର୍ତ୍ତନ ବା ନୂତନତା ସୃଷ୍ଟି ଅବଶ୍ୟମ୍ଭାବୀ ସେହିପରି ମାନସିକ କ୍ଷେତ୍ରରେ ମଧ୍ୟ ନୂତନତା ସୃଷ୍ଟି ପାଇଁ ମଣିଷ ପ୍ରୟତ୍ନ କରି ଆସୁଛି। ବର୍ତ୍ତମାନ ସୁଦ୍ଧା ପରୀକ୍ଷା କରି ଦେଖାଗଲାଣି ଯେ ବୁଦ୍ଧି ଅଧିକ ହେବା ପାଇଁ ପୁଷ୍ଟିକର ଖାଦ୍ୟ ନିତାନ୍ତ ପ୍ରୟୋଜନ। ପୁଷ୍ଟିକର ଖାଦ୍ୟ ମଧ୍ୟରେ ଯଦି ବୁଦ୍ଧିମାନ ଜୀବର ଉର୍ବର ମସ୍ତିଷ୍କକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ ତା'ହେଲେ ଅଧିକ ବୁଦ୍ଧି ହେବ। ଏ ପ୍ରକାର ପରୀକ୍ଷା ମଧ୍ୟ ଜାତୀୟ ଏକପ୍ରକାର ପ୍ରାଣୀ ଉପରେ କରାଯାଇ ତହିଁରେ ସଫଳତା ହାସଲ କରାଯାଉଛି। ସେହିପରି ହୃଦୟରୋପଣ, ଚକ୍ଷୁରୋପଣରେ ସଫଳତା ହାସଲ କରିବା ପରେ ବୈଜ୍ଞାନିକମାନେ ଭାବନା ଶକ୍ତିର ରୋପଣ (Transplantation of thinking) କ୍ଷେତ୍ରରେ ସଫଳତା ହାସଲ କରିବେ ବୋଲି ବିଶ୍ୱାସ କରୁଛନ୍ତି। ଏସବୁ ଦୃଷ୍ଟିକୋଣରୁ ସବୁ ସମୟରେ ଓ ସବୁ କ୍ଷେତ୍ରରେ ସୃଷ୍ଟି କରିବାର ଦାୟିତ୍ୱ ଏକ ଅଜ୍ଞାତ ବ୍ୟକ୍ତିଙ୍କୁ ନଦେଇ ବରଂ ସୃଷ୍ଟିର କାରଣ ସମ୍ପର୍କରେ ଅନୁଧ୍ୟାନ କରାଯିବା ଦରକାର।


ଈଶ୍ୱରଙ୍କ ଦୁହାଇ ଦେଇ ସମାଜ ଯେପରି ଭାବରେ ଭାଗ ଭାଗ ହେବାକୁ ଯାଉଛି ତାହା କେତେକ ସମାଜ ବିଜ୍ଞାନବିତ୍‌ଙ୍କର ଦୃଷ୍ଟି ଆକର୍ଷଣ କରିଛି। ଉଦାହରଣ ସ୍ୱରୂପ ଭାରତ ବର୍ଷ କଥା ବିଚାର କରାଯାଉ। ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ତେଣୁ ଭାରତରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶିଖ, ବୌଦ୍ଧ, ଜୈନ ଆଦି ବିଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତି ଚଳି ଆସୁଛନ୍ତି। ମୁଖ୍ୟତଃ ଦେଖିବାକୁ ଗଲେ ସମାଜ ଏହିଭଳି କେତେକ ଭାଗରେ ବିଭକ୍ତ ହୋଇଛି। ଯଦି ସମାଜର ସବୁ ପ୍ରକାର ଲୋକ ଏଭଳି ବିଭାଜୀକରଣରେ ସନ୍ତୁଷ୍ଟ ହୋଇ ଥାଆନ୍ତେ, ତାହେଲେ ସମସ୍ୟାର ଏକ ପ୍ରକାର ସମାଧାନ ହୋଇ ଯାଆନ୍ତା। କିନ୍ତୁ ସମାଜରେ ସବୁ ଯୁଗରେ ଅସନ୍ତୁଷ୍ଟ ଗୋଷ୍ଠୀ ରହିଛନ୍ତି। ସେମାନେ ଗୋଟିଏ ଧର୍ମ ଭିତରେ ବିଭିନ୍ନ ଶାଖା ଖୋଲି ଦେଇ ପାରନ୍ତି। ତେଣୁ ପ୍ରତ୍ୟେକ ଧର୍ମରେ ବର୍ତ୍ତମାନ ଶାଖା ପ୍ରଶାଖା ଦେଖା ଯାଉଛି। ପ୍ରତ୍ୟେକ ଧର୍ମରେ କେତେକ ମହାପୁରୁଷ ଲୋକମାନଙ୍କ ଭିତରେ ଈଶ୍ୱରଙ୍କ ବାଣୀ ପ୍ରଚାର କରନ୍ତି। ଲୋକମାନେ ସେମାନଙ୍କୁ ସ୍ୱୟଂ ଭଗବାନ ବା ତାଙ୍କର ଅବତାର ବୋଲି ବିଚାରି ସେମାନଙ୍କ ବାଣୀକୁ ଭଗବତ୍ ବାଣୀ ବୋଲି ବିଶ୍ୱାସ କରନ୍ତି ଏବଂ ସେମାନଙ୍କୁ ପୂଜା ଅର୍ଚ୍ଚନା କରନ୍ତି। ଏସବୁ ଦୃଷ୍ଟି କୋଣରୁ ଭଗବାନ ମଣିଷ ସୃଷ୍ଟି କରନ୍ତି ନା ମଣିଷ ଭଗବାନ ସୃଷ୍ଟି କରନ୍ତି ତାହା ଅନେକ ସମୟରେ ଆଲୋଚନାର ବିଷୟ ହୋଇ ରହିଛି।

ମଣିଷ ମନରେ କିପରି ଈଶ୍ୱର ବିଶ୍ୱାସ ସୃଷ୍ଟି ହୁଏ ତାହା ଆଲୋଚନା କରିବା ଦରକାର। ମନୋବୈଜ୍ଞାନିକଙ୍କ ମତରେ ଶିଶୁର ଶାରୀରିକ ଓ ମାନସିକ ବିକାଶ ପାଇଁ ତା'ର ଜନ୍ମଗତ ପ୍ରଭାବ ଯେତିକି ପରିମାଣରେ ଦାୟୀ ପରିବେଷ୍ଟନୀଗତ ପ୍ରଭାବ ମଧ୍ୟ ସେତିକି ପରିମାଣରେ ଦାୟୀ। ମନୋବୈଜ୍ଞାନିକ ୱାଟସନ୍‌ଙ୍କ ମତରେ ଶିଶୁର ଜନ୍ମଗତ ଗୁଣ ଯାହା ଥାଉନା କାହିଁକି, କେବଳ ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ କରି ତାକୁ ଜଣେ ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ଗବେଷକ ଏପରିକି ଜଣେ ଡକାୟତ ବା କୁଖ୍ୟାତ ଚୋର କରିହେବ। ଗୋଟିଏ ଶିଶୁକୁ ତା'ର ବାପା ମାଆ, ଶିକ୍ଷକ ତଥା ବନ୍ଧୁ ପରିଜନ ଯେପରି ଗଢ଼ିବାକୁ ଚାହିଁବେ ବା ଯାହା କରିବାକୁ ଚାହିଁବେ ସେ ତାହା ହୋଇ ପାରିବ। ପିଲାଦିନରୁ ଯଦି ତାକୁ ଭୂତ, ପ୍ରେତ, ଡାହାଣୀ, ଅନ୍ଧାର ବୁଢ଼ୀ, କଳମୀଣା ଆଦି କଥା କହି ତା'ମନରେ ଭୟ ସୃଷ୍ଟି କରାଯାଏ, ତେବେ ସେ ବଡ଼ ଦିନକୁ ଜଣେ ଭୟାଳୁ ମଣିଷ ହୁଏ। ତାକୁ ଯଦି ବୀର ସୈନିକ ଜନନାୟକଙ୍କର ଉଦାହରଣ ଦେଇ ମଣିଷ ହେବା ପାଇଁ ଶିକ୍ଷା ଦିଆଯାଏ, ସେ ଜଣେ ଭଲ ମଣିଷ ହୁଏ। ସେ ଦୃଷ୍ଟିରୁ ଗୋଟିଏ ଶିଶୁର ଧର୍ମ ପ୍ରତି ଧାରଣା, ଈଶ୍ୱର ବିଶ୍ୱାସ କିମ୍ବା ବୈଜ୍ଞାନିକ ଚେତନା ତାର ଘରୁ, ବାପା ମାଆ ଏବଂ ସାଙ୍ଗସାଥିଙ୍କ ଠାରୁ ମିଳିଥାଏ। ସେମାନେ ଯେପରି ଭାବରେ ଭଗବାନଙ୍କୁ ଚିହ୍ନେଇ କରନ୍ତି ସେ ତାଙ୍କୁ ମନ ଭିତରେ ସେପରି ଭାବରେ ସ୍ଥାନ ଦିଏ। ଭଗବାନ କ'ଣ ? ପୂଜା, ପ୍ରାର୍ଥନା କାହିଁକି କରାଯାଏ ଇତ୍ୟାଦି କଥା ପଚାରିଲେ ସେ ଯେପରି ଶିଖିଥାଏ, ସେପରି କହିଦିଏ।

ଈଶ୍ୱର ବିଶ୍ୱାସକୁ ନେଇ ପୃଥିବୀରେ ଧର୍ମର ସୃଷ୍ଟି ହୋଇଛି। ଧର୍ମର ଦୁହାଇ ଦେଇ ଦେଶ ଦେଶ ମଧ୍ୟରେ, ମଣିଷ ମଣିଷ ଭିତରେ ପ୍ରଭେଦ ଦେଖାଯାଉଛି। ସମାଜରେ ଶତ୍ରୁତା ମଧ୍ୟ ଜାତ ହେଉଛି। ଏ ସମସ୍ତ ସମସ୍ୟାର ସମାଧାନ କରିବାକୁ ଆଧୁନିକ ଯୁଗରେ ବିଜ୍ଞାନ ହିଁ ସମର୍ଥ ହେବ। ବିଜ୍ଞାନରେ ବିଶ୍ୱାସ ରଖିଲେ ବ୍ୟକ୍ତିଗତ ପ୍ରଭେଦ ଭୁଲିଯାଇ ହେବ। କାରଣ ବୈଜ୍ଞାନିକ ପ୍ରଣାଳୀ ଏବଂ ବୈଜ୍ଞାନିକ ସତ୍ୟ ସବୁ ପ୍ରକାର ଲୋକଙ୍କ ଦୃଷ୍ଟିରେ ଯେପରି

ଶ୍ରେୟଯୋଗ୍ୟ ସବୁ ଯୁଗରେ ଏବଂ ସବୁସ୍ଥାନରେ ତାହା ସେପରି ପ୍ରଣୟଯୋଗ୍ୟ । ଆଧୁନିକ ଯୁଗରେ ମଣିଷ ରକେଟ୍ ସାହାଯ୍ୟରେ ଯାଇ ମହାକାଶରେ ଓ ଚନ୍ଦ୍ର ପୃଷ୍ଠରେ ବସତି ସ୍ଥାପନ କରିବାକୁ ଚେଷ୍ଟା କଲେଣି । ଅନ୍ୟ ପକ୍ଷରେ, ଆଣବିକ ବୋମା ନିକ୍ଷେପ କରି ମଣିଷ ଜନମାନବ ବସତି ଧ୍ୱଂସ କରି ଦେଇ ପାରିଲାଣି । ଏହି ପରିପ୍ରେକ୍ଷୀରେ ପୃଥିବୀର ସମସ୍ତ ମଣିଷ ଭେଦଭାବ ଭୁଲିଯାଇ "ଏକ ପୃଥିବୀ" ଧାରଣା ଦୃଢ଼ିଭୂତ କରିବେ ଏବଂ ଏକମନ ଏକପ୍ରାଣ ହୋଇ ମଣିଷ ସମାଜକୁ ବଞ୍ଚାଇବାକୁ ବ୍ରତୀ ହେବେ ।

ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗ,
ଗଙ୍ଗାଧର ମେହେର ମହାବିଦ୍ୟାଳୟ,
ସମ୍ବଲପୁର — ୭୬୮୦୦୪ ।



ଜନରାଜ୍ୟ ଦିବସ ଉପଲକ୍ଷେ ଖୋର୍ଦ୍ଧାରେ ଆୟୋଜିତ ପ୍ୟାରେଡ୍‌ରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ଅଭିବାଦନ ଗ୍ରହଣ ।

# ଆମେ ଓ ଆମ ବନ୍ୟ ସମ୍ପଦ

■ ଶ୍ରୀ ବାବାଜୀ ଚରଣ ସ୍ୱାଇଁ

ମଣିଷ ଯାହାଠାରୁ ଉପକାର ପାଏ ତାକୁହିଁ ଦେବତୁଲ୍ୟ ମନେକରି ପୂଜା କରିଥାଏ । ସୁତରାଂ ପାହାଡ଼, ଗଛଲତା, ସୂର୍ଯ୍ୟ ଚନ୍ଦ୍ର ଆଦିଙ୍କୁ ଦେବତାର ସମ୍ମାନ ଦେଇ ଆମେ ବହୁ କାଳରୁ ପୂଜା କରି ଆସିଛୁ । ସଭ୍ୟ ସମାଜରେ ବେଦ ବେଦାନ୍ତର ନୀତି ଅନୁସୃତ ହୋଇଥିବାରୁ ସେଥିରେ ମଧ୍ୟ ଏହି ବୃକ୍ଷ ପୂଜା ବିଷୟ ବର୍ଣ୍ଣିତ ହୋଇଛି । ହିନ୍ଦୁମାନେ ବର୍ଷର ବିଭିନ୍ନ ସମୟରେ ବର, ଅଶ୍ୱତ୍ଥ, ତୁଳସୀ, ଅଁଳା, ବେଲ, ନିମ୍ବ ଓ ଆମ୍ବ ଆଦି ବୃକ୍ଷକୁ ପୂଜା କରିଥାନ୍ତି । ହିନ୍ଦୁମାନଙ୍କର ଦେବ ଦେବୀ ମୂର୍ତ୍ତି ସେଥିପାଇଁ କାଠ ପଥରରେ ହିଁ ନିର୍ମିତ । ଓଡ଼ିଆମାନଙ୍କ ଆରାଧ୍ୟ ଦେବତା ବଡ଼ଠାକୁର ଜଗନ୍ନାଥଙ୍କ ମୂର୍ତ୍ତି ନିମ୍ବ କାଷ୍ଠରେ ହିଁ ଗଢ଼ା । ଅନେକ ଧର୍ମପ୍ରାଣ ବ୍ୟକ୍ତି ରାସ୍ତାଧାରରେ ଓ ବଡ଼ ବଡ଼ ପଡ଼ିଆରେ ବରବୃକ୍ଷସହ ଅଶ୍ୱତ୍ଥ ବୃକ୍ଷର ବିବାହ ଉତ୍ସବ ସମ୍ପାଦନ କରାଇ କନ୍ୟାଦାନର ଧର୍ମ ଅର୍ଜନ କରିଥାନ୍ତି । ପ୍ରଚଣ୍ଡ ରୌଦ୍ରତାପ ସହି ବୃକ୍ଷ ପଥିକଙ୍କୁ ପଥ ମଧ୍ୟରେ ସୁଶୀତଳ ଛାୟା ପ୍ରଦାନ କରି ନିଜର ପତ୍ର ସ୍ପନ୍ଦନରେ ଶୀତଳ ସମୀର ସ୍ପର୍ଶ ଦେଇ ଓ ନିଜର ପକ୍ୱଫଳରେ କ୍ଷୁଧା ନିବାରଣ କରି ଜନ୍ମ ସାର୍ଥକ କରିଥାଏ । ପଥିକ କ'ଣ ତାର ଋଣ ଜନ୍ମ ଜନ୍ମାନ୍ତରେ ସୁଝି ପାରିବ ?

ବୃକ୍ଷଲତାଠାରୁ ଆମେ ସବୁ ଦିଗରୁ ଉପକାର ପାଇଥାଉ ଓ ବୃକ୍ଷଲତା ବିହୁନେ ମାନବ ସମାଜ ଯେ ବଞ୍ଚି ରହିବା ସମ୍ପୂର୍ଣ୍ଣ ଅସମ୍ଭବ ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ । ସୁତରାଂ ଅନ୍ୟ ଅର୍ଥରେ କହିବାକୁ ହେବ ; ବୃକ୍ଷଲତା ହିଁ ଆମ ଜୀବନ ।

## ପ୍ରାଣର ସହାୟକ :

ଆମେ ସମସ୍ତେ ଜାଣୁ ଶ୍ୱାସ ପ୍ରଶ୍ୱାସ ସମୟରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ କରି ଅମ୍ଳଜାନ ଗ୍ରହଣ କରୁ । ଏହି ଅମ୍ଳଜାନର ଅଭାବରେ ଆମର ଯେ ଜୀବନ ହାନି ହେବ ଏହା ଧ୍ରୁବ ନିଶ୍ଚିତ । ଏହି ପ୍ରଚୁର ପରିମାଣର ଅମ୍ଳଜାନ ବୃକ୍ଷଲତା ଆମକୁ ପ୍ରଦାନ କରିଥାନ୍ତି ବା ଆମେ ସେମାନଙ୍କଠାରୁ ଏହା ଗ୍ରହଣ କରିଥାଉ । ଅତଏବ ଏଠାରେ ବୃକ୍ଷଲତା ହିଁ ସିଧା ସଳଖ ଭାବେ ଆମକୁ ବଞ୍ଚାଇ ରଖୁଥିବା ଦୃଷ୍ଟିରୁ ବୃକ୍ଷଲତାର ଅନ୍ୟନାମ ଜୀବନ କହିବା ଭୁଲ ହେବନାହିଁ ।

ଆମର ଅନ୍ୟ ଏକ ଜୀବନ ହେଉଛି ଜଳ । ମଣିଷ ଶରୀରରେ ଶତକଡ଼ା ପଞ୍ଚଷଠି ଭାଗ ଜଳ ଥିବା ଶରୀର ବିଜ୍ଞାନୀମାନେ ପ୍ରମାଣ ଦେଇଛନ୍ତି । ପ୍ରତିଦିନ ଆମେ କିଛିନା କିଛି ଜଳପାନ କରିଥାଉ । ଏହି ଜଳର ମୂଳ ସୃଷ୍ଟି ହିଁ ବୃକ୍ଷଲତାମାନେ କରିଥାନ୍ତି । ବୃକ୍ଷଲତାର ଅସଂଖ୍ୟ ଚେରରାଶି ଭୂମଧ୍ୟରେ ଗଭୀର ଭଳି ବିଚ୍ଛେଇ ହୋଇ ରହି ଭୂମିର ଆର୍ଦ୍ର ଅଂଶରୁ ସୂକ୍ଷ୍ମାତିସୂକ୍ଷ୍ମ ଜଳକଣା ସଂଗ୍ରହ କରିଥାନ୍ତି ଓ ନିଜ ଆବଶ୍ୟକତା ମେଣ୍ଟାଇ ବଳକା ଜଳକୁ ପତ୍ରଦ୍ୱାରା ବାଷ୍ପ ଆକାରରେ ଛାଡ଼ିଥାନ୍ତି । ଏହି ଜଳକଣା ଘନୀଭୂତ ହୋଇ ମେଘଖଣ୍ଡରେ ପରିଣତ ହୁଏ ଓ ପରେ ବର୍ଷା ଆକାରରେ ଧରାପୃଷ୍ଠରେ ଦେଖାଦିଏ । ନଦୀ ନାଳରେ ଜଳ ଭରିଯାଏ ଓ ସାଗର ଗର୍ଭ ପୂର୍ଣ୍ଣ ହୁଏ । ଶସ୍ୟକ୍ଷେତ ସବୁଜ, ଶ୍ୟାମଳ ରୂପରେ ହସି ଉଠେ । ବୃକ୍ଷ ବିନା ଜଳର ସ୍ଥିତି ଅସମ୍ଭବ ଓ ଜଳବିନା ସଚରାଚର ପ୍ରାଣୀ ଜଗତର ସ୍ଥିତି ମଧ୍ୟ ସମ୍ପୂର୍ଣ୍ଣ ଅସମ୍ଭବ । ଯେଉଁ ଦେଶରେ ଯେତେ ପରିମାଣର ବଣ ସେ ଦେଶର ସେତେ ଅଧିକ ପରିମାଣ ଜଳ ମିଳୁଛି ଓ କୃଷି କ୍ଷେତ ସେତେ ଉର୍ବର ହୋଇ ଅଧିକ ଫସଲ ଅମଳ ହୋଇ ପାରୁଛି ।

ନିଘଞ୍ଚ ବନବିହୀନ ଇଥୋପିଆ କଥା ସମସ୍ତଙ୍କୁ ଅଳ୍ପେ ବହୁତେ ଜଣାଥିବ । କେତୋଟି ବର୍ଷ ପୂର୍ବେ ଇଥୋପିଆରେ ବର୍ଷା ଅଭାବରୁ ମରୁଡ଼ି ପଡ଼ିଲା ଓ ଲକ୍ଷ ଲକ୍ଷ ଲୋକ ପୋକ ମାଛି ପରି ମୃତ୍ୟୁ ବରଣ କଲେ । ଏହି ମରୁଡ଼ି ଉପରେ ଜାତିସଂଘ ପକ୍ଷରୁ ଅନୁସନ୍ଧାନ କରାଗଲା ଓ ଜଣାଗଲା ଯେ ଆବଶ୍ୟକୀୟ ପରିମାଣର ବୃକ୍ଷଲତାର ଅଭାବରୁ ଇଥୋପିଆ ଏହି ଦୁର୍ବିପାକର ସମ୍ମୁଖୀନ ହେଲା ।

ବୃକ୍ଷଲତା ଆମକୁ ଖାଦ୍ୟ, ପାନୀୟ ଯୋଗାଇ ଥାଆନ୍ତି । ପୃଥିବୀରେ ଏପରି କୌଣସି ଖାଦ୍ୟ ନାହିଁ ଯାହା ବୃକ୍ଷଲତାର ଦାନ ନୁହେଁ ବୋଲି କହିହେବ । ଏପରିକି ମାଛ, ମାଂସ, ଅଣ୍ଡାର ସୃଷ୍ଟି ପାଇଁ ମଧ୍ୟ ଏହି ବୃକ୍ଷଲତା ସମ୍ପୂର୍ଣ୍ଣ ଦାୟୀ ।

ଆଦିମାନବ ଯେତେବେଳେ ବଣ ପାହାଡ଼ରେ ବର୍ଷା, ଶୀତରେ ପ୍ରକୃତିର ଅତ୍ୟାଚାର ସହ ଲଢୁଥିଲା ସେ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଘଞ୍ଚ ପତ୍ରଭରା ବୃକ୍ଷ ତଳେ ଆଶ୍ରୟ ନେଉଥିଲା ଓ କେତେବେଳେ ବଡ଼ ବଡ଼ ପତ୍ରକୁ ଛତାଭଳି ବ୍ୟବହାର କରୁଥିଲା । ପୁନଶ୍ଚ ଶୀତରୁ ରକ୍ଷା ପାଇବା ପାଇଁ କେତେକ ବୃକ୍ଷର ବକଳକୁ ବସ୍ତ୍ର ରୂପେ ପରିଧାନ କରୁଥିଲା ଓ ନିଜ ଅଙ୍ଗ ଆଚ୍ଛାଦନ କରି ଶୀତ ପ୍ରକୋପରୁ ରକ୍ଷା ପାଉଥିଲା । ଯେତେବେଳେ ସେ କ୍ରମଶଃ ସଭ୍ୟତା ଆଡ଼କୁ ମୁହେଁଇଲା ଲଜ୍ୟା ନିବାରଣ ନିମନ୍ତେ ଗଛର ପତ୍ର ଓ ଛାଲିକୁ ବସ୍ତ୍ରରୂପେ ବ୍ୟବହାର କଲା । ଆଜି ଏ ଆଧୁନିକ ଯୁଗରେ ଆମେ ଯେତେ ପ୍ରକାର ବସ୍ତ୍ର ପରିଧାନ କରୁଛେ ତାହା ନାଇଲନ୍ ହେଉବା ପଲିଷ୍ଟର ହେଉ ଏସବୁ ବୃକ୍ଷରୁ ହିଁ ମିଳିଥାଏ ।

## ବାସଗୃହ ନିର୍ମାଣ :

ବାସଗୃହ ନିର୍ମାଣ କ୍ଷେତ୍ରରେ ବୃକ୍ଷଲତାର ଦାନ ଅତୁଳନୀୟ । କାଠ ବାଉଁଶରେ ଗଢ଼ା କୋଟି କୋଟି ଗୃହ ଆମେ ଦେଖୁଛେ । ଇଟାରେ ଗଢ଼ା ଲକ୍ଷ ଲକ୍ଷ ପ୍ରାସାଦ ଦେଖୁଛେ ଓ ପ୍ରସ୍ତର ନିର୍ମିତ

ଅନେକ ଅଟ୍ଟାଳିକା ଆମର ଦୃଷ୍ଟି ଗୋଚର ହେଉଛି । ଏସବୁ ପାଇଁ ବୃକ୍ଷଲତାର ସାହାଯ୍ୟ ଏକାନ୍ତ ଭାବେ ଅପରିହାର୍ଯ୍ୟ । ବୃକ୍ଷଲତା ନଥିଲେ ପ୍ରସ୍ତର ନିର୍ମିତ ପ୍ରାସାଦ ସମୂହ ପ୍ରଚଣ୍ଡ ରୌଦ୍ରତାପ ସହି ତିଷ୍ଠି ପାରନ୍ତା ନାହିଁ । ଏଥି ନିମନ୍ତେ ଆବଶ୍ୟକୀୟ ସିମେଣ୍ଟ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ଜାଳେଣି କୋଇଲା ଏହି ବୃକ୍ଷଲତାରୁ ସୃଷ୍ଟି । ଭୂପତିତ ବୃକ୍ଷଗୁଡ଼ି କ୍ରମେ ଚାପ, ତାପ ଓ ଜଳ ପାଇ ପଥର କୋଇଲାରେ ପରିଣତ ହୋଇଥାଏ ।

## ଔଷଧିର ଗନ୍ତାଘର :

ଧରାବକ୍ଷରେ ଯାହାର ଜନ୍ମ ଅଛି ତାହାର ମୃତ୍ୟୁ ମଧ୍ୟ ରହିଛି । କିଏ ଆଗତ କିଏ ପଛ । ସେଥିପାଇଁ କଥାରେ ଅଛି, "ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହେଲେହେଁ ମରଇ" । ମଣିଷ ଜାଣେ ତା'ଜୀବନରେ ରୋଗ, ଶୋକ, ଜରା ଦିନେ ନା ଦିନେ ଆସିବ ଓ ସେ ଦିନେ ନା ଦିନେ ମରିବ । ତଥାପି ତା'ମନରେ ଅଦମ୍ୟ ଲାଳସା, ପ୍ରବଳ ଆଶା ଜାଗରିତ ହୁଏ, ଆହା ଏ ସୁନ୍ଦର ପୃଥିବୀରେ ସେ ଆଉ କିଛି ଦିନ ବଞ୍ଚିରହି ପାରନ୍ତାକି ? ଏଥି ପାଇଁ ସେ କୌଣସି ରୋଗରେ ଆକ୍ରାନ୍ତ ହେଲେ, ବଇଦ ଡାକ୍ତର ପଥ୍ୟପାଚକ ଔଷଧ ଡେରାମୂଳିକାର ଆଶ୍ରୟ ନିଏ । ପ୍ରଖ୍ୟାତ ଲାବୋରଟାରୀରେ ବୃକ୍ଷଲତାର ପତ୍ର, ଛାଲି, ଚେର, ଫୁଲ, ଫଳ ମୂଳରୁ, ଏହି ଜୀବନ ରକ୍ଷାକାରୀ ଔଷଧ, ବିଭିନ୍ନ କୌଶଳରେ ପ୍ରସ୍ତୁତ ହୋଇଥାଏ । ଏହି ଔଷଧ ଉପରେ ଆମେ କେବଳ ନିର୍ଭର କରୁନାହୁଁ । ପୁରାଣ କାଳରେ ମଧ୍ୟ ଏହି ବୃକ୍ଷଲତା ଉପରେ ଦେବ—ଦାନବ—ମାନବ ନିର୍ଭର କରୁଥିଲେ । ମହାଭାରତ ଯୁଗରେ କୁଷ୍ଠବ୍ୟାଧି ରୋଗରୁ ରକ୍ଷା ପାଇବା ପାଇଁ ଅଗ୍ନି ଖାଣ୍ଡବ ବନ ଦହନ କରିଥିଲେ ଓ ରାମାୟଣ ଯୁଗରେ ଶକ୍ତିଭେଦ ସମୟରେ ଲକ୍ଷ୍ମଣଙ୍କ ନିମନ୍ତେ ହନୁମାନ ବିଶଲ୍ୟକରଣି ପାଇଁ ଗନ୍ଧମାଦନ ପର୍ବତ ବୋହି ଆଣିଥିଲେ । ଏବେ ମଧ୍ୟ ପୁରୁଣାକାଳିଆ ଲୋକ ଝାଡ଼ାପାଇଁ ତୁଳସୀପତ୍ର, **କଟାଘା** ପାଇଁ ବିଶଲ୍ୟକରଣି ପତ୍ର, ଝାଡ଼ା ରୋଗ ପାଇଁ ବେଲ ଇତ୍ୟାଦି ବ୍ୟବହାର କରୁଥିବାର ଆମେ ଜାଣୁ ।

ବୃକ୍ଷଲତା ଯୋଗୁଁ ଆମର ଶିକ୍ଷା ସଂସ୍କୃତି ମଧ୍ୟ ଆଗେଇ ପାରିଛି । କାଠ ବାଉଁଶରୁ ବିଭିନ୍ନ କାଗଜର ସୃଷ୍ଟି ଓ କାଗଜରୁ ପୁସ୍ତକ ପତ୍ର ପତ୍ରିକାର ଜନ୍ମ । ବହୁ ଇତିହାସ, ସାହିତ୍ୟ, ବିଜ୍ଞାନ କାଳକାଳକୁ ବଞ୍ଚେଇ ରଖିବାରେ ତାଳପତ୍ରର ଅବଦାନ କମ୍ ନୁହେଁ ।

## ଲତାତନ୍ତୁରୁ ରଜ୍ଜୁ :

ବାଣିଜ୍ୟ ବ୍ୟବସାୟରେ ଗଛ ଲତାର ଦାନ ତ ମାମୁଲି କଥା । ଜାତୀକୁ ବାନ୍ଧିବାକୁ ଦଉଡ଼ି, ଗହମ ଭରି ବିଦେଶକୁ ପଠାଇବା ନିମନ୍ତେ ବ୍ୟାଗ ଏସବୁ ବୃକ୍ଷଲତାର ତନ୍ତୁରୁ ନିର୍ମିତ ହେଉଛି । ଜାହାଜ, ଟ୍ରକ, ଶଗଡ଼, ଟ୍ରେନ୍ ତ ବିନା କାଠରେ ତିଆରି ହେବା ସହଜ ନୁହେଁ ।

ଖାଦ୍ୟ, ପାନୀୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା, ବାଣିଜ୍ୟ ଆଦି ନିମନ୍ତେ ମଣିଷ ବୃକ୍ଷଲତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ଏହି ବୃକ୍ଷଲତାକୁ ନେଇ ଆମର ବନ ସମ୍ପଦ ଗଠିତ । ବନ ମଧ୍ୟରେ ବାସ କରୁଥିବା ନାନା ପଶୁପକ୍ଷୀ, ଫୁଲ ଫଳକୁ ନେଇ ଆମର ଗର୍ବ । ଯେଉଁ ବୃକ୍ଷଲତା ବନଠାରୁ ଆମେ ଉପକାର ପାଉ ପ୍ରତିଦାନରେ ତା'ପାଇଁ କିଛି ଉପକାର କରୁଛ ? ବୃକ୍ଷଲତାର ଜୀବନ ରକ୍ଷା ପାଇଁ କିଛି ନକରି ସାମାନ୍ୟ ଆବଶ୍ୟକତା ମେଣ୍ଟାଇବାକୁ ଯାଇ ବିଶାଳ ବୃକ୍ଷରାଜକୁ ଛେଦନ କରି ଭୂପତିତ କରୁ । ବନ ସମ୍ପଦର ମୂଳ ଉତ୍ପାଟନ କରିବାରେ ଆମେ ଲାଗି ପଡ଼ୁ । ଏଥି ନିମନ୍ତେ ଆମକୁ କୃତଘ୍ନର ଆଖ୍ୟାବିନା ଆଉକଣ ଉପାଧି ଦିଆ ଯାଇପାରେ ? କାଳିଦାସ ନିଜେ ଯେଉଁ ଡାଳରେ ବସିଥିଲେ ସେହିଡାଳର ମୂଳକୁ କାଟୁଥିଲା ପରି ଆମେ ଆଜି "ଆପଣା ଜିହ୍ୱା ଆପେ ଛେଦି" ଏହି ନୀତିରେ କାମ କରୁଛେ । ଆମେ ନିଜର ସ୍ୱାର୍ଥ ଦେଖିବା ସଙ୍ଗେ ସଙ୍ଗେ ଭାବୀ ବଂଶଧରଙ୍କ ସ୍ୱାର୍ଥ ରକ୍ଷା ଲାଗି କିଛିଟା ଭଲ କାମ କରିବା ଉଚିତ ନୁହେଁକି ? କିନ୍ତୁ ଆମେ ତାଙ୍କ ପାଇଁ କ'ଣ କରୁଛେ ? ଏବିଷୟ କେହି ଗଭୀରଭାବେ ଚିନ୍ତା କରୁଛନ୍ତି କି ?

ଆମେ ସହର ସଭ୍ୟତା ଆଡ଼କୁ ଆଗେଇ ବନ ପରିବେଶକୁ ଅନାବଶ୍ୟକ ଭାବେ ଯଦି ଗୁଡ଼ାଏ କଳକାରଖାନା ଗଢ଼ି ଶ୍ୱାସରୁଦ୍ଧକାରୀ ବାଷ୍ପ, ବୃକ୍ଷଲତା ବିହୀନ ଟାଙ୍ଗରା ଧରଣୀ, ଜଳଶୂନ୍ୟ ମରୁଭୂମି ସୃଷ୍ଟି କରିବା ଆଗାମୀ ବଂଶଧରମାନଙ୍କୁ ମରୁଡ଼ି ଓ ଅନାହାର ଗହ୍ୱର ମଧ୍ୟକୁ ଠେଲି ଦେବା ହିଁ ସାର ହେବ ।

## ଆଦିବାସୀଙ୍କ କର୍ତ୍ତବ୍ୟ :

ସୁନ୍ଦର ବୃକ୍ଷଲତାର ପ୍ରାଣରକ୍ଷା ଦିଗରେ ଆମର ଆଦିବାସୀ ଭାଇ ଭଉଣୀମାନଙ୍କର ଯଥେଷ୍ଟ କର୍ତ୍ତବ୍ୟ ରହିଛି ।

ବିଦ୍ୟୁତପ୍ରଭା ଦେବୀଙ୍କ ଭାଷାରେ :—

ସୁନ୍ଦର ଏହି ପ୍ରକୃତି କୋଳ
ସଦା ଉଲ୍ଲାସେ ଭରା,
ଢାଳଇ ବିପୁଳ ତୃପ୍ତି ଆମୋଦ
ବିଜନ ଏ ବନଧାର ।
ଜନନୀରୁ ବଳି ଯୋଗାଏ ଆହାର
ଶତ ସୁସ୍ୱାଦୁ ଫଳେ,
ତୃଷା ନିବାରଇ ସ୍ୱତଃ ଶୀତଳ
ମଧୁର ଝରଣା ଜଳେ ।
ଘନ ବିଟପୀ ଛାୟା ସୁଶୀତଳ
ସ୍ନେହ ଗୁହ୍ମଆ ଟାଣି,
ମର୍ମର ତାନେ ଡାକଇ — ପଥିକେ
ଆଦରେ ପ୍ରସାରି ପାଣି ।
ବନ୍ଧୁ ସମାନ ସୁଖ ଦିଏ ବନ
ବାୟୁ ବିଧୁବତ ଗାନେ,
ବିହଗର ଶତେ କୋମଳ ମଲ୍ଲୁତେ
ନିର୍ଝର କଲତାନେ ।
ମୁକ୍ତ ଏ ପୀଠେ ସୁଖ ଶୋଭା ଭରା
ଦେଖି ଶାଶ୍ୱତ ଧନ,
ନଶ୍ୱର ଆଉ ନିଶ୍ୱର ସୁଖେ
ବଳିବକି କେବେ ମନ ?

ଜନନୀ ଓ ବନ୍ଧୁ ସମାନ ଏହି ବନର ବୃକ୍ଷଲତା ଆଦିବାସୀ ଭାଇ ଭଉଣୀଙ୍କର କେତେ ଯେ ଉପକାର ନ କରେ ? ରାତିର ଅବସାନ

ହେଲେ ହାତରେ ଧନୁଶର କି ଟାଙ୍ଗିଆ ଧରି ଆଦିବାସୀ ଭାଇ ଭଉଣୀମାନେ ବନ ମଧ୍ୟରେ ପଶି ଯାନ୍ତି । ସେହି ବନର ଫଳ, ମୂଳ ଯଥା କେନ୍ଦୁ, ଜାମୁ, ଆମ୍ବ, ପଣସ, କନ୍ଦମୂଳ ଆଦି ସଂଗ୍ରହ କରନ୍ତି । ହରିଡ଼ା, ବାହାଡ଼ା, ଝୁଣା, ଲାଖ, ମହୁଲ, ଟସର, ଶିଙ୍ଗ, ଚମଡ଼ା, ହାଡ଼, ଆଦି ସଂଗ୍ରହ କରି ଦୁଇ ପଇସା ଆୟ କରନ୍ତି । କିନ୍ତୁ ଆଜି ସେମାନେ ସହରୀ ସଭ୍ୟତାର ଜାଲରେ ପଡ଼ିଛନ୍ତି । କାଠ ବ୍ୟବସାୟୀଙ୍କ ମାୟାରେ ପଡ଼ି କେହି କେହି ମୂଲ୍ୟବାନ ବୃକ୍ଷ କାଟି ଅଳ୍ପ କେତୋଟି ଟଙ୍କାରେ ବିକ୍ରୟ କରୁଛନ୍ତି । ସେମାନେ ଜାଣି ପାରୁନାହାଁନ୍ତି ଯେ, ଯେଉଁ ଗଛ ଲତାରୁ ତାଙ୍କ ବାପା ଅଜା ଉପକାର ପାଇ ଆସିଲେଣି ସେ ସବୁକୁ କାଟି ଦେଇ ତାଙ୍କ ପୁଅ ନାତିଙ୍କ ଉପକାର ପାଇବା ପଥ ସବୁ ଦିନ ପାଇଁ ବନ୍ଦ କରି ଦେଉଛନ୍ତି । ପୋଡୁଚାଷ ନାମରେ ହଜାର ହଜାର ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ କରି ଦେଉଛନ୍ତି ଓ ବହୁ ପରିଶ୍ରମ କରି ଖୁବ୍ କମ୍ ଫସଲ ଅମଳ କରୁଛନ୍ତି । ଜାଳେଣି କାଠ ସଂଗ୍ରହ ନାମରେ ପତିତ ବୃକ୍ଷ ସଂଗ୍ରହ ନକରି ଜୀବନ୍ତ ବୃକ୍ଷ ଛେଦନ କରୁଛନ୍ତି ।

ବର୍ତ୍ତମାନ ସରକାରଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ହାତ ମିଳାଇଲେ ଜଙ୍ଗଲ ସମ୍ପଦ ରକ୍ଷା କରିବା ଦିଗରେ ଆଦିବାସୀ ଭାଇ ଭଉଣୀମାନେ ଉପଯୁକ୍ତ ଦିଗ୍‌ଦର୍ଶନ ପାଇ ପାରିବେ। ଆଦିବାସୀ ଗ୍ରାମଗୁଡ଼ିକର ମୁଖିଆ ବ୍ୟକ୍ତି ଯୁବ ସଙ୍ଗଠନ, ମହିଳା ସମିତି କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ଏ କ୍ଷେତ୍ରରେ ଅତ୍ୟାବଶ୍ୟକ । ଗ୍ରାମର ବେକାର ଶ୍ରମିକମାନଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ କଲେ ଶିକ୍ଷିତ ବେକାରମାନେ ସମୟର ସଦୁପଯୋଗ କରିପାରିବେ। ସେହିପରି ଆଦିବାସୀମାନଙ୍କୁ ଉନ୍ନତ କୃଷି ପଦ୍ଧତି, ସାର ପ୍ରୟୋଗ ଆଦି ବିଷୟରେ ଯଥାଯଥ ତାଲିମ୍ ଦିଆଗଲେ ସେମାନେ ଅକାରଣେ ବନ ସମ୍ପଦ ନଷ୍ଟ କରିବେ ନାହିଁ ।

ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,
ସାଃ ପୋଃ ବଉଦ,
ଜିଃ ଫୁଲବାଣୀ ।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ବାଲେଶ୍ୱରରେ ଆୟୋଜିତ ନୃତ୍ୟୋତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ । ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କର ଏବଂ ସ୍ଥାନୀୟ ବିଧାନ ସଭା ସଦସ୍ୟ ଶ୍ରୀ ଅରୁଣ ଦେ ଦର୍ଶକମାନଙ୍କ ଗହଣରେ । (୧୭-୧-୧୯୯୧) ।

# ଓଡ଼ିଶାରେ ସର୍ବନିମ୍ନ ମଜୁରି ବୃଦ୍ଧି

■ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାଶ

ସର୍ବନିମ୍ନ ମଜୁରି ଶ୍ରମିକମାନଙ୍କର ନ୍ୟାୟୋଚିତ ଅଧିକାର । ସଙ୍ଗଠିତ କ୍ଷେତ୍ରରେ ଶ୍ରମିକମାନେ ଶ୍ରମିକ ସଙ୍ଘ ଗଠିଥାରେ ଦାବୀ ଉପସ୍ଥାପନ କରି ମଜୁରି ନିର୍ଦ୍ଧାରଣ କରିବାରେ ସକ୍ଷମ ହୋଇଥାନ୍ତି । ମାତ୍ର ଅସଙ୍ଗଠିତ କ୍ଷେତ୍ରରେ ଶ୍ରମିକମାନେ ମୁଖ୍ୟତଃ ନେତୃତ୍ୱର ଅଭାବ ଏବଂ ସେମାନଙ୍କର ଅଜ୍ଞତା ଯୋଗୁଁ ମଜୁରୀ ନିର୍ଦ୍ଧାରଣରେ ମାଲିକର ମର୍ଜି ଉପରେ କିମ୍ବା ଶ୍ରମିକଙ୍କ ଚାହିଦା ଏବଂ ଯୋଗାଣ ଭିତ୍ତିରେ ମଜୁରି ନିର୍ଦ୍ଧାରିତ ହୋଇଥାଏ । ଏହି ସବୁ ଅସୁବିଧାକୁ ଆଖି ଆଗରେ ରଖି ୧୯୪୮ ମସିହାରେ ସର୍ବନିମ୍ନ ମଜୁରି ଆଇନ ପ୍ରଣୟନ ହେଲା । ଏହି ଆଇନର ବ୍ୟବସ୍ଥା ଅନୁସାରେ ଏହି ଆଇନ ପରିସରଭୁକ୍ତ ଶିଳ୍ପ ଅନୁଷ୍ଠାନମାନଙ୍କରେ କାର୍ଯ୍ୟରତ ଶ୍ରମିକମାନଙ୍କ ନିମନ୍ତେ ସରକାର ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ ଏବଂ ପରିବର୍ତ୍ତନ କରୁଛନ୍ତି । ଓଡ଼ିଶାରେ ଏ ପର୍ଯ୍ୟନ୍ତ ୬୯ଟି ଶିଳ୍ପ ସମୂହକୁ ଏହି ଆଇନ ଲାଗୁ କରାଯାଇଛି । ଏହି ନିଯୋଜନଗୁଡ଼ିକ ମୁଖ୍ୟତଃ ଗ୍ରାମ୍ୟ ଭିତ୍ତିକ ଯଥା—କୃଷି, ନିର୍ମାଣ କାର୍ଯ୍ୟ, ପଥର ଭଙ୍ଗା ଓ ପଥର ପେଷା, ହସ୍ତତନ୍ତ, ତମାଖୁ (ବିଡ଼ି ତିଆରି ସମେତ), କାଠ କରତିବା ଓ କାଠ ସଂଗ୍ରହ କରିବା, ବାଉଁଶ ସଂଗ୍ରହ, ଇଟା ଓ ଖପରଲି ପ୍ରସ୍ତୁତି, ଲୁଣ ତିଆରି ଶିଳ୍ପ, ଶାଳ ମଞ୍ଜି ଓ କେନ୍ଦୁ ପତ୍ର ସଂଗ୍ରହ ସମେତ ଅନ୍ୟାନ୍ୟ ବନ୍ୟଜାତ ପଦାର୍ଥ ସଂଗ୍ରହ, କତା ଶିଳ୍ପ, କଂସା ଓ ପିତଳ ବାସନ ତିଆରି, କାଠ କାମ, ଖଦି ଓ ଗ୍ରାମ୍ୟ ଶିଳ୍ପ, ମତ୍ସ୍ୟ ସଂଗ୍ରହ, କଳତନ୍ତ, ଚେଚ୍ଛୁଳି ସଂଗ୍ରହ, ମାଟି ପାତ୍ର ନିର୍ମାଣ ଇତ୍ୟାଦି । ଏଥିରେ ନିଯୁକ୍ତ ଶ୍ରମିକମାନେ ମୁଖ୍ୟତଃ ଅସଙ୍ଗଠିତ, କାରଣ ସେମାନଙ୍କର ବିଧିବଦ୍ଧ ଶ୍ରମିକ ସଙ୍ଗଠନ ନାହିଁ । ଓଡ଼ିଶାର ମୋଟ ପ୍ରାୟ ଏକ କୋଟି ପାଞ୍ଚ ଲକ୍ଷ ଶ୍ରମିକଙ୍କ (୧୯୯୧ ମସିହାର ପରିଦର୍ଶିତ ଜନସଂଖ୍ୟା ହିସାବ ଅନୁସାରେ) ମଧ୍ୟରୁ ପ୍ରାୟ ୯୦ ଲକ୍ଷ ଶ୍ରମିକ ଗ୍ରାମ୍ୟଭିତ୍ତିକ ଏବଂ ଅସଙ୍ଗଠିତ । ଏଣୁ ଏମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ବିଶେଷ କରି ମଜୁରି ନିର୍ଦ୍ଧାରଣ କରିବା ଜନମଙ୍ଗଳ ରାଷ୍ଟ୍ରର ନୈତିକ କର୍ତ୍ତବ୍ୟ । ଏହି ଆବଶ୍ୟକତାକୁ ସର୍ବନିମ୍ନ ମଜୁରି ଆଇନ ପୂରଣ କରୁଅଛି ।

ଓଡ଼ିଶାରେ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ୧୯୫୪ ମସିହାରେ ପ୍ରଥମେ ଏପରି ମଜୁରି ନିର୍ଦ୍ଧାରଣ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନ ଭିନ୍ନ ହାରରେ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରାଯାଇ ପୁରୁଷ ଶ୍ରମିକଙ୍କ ମଜୁରି ଦୈନିକ ଦଶଅଣାରୁ ବାରଅଣା (୬୨ ପଇସାରୁ ୭୫ ପଇସା) । ମହିଳା ଶ୍ରମିକଙ୍କ ମଜୁରି ଦୈନିକ ଆଠଅଣା ବା ପଚାଶ ପଇସା ଏବଂ ସ୍ଥାନ ବିଶେଷରେ ଶିଶୁ ଶ୍ରମିକଙ୍କ ମଜୁରି ଛଅଅଣାରୁ ସାତଅଣା ବା ୩୭ ପଇସାରୁ ୪୩ ପଇସା ଧାର୍ଯ୍ୟ କରାଯାଇଥିଲା । ଏହି ମଜୁରି ବ୍ୟବସ୍ଥା ୧୯୬୫ ମସିହା ପର୍ଯ୍ୟନ୍ତ ବଳବତ୍ତର ଥିଲା । ୧୯୬୫ ମସିହାରେ ସମଗ୍ର ରାଜ୍ୟରେ ପୁରୁଷ ଓ ମହିଳା ଶ୍ରମିକଙ୍କ ନିମନ୍ତେ ଦୈନିକ ଏକଟଙ୍କା ମଜୁରି ନିର୍ଦ୍ଧାରଣ କରାଗଲା । ଏହାପରେ ପରେ ୧୯୭୨ ମସିହାରେ ଓଡିଶା ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଦୈନିକ ଦୁଇଟଙ୍କାକୁ ବୃଦ୍ଧି କରାଗଲା । ଏହି ମଜୁରି ହାର କ୍ରମଶଃ ବୃଦ୍ଧି କରାଯାଇ ୧୯୭୪ରେ ୩ ଟଙ୍କା, ୧୯୭୬ରେ ୪ ଟଙ୍କା, ୧୯୮୦ରେ ୫ ଟଙ୍କା, ୧୯୮୨ରେ ୬ ଟଙ୍କା, ୧୯୮୪ରେ ୭ ଟଙ୍କା ୫୦ ପଇସା, ୧୯୮୬ରେ ୧୦ ଟଙ୍କା, ୧୯୮୯ରେ ୧୧ ଟଙ୍କା ଏବଂ ଶେଷରେ ୧୯୯୦ ମସିହା ଜୁଲାଇ ପହିଲାରୁ ଏହାକୁ ୨୫ ଟଙ୍କାକୁ ବୃଦ୍ଧି କରାଯାଇଅଛି । ଏହି ସର୍ବନିମ୍ନ ମଜୁରି ହାର ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ।

ଅଣକୁଶଳୀ ଶ୍ରମିକଙ୍କ ପର୍ଯ୍ୟାୟରେ ସାଧାରଣତଃ ଦିନ ମଜୁରିଆ କୁଲି, ଖଲାସି, ଚପରାଶି, ମାଳି, ଜଗୁଆଳି ଆଦି ତାଲିମ ବିହୀନ ଶ୍ରମିକମାନେ ଆସିଥାନ୍ତି । ତା'ଉପରକୁ ଆସନ୍ତି ଅର୍ଦ୍ଧକୁଶଳୀ ଶ୍ରମିକ । ଏମାନେ ମୁଖ୍ୟତଃ କୁଶଳୀ ଶ୍ରମିକଙ୍କ ସହଯୋଗୀକାରୀ ଏବଂ ଅଳ୍ପ ତାଲିମପ୍ରାପ୍ତ ଶ୍ରମିକ ଯଥା—ସହଯୋଗକାରୀ, ବିକ୍ରେତା, ସ୍ୱାଗତକାରୀ, ମେସିନ ସଫା କରିବା ଲୋକ ଇତ୍ୟାଦି । କୁଶଳୀ ଶ୍ରମିକ ଶ୍ରେଣୀ ପର୍ଯ୍ୟାୟରେ ତାଲିମପ୍ରାପ୍ତ ଶ୍ରମିକମାନେ ଅନ୍ତର୍ଭୁକ୍ତ । ଏହି ପର୍ଯ୍ୟାୟରେ ମିସ୍ତ୍ରୀ, ବଢ଼େଇ, ଇଲେକ୍ଟ୍ରିସିଆନ୍, ମୋହରିର୍, ଅମିନ, ମୁଦ୍ରଣକାରୀ, କିରାଣୀ, ଟାଇପିଷ୍ଟ, କାରିଗର, ରଙ୍ଗ ଦେବା ଲୋକ ଆଦି କୁଶଳୀ ଶ୍ରମିକ ଅନ୍ତର୍ଭୁକ୍ତ । ଏମାନେ କୌଣସି ତାଲିମ ପ୍ରତିଷ୍ଠାନରୁ ଶିକ୍ଷା ପାଇଥାନ୍ତି କିମ୍ବା ଅଧିକ ଅଭିଜ୍ଞତାସମ୍ପନ୍ନ ହୋଇଥାନ୍ତି । ଏ ସମସ୍ତ ଶ୍ରମିକଙ୍କ ଉପରେ ଉଚ୍ଚତର କୁଶଳୀ ଶ୍ରମିକ ଅଛନ୍ତି । ଏମାନେ ମୁଖ୍ୟତଃ ସବୁ ଶ୍ରେଣୀର ଶ୍ରମିକଙ୍କ କାର୍ଯ୍ୟ ପରିଦର୍ଶନ କରନ୍ତି ଏବଂ ଏମାନେ ଅଧିକ ତାଲିମ ଏବଂ ଅଭିଜ୍ଞତାସମ୍ପନ୍ନ ଶ୍ରମିକ, ପରିଦର୍ଶକ, ମେନେଜର, ଏକାଉଣ୍ଟାଣ୍ଟ ଆଦି ଶ୍ରମିକ ଏହି ପର୍ଯ୍ୟାୟ ପରିସରଭୁକ୍ତ । ସର୍ବନିମ୍ନ ମଜୁରି ଆଇନ ଅନୁସାରେ ଏହି ସବୁ ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଉଚ୍ଚତର କୁଶଳୀ ଶ୍ରମିକଙ୍କ ପାଇଁ ମଧ୍ୟ ମଜୁରି ନିର୍ଦ୍ଧାରଣ କରାଯାଇଥାଏ । ୧୯୮୫ ମସିହାରୁ ୧୯୯୧ ମସିହା ମଧ୍ୟରେ ଏହି ଶ୍ରମିକମାନଙ୍କ ମଜୁରି ନିମ୍ନମତେ ନିର୍ଦ୍ଧାରଣ କରାଯାଇଅଛି ।

## ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ (ଦୈନିକ)

| କ୍ରମିକ ସଂଖ୍ୟା | ଶ୍ରମିକଙ୍କ ଶ୍ରେଣୀ | ୬-୭-୮୫ | ୨୦-୨-୮୭ | ୧୦-୨-୮୯ | ୧-୧-୯୧ |
|---|---|---|---|---|---|
| (୧) | ଅର୍ଦ୍ଧକୁଶଳୀ | ଟ୯-୫୦ | ଟ୧୧-୫୦ | ଟ୧୨-୭୫ | ଟ୩୦-୦୦ |
| (୨) | କୁଶଳୀ | ଟ୧୨-୦୦ | ଟ୧୫-୫୦ | ଟ୧୬-୦୦ | ଟ୩୫-୦୦ |
| (୩) | ଉଚ୍ଚତର କୁଶଳୀ | ଟ୧୫-୦୦ | ଟ୧୮-୦୦ | ଟ୨୦-୦୦ | ଟ୪୦-୦୦ |

ବର୍ତ୍ତମାନର ସର୍ବନିମ୍ନ ମଜୁରି ହାରରେ ମୂଳ ମଜୁରିରେ ଲାଗିଥିବା ଭତ୍ତା ଏବଂ ଜିନିଷ ଦରରେ ଯୋଗାଉଥିବା ଆବଶ୍ୟକୀୟ ଦ୍ରବ୍ୟର ମୂଲ୍ୟକୁ ସାମିଲ କରାଯାଇଛି । ଅଧସ୍ତାଏ ବିଶ୍ରାମ ବ୍ୟତୀତ ଦୈନିକ ଆଠଘଣ୍ଟା କାମ ନିମନ୍ତେ ଏହି ସର୍ବନିମ୍ନ ମଜୁରି ଉଦ୍ଦିଷ୍ଟ ଏବଂ ଏଥିରେ ସାପ୍ତାହିକ ଛୁଟିର ମଜୁରି ମଧ୍ୟ ମିଳିତ ହୋଇ ରହିଛି । ଲିଙ୍ଗ ଭେଦରେ ଉଭୟ ପୁରୁଷ ଓ ମହିଳା ଶ୍ରମିକଙ୍କ ପାଇଁ ଏହି ମଜୁରି ସମାନ ରଖାଯାଇଛି ।

ଦୈନିକ ଆଠଘଣ୍ଟା କାମ ପାଇଁ ନିର୍ଦ୍ଧାରିତ ଏହି ମଜୁରି ହାର ସମ୍ପର୍କରେ କେତେକ ପ୍ରଶ୍ନ ଉଠୁଛି । ବିଶେଷ କରି ଓଡ଼ିଶାରେ କୃଷି କ୍ଷେତ୍ରରେ ଶ୍ରମିକମାନେ ପ୍ରାୟତଃ ଦୈନିକ ଆଠଘଣ୍ଟା କାମ କରନ୍ତି ନାହିଁ । ସେପରି କ୍ଷେତ୍ରରେ କମ୍ ମଜୁରି ଦିଆଯାଇ ପାରିବ କି ? ଏହି ପ୍ରଶ୍ନର ଉତ୍ତର ଖୁବ୍ ସରଳ ଅଥଚ ଅନେକ ଜାଣନ୍ତି ନାହିଁ । ଦିନକୁ ଆଠଘଣ୍ଟା କାମ ଯୋଗାଇବା ମାଲିକର କର୍ତ୍ତବ୍ୟ ଏବଂ ଆଠଘଣ୍ଟା କାମ କରିବା ମଜୁରିଆର ଧର୍ମ । ମାଲିକ ଯଦି କୌଣସି ଶ୍ରମିକକୁ କାମ କରିବା ନିମନ୍ତେ ନିଯୁକ୍ତି କରି ଦୈନିକ ଆଠଘଣ୍ଟା କାମ ଯୋଗାଇ ପାରିଲା ନାହିଁ; ସେପରି କ୍ଷେତ୍ରରେ ଶ୍ରମିକ ତାର ନିର୍ଦ୍ଧାରିତ ଦୈନିକ ମଜୁରି ପାଇବା ନିମନ୍ତେ ହକ୍‌ଦାର । ମାତ୍ର କାମ ଥାଇ ମଧ୍ୟ ଯେଉଁଠି ଶ୍ରମିକ ଆଠଘଣ୍ଟା କାମ କରନ୍ତି ନାହିଁ, ସେ କ୍ଷେତ୍ରରେ ଶ୍ରମିକମାନେ ନିର୍ଦ୍ଧାରିତ ଦୈନିକ ମଜୁରି କିପରି ପାଇବେ ? ସେମାନେ ତ କାମ ଥାଇ ମଧ୍ୟ ଆଠଘଣ୍ଟା କାମ କଲେ ନାହିଁ ।

ଓଡ଼ିଶା ସରକାର ବର୍ତ୍ତମାନର ମଜୁରି ନିର୍ଦ୍ଧାରଣ ସମୟରେ କେତେକ ତଥ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ସୂଚିତ ମାର୍ଗକୁ ଆଖି ଆଗରେ ରଖିଛନ୍ତି । ଯଦିଓ ସର୍ବନିମ୍ନ ମଜୁରି ଆଇନ ଅନୁସାରେ ସର୍ବାଧିକ ୫ ବର୍ଷ ସମୟ ମଧ୍ୟରେ ମଜୁରୀ ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ରହିଛି; ୧୯୫୭ ମସିହାରେ ଅନୁଷ୍ଠିତ ଭାରତୀୟ ଶ୍ରମ ସମ୍ମେଳନର ନିର୍ଦ୍ଧାରଣ ଅନୁସାରେ ଅନ୍ତତଃ ଦୁଇବର୍ଷରେ ଥରେ କିମ୍ବା ପ୍ରତି ୫୦ ପଏଣ୍ଟ ଖାଉଟି ମୂଲ୍ୟ ସୂଚୀ ବୃଦ୍ଧିରେ ଯେଉଁଟି ପ୍ରଥମେ ଆସିବ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିବା ସମୁଚିତ । ୧୯୫୭ ମସିହାରେ ଅନୁଷ୍ଠିତ ଭାରତୀୟ ଶ୍ରମ ସମ୍ମେଳନର ନିର୍ଦ୍ଧାରଣ ଅନୁସାରେ ଗୋଟିଏ ଶ୍ରମିକ ପରିବାରରେ ତିନୋଟି ଖାଉଟି ଏକକକୁ ମୂଳ କରି ଧରିନିଆ ଯାଇଛି । ଏଥିରେ ଶ୍ରମିକ ନିଜେ, ତା'ର ସ୍ତ୍ରୀ ଏବଂ ଦୁଇଟି ପିଲାଙ୍କୁ ଗୋଟିଏ ୟୁନିଟ୍ ଏପରି ତିନୋଟି ୟୁନିଟ୍ ବୋଲି ଧରି ନିଆଯାଇ ପ୍ରତି ୟୁନିଟ୍‌କୁ ୨,୭୦୦ କ୍ୟାଲୋରୀ ଖାଦ୍ୟ ଖାଇବା ଭିତ୍ତିକୁ ଗ୍ରହଣ କରାଯାଇଅଛି । ଏହାକୁ ବିଚାର କଲେ ପ୍ରଚଳିତ ଦରଦାମ ପରିସ୍ଥିତିରେ ବର୍ତ୍ତମାନର ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ହାରଠାରୁ ଖୁବ୍ ବେଶୀ ମଜୁରୀ ହେବା କଥା । ମାତ୍ର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ବିଚାର କରି ସର୍ବନିମ୍ନ ମଜୁରି ପରାମର୍ଶଦାତା ପରିଷଦର ସୁପାରିଶକୁ ଆଖି ଆଗରେ ରଖି ଓଡ଼ିଶାରେ ବର୍ତ୍ତମାନର ପ୍ରଚଳିତ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରାଯାଇଅଛି ।

ଏହାବ୍ୟତୀତ ଠିକା କାମ ପାଇଁ ମଧ୍ୟ ସର୍ବନିମ୍ନ ମଜୁରି ହାର ନିର୍ଦ୍ଧାରଣ କରିବା ନିମନ୍ତେ ଏହି ଆଇନରେ ବ୍ୟବସ୍ଥା ରହିଛି । ୧୫ଟି ଶିଳ୍ପ ସମୂହରେ ଏହି ଠିକା ମଜୁରି ନିର୍ଦ୍ଧାରଣ ନିମନ୍ତେ ସରକାରଙ୍କ ତରଫରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଅଛି । ଏଥି ସକାଶେ ନିକଟରେ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶ ପାଇବା ଆଶା କରାଯାଉଅଛି । ଏହି ଠିକା ମଜୁରି ନିର୍ଦ୍ଧାରଣ ଅନ୍ୟ କେତେକ ଶିଳ୍ପକୁ ମଧ୍ୟ ଲାଗୁ କରିବା ନିମନ୍ତେ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ।

ସର୍ବନିମ୍ନ ମଜୁରି ହାରରୁ କମ୍ ମଜୁରି ପ୍ରଦାନ କରିବା କ୍ଷେତ୍ରରେ ଅବଶିଷ୍ଟ ମଜୁରି ଆଦାୟ କରିବା ନିମନ୍ତେ ସର୍ବନିମ୍ନ ମଜୁରି ଆଇନରେ ବ୍ୟବସ୍ଥା ରହିଛି । ଏପରି ଖିଲାପକାରୀଙ୍କଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଶ୍ରମ ନିର୍ଦ୍ଦେଶାଳୟର ପରିଦର୍ଶକମାନେ ଦାବୀ ମକଦ୍ଦମା ଏସ୍: ଡି: ଜେ: ଏମ୍:ଙ୍କ ଅଦାଲତରେ ଦାଏର କରିବା ନିମନ୍ତେ ଆଇନଗତ ବ୍ୟବସ୍ଥା ରହିଛି । ଏପରି ଅଭିଯୋଗ ପାଇବା କ୍ଷଣି ଶ୍ରମ ବିଭାଗର ପରିଦର୍ଶକମାନେ ମଧ୍ୟ ଆପୋଷ ଆଲୋଚନା ଜରିଆରେ ଖିଲାପକାରୀ ମାଲିକଙ୍କଠାରୁ ବାକିଥିବା ମଜୁରି ଆଦାୟ କରି ସମ୍ପୃକ୍ତ ଶ୍ରମିକଙ୍କୁ ଦେବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ଗତ ପାଞ୍ଚବର୍ଷ ମଧ୍ୟରେ ଏ ବାବଦରେ ୨୨ ଲକ୍ଷ ଟଙ୍କାରୁ ଅଧିକ ମଜୁରି ଆଦାୟ କରି ଶ୍ରମିକମାନଙ୍କୁ ଦେବା ବ୍ୟବସ୍ଥା କରାଯାଇଅଛି । ଏହାବ୍ୟତୀତ ସର୍ବନିମ୍ନ ମଜୁରି ଆଇନରେ ଅନ୍ୟାନ୍ୟ ଧାରା ଖିଲାପ ଅଭିଯୋଗରେ ମଧ୍ୟ ମୋକଦ୍ଦମା ରୁଜୁ କରାଯାଉଅଛି ।

ସର୍ବନିମ୍ନ ମଜୁରି ଆଇନକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟର ଆଦିବାସୀ ହରିଜନ ଶ୍ରମିକ ଅଧ୍ୟୁଷିତ ବ୍ଲକ୍‌ମାନଙ୍କ ମଧ୍ୟରୁ ୬୫ଟି ବ୍ଲକ୍‌ରେ ଶ୍ରମ ନିର୍ଦ୍ଦେଶାଳୟ ଜରିଆରେ ରାଜ୍ୟ ସରକାର ୬୫ ଜଣ ଗ୍ରାମୀଣ ଶ୍ରମ ପରିଦର୍ଶକଙ୍କୁ ନିଯୁକ୍ତ କରିଛନ୍ତି । ଏହା ବ୍ୟତୀତ ଗ୍ରାମୀଣ ଶ୍ରମିକଙ୍କୁ ସେମାନଙ୍କର ଆଇନଗତ ସୁରକ୍ଷା ପ୍ରଦାନ, କର୍ତ୍ତବ୍ୟ ଏବଂ ଅଧିକାର ସମ୍ପର୍କରେ ସଚେତନ କରିବା ନିମନ୍ତେ ୮୦ଟି ବ୍ଲକ୍‌ରେ ୮୦ ଜଣ ଅବୈତନିକ ସଙ୍ଗଠକଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଦୁଇଟି ଯୋଜନା ପ୍ରଥମେ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା । ମାତ୍ର ଚଳିତ ବର୍ଷଠାରୁ ଏହି ବାବଦରେ ବ୍ୟୟ ହୋଇଥିବା ସମସ୍ତ ବ୍ୟୟ ସରକାର ରାଜ୍ୟ ଯୋଜନା ପାଣ୍ଠିରୁ ବହନ କରୁଛନ୍ତି ।

ସର୍ବନିମ୍ନ ମଜୁରିକୁ ଗାଁ ଗହଳରେ ଅଶିକ୍ଷିତ ତଥା ଅସଙ୍ଗଠିତ ଶ୍ରମିକଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ଯେତିକି ଦାୟିତ୍ୱ ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେଲା ଜନସାଧାରଣଙ୍କର । ଆସନ୍ତୁ ସମସ୍ତେ ମିଳିମିଶି ଏହି କାର୍ଯ୍ୟ ସମ୍ପାଦନ କରିବା ।

OGP—MP—PTS (I.&P.R.) 52—6,000—6-3-1991



ଶହୀଦ ଦିବସ ଉପଲକ୍ଷେ ବିଧାନ ସଭା ହତା ମଧ୍ୟରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ବିଧାନ ସଭା ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ମାଲ୍ୟାର୍ପଣ ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ରାଜଧାନୀରେ ଆଦିବାସୀ ସାଂସ୍କୃତିକ ପ୍ରଦର୍ଶନୀ ଉଦ୍‌ଘାଟନ ।(୨୬-୧-୧୯୯୧) ।

Vol. XLVII No. 7 UTKAL PRASANGA Regd. No. 0-05/91
Licence No. C. R. N. P. 5-Licensed to post without Pre-payment



ଗଣରାଜ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କଟକରେ ପ୍ୟାରେଡ୍ ପରିଦର୍ଶନ କରୁଛନ୍ତି ।



ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବରେ ଲେଖକମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପୁରସ୍କାର ପ୍ରଦାନ ।

PRINTED AT ORISSA GOVERNMENT PRESS


ଉତ୍କଳ ପ୍ରସଙ୍ଗ
ତିବର୍ତ୍ତୀ
ବିଶେଷାଙ୍କ